ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୩/୨୦୨୫ (୧୬ ପୃଷ୍ଠା) Bhubaneswar, Friday, June 13/2025 Page 16 ₹ 7.00
୫୧ଶ ଭାଗ ୧୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 198 ମୂଲ୍ୟ ₹୭/-

# ଭୟଙ୍କର ବିମାନ ଦୁର୍ଘଟଣା

## ଲଣ୍ଡନ ଯାଉଥିଲା ଏୟାର ଇଣ୍ଡିଆ ବିମାନ, ୨୬୫ ମୃତ


ବିମାନ ଦୁର୍ଘଟଣାର ପୂର୍ବ ଓ ପର ସମୟର ଦୃଶ୍ୟ।

### ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନିଙ୍କ ମୃତ୍ୟୁ



ଭାରତର ବିମାନ ସେବା କ୍ଷେତ୍ରରେ ଗୁରୁବାର ଘଟିଛି ଭୟଙ୍କର ଦୁର୍ଘଟଣା। ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ- ଏଆଇ୧୭୧ (ବୋଇଂ ୭୮୭-୮ ଡ୍ରିମ୍‌ଲାଇନର) ଉଡ଼ାଣ ଆରମ୍ଭ କରିବାର ମାତ୍ର ୫ ମିନିଟ୍ ମଧ୍ୟରେ ନିକଟସ୍ଥ ବି.ଜେ. ମେଡିକାଲ କଲେଜ ହଷ୍ଟେଲ ଉପରେ ଖସିପଡ଼ି ଜଳିଯାଇଥିଲା। ଏଥିରେ ୧୨ କ୍ରିଉ ମେମ୍ବରଙ୍କୁ ମିଶାଇ ମୋଟ ୨୪୨ ଜଣ ଯାତ୍ରା କରୁଥିବାବେଳେ ଜଣେ ଯାତ୍ରୀ ରମେଶ ବିଶ୍ୱାସକୁମାର ଦୁର୍ଘଟଣାର ଶେଷ ମୁହୂର୍ତ୍ତରେ ଡେଇଁ ଜୀବନ ବଞ୍ଚାଇପାରିଛନ୍ତି। ଘଟଣାରେ ମେଡିକାଲ କଲେଜ ହଷ୍ଟେଲର ବହୁ ଛାତ୍ର ପ୍ରାଣ ହରାଇଥିବାବେଳେ ଅନେକେ ଗୁରୁତର ଆହତ ହୋଇଛନ୍ତି। ବିମାନଟି ଖଣ୍ଡବିଖଣ୍ଡିତ ହୋଇ ହଷ୍ଟେଲ ଓ ଏହାର ଚାରିପାଖରେ ପଡ଼ିଥିବାବେଳେ ସେହି ଭିତରୁ ଅନ୍ୟ ଯାତ୍ରୀଙ୍କୁ ଜୀବନ୍ତ ଖୋଜା ଯାଇପାରିନାହିଁ। ଶେଷ ହସ୍ତଗତ ତଥ୍ୟ ଅନୁଯାୟୀ, ଅହମଦାବାଦ ସିଭିଲ ହସ୍ପିଟାଲକୁ ମୋଟ ୨୬୫ଟି ମୃତଦେହ ଆସିଥିବା ଡିସିପି କାନନ ଦେଶାଇ ଗଣମାଧ୍ୟମକୁ କହିଛନ୍ତି। ସେମାନଙ୍କ ମଧ୍ୟରେ ବିମାନ ଯାତ୍ରୀ, ହଷ୍ଟେଲ ଛାତ୍ର ଓ ସ୍ଥାନୀୟ ଲୋକେ ଥିବା କୁହାଯାଉଛି। ଅନେକ ଆହତ ହୋଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ 'ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ' ଏହାର ତଦନ୍ତ ଚଳାଇଛି। ଅନେକ ସୁରକ୍ଷା ବୈଶିଷ୍ଟ୍ୟ ଥିବା ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନର ଏହା ପ୍ରଥମ ବଡ଼ ଦୁର୍ଘଟଣା ବୋଲି କୁହାଯାଉଛି।

ସବିଶେଷ ରିପୋର୍ଟ ଓ ଅଧିକ ଫଟୋ: ପୃଷ୍ଠା-୨ ଓ ୩

## ଏକମାତ୍ର ଯାତ୍ରୀ ଜୀବିତ



**ଅହମଦାବାଦ,୧୨।୬:** ଅହମଦାବାଦର ଭୟାବହ ବିମାନ ଦୁର୍ଘଟଣାରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ କେବଳ ଜଣେ ମାତ୍ର ଯାତ୍ରୀ ବଞ୍ଚିଯାଇଥିବା ସ୍ପଷ୍ଟ ହୋଇଛି। ଏହାକୁ ଏକ ଚମତ୍କାରୀ ବୋଲି ବିଶ୍ୱାସ କରାଯାଉଛି। ଜୀବିତ ଯାତ୍ରୀଙ୍କ ନାମ ରମେଶ ବିଶ୍ୱାସକୁମାର। ସେ ଝରକାପାଖ ୧୧ଏ ସିଟ୍‌ରେ ବସିଥିବାବେଳେ ଶେଷ ମୁହୂର୍ତ୍ତରେ ବିମାନରୁ ଡେଇଁ ପଡ଼ିଥିଲେ ବୋଲି ଜଣାପଡ଼ିଛି। ରମେଶ ନିଜକୁ ଦୁର୍ଘଟଣାରୁ ଉଦ୍ଧାର କରିବା ପରେ ଆହତ ଅବସ୍ଥାରେ ଚାଲି ଚାଲି ଯାଉଥିବା ଦେଖାଯାଇଛି।

ଆଜିର ସମ୍ପାଦକୀୟ ଟ୍ରମ୍ପଙ୍କ ଦୁର୍ବଳ ସ୍ଥିତି








ଦୁର୍ଘଟଣାସ୍ଥଳରେ ଏୟାର ଇଣ୍ଡିଆ ବିମାନର ଭଗ୍ନାବଶେଷ ପଡ଼ିରହିଛି।



ଉଦ୍ଧାରକାରୀ ଟିମ୍ ଜଣେ ଆହତ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ନିକଟକୁ ନେଉଛନ୍ତି।

# ଇଞ୍ଜିନ୍ ଅଚଳ କିମ୍ବା ପକ୍ଷୀ ମାଡ଼ ଦୁର୍ଘଟଣାର କାରଣ ହୋଇପାରେ: ବିଶେଷଜ୍ଞ

**ଅହମଦାବାଦ,୧୨।୬(ପି.ଟି.)**

ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପଛରେ ୨ଟି କାରଣ ଥାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଉଭୟ ଇଞ୍ଜିନ୍ ଅଚଳ ହେବା କିମ୍ବା ଉଡ଼ାଣ ଆରମ୍ଭ ବେଳେ ପକ୍ଷୀ ସହ ମାଡ଼ହେବା କାରଣରୁ ଏଭଳି ଭୟଙ୍କର ଦୁର୍ଘଟଣା ଘଟିଥିବା ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ୩ ଜଣ ବରିଷ୍ଠ ପାଇଲଟ୍ ତଥା ଇନ୍ଷ୍ଟ୍ରକ୍ଟରଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ସମୟର ଭିଡିଓକୁ ଅନୁଧ୍ୟାନ କଲେ ଯାହା ଜଣାଯାଏ ବିମାନ ଉପରକୁ ଉଠିବା ପାଇଁ ଇଞ୍ଜିନ୍ ଆବଶ୍ୟକ ଶକ୍ତି ପାଇ ନ ଥାଇପାରେ। ଫଳରେ ଉଡ଼ାଣର ମାତ୍ର କେଇ ମିନିଟ୍ ପରେ ଏହା ଜନବସତି ଅଞ୍ଚଳରେ ଖସିପଡ଼ିଲା। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ। ଗୋଟିଏ ଇଞ୍ଜିନ ଅକାମୀ ହୋଇଥିଲେ, ଏଭଳି ସ୍ଥିତି ଉପୁଜି ନ ଥାନ୍ତା ଟେକ୍ଅଫ୍ ସମୟରେ ବିମାନର ଫ୍ଲାପ୍ ଅପ୍ କିମ୍ବା ଲ୍ୟାଣ୍ଡିଂ ଗିଅର ଡାଉନ୍ ଥାଇପାରେ ବୋଲି ଜଣେ କମାଣ୍ଡର ଆଶଙ୍କା କରିଛନ୍ତି। ପକ୍ଷୀ ମାଡ଼ ହେବା କାରଣରୁ ଉଭୟ ଇଞ୍ଜିନ୍‌ରେ ନିଆଁ ଲାଗିଥାଇପାରେ ବୋଲି ଅନ୍ୟ ଜଣେ କହିଛନ୍ତି। ବିମାନର ଓଜନ ଏହାର ଟେକ୍ଅଫ୍ ବେଗକୁ ନିର୍ଦ୍ଧାରଣ କରିଥାଏ। ଯଦି ଆବଶ୍ୟକ ବେଗରୁ କମ୍ ରହେ, ତେବେ ଇଞ୍ଜିନ ବିମାନକୁ ଉଡ଼ାଇ ରଖିବାରେ ସମସ୍ୟା ହୋଇଥାଏ।

# ବିମାନ ଦୁର୍ଘଟଣା ମୃତକଙ୍କ ଡିଏନ୍ଏ ପରୀକ୍ଷା ହେବ

**ଅହମଦାବାଦ,୧୨।୬**

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପରିଚୟ ନିଶ୍ଚିତ କରାଇବା ପାଇଁ ସେମାନଙ୍କର ଡିଏନ୍ଏ ପରୀକ୍ଷା କରାଯିବ ବୋଲି ଗୁଜରାଟର ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଡିଏନ୍ଏ ନମୁନା ସଂଗ୍ରହ ପାଇଁ ଅହମଦାବାଦ ସିଭିଲ୍ ହସ୍ପିଟାଲରେ ବ୍ୟବସ୍ଥା କରାଯାଇଛି। ମୃତକଙ୍କ ମାଆବାପା କିମ୍ବା ପିଲାମାନେ ସିଭିଲ୍ ହସ୍ପିଟାଲର ବିଜେ ମେଡିକାଲ କଲେଜର କସୋଟି ଭବନରେ ଡିଏନ୍ଏ ନମୁନା ଦେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ଧନଞ୍ଜୟ ଦ୍ୱିବେଦୀ କହିଛନ୍ତି।

# ବିମାନ ଦୁର୍ଘଟଣାରେ ବିଜୟ ରୁପାନୀଙ୍କ ପରଲୋକ

**ଅହମଦାବାଦ,୧୨।୬**



ବିଜୟ ରୁପାନୀ

ଅହମଦାବାଦ ନିକଟରେ ଗୁରୁବାର ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ପରଲୋକ ଘଟିଥିବା ସ୍ପଷ୍ଟ ହୋଇଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ତଥା ଗୁଜରାଟ ଭାଜପା ସଭାପତି ସି.ଆର୍. ପାଟିଲ ଗୁରୁବାର ସନ୍ଧ୍ୟାରେ ଏହା ଘୋଷଣା କରିଛନ୍ତି। ଭାଜପା ନେତା ରୁପାନି ରାଜକୋଟ ପଶ୍ଚିମ ଆସନରୁ ବିଜୟୀ ହୋଇ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ୨ ଥର ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ଲଣ୍ଡନରେ ଥିବା ସ୍ତ୍ରୀ ଅଞ୍ଜଳି ରୁପାନୀଙ୍କୁ ଆଣିବା ପାଇଁ ସେ ବିଜନେସ୍ କ୍ଲାସ୍ (ଜେଡ୍ ବର୍ଗ)ରେ ଯାତ୍ରା କରୁଥିଲେ। ୧୯୫୬ ଅଗଷ୍ଟ ୨ରେ ମ୍ୟାନ୍‌ମାରର ୟାଙ୍ଗୁନ୍‌ସ୍ଥିତ ଏକ ଜୈନ ବଣିଆ ପରିବାରରେ ରୁପାନୀଙ୍କ ଜନ୍ମ। ବର୍ମାରେ ରାଜନୈତିକ ଅସ୍ଥିରତା ଯୋଗୁ ତାଙ୍କ ପରିବାର ୧୯୬୦ରେ ରାଜକୋଟ ପଳାଇ ଆସିଥିଲେ। ୧୯୭୮ରୁ ୧୯୮୧ଯାଏ ସେ ଆର୍‌ଏସ୍‌ଏସ୍‌ର ପ୍ରଚାରକ ରହିଥିଲେ। ୧୯୯୬ରୁ ୧୯୯୭ ସେ ରାଜକୋଟ ମେୟର ରହିବା ପରେ ୧୯୯୮ରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ହୋଇଥିଲେ। ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ରୁପାନୀ ୨୦୧୩ରେ ରାଜ୍ୟ ମ୍ୟୁନିସିପାଲ ଫାଇନାନ୍ସ ବୋର୍ଡର ଅଧ୍ୟକ୍ଷ ରହିଥିଲେ। ୨୦୧୪ ଉପନିର୍ବାଚନରେ ସେ ରାଜକୋଟ ପଶ୍ଚିମ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୪ରେ ଆନନ୍ଦୀବେନ୍ ପଟେଲଙ୍କ ସରକାରରେ ସେ ପରିବହନ, ଜଳଯୋଗାଣ, ଶ୍ରମ ଓ ନିୟୋଜନ ମନ୍ତ୍ରୀ ଥିଲେ। ୨୦୧୬ ଫେବୃଆରୀ ୧୯ରେ ରାଜ୍ୟ ଭାଜପା ସଭାପତି ହୋଇଥିଲେ। ସେହିବର୍ଷ ଅଗଷ୍ଟ ୭ରେ ସେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

# ବିଶ୍ୱ ନେତାଙ୍କ ପ୍ରତିକ୍ରିୟା

“ ଅହମଦାବାଦ ବିମାନ ଦୁର୍ଘଟଣା ଦୁଃଖଦାୟକ। ଭାରତ ଏକ ବଡ଼ ଏବଂ ଶକ୍ତିଶାଳୀ ଦେଶ। ସେମାନେ ଏହି ବିପର୍ଯ୍ୟୟକୁ ସମ୍ଭାଳି ପାରିବେ। ଯାହା କିଛି ବି ସମ୍ଭବ ଆମେରିକା ପକ୍ଷରୁ ସହାୟତା କରାଯିବ।

**-ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି**

“ ଦୁର୍ଘଟଣାକୁ ନେଇ ସମବେଦନା ବ୍ୟକ୍ତ କରୁଛି। ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି।

**-ଭ୍ଲାଡ୍‌ମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି**

“ ଅହମଦାବାଦର ଦୁଃଖଦ ବିମାନ ଦୁର୍ଘଟଣାରେ ଗଭୀର ଭାବେ ମର୍ମାହତ। ନିଜ ଆତ୍ମୀୟସ୍ୱଜନଙ୍କୁ ହରାଇଥିବା ପରିବାରବର୍ଗଙ୍କ ପ୍ରତି ସମବେଦନା ବ୍ୟକ୍ତ କରୁଛି।

**– ଇମାନୁଏଲ ମାକ୍ରୋନ୍, ଫ୍ରାନ୍ସ ରାଷ୍ଟ୍ରପତି**

“ ଏହି ବିମାନ ଦୁର୍ଘଟଣା ମନକୁ ଅତ୍ୟନ୍ତ ଦୁଃଖ ଦେଇଛି। ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛି।

**– ପୋପ୍ ଲିଓ ଚତୁର୍ଦ୍ଦଶ**

# ଆଜି ଦୁର୍ଘଟଣା ସ୍ଥଳ ଗସ୍ତ କରିବେ ମୋଦି

ଅହମଦାବାଦର ବିମାନ ଦୁର୍ଘଟଣା ସ୍ଥଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଗସ୍ତ କରିବେ ବିଭିନ୍ନ କେନ୍ଦ୍ର ସରକାରଙ୍କ ସୂତ୍ରରୁ ଜଣାପଡ଼ିଥିବା ନେଇ ବିଭିନ୍ନ ରିପୋର୍ଟରେ କୁହାଯାଇଛି। ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅହମଦାବାଦ ଆସି ବିଭିନ୍ନ ହସ୍ପିଟାଲ ପରିଦର୍ଶନ କରିଥିଲେ ଏବଂ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଥିଲେ। ବିମାନ ଦୁର୍ଘଟଣାକୁ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମନୋହର ନାଇଡୁ କହିଛନ୍ତି, ସେ ବ୍ୟକ୍ତିଗତ ଭାବେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଅହମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ କରିବା ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟିର ଗଠନ କରିଛନ୍ତି।

## ଭାରତରେ ୧୦ ବଡ଼ ବିମାନ ଦୁର୍ଘଟଣା

- **ଅଗଷ୍ଟ ୭, ୨୦୨୦:** ଦୁବାଇରୁ ଆସୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ୧୩୪୪ କେରଳର କାଲିକଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲ୍ୟାଣ୍ଡିଂ କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନ ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ମେ’ ୨୨, ୨୦୧୦:** ଦୁବାଇରୁ ଆସୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ ୮୧୨ ମାଙ୍ଗାଲୋରସ୍ଥିତ ରନ୍‌ୱେରେ ଲ୍ୟାଣ୍ଡିଂ କରୁଥିବା ସମୟରେ କ୍ରାଶ୍ ହୋଇଯାଇଥିଲା। ଏହି ଦୁର୍ଘଟଣାରେ ୧୫୮ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଜୁଲାଇ ୧୭, ୨୦୦୦:** ପାଟନାରେ ଲ୍ୟାଣ୍ଡିଂ କରୁଥିବାବେଳେ ବୋଇଂ ୭୩୭ ବିମାନ କ୍ରାଶ୍ ହୋଇଯାଇଥିଲା। ଏଥିରେ ୬୦ ଜଣ ପ୍ରାଣ ହରାଇଥିଲେ।
- **ନଭେମ୍ବର ୧୨, ୧୯୯୬:** ଦିଲ୍ଲୀ ନିକଟସ୍ଥ ହରିୟାଣାର ଚାରଖି ଦାଦ୍ରିଠାରେ ସାଉଦି ଆରବିଆନ ଏୟାରଲାଇନ୍ସ ବୋଇଂ ୭୪୭ ଏବଂ କାଜାକିସ୍ତାନ ଏୟାରଲାଇନ୍ସ ମଝି ଆକାଶରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଉଭୟ ବିମାନର ୩୪୯ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଏପ୍ରିଲ ୨୬, ୧୯୯୩:** ଇଣ୍ଡିଆନ୍ ଏୟାରଲାଇନ୍ସ ଫ୍ଲାଇଟ୍ ଟ୍ରକ୍ ଏବଂ ବିଦ୍ୟୁତ୍ ତାରରେ ଧକ୍କା ହୋଇ ୫୫ ଜଣଙ୍କ ମୃତ୍ୟୁ ଘଟିଥିଲା।
- **ଅଗଷ୍ଟ ୧୬, ୧୯୯୧:** ଇମ୍ଫାଲ ନିକଟରେ ଇଣ୍ଡିଆନ୍ ଏୟାରଲାଇନ୍ସ ଫ୍ଲାଇଟ୍ ୨୫୭ କ୍ରାଶ୍ ହୋଇଯାଇଥିଲା। ବିମାନରେ ଥିବା ୬୯ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଫେବୃଆରୀ ୧୪, ୧୯୯୦:** ବେଙ୍ଗାଲୁରୁରେ ଲ୍ୟାଣ୍ଡିଂର ଠିକ୍ ପୂର୍ବରୁ ଇଣ୍ଡିଆନ ଏୟାରଲାଇନ୍ସର ଫ୍ଲାଇଟ୍ ୬୦୫ କ୍ରାଶ୍ ହୋଇଯିବାରୁ ୯୨ ଜଣଙ୍କ ମୃତ୍ୟୁ ଘଟିଥିଲା।
- **ଅକ୍ଟୋବର ୧୯, ୧୯୮୮:** ଅହମଦାବାଦରେ ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ୍ କ୍ରାଶ୍ ହୋଇ ୧୧୩ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଜୁନ୍ ୨୧, ୧୯୮୨:** ମୁମ୍ବାଇ ଏୟାରପୋର୍ଟ ନିକଟରେ ଏୟାର ଇଣ୍ଡିଆ ଫ୍ଲାଇଟ ୪୧୩ କ୍ରାଶ୍ ହୋଇଯିବାରୁ ୧୭ ଜଣଙ୍କ ମୃତ୍ୟୁ ଘଟିଥିଲା।
- **ଜାନୁଆରୀ ୧, ୧୯୭୮:** ଏୟାର ଇଣ୍ଡିଆ ଫ୍ଲାଇଟ ୮୫୫ ଆରବ ସାଗରରେ କ୍ରାଶ୍ ହୋଇ ୨୧୩ ଜଣଙ୍କର ମୃତ୍ୟୁ ଘଟିଥିଲା।



ଅଗ୍ନିଶମ କର୍ମଚାରୀ ଦୁର୍ଘଟଣାସ୍ଥଳରେ ନିଆଁ ଲିଭାଉଛନ୍ତି।



ଏୟାରଇଣ୍ଡିଆ ବିମାନର ଏକ ଭଗ୍ନାବଶେଷ ନିକଟରେ ସୁରକ୍ଷାକର୍ମୀ।



ଦୁର୍ଘଟଣାରେ ଭାଇଙ୍କ ମୃତ୍ୟୁ ଖବର ପାଇ ଜଣେ ମହିଳା ଭାଙ୍ଗିପଡ଼ିଛନ୍ତି।

# ବୋଇଂ ୭୮୭ର ପ୍ରଥମ ମରଣାନ୍ତକ ଦୁର୍ଘଟଣା

ଅହମଦାବାଦରେ ଗୁରୁବାର ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନର ଭୟାବହ ଦୁର୍ଘଟଣା ଘଟିଛି। ସବୁଠାରୁ ଉନ୍ନତ ଏୟାରକ୍ରାଫ୍ଟଗୁଡ଼ିକ ମଧ୍ୟରୁ ବୋଇଂ ୭୮୭ -୮ ଡ୍ରିମ୍‌ଲାଇନର ଅନ୍ୟତମ। ୨୦୧୧ରେ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ଏୟାରକ୍ରାଫ୍ଟର ଆଗମନ ହୋଇଥିଲା। ଏହାପରଠାରୁ ପ୍ରଥମ ଥର ପାଇଁ ମାରାତ୍ମକ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ପୂର୍ବରୁ ଏହି ଏୟାରକ୍ରାଫ୍ଟ ମଡେଲର ଦୃଢ଼ ସୁରକ୍ଷା ରେକର୍ଡ ରହିଛି। ତେବେ ୨୦୧୩ ଜୁଲାଇରେ ଲଣ୍ଡନର ହିଥ୍ରୋ ବିମାନବନ୍ଦରରେ ଏକ ଖାଲି ଇଥୋପିଆନ ଏୟାରଲାଇନ୍ସ ୭୮୭ ବିମାନରେ ନିଆଁ ଲାଗିଯାଇଥିଲା। ସେହିପରି ଗତବର୍ଷ ମାର୍ଚ୍ଚରେ ଲାଟମ ଏୟାଲାଇନ୍ସ ଦ୍ୱାରା ପରିଚାଳିତ ଏହି ଏୟାରକ୍ରାଫ୍ଟ ସିଡନୀରୁ ଅକଲାଣ୍ଡ ଯାଉଥିବା ସମୟରେ ଉଡ଼ାଣ ମଝିରେ ହଠାତ ଖସିପଡ଼ିଥିଲା। ଏଥିରେ ୫୦ ଯାତ୍ରୀ ଆହତ ହୋଇଥିଲେ। ବୋଇଂ ୭୮୭-୮ ଡ୍ରିମଲାଇନର ମଡେଲ ହେଉଛି ବିମାନ ଶିଳ୍ପରେ ସର୍ବାଧିକ ବିକ୍ରି ହେଉଥିବା ଏୟାରକ୍ରାଫ୍ଟ। ଲମ୍ବା ନନ୍‌ଷ୍ଟପ୍ ରୁଟ୍ ପରିଚାଳନା ପାଇଁ ବୋଇଂ ପକ୍ଷରୁ ଏହି ଏୟାରକ୍ରାଫ୍ଟକୁ ଡିଜାଇନ୍ କରାଯାଇଛି। ଯାତ୍ରୀଙ୍କୁ ଆରାମଦାୟକ ସୁବିଧା ଏବଂ ପରିବେଶଗତ କାର୍ଯ୍ୟଦକ୍ଷତାକୁ ଦୃଷ୍ଟିରେ ରଖି ଏହି ଅତ୍ୟାଧୁନିକ ଏୟାରକ୍ରାଫ୍ଟକୁ ଡିଜାଇନ୍ କରାଯାଇଛି, ଯାହା ଏହାକୁ ଦୂରଗାମୀ ରୁଟ୍ ପାଇଁ ଉପଯୁକ୍ତ କରିଥାଏ। ଏହାର କ୍ଷମତା ୨୪୨ରୁ ୨୯୦ ଯାତ୍ରୀଙ୍କ ପାଇଁ ରହିଛି। ଏହା ବିନା ଅଟକି ୧୩,୫୦୦ କିଲୋମିଟର ପର୍ଯ୍ୟନ୍ତ ଲଗାତର ଉଡ଼ିପାରିବ। ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ଏୟାରକ୍ରାଫ୍ଟ ଲାଟେଷ୍ଟ ଆଭିଓନିକ୍ସ, ଫ୍ଲାଏ-ବାଏ-ଓ୍ୱାର କଣ୍ଟ୍ରୋଲ, ଉନ୍ନତ ନାଭିଗେଶନ ଏବଂ ଆଧୁନିକ ସୁରକ୍ଷା ବ୍ୟବସ୍ଥା ସହ ସଜ୍ଜିତ, ଯାହା ପରିସ୍ଥିତିଗତ ସଚେତନତା ଏବଂ ପରିଚାଳନାଗତ ଦକ୍ଷତାକୁ ବୃଦ୍ଧି କରିଥାଏ।

## ବିଶ୍ୱର ସବୁଠାରୁ ଭୟାବହ ବିମାନ ଦୁର୍ଘଟଣା

- **ଡିସେମ୍ବର ୨୯, ୨୦୨୪:** ଦକ୍ଷିଣ କୋରିଆର ମୁଆନ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଜେଜୁ ଏୟାର ଇଣ୍ଟରନ୍ୟାଶନାଲ ଫ୍ଲାଇଟ ୭ସି୨୨୧୬ କ୍ରାଶ୍ ହୋଇଥିଲା। ଏଥିରେ ୧୭୫ ଜଣ ପାସେଞ୍ଜର ଏବଂ ୪ ଜଣ କ୍ରିଉ ସଦସ୍ୟଙ୍କର ମୃତ୍ୟୁ ଘଟିଥିଲା।
- **ମାର୍ଚ୍ଚ ୨୧, ୨୦୨୨:** ଦକ୍ଷିଣ-ପଶ୍ଚିମ ଚାଇନାର ଗୁଆଙ୍ଗ୍‌ଝି ଅଞ୍ଚଳରେ ବୋଇଂ ୭୩୭-୮୦୦ ବିମାନ କ୍ରାଶ୍ ହୋଇଥିଲା। ଏଥିରେ ୧୩୨ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଜାନୁଆରୀ ୮, ୨୦୨୦:** ଇରାନର ତେହେରାନ ବିମାନବନ୍ଦରରୁ ଉଡ଼ାଣ ଭରିବା ପରେ ୟୁକ୍ରେନ୍ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସ (ୟୁଆଇଏ)ର ବୋଇଂ ୭୩୭-୮୦୦ ବିମାନକୁ ଇରାନର ରିଭୋଲ୍ୟୁଶନାରୀ ଗାର୍ଡମାନେ ଖସାଇ ଦେଇଥିଲେ। ଏଥିରେ ବିମାନରେ ଥିବା ୧୭୬ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ମାର୍ଚ୍ଚ ୧୯, ୨୦୧୯:** ଇଥୋପିଆର ଆଦିସ୍‌ଆବାବାଠାରୁ କେନିଆର ନାଇରୋବି ଅଭିମୁଖେ ଉଡ଼ାଣ ଭରିବା ପରେ ଏକ ଇଥୋପିଆନ ଏୟାରଲାଇନ୍ସ ଜେଟ୍ କ୍ରାଶ୍ ହୋଇଯାଇଥିଲା। ଏଥିରେ ୧୫୭ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଅକ୍ଟୋବର ୨୯, ୨୦୧୮:** ଇଣ୍ଡୋନେସିଆର ଜାକର୍ତ୍ତାରୁ ଉଡ଼ାଣ ଭରିବା ପରେ ବୋଇଂ ୭୩୭ ମାକ୍ସ ଲାୟନ ଏୟାର ପ୍ଲେନ୍ ଜାଭା ସାଗରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୮୯ ଜଣଙ୍କର ମୃତ୍ୟୁ ଘଟିଥିଲା।
- **ଜୁଲାଇ ୧୪, ୨୦୧୭:** ମାଲେସିଆନ୍ ଏୟାରଲାଇନ୍ସ ଫ୍ଲାଇଟ ଏମ୍‌ଏଚ୍୧୭ ନେଦରଲାଣ୍ଡ୍ସର ଆମଷ୍ଟରଡାମରୁ କୁଆଲାଲୁମ୍ପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ୟୁକ୍ରେନ୍‌ଠାରେ ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏବଂ ୟୁକ୍ରେନୀୟ ସୈନ୍ୟଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷରେ ଉକ୍ତ ବିମାନକୁ ଖସାଇ ଦିଆଯାଇଥିଲା। ଏଥିରେ ୨୯୮ ଜଣ ପ୍ରାଣ ହରାଇଥିଲେ।

## ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

“ ଅହମଦାବାଦ ବିମାନ ଦୁର୍ଘଟଣା ଏକ ହୃଦୟ ବିଦାରକ ବିପର୍ଯ୍ୟୟ ଘଟଣା। ପ୍ରଭାବିତ ଲୋକଙ୍କ ସହ ପୂରା ଦେଶ ରହିଛି।

**- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ**

“ ଏହି ଦୁର୍ଘଟଣା ଦେଶବାସୀଙ୍କୁ ସ୍ତବ୍ଧ ଏବଂ ଦୁଃଖିତ କରିଛି। ଏହା ଅତ୍ୟନ୍ତ ହୃଦୟ ବିଦାରକ। ଉଦ୍ଧାରକାର୍ଯ୍ୟକୁ ନେଇ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ଭାଇ ପଟେଲଙ୍କ ସହ ସମ୍ପର୍କରେ ରହିଛି।

**- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

“ ଏହି ଦୁର୍ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ସମବେଦନା ବ୍ୟକ୍ତ କରୁଛି।

**- ଜଗଦୀପ ଧନ୍‌କର, ଉପରାଷ୍ଟ୍ରପତି**

“ ବିମାନ ଦୁର୍ଘଟଣା ମର୍ମାହତ କରିଛି। ମୃତକଙ୍କ ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛି।

**- ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

“ ଅହମଦାବାଦ ବିମାନ ଦୁର୍ଘଟଣାରେ ଗଭୀର ଭାବେ ମର୍ମାହତ। କେନ୍ଦ୍ରୀୟ ବିପର୍ଯ୍ୟୟ ମୁକାବିଲା ବଳଗୁଡ଼ିକର ଅନେକ ଟିମ୍‌କୁ ଉଦ୍ଧାର କାର୍ଯ୍ୟ ପାଇଁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଛି।

**- ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

“ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀ ଏବଂ କ୍ରିଉ ସଦସ୍ୟଙ୍କ ପରିବାର ବର୍ଗଙ୍କୁ ଯେଉଁ ଯନ୍ତ୍ରଣା ମିଳିଛି, ତାହା ଅକଳ୍ପନୀୟ। ଏହି କଷ୍ଟଦାୟକ ମୁହୂର୍ତ୍ତରେ ସେମାନଙ୍କ ପ୍ରତି ସମବେଦନା ବ୍ୟକ୍ତ କରୁଛି।

**- ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**

“ ବିମାନ ଦୁର୍ଘଟଣାର ଦୃଶ୍ୟ ଅତ୍ୟନ୍ତ ଭୟାବହ। ଦୁର୍ଘଟଣାରେ ଅଧିକରୁ ଅଧିକ ଲୋକ ଈଶ୍ୱରଙ୍କ କୃପାରୁ ବଞ୍ଚିଯାଆନ୍ତୁ ବୋଲି କାମନା କରୁଛି।

**- ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

“ ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଏହାକୁ ନେଇ ଗୁଜରାଟ ସ୍ୱାସ୍ଥ୍ୟମନ୍ତ୍ରୀ ଋଷିକେଶ ପଟେଲଙ୍କ ସହ ଯୋଗାଯୋଗରେ ରହିଛି।

**- ଜେ.ପି. ନଡ୍ଡା. କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ**

“ ଅହମଦାବାଦର ବିମାନ ଦୁର୍ଘଟଣାରେ ଦୁଃଖିତ ଏବଂ ମର୍ମାହତ ରହିଛି।

**- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

“ ଏହି ବିମାନ ଦୁର୍ଘଟଣା ପୂରା ଦେଶକୁ ସ୍ତବ୍ଧ କରିଛି। ଅଧିକରୁ ଅଧିକ ଯାତ୍ରୀ ମୃତ୍ୟୁକୁ ପରାଜିତ କରନ୍ତୁ ଏହା ପୂରା ଦେଶ ଆଶା ବାନ୍ଧି ରହିଛି।

**- ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ଏମ୍‌ପି**

# ସେହି ୩୨ ସେକେଣ୍ଡ

**ଯାତ୍ରା କରୁଥିଲେ ୨୪୨ ଜଣ, ଜଣେ ବଞ୍ଚିଥିବା ସୂଚନା**

| ୧୬୯ | ୫୩ | ୭ | ୧ କାନାଡୀୟ |
|---|---|---|---|
| ଭାରତୀୟ | ବ୍ରିଟିଶ ନାଗରିକ | ପର୍ତ୍ତୁଗୀଜ୍ | ୧୨ କ୍ରିଡ ମେମ୍ବର |

## ଅହମଦାବାଦ ବିମାନ ଦୁର୍ଘଟଣା

ଲଣ୍ଡନ ଅଭିମୁଖେ ୨୪୨ ଜଣଙ୍କୁ ନେଇ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ଗୁରୁବାର ଅପରାହ୍ନରେ ଗୁଜରାଟର ଅହମଦାବାଦ ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ୨୩୦ ଜଣ ଯାତ୍ରୀ ଏବଂ ୧୨ ଜଣ କ୍ରିଉ ସଦସ୍ୟ ଥିଲେ। ୧୧ଏ ନମ୍ବର ସିଟ୍‌ରେ ଥିବା ଏକମାତ୍ର ଯାତ୍ରୀ ରମେଶ ବିଶ୍ୱାସକୁମାର ଜୀବିତ ଥିବାବେଳେ ଅନ୍ୟ ୨୪୧ ଜଣ ପ୍ରାଣ ହରାଇଥିବା ବିଶ୍ୱାସ କରାଯାଉଛି। ବି.ଜେ. ମେଡିକାଲ କଲେଜ ହଷ୍ଟେଲ ଉପରେ ବିମାନ ଖସିବା ଫଳରେ ଅନେକ ଡାକ୍ତରୀ ଛାତ୍ର ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଅପରାହ୍ନ ୧ଟା ୩୮ ମିନିଟ୍ ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର ୫ ମିନିଟ୍ ପରେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହଷ୍ଟେଲ କୋଠାରେ ବିମାନଟି ଖସିପଡ଼ିବାବେଳେ ଘଟିଥିବା ବିସ୍ଫୋରଣର ସେହି ୩୨ ସେକେଣ୍ଡର ଭୟଙ୍କର ଦୃଶ୍ୟ ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଦେଇଛି। ବିମାନଟି ଛାରଖାର ହୋଇଯାଇଥିବାବେଳେ ଯାଇଛି ପ୍ରାୟ ୨୬୫ ଜୀବନ।



ଅହମଦାବାଦର ବି.ଜେ. ମେଡିକାଲ କଲେଜ ହଷ୍ଟେଲ ଉପରେ ଗୁରୁବାର ଖସିପଡ଼ିଥିବା ଏୟାର ଇଣ୍ଡିଆ ଯାତ୍ରୀବାହୀ ବିମାନ।

**ନୂଆଦିଲ୍ଲୀ/ଅହମଦାବାଦ,୧୨।୬**

ଅହମଦାବାଦରୁ ବାହାରିଥିବା ଏୟାର ଇଣ୍ଡିଆ ବିମାନ ଲଣ୍ଡନ ପର୍ଯ୍ୟନ୍ତ ଦୀର୍ଘ ଦୂରତା ଯିବାକୁ ଥିବାରୁ ସେଥିରେ ଇନ୍ଧନ ଭରି ରହିଥିଲା। ତେବେ ଏହା ଉଡ଼ାଣ କରିବା ପରେ ୮୨୫ ଫୁଟ୍‌ରୁ ଅଧିକ ଉଚ୍ଚତା ପର୍ଯ୍ୟନ୍ତ ଉଠିପାରି ନ ଥିଲା। ବିପଦର ସମ୍ମୁଖୀନ ହୋଇଥିବା ନେଇ ପାଇଲଟ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ନିକଟକୁ କଲ୍ କରିଥିଲେ। ତେବେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରରୁ ବାରମ୍ବାର କଲ୍ ସତ୍ତ୍ୱେ କୌଣସି ଜବାବ ମିଳି ନ ଥିଲା। ବିମାନର ଭଗ୍ନାବଶେଷ ହଷ୍ଟେଲ ଡାଇନିଂ ହଲ୍‌ର କାନ୍ଥ ଭେଦ କରି ଲାଖି ରହିଥିବା ଦେଖାଯାଇଛି। ସେତେବେଳେ ହଷ୍ଟେଲ ଟେବୁଲରେ କେତେକ ପ୍ଲେଟ୍‌ରେ ଖାଦ୍ୟ ପରଷା ଯାଇଥିବା ଭିଡିଓରୁ ଦେଖିବାକୁ ମିଳିଛି।

ଅହମଦାବାଦରୁ ଲଣ୍ଡନର ଗାଟୱିକ୍ ଯାଉଥିବା ବିମାନ ନମ୍ବର ଏଆଇ୧୭୧ରେ ୧୬୯ ଜଣ ଭାରତୀୟ, ୫୩ ଜଣ ବ୍ରିଟିଶ ନାଗରିକ, ଜଣେ କାନାଡୀୟ ଏବଂ ୭ ଜଣ ପର୍ତ୍ତୁଗାଲ ନାଗରିକ ଥିଲେ। ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କର ଦୁର୍ଘଟଣାରେ ପରଲୋକ ହୋଇଛି। ସେ ଏୟାର ଇଣ୍ଡିଆ ବିମାନରେ ଲଣ୍ଡନ ଯାଉଥିଲେ। ଜରୁରୀ ସେବା କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲାବେଳେ ଆହତମାନଙ୍କୁ ହସ୍ପିଟାଲ ନେବା ଲାଗି ୨ ଡଜନରୁ ଅଧିକ ଆମ୍ବୁଲାନ୍ସ ନିୟୋଜିତ ହୋଇଥିଲା। ଅହମଦାବାଦ ଏୟାରପୋର୍ଟକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ବ୍ରିଟେନ୍ ପ୍ରତିପକ୍ଷ କେଇର ଷ୍ଟାର୍ମରଙ୍କ ସମେତ ବହୁ ବିଶ୍ୱନେତା ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି, ଏହା ଅତ୍ୟନ୍ତ ହୃଦୟ ବିଦାରକ ଦୁଃଖ, ଯାହାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ସେ ମୃତାହତଙ୍କ ପରିବାର ସଦସ୍ୟଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଅହମଦାବାଦ ଯାଇ ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ତଦାରଖ କରିବା ସହ ହସ୍ପିଟାଲ ଯାଇ ଆହତମାନଙ୍କୁ ଭେଟିଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର କହିଛନ୍ତି, ଦୁର୍ଘଟଣା ଅତ୍ୟନ୍ତ ଭୟାବହ ଥିବା ଫଟୋରୁ ସ୍ପଷ୍ଟ ହେଉଛି। ବିମାନ ଯାତ୍ରୀମାନଙ୍କ ପରିବାରକୁ ସେ ସମବେଦନା ଜଣାଇଛନ୍ତି। ଭାରତରେ ଥିବା ବ୍ରିଟିଶ ହାଇକମିଶନର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଦୁର୍ଘଟଣାର ତଥ୍ୟ ଜାଣିବା ଓ ସହାୟତା ପ୍ରଦାନ ଦିଗରେ ଉଦ୍ୟମ ଚଳାଇଛନ୍ତି। ଏୟାର ଇଣ୍ଡିଆ ପକ୍ଷରୁ ସୂଚନା ପ୍ରଦାନ ପାଇଁ ଯାତ୍ରୀ ହେଲ୍ପଲାଇନ ନମ୍ବର ୧୮୦୦ ୫୬୯୧ ୪୪୪ ଜାରି କରାଯାଇଛି। ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଜାରି ବିବୃତି ଅନୁଯାୟୀ, ବିମାନ ଚଳାଉଥିବା ପାଇଲଟ କ୍ୟାପ୍‌ଟେନ ସୁମିତ ସଭରୱାଲଙ୍କର ୮,୨୦୦ ଘଣ୍ଟାର ଅଭିଜ୍ଞତା ଥିବାବେଳେ ଫାଷ୍ଟ ଅଫିସର କ୍ଲିଭ୍ କୁନ୍ଦରଙ୍କର ୧,୧୦୦ ଘଣ୍ଟାର ଅଭିଜ୍ଞତା ରହିଛି।

## ୨୬୫ ମୃତଦେହ ମିଳିଛି: ପୋଲିସ

ଭୟାବହ ବିମାନ ଦୁର୍ଘଟଣା ପରେ ଅହମଦାବାଦ ସିଟି ସିଭିଲ ହସ୍ପିଟାଲକୁ ୨୬୫ଟି ମୃତଦେହ ଅଣାଯାଇଥିବା ଡିସିପି କାନନ ଦେଶାଇ ଗଣମାଧ୍ୟମକୁ କହିଛନ୍ତି। ବିମାନରେ ଯାତ୍ରୀ ଓ କ୍ରିଉ ସଦସ୍ୟଙ୍କୁ ମିଶାଇ ୨୪୨ ଜଣ ଥିବାବେଳେ ଏହା ବି.ଜେ. ମେଡିକାଲ କଲେଜ ହଷ୍ଟେଲ ଉପରେ ଖସିପଡ଼ିଥିଲା। ବିମାନର ମାତ୍ର ଜଣେ ଯାତ୍ରୀ ବଞ୍ଚିଥିବା ସ୍ପଷ୍ଟ ହୋଇଥିବାବେଳେ ଅନ୍ୟ ୨୪୧ ଜଣ ମୃତ ଆଶଙ୍କା କରାଯାଉଛି। ସେହିପରି ହଷ୍ଟେଲର ଅନେକ ଅନ୍ତେବାସୀ ପ୍ରାଣ ହରାଇଛନ୍ତି। ଇନ୍ଧନ ଜଳିବା ଯୋଗୁ ବିମାନ ଭିତରେ ତାପମାତ୍ରା ଏତେ ଅଧିକ ଥିଲା ଯେ, କେହି ବଞ୍ଚିବା ସମ୍ଭାବନା ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଡିଏନ୍‌ଏ ପରୀକ୍ଷା ଏବଂ ମୃତକଙ୍କୁ ଚିହ୍ନଟ କରାଯିବା ପରେ ସରକାରୀ ଭାବେ ମୃତ୍ୟୁସଂଖ୍ୟା ଘୋଷଣା କରାଯିବ।

## ଖାଉଥିବାବେଳେ ଆସିଲା ମୃତ୍ୟୁ

ଅହମଦାବାଦର ବି.ଜେ. ମେଡିକାଲ କଲେଜ ହଷ୍ଟେଲରେ ଡାକ୍ତରୀ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ କରୁଥିବାବେଳେ ଆସିଥିଲା ମୃତ୍ୟୁ। ଗୁରୁବାର ଅପରାହ୍ନ ୧ଟା ୩୯ ମିନିଟ୍ ସମୟରେ ଏୟାର ଇଣ୍ଡିଆ ବିମାନ ଉକ୍ତ ହଷ୍ଟେଲ ଉପରେ ଖସିଥିଲା। ସେତେବେଳେ ମଧ୍ୟାହ୍ନ ଭୋଜନ ପାଇଁ କ୍ୟାଣ୍ଟିନ୍‌ରେ ୫୦ରୁ ୬୦ ଜଣ ପିଲା ଥିଲେ। ଟେବୁଲ ଉପରେ ଖାଦ୍ୟ ପ୍ଲେଟ୍ ରହିଥିବା ଦେଖାଯାଇଛି। ମୃତ୍ୟୁସଂଖ୍ୟା ସ୍ପଷ୍ଟ ହୋଇ ନ ଥିବାବେଳେ ଅଧିକ ପିଲାଙ୍କ ଜୀବନ ଯାଇଥିବା ଆଶଙ୍କା କରାଯାଉଛି। ହଷ୍ଟେଲ ବିଲ୍ଡିଂ ଚୂର୍ମାର ହୋଇଯାଇଛି। ଏହି ଦୁଃଖଦ ଘଟଣା ସମୁଦାୟ ମେଡିକାଲ ଶିକ୍ଷା ବିଭାଗକୁ ଗଭୀର ପ୍ରଭାବିତ କରିଛି। ବି.ଜେ. ମେଡିକାଲ କଲେଜ ଗୁଜରାଟର ସବୁଠୁ ପୁରାତନ ମେଡିକାଲ କଲେଜ ହୋଇଥିଲାବେଳେ ସମଗ୍ର ଦେଶରେ ଅନ୍ୟତମ ପୁରାତନ କଲେଜ। ସେଠାରେ ଏମ୍‌ବିବିଏସ୍‌ରେ ୨୫୦ ଜଣ ଏବଂ ପିଜି ପାଠ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇଥାନ୍ତି। ଏହି କଲେଜରେ ୨୪ଟି ବିଭାଗରେ ପିଜି ପାଠ୍ୟକ୍ରମ ରହିଥିବାବେଳେ ୧୧ଟି ବିଭାଗରେ ସୁପର ସ୍ପେଶିଆଲିଟି ପାଠ୍ୟକ୍ରମ ରହିଛି।

**ମେଡିକାଲ କଲେଜ ହଷ୍ଟେଲ ଉପରେ ଖସିପଡ଼ିଲା ବିମାନ, ଅନେକ ଛାତ୍ର ମୃତ**



## ମୃତକଙ୍କ ପରିବାରକୁ ୧ କୋଟି ଲେଖାଏ ଦେବ ଟାଟା ଗ୍ରୁପ୍

ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ଯୋଗାଇ ଦେବାକୁ ଟାଟା ଗ୍ରୁପ୍ ଗୁରୁବାର ଘୋଷଣା କରିଛି। କ୍ଷତିଗ୍ରସ୍ତ ପରିବାର ଓ ପ୍ରଭାବିତ ହୋଇଥିବା ଲୋକମାନଙ୍କୁ ସହାୟତା ଯୋଗାଇବା ବର୍ତ୍ତମାନ ପାଇଁ ଏୟାରଲାଇନ୍ସର ପ୍ରାଥମିକତା ବୋଲି ଏୟାର ଇଣ୍ଡିଆ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ୍ କହିଛନ୍ତି। ଦୁର୍ଘଟଣାରେ ମୃତକମାନଙ୍କ ପରିବାର ପ୍ରତି ସେ ଗଭୀର ସମବେଦନା ଜଣାଇଛନ୍ତି।

**ଗୋରୁବେପାରୀଙ୍କ ଆକ୍ରମଣରେ ଗୋରକ୍ଷକଙ୍କ ମୃତ୍ୟୁ ଘଟଣା**

# ଭଦ୍ରକରେ ଇଣ୍ଟରନେଟ୍ ବନ୍ଦ



ଭଦ୍ରକ ନେହେରୁ ଷ୍ଟାଡିୟମ୍ ସାମ୍ନା ୧୬ ନଂ. ଜାତୀୟ ରାଜପଥରେ ରାସ୍ତାରୋକୋ ସ୍ଥଳରେ ଭିଡ଼ ହଟାଉଛି ପୋଲିସ।

■ ମୃତକଙ୍କ ପିଲାଙ୍କ ପଢ଼ା ଖର୍ଚ୍ଚ ବହନ କରିବେ ସରକାର

**ଭଦ୍ରକ,୧୨।୬(ସନାତନ ରାଉତ)**

ଗୋରୁ ବେପାରୀଙ୍କ ସଂଘବଦ୍ଧ ଆକ୍ରମଣରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କଷଟି ଗ୍ରାମର ଗୋରକ୍ଷକ ସନ୍ତୋଷ ପରିଡ଼ାଙ୍କ ମୃତ୍ୟୁ ପରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଜିଲାର ୫ ସ୍ଥାନରେ ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ଭଦ୍ରକ ବ୍ଲକ, ପୌରପାଳିକା, ତିହିଡ଼ି ବ୍ଲକ, ଧାମନଗର ବ୍ଲକ ଓ ଏନ୍‌ଏସିରେ ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ବନ୍ଦ ରହିବ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏସବୁ ସମ୍ବେଦନଶୀଳ ସ୍ଥାନରେ ୪୫ ପୋଲିସ ଅଫିସରଙ୍କ ନେତୃତ୍ୱରେ ୨୭ ପ୍ଲାଟୁନ ଫୋର୍ସ ମୁତୟନ ରହିଛି। ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଭଦ୍ରକରେ ଉପସ୍ଥିତ ରହି ଅନୁଧ୍ୟାନ କରିବା ସହ ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ସେ କହିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଥିଲେ। ମୃତ ସନ୍ତୋଷଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ସହାୟତା ଓ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ଘୋଷଣା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ମୃତ ସନ୍ତୋଷଙ୍କ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସରକାର ବହନ କରିବେ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ପ୍ରକାଶ ଯେ, ଗତ ମେ ୩୦ରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗୁଜିଦରଡ଼ା ଅଞ୍ଚଳର କେତେଜଣ ଗୋରୁ ବେପାରୀ କଷଟି ଗ୍ରାମରୁ ଗୋରୁ ନେଇ ଯାଉଥିଲେ। ଭୁୟାଁବାଟିଟଙ୍କିଠାରେ ସନ୍ତୋଷ ଓ କେତେଜଣ ଯୁବକଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ଗୋରୁ ବେପାରୀ ଓ ତାଙ୍କ ସହଯୋଗୀମାନେ ସଂଘବଦ୍ଧ ଭାବେ ସନ୍ତୋଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ୧୩ ଦିନ ଧରି ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ରହିବା ପରେ ବୁଧବାର ସନ୍ତୋଷଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାର ହେବା ପରେ ଜିଲାର ବିଭିନ୍ନ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୁରୁବାର ସନ୍ତୋଷଙ୍କ ମୃତଦେହ ଘରକୁ ଫେରିବାର ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ଇଣ୍ଟରନେଟ ସେବା ବନ୍ଦ କରାଯାଇଛି। ଅପରପକ୍ଷେ ଏହି ମାମଲାରେ ପୋଲିସ ୧୨ଜଣଙ୍କୁ ଏପର୍ଯ୍ୟନ୍ତ ଗିରଫ କରିସାରିଛି। ଗୁରୁବାର ଅପରାହ୍ନ ୫ଟାରେ ମୃତଦେହ ଭଦ୍ରକରେ ପହଞ୍ଚିବା ପରେ ନେହେରୁ ଷ୍ଟାଡିୟମ୍ ସାମ୍ନା ୧୬ ନଂ. ଜାତୀୟ ରାଜପଥରେ ରାସ୍ତାରୋକୋ କରାଯାଇଥିଲା। ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରାଯାଇଛି। ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବାଞ୍ଚଳ ଡିଆଇଜି ନାୟକ, ଜିଲାପାଳ ଦିଲୀପ କୁମାର ରାଉତରାଏ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ବିଧାୟକ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇ ସହାୟତା ରାଶି ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ବିଶ୍ୱ ଲିଙ୍ଗଗତ ପାର୍ଥକ୍ୟ ସୂଚକାଙ୍କରେ ୧୩୧ ସ୍ଥାନକୁ ଖସିଲା ଭାରତ

**ନୂଆଦିଲ୍ଲୀ, ୧୨।୬(ପି.ଟି.)**

ବିଶ୍ୱ ଅର୍ଥନୈତିକ ଫୋରମ୍‌ର ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସ (ବିଶ୍ୱ ଲିଙ୍ଗଗତ ପାର୍ଥକ୍ୟ ସୂଚକାଙ୍କ) ୨୦୨୫ ରିପୋର୍ଟ ଅନୁଯାୟୀ ଭାରତର ସ୍ଥାନ ଗତବର୍ଷ ତୁଳନାରେ ଦୁଇ ଅଙ୍କ ଖସି ୧୪୮ ଦେଶ ମଧ୍ୟରୁ ୧୩୧ରେ ପହଞ୍ଚିଛି। ଏହାର ଲିଙ୍ଗଗତ ସମାନତା ସ୍କୋର ୬୪.୧ ପ୍ରତିଶତରେ ରହିଛି, ଯେଉଁଥିରେ ଦକ୍ଷିଣ ଏସିଆରେ ଭାରତର ର୍‍ୟାଙ୍କ ଅନେକାଂଶରେ ଖସିଛି ବୋଲି ଗୁରୁବାର ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଗତବର୍ଷ ୧୪୬ ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ଥିଲା ୧୨୯। ତେବେ ଆଇସ୍‌ଲାଣ୍ଡ ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସର ସବା ଉପରେ ଥିବା ବେଳେ ପାକିସ୍ତାନ ସବୁଠାରୁ ତଳେ ରହିଛି।

ବିଶ୍ୱ ଲିଙ୍ଗଗତ ପାର୍ଥକ୍ୟ ସୂଚକାଙ୍କ ଲିଙ୍ଗଗତ ସମାନତା ମାପିବା ଲାଗି ୪ଟି କ୍ଷେତ୍ରକୁ ବିଚାରକୁ ନେଇଥାଏ। ସେଗୁଡ଼ିକ ହେଲା ଅର୍ଥନୈତିକ ଅଂଶଗ୍ରହଣ ଓ ସୁଯୋଗ, ଶିକ୍ଷାଗତ ପ୍ରାପ୍ତି, ସ୍ୱାସ୍ଥ୍ୟ ଓ ବଞ୍ଚିବା ସମୟ ଏବଂ ରାଜନୈତିକ ସଶକ୍ତୀକରଣ। ଭାରତୀୟ ଅର୍ଥନୀତିର ସାମଗ୍ରିକ ପ୍ରଦର୍ଶନ ୦.୩ ପଏଣ୍ଟ ବୃଦ୍ଧି ପାଇଛି। ଫଳରେ ଅର୍ଥନୈତିକ ଅଂଶଗ୍ରହଣ ଓ ସୁଯୋଗ ଦିଗରେ ଭାରତ ପଏଣ୍ଟ ୯ ପ୍ରତିଶତ ବଢ଼ି ୪୦.୭ରେ ପହଞ୍ଚିଛି। ସେହିପରି ଅର୍ଥନୈତିକ ପ୍ରାପ୍ତିରେ ଭାରତ ୯୭.୧ ପ୍ରତିଶତ ହାସଲ କରି ମହିଳା ସାକ୍ଷରତା କ୍ଷେତ୍ରରେ ଉନ୍ନତି କରିଛି। ତେବେ ସ୍ୱାସ୍ଥ୍ୟ ଓ ବଞ୍ଚିବା ସମୟକୁ ହିସାବକୁ ନେଲେ ଭାରତ ଭଲ କରିଛି। କିନ୍ତୁ ରାଜନୈତିକ ସଶକ୍ତୀକରଣ ଦିଗରେ ଭାରତର ସ୍ଥିତି ସାମାନ୍ୟ ହ୍ରାସ ପାଇଛି। ୨୦୨୫ରେ ପାର୍ଲାମେଣ୍ଟରେ ମହିଳାଙ୍କ ପ୍ରତିନିଧିତ୍ୱ ପୂର୍ବାପେକ୍ଷା ହ୍ରାସ ପାଇ ୧୪.୭ ପ୍ରତିଶତରୁ ଖସି ୧୩.୮ ପ୍ରତିଶତରେ ପହଞ୍ଚିଛି। ସେହିପରି ମନ୍ତ୍ରୀ ପଦବୀ ପାଇବାରେ ମହିଳାଙ୍କ ଭୂମିକା ମଧ୍ୟ ହ୍ରାସ ପାଇଛି। ପୂର୍ବରୁ ୬.୫ ପ୍ରତିଶତ ଥିବା ବେଳେ ଏବେ ୫.୬ ପ୍ରତିଶତ ହୋଇଛି। ୨୦୧୯ରେ ଅଧିକ ମହିଳା ମନ୍ତ୍ରୀ ପଦ ପାଇଥିଲେ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ଦକ୍ଷିଣ ଏସିଆରେ ବାଂଲାଦେଶ ରାଜନୈତିକ ସଶକ୍ତୀକରଣ ଓ ଅର୍ଥନୈତିକ ଅଂଶଗ୍ରହଣ କ୍ଷେତ୍ରରେ ସର୍ବୋଚ୍ଚରେ ରହିଛି। ଏହା ୭୫ ର୍‍ୟାଙ୍କରୁ ବୃଦ୍ଧି ପାଇ ବିଶ୍ୱ ସ୍ତରରେ ୨୪ ସ୍ଥାନରେ ପହଞ୍ଚିଛି।

ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସକୁ ଦେଖିଲେ ଭାରତର ପଡ଼ୋଶୀ ଦେଶ ନେପାଳ ୧୨୫ ର୍‍ୟାଙ୍କରେ ଥିବା ବେଳେ ଭୁଟାନ ୧୧୯, ମାଳଦ୍ୱୀପ ୧୩୮ ଏବଂ ୧୪୮ ଦେଶ ମଧ୍ୟରୁ ପାକିସ୍ତାନ ତଳଆଡ଼େ ରହିଛି। ଅନ୍ୟପକ୍ଷରେ ଆଇସଲାଣ୍ଡ ୧୬ ବର୍ଷ ପାଇଁ କ୍ରମାଗତ ର୍‍ୟାଙ୍କିଂର ଶୀର୍ଷରେ ରହିଆସିଛି। ତା' ପରେ ଫିନ୍‌ଲାଣ୍ଡ, ନରୱେ, ବ୍ରିଟେନ୍ ଓ ନ୍ୟୁଜଲାଣ୍ଡ। ରିପୋର୍ଟରେ କୁହାଯାଇଛି ବିଶ୍ୱ ଲିଙ୍ଗଗତ ପାର୍ଥକ୍ୟ ୬୮.୮ ପ୍ରତିଶତକୁ ହ୍ରାସ ପାଇଛି, ଯାହା କୋଭିଡ୍-୧୯ ମହାମାରୀ ପରେ ସବୁଠାରୁ ଶକ୍ତିଶାଳୀ ବାର୍ଷିକ ଉନ୍ନତି। ତଥାପି ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ହାରରେ ପୂର୍ଣ୍ଣ ସମାନତା ୧୨୩ ବର୍ଷ ଦୂରରେ ରହିଛି।

# ପ୍ରକାଶ ପାଇଲା ଯୁକ୍ତ ୩ କଟ୍‌ଅଫ୍ ମାର୍କ

**ଭୁବନେଶ୍ୱର,୧୨।୬(ସୁଚିସ୍ମିତା ସାହୁ)**

**କଳା, ବିଜ୍ଞାନ, ବାଣିଜ୍ୟରେ ରେଭେନ୍‌ଶା ଆଗରେ**

ଚଳିତବର୍ଷ ଯୁକ୍ତ ୩ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ କଟ୍‌ଅଫ୍ ତାଲିକାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆଗରେ ରହିଛି। କଳା ବିଭାଗର ରାଜନୀତି ବିଜ୍ଞାନରେ ସର୍ବାଧିକ ୯୨.୮୦% କଟ୍‌ଅଫ୍ ମାର୍କ ରହିଛି। ବିଜ୍ଞାନ ବିଭାଗର ଫିଜିକ୍ସରେ ୯୩. ୬୭%, ଜୈବିକ ବିଜ୍ଞାନରେ ୯୪.୦୦ % ଓ ବାଣିଜ୍ୟ ବିଭାଗରେ କଟ୍‌ଅଫ୍ ମାର୍କ ୯୦.୫୦% ରହିଛି। ଅନ୍ୟପଟେ ରାଇରଙ୍ଗପୁରର ଓମ୍ ମା' ସରସ୍ୱତୀ ସଂସ୍କୃତ (ଡିଗ୍ରୀ) କଲେଜର ଶାସ୍ତ୍ରୀ ବିଭାଗରେ ୬୮.୬୭% କଟ୍‌ଅଫ୍ ମାର୍କ ରହିଛି। ସେଲ୍ଫ ଫାଇନାନ୍ସିଂ କୋର୍ସ ବିଭାଗରେ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) କଲେଜର କମ୍ପ୍ୟୁଟର ସାଇନ୍ସରେ ୮୮.୮୩% ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ' କଲେଜର ଇଣ୍ଟିଗ୍ରେଟେଡ୍ ବିଏଏଲ୍‌ଏଲ୍‌ବିରେ ୮୭.୮୦% କଟ୍‌ଅଫ୍ ମାର୍କ ରହିଛି। ରାଜ୍ୟରେ ଥିବା ବିଭିନ୍ନ ଡିଗ୍ରୀ କଲେଜଗୁଡ଼ିକର ଯୁକ୍ତ୩ରେ ମୋଟ ୨ ଲକ୍ଷ ୭୪ ହଜାର ୫୦୯ ସିଟ୍ ରହିଛି। ଏଥିରେ ନାମଲେଖା ପାଇଁ ୨ ଲକ୍ଷ ୬୫ ହଜାର ୫୯୦ ଛାତ୍ରୀଛାତ୍ର ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ଅନୁସାରେ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ୭୦ ହଜାର ୭୪୫ ଛାତ୍ର ରହିଥିବା ବେଳେ ୧ଲକ୍ଷ ୪ ହଜାର ୯୬୭ ଜଣ ଛାତ୍ରୀ ଏବଂ ୧୦ ଜଣ ଟ୍ରାନ୍ସଜେଣ୍ଡର ରହିଛନ୍ତି। ବିଜ୍ଞାନରେ ମୋଟ ୪୫,୮୫୫ ଛାତ୍ରୀଛାତ୍ର ମନୋନୀତ ହୋଇଥିବାବେଳେ କଳାରେ ୧ଲକ୍ଷ ୭ହଜାର ୬୯ଜଣ, ବାଣିଜ୍ୟରେ ୧୬ ହଜାର ୨୦୫ଜଣ, ଶାସ୍ତ୍ରୀରେ ୩ହଜାର ୩୭୧ଜଣ, ସେଲ୍ଫ ଫାଇନାନ୍ସିଂରେ ୩ହଜାର ୫୧ଜଣ ଏବଂ ଲ'ରେ ୧୭୧ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଛି। ଛାତ୍ରୀଛାତ୍ରମାନେ ସାମ୍‌ସ ୱେବ୍‌ସାଇଟ୍ www.samsodisha.gov.in ମାଧ୍ୟମରେ ନାମଲେଖା ପାଇଁ ମନୋନୀତ ହୋଇଥିବା କଲେଜର ନାମ ଦେଖିପାରିବେ। ଯେଉଁ ମନୋନୀତ ଛାତ୍ରୀଛାତ୍ର ଫ୍ରିଜ ଅପ୍ସନ ବାଛିଥିବେ, ସେମାନେ ଜୁନ୍ ୧୩, ୧୬ ଏବଂ ୧୭ତାରିଖ ସକାଳ ୧୦ରୁ ଅପରାହ୍ନ ୫ଟା ମଧ୍ୟରେ ସେହି କଲେଜକୁ ଯାଇ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

P.G. ADMISSION-2025
BERHAMPUR UNIVERSITY
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
BERHAMPUR UNIVERSITY
- 225 Acres of Lush Green Campus
- Short Drive from Gopalpur Sea Beach
- 2 Centres for Excellence with State-of-the-Art Labs
- Innovation & Incubation Centre
- Seamless Connectivity & Top-Notch Security
- Cutting Edge Smart Class Rooms
- Hostel Facilities for both Boys & Girls
- NIRF Ranking
- Projects: PM-USHA, MRIP, ICSSR, DST, DBT, ICMR, ISRO, OSHEC, SERB, BARC, UK Fellowships
- MOUs with Premier Institutions




Visit Now: www.buodisha.edu.in

## କରିସ୍ମା କପୁରଙ୍କ ପୂର୍ବ ସ୍ୱାମୀଙ୍କ ମୃତ୍ୟୁ

ଲଣ୍ଡନ,୧୨।୬: ଶିଳ୍ପପତି ତଥା ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁରଙ୍କ ପୂର୍ବ ସ୍ୱାମୀ ସଞ୍ଜୟ କପୁରଙ୍କ ୫୩ ବର୍ଷ ବୟସରେ ଗୁରୁବାର ଇଂଲଣ୍ଡରେ ମୃତ୍ୟୁ ହୋଇଛି। ଏକ ପୋଲୋ ମ୍ୟାଚ୍ ଖେଳିବା ସମୟରେ ସଞ୍ଜୟଙ୍କ ହୃଦ୍‌ଘାତ ହୋଇଥିଲା। ତୁରନ୍ତ ଡାକ୍ତରୀ ଚିକିତ୍ସା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପ୍ରକାଶ ଯେ, ୨୦୦୩ ସେପ୍ଟେମ୍ବର ୨୯ରେ କରିସ୍ମା ଓ ସଞ୍ଜୟଙ୍କ ବିବାହ ହୋଇଥିଲା। ଉଭୟଙ୍କର ୨ ସନ୍ତାନ ଝିଅ ସମାଇରା ଓ ପୁଅ କିଆନ ଅଛନ୍ତି। ତେବେ ୨୦୧୬ରେ କରିସ୍ମା ଓ ସଞ୍ଜୟଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଏହାପରେ ସଞ୍ଜୟ ୨୦୧୭ରେ ପ୍ରିୟା ସଚଦେବଙ୍କୁ ବିବାହ କରିଥିଲେ।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ବମିଖାଲସ୍ଥିତ ଅଗ୍ରଣୀ ସିନିୟର ସିଟିଜେନ୍ସ ୱେଲଫେୟାର ଫୋରମ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ୱାର୍ଡ ଅଫିସ, ବମିଖାଲ, ସମୟ: ସକାଳ ୯ଟା।
- ବିଶ୍ୱ ବୟସ୍କ ଦୁର୍ବ୍ୟବହାର ସଚେତନତା ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।

### କଟକ
- କଟକ ସୁରକ୍ଷା କମିଟି ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ଦାଶଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

### ବାଲେଶ୍ୱର
- ଗଡ଼ିବ ବିକାଶ ବାହନ ରଥ, ସ୍ଥାନ: ସୋହରିଆ, ଜଳ ସୋହରିଆ, ପାଣିଷଣ୍ଡା, କଖଡ଼ା ଓ ଜଗନ୍ନାଥପୁର ପଞ୍ଚାୟତ, ଭୋଗରାଇ, ସମୟ: ସକାଳ ୯ଟା।
- ଛାତ୍ର କଂଗ୍ରେସ ତରଫରୁ ଆର୍‌ଟିଓଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଆର୍‌ଟିଓ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

### ମୟୂରଭଞ୍ଜ
- ବିକାଶ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

### ବ୍ରହ୍ମପୁର
- ଦକ୍ଷିଣ ଓଡ଼ିଶା ବିକାଶ ରଥଯାତ୍ରା,ସ୍ଥାନ: ବ୍ରହ୍ମପୁର ରେଲୱେ ଷ୍ଟେଶନ, ସମୟ: ସକାଳ ୭ଟା୩୦ ।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଅନ୍ତର୍ଜାତୀୟ ବାଣିଜ୍ୟିକ ମେଳା, ସ୍ଥାନ: ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ବେଦ ପ୍ରବଚନ, ସ୍ଥାନ: ପାଢ଼ି ସେଲିବ୍ରେସନ, ଗିରିରୋଡ, ସମୟ: ସନ୍ଧ୍ୟା ୭ଟା।

### ଗଞ୍ଜାମ
- ଆଧ୍ୟାତ୍ମିକ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ, ସ୍ଥାନ: ସରସତୀ ଶିଶୁ ବିଦ୍ୟାମନ୍ଦିର ବୁଗୁଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

### ଢେଙ୍କାନାଳ
- ପ୍ରଥମ ବ୍ୟବସାୟିକ ଡ୍ରାଗନ ଫଳ ଉତ୍ପାଦନ, ସ୍ଥାନ: ଶ୍ରୀଗଣେଶ ଗ୍ରୀନଅର୍ଚ୍ଚାର, ବିମ୍ପୋଳ, ଭାପୁର, ସମୟ: ମଧ୍ୟାହ୍ନ ୧୨ଟା।

### ଜଗତ୍‌ସିଂହପୁର
- କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀଙ୍କୁ ସ୍ୱାଗତ, ସ୍ଥାନ: ନେହେରୁ ବଙ୍ଗଳା ଜବାହାର ଅତିଥି ଭବନ, ପାରାଦୀପ , ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସୀମା ବିଦ୍ୟାପୀଠ ସ୍କୁଲ ପଡ଼ିଆ, ଗଡ଼ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ବରୁଣେଶ୍ୱର ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମାଛଧରା ବନ୍ଦର,ନେହେରୁ ବଙ୍ଗଳା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା
- ଇସ୍କନ ରାଜନଗର ପକ୍ଷରୁ ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣ ସାହି, ଗଜରାଜପୁର, ରାଜନଗର, ସମୟ: ସକାଳ ୯ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କେରଡାଗଡ଼, ରାଜନଗର, ସମୟ: ସକାଳ ୯ଟା।
- ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ମାଉସୀ ମା' ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

### ଯାଜପୁର
- ପଞ୍ଚାୟତସ୍ତରୀୟ ବିକାଶ ବାହନ ଯାତ୍ରା, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କବାଟବନ୍ଧ, ବୃନ୍ଦାଦେଇପୁର, ଜେନାପୁର, ମର୍ଜିତାପୁର, ମଧୁସୁଦନପୁର ପଞ୍ଚାୟତ, ସମୟ: ସକାଳ ୭ଟା୩୦।

### ନୟାଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତ ଇନ୍ଦିପଟା ୟୁପି ସ୍କୁଲ, ସମୟ: ସକାଳ ୭ଟା ।
- ବିଶ୍ୱଶାନ୍ତି ମହାଯଜ୍ଞରେ ଅଙ୍କୁରାରୋପଣ, ସ୍ଥାନ: ନୟାଗଡ ବ୍ଲକ କଳାହାଣ୍ଡି ମୌଜାର ମା ବୀରଚଣ୍ଡି ଠାକୁରାଣୀ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ତାରିଣୀଙ୍କ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତାରୀଣୀ ପୀଠ କର୍ଣ୍ଣିଲୋ, ସମୟ: ଅପରାହ୍ନ ୪ଟା।

### ରାୟଗଡ଼ା
- ବିକାଶ ମେଳା ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡି ଖେଳ ପଡିଆ, ରାୟଗଡା, ସମୟ: ସନ୍ଧ୍ୟା ୬ଟା ।

### ନବରଙ୍ଗପୁର
- ମାଆ କେ ନାମ ଏକ ପେଡ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ତାରଗାଁ, ସମୟ: ସକାଳ ୮ଟା।
- ଅୟୁଷ୍ମାନ କାର୍ଡ ପ୍ରଦାନ, ସ୍ଥାନ: ଆଖଣ୍ଡଳମଣି ମନ୍ଦିର, ସମୟ: ସକାଳ ୮ଟା ୪୦।
- ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ୍, ସମୟ: ସକାଳ ୯ ଟା ୨୦।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: ମଣ୍ଡେଇ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକଶିତ ଜିଲା ଓ ବିକଶିତ ଓଡିଶା ୨୦୩୬ କର୍ମଶାଳା, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସମୟ : ଅପରାହ୍ନ ୨ଟା।

### କୋରାପୁଟ
- ପଞ୍ଚାୟତସ୍ତରୀୟ ବିକାଶ ବାହନ ସଚେତନ ଯାତ୍ରା, ସ୍ଥାନ: ହିକିମପୁଟ, ଥୁବା, ରାଇସିଂ, ସମୟ: ସକାଳ ୮ଟା।
- ସଚେତନ ବିକାଶ ରଥ ଉଦ୍‌ଘାଟନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ସକାଳ ୮ଟା।
- ବିକାଶ ବାହାନ ଯାତ୍ରା ଉଦ୍‌ଘାଟନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ରହ୍ମକୁମାରୀ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ମାଲକାନଗିରି
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍ ଉଦ୍‌ଘାଟନ,ସ୍ଥାନ:ବିଜୁ ପଟ୍ଟନାୟକ ବହୁମୁଖୀ କ୍ରିଡା ଭବନ,ସମୟ:ପୂର୍ବାହ୍ନ ୧୦ ଟା।

### ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ ଗୁଲୁଣ୍ଡା ଗ୍ରାମ, ସମୟ : ଅପରାହ୍ନ ୫ଟା ୩୦।

### ବଲାଙ୍ଗୀର
- ସୁଭଦ୍ରା ଶକ୍ତି ମେଳା ଦ୍ୱିତୀୟ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

### ରାଉରକେଲା
- ନିଃଶୁଳ୍କ ଟାଇକୋଣ୍ଡୋ ପ୍ରଶିକ୍ଷଣ ଶିବିର, ସ୍ଥାନ: ସେକ୍ଟର-୧ ପଡ଼ିଆ, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା ପ୍ରଶାସନ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ସାହିତ୍ୟ ଓ ଭାଷା ସରଳତା ଉପରେ ଆଲୋଚନା ସଭା, ସ୍ଥାନ: ନ୍ୟାଶନାଲ କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ମନ୍ଦିରରେ ଭଜନ ସନ୍ଧ୍ୟା, ସ୍ଥାନ: ଉଦିତନଗର, ସମୟ: ସନ୍ଧ୍ୟା ୭ଟା ୩୦।
- ଡାଇମଣ୍ଡ ଭବନରେ ୫ ଦିନିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବ, ସ୍ଥାନ: ବାସନ୍ତୀ କଲୋନି, ସମୟ: ରାତି ୮ଟା ୩୦।

### ବରଗଡ଼
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ଅମ୍ବାପାଲି, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମନ୍ୱିତ ଜନସ୍ୱାସ୍ଥ୍ୟ ପରୀକ୍ଷାଗାରର ଉଦ୍‌ଘାଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିକାଶ ମେଳା, ରକ୍ତଦାନ ଶିବିର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।

### ବୌଦ୍ଧ
- ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଜିଲା ପୋଲିସ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: କଚେରୀ ଖେଳ ପଡିଆ, ବୌଦ୍ଧ: ସମୟ: ପୂର୍ବାହ୍ନ ୧୦ଟା।

### ସୁବର୍ଣ୍ଣପୁର
- ବିଶ୍ୱ ଯୋଗ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା।
- ବିକାଶ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।

### ନୂଆପଡ଼ା
- ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସମସ୍ତ ବ୍ଲକ ଓ ଏନ୍‌ଏସି ପରିସର, ସମୟ: ସକାଳ ୭ଟା।
- ପଞ୍ଚାୟତ ସ୍ତରୀୟ କବାଡି ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ପୋଲିସ ପଡିଆ ନୂଆପଡ଼ା, ସମୟ: ସକାଳ ୮ଟା।
- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାର ସରକାରୀ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା ଦ୍ୱିତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।

## ୧୯ ଯାଏ ବର୍ଷିବ, ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୧୨।୬(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହେଉଥିବାବେଳେ ୧୯ ତାରିଖଯାଏ ଏହା ଜାରି ରହିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ ଶୁକ୍ରବାର ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ କନ୍ଧମାଳ ଆଦି ୪ ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇପାରେ। ତେଣୁ ଏହିସବୁ ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ନେଇ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯିବା ସହ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାସହ ବିଜୁଳି ଓ ଘଡ଼ଘଡ଼ି ନେଇ ୨୬ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ତେବେ ଝଡ଼ବର୍ଷା ଫଳରେ ଆସନ୍ତା ୩ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଗୁରୁବାର ଭୁବନେଶ୍ୱରରେ ସର୍ବାଧିକ ୧୨.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଚାନ୍ଦବାଲିରେ ୧୨.୦, ବଲାଙ୍ଗୀରରେ ୫.୬ ଏବଂ ଗୋପାଳପୁର, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ାରେ ୫.୦ ମିମି ଲେଖାଏ ବର୍ଷା ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେ କଉଡ଼ି ଖା ପିଠା**
**ଏଥିପାଇଁ କିଆଁ ଦାନ୍ତ ନିକୁଟା ?**

ପଇସା ଦେଇ ଖାଇବା ପଦାର୍ଥ ଗ୍ରହଣ କର, ସିଧା କଥା। ପଇସା ଥିଲେ ସବୁ କିଛି ହାତମୁଠାରେ। ଟଙ୍କା ପଇସା ରୋଜଗାର କରିବା ପାଇଁ ପରିଶ୍ରମ ଲୋଡ଼ା। ତେଣୁ ପରିଶ୍ରମ ବିନା କିଛିବି ସମ୍ଭବ ନୁହେଁ, ସବୁ କିଛି ଦୁଷ୍ପ୍ରାପ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେବା ଦେବା କହୁଥିବା**
**ନାହିଁ ନ ଦେବା ନ କରିବା ।**

ହାତରୁ ଧନ ଥରେ ଅନ୍ୟ ହାତକୁ ଚାଲିଗଲେ ସହଜରେ ଆଉ ତାହା ଫେରି ଆସି ନ ଥାଏ। ନେଉଥିବା ବ୍ୟକ୍ତି ଆଜି ଦେବା କାଲି ଦେବା କହି ସମୟ ଗଡାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡେଇ ଗୋଡେଇ ସମୟ ସାରିବା କେବଳ ସାର ହୋଇଥାଏ। ଧାରୁଆ ବ୍ୟକ୍ତି ଋଣକରଜ ପରିଶୋଧ ନ କରିପାରି ଆଜିକାଲି କହି ଦିନ ଗଡ଼ାଇ ଚାଲୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅଲାରନାଥଙ୍କ ଅନବସର ଦର୍ଶନ ଆରମ୍ଭ

ବ୍ରହ୍ମଗିରି,୧୨।୬(ସ୍ୱାଧିନ ଚମ୍ପତିରାୟ)

ପୁରୀ ଜିଲାର ବ୍ରହ୍ମଗିରିସ୍ଥିତ ମହାପ୍ରଭୁ ଅଲାରନାଥ ଚତୁର୍ଭୁଜ ନାରାୟଣଙ୍କ ଅନବସର ଦର୍ଶନ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଭୁ ଅଲାରନାଥଙ୍କ ଦର୍ଶନ ଓ ଖିରି ଭୋଗ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଗହଳି ଲାଗିଥିଲା। ତେବେ ଅନବସର ଦର୍ଶନ ୧୪ଦିନ ଧରି ଚାଲିବାକୁ ଥିବାବେଳେ ପ୍ରଥମ ଦିନରେ ହିଁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ନାନପୂର୍ଣ୍ଣିମା ଅବସରରେ ବୁଧବାର ଦାରୁଦିଅଁ ୧୦୮ ଗରା ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ରହିଛନ୍ତି। ଅଣସର ପିଣ୍ଡିରେ ଦାରୁବିଗ୍ରହଙ୍କ ଗୁପ୍ତ ସେବା ଚାଲିଛି। ତେଣୁ ଏହି ସମୟରେ ଭକ୍ତମାନେ ଶ୍ରୀମନ୍ଦିରରେ ପଟିଦିଅଁ ଏବଂ ବ୍ରହ୍ମଗିରିସ୍ଥିତ ଅଲାରନାଥ ପୀଠରେ ପ୍ରଭୁ ଅଲାରନାଥଙ୍କ ଦର୍ଶନ କରିଥାନ୍ତି। ଅନବସର ସମୟରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କଲେ ଶ୍ରୀଜଗନ୍ନାଥଙ୍କ ଦର୍ଶନର ସମଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଗୁରୁବାର ପ୍ରଥମଦିନରେ ହିଁ ଅଲାରନାଥଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ଼ ଲାଗିଥିଲା। ଭୋର ୪ଟାରୁ ମନ୍ଦିର ଦ୍ୱାର ଫିଟା ଓ ମଙ୍ଗଳ ଆଳତି ପରେ ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଲମ୍ବାଧାଡ଼ିରେ ଆସି ମନ୍ଦିରରେ ପ୍ରବେଶ କରି ଅଲାରନାଥଙ୍କୁ ଦର୍ଶନ କରିଥିଲେ। ଦିନତମାମ ଗହଳି ଲାଗିରହିଥିଲା। ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ତେବେ ପ୍ରଶାସନର ଅବ୍ୟବସ୍ଥା ଭକ୍ତଙ୍କ ଭାବବେଗକୁ କଷ୍ଟ ଦେଇଛି। ଚଳିତ ବର୍ଷ ଶୃଙ୍ଖଳିତ ଓ ସୁବ୍ୟବସ୍ଥା କରିବା ପାଇଁ ପ୍ରଶାସନ ବାରମ୍ବାର ପ୍ରସ୍ତୁତି ବୈଠକ କରିଥିଲା। ହେଲେ ଏହାର ସୁଫଳ ମିଳିନାହିଁ। ଭକ୍ତଙ୍କୁ ଖରାରେ କଲବଲ ହେବାକୁ ପଡ଼ିଛି। ଏପରିକି ପାନୀୟଜଳ ବ୍ୟବସ୍ଥା ନ ଥିଲା। ସେହିପରି ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିଲା। ମନ୍ଦିର ବାହାରେ ଜମିଥିବା ଆବର୍ଜନା ପାଣିରେ ଶ୍ରଦ୍ଧାଳୁମାନେ ଠିଆହୋଇ ଅପେକ୍ଷା କରିଥିଲେ। ସିଂହଦ୍ୱାର ନିକଟରେ ମୁତୟନ ଥିବା ପୋଲିସ ପାତରଅନ୍ତର ନୀତି ଆପଣାଇ ଗଳିବାଟରେ ସମ୍ପର୍କୀୟଙ୍କୁ ଛାଡୁଥିବାରୁ ଧାଡ଼ିରେ ଥିବା ଭକ୍ତମାନେ ବିରୋଧ କରିଥିଲେ। ପ୍ରଶାସନର ଅପାରଗତା ଯୋଗୁ ଅନେକ ସମସ୍ୟା ଭୋଗିବାକୁ ପଡ଼ିଛି ବୋଲି ଟାଙ୍ଗୀ ଅଞ୍ଚଳରୁ ଆସିଥିବା ରବିନାରାୟଣ ସାମନ୍ତସିଂହାରଙ୍କ କହିଥିବାବେଳେ ଅନ୍ୟ କେତେଜଣ ଶ୍ରଦ୍ଧାଳୁ ଅନୁରୂପ ଅଭିଯୋଗ ଆଣି କ୍ଷୋଭ ବ୍ୟକ୍ତ କରିଥିଲେ। ତେବେ ଏ ନେଇ ମନ୍ଦିର ପ୍ରଶାସନ ଦାୟିତ୍ୱରେ ଥିବା ବ୍ରହ୍ମଗିରି ତହସିଲଦାର ଶଶିଭୂଷଣ ମିଶ୍ର କହିଛନ୍ତି, ପ୍ରଥମ ଦିନରେ କିଛି ଅସୁବିଧା ହୋଇଥିବା ନଜରକୁ ଆସିଛି। ତେବେ ପଙ୍ଖା ଲଗାଯିବା ସହ ପାନୀୟଜଳ ବ୍ୟବସ୍ଥା କରାଯାଇଛି। ଅନ୍ୟାନ୍ୟ ସମସ୍ୟା ଦୂର ଲାଗି ପଦକ୍ଷେପ ନିଆଯାଉଛି।


ପ୍ରଭୁ ଅଲାରନାଥ

## ସାମାଜିକ ଗଣମାଧ୍ୟମର ବ୍ୟବହାର ନେଇ ବିଜେଡିର କର୍ମଶାଳା

ଭୁବନେଶ୍ୱର,୧୨।୬(ସୁନିତ୍ ମିଶ୍ର)

ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ସାମାଜିକ ଗଣମାଧ୍ୟମ ଜରିଆରେ ତୃଣମୂଳସ୍ତରରେ ଦଳକୁ କିପରି ଅଧିକ ସଙ୍ଗଠିତ କରିହେବ ତାକୁ ନେଇ ବିଭିନ୍ନ ପ୍ରସ୍ତାବ ଉପରେ ଗୁରୁବାର ଶଙ୍ଖ ଭବନ ଠାରେ ଆଲୋଚନା କରାଯାଇଛି। ବିଜେଡିର ଏମ୍‌ପି, ବିଧାୟକ, ଗତ ସାଧାରଣ ନିର୍ବାଚନର ପ୍ରାର୍ଥୀ ଓ ଦଳୀୟ ନେତୃବୃନ୍ଦଙ୍କୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ଆଇଟି ଏବଂ ସୋସିଆଲ ମିଡିଆ ଆବାହକ ଅମର ପଟ୍ଟନାୟକ ସାମ୍ପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମର ଗୁରୁତ୍ୱ ଉପରେ ଆଲୋକପାତ କରି ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରିଛନ୍ତି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ, ସଙ୍ଗଠନର ପ୍ରତ୍ୟେକ ସ୍ତରରେ ସାମାଜିକ ଗଣମାଧ୍ୟମର ଭରପୂର ଉପଯୋଗ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ମୁଖ୍ୟତଃ ରାଜ୍ୟରେ ବର୍ଷେ ପୂରଣ କରିଥିବା ଭାଜପା ସରକାରର ମିଛ ପ୍ରଚାର ଏବଂ ବିଭିନ୍ନ ଯୋଜନା ବନ୍ଦ ହେବା ଫଳରେ ସାଧାରଣ ଜନତା ଯେଉଁ ସମସ୍ୟାର ସାମ୍ନା କରୁଛନ୍ତି, ତା'ର ସଠିକ୍ ତଥ୍ୟ ସାମାଜିକ ଗଣମାଧ୍ୟମ ଜରିଆରେ ସମସ୍ତଙ୍କ ସାମ୍ନାରେ ରଖିବାକୁ ଅମର ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

## ଭାଜପା ସରକାରଙ୍କ ବର୍ଷ ଏକ, ପ୍ରତାରଣା ଅନେକ: ଭକ୍ତ

ଭୁବନେଶ୍ୱର,୧୨।୬(ରବିନାରାୟଣ ଜେନା)

ଭାଜପା ସରକାର ବର୍ଷକ ମଧ୍ୟରେ ତା'ର ସବୁ ପ୍ରତିଶ୍ରୁତିକୁ ପ୍ରତାରଣାରେ ରୂପାନ୍ତରିତ କରିଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଭାଜପା ସରକାର କ୍ଷମତାକୁ ଆସିବା ପୂର୍ବରୁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବ ବୋଲି କହିଥିଲା, ହେଲେ ଜଣେ ହେଲେ ବି ପ୍ରମୁଖ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ବରଂ ସେମାନଙ୍କ ମଧ୍ୟରେ ଅନେକଙ୍କୁ ପଦୋନ୍ନତି ଦେବା ଭଳି ଦିଲ୍ଲୀକୁ ଡେପୁଟେଶନରେ ପଠାଯାଇଛି। ସେହିପରି ଅସ୍ମିତା ଦୋହି ଦେଇ ଭାଜପା ସରକାରକୁ ଆସିଥିଲେ ମଧ୍ୟ ଗୋଟିଏ ବି କାର୍ଯ୍ୟ ବର୍ଷକ ଭିତରେ ହୋଇନାହିଁ। ମା'ମାନଙ୍କୁ 'ସୁଭଦ୍ରା'ରେ ୫୦ ହଜାର ଟଙ୍କା ଦେବାକୁ କହି ବର୍ଷକୁ ଦୁଇଟି କିସ୍ତିରେ ୧୦ହଜାର ଟଙ୍କା ଦେଇଛନ୍ତି। ପୁଣି ୧୭ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଗଲେଣି ବୋଲି କରାଯାଉଥିବା ପ୍ରଚାର କେବଳ ସରକାରଙ୍କ ମିଛ ବାହୁସ୍ଫୋଟ ବୋଲି ଭକ୍ତ କହିଛନ୍ତି।

ସେ ପୁଣି କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର ଅବହେଳାରୁ କଣାସ ପରେ ଯାଜପୁରରେ ଝାଡ଼ାବାନ୍ତିରେ ମୃତ୍ୟୁସଂଖ୍ୟା ବଢ଼ି ଚାଲିଛି। ସରକାର ତୁରନ୍ତ ସେଠାରେ ବିହିତ ପଦକ୍ଷେପ ନେବା ଆବଶ୍ୟକ ରହିଛି। ମହିଳାମାନଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ ତାହାକୁ ଗୁରୁତ୍ୱ ଦେବାର ଅଛି।

ଭକ୍ତ କହିଥିଲେ, ଭାଜପାର ପ୍ରତାରଣାକୁ ପଦାରେ ପକାଇବା ପାଇଁ ବର୍ଷ-୧, ପ୍ରତାରଣା ଅନେକ ସମ୍ପର୍କରେ ରାଜ୍ୟର ପ୍ରମୁଖ ସହରରେ ବରିଷ୍ଠ ନେତାମାନେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଅସଲମୁଖା ଖୋଲିବେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ- ବଲାଙ୍ଗୀର, ଜୟଦେବ ଜେନା-ପୁରୀ, ପ୍ରସାଦ ହରିଚନ୍ଦନ-ବ୍ରହ୍ମପୁର, ତାରାପ୍ରସାଦ ବାହିନୀପତି- ବାଲେଶ୍ୱର, ଜଗନ୍ନାଥ ପଟ୍ଟନାୟକ- ସମ୍ବଲପୁର, ଅନନ୍ତ ପ୍ରସାଦ ସେଠୀ- କେନ୍ଦ୍ରାପଡ଼ା, ସିଏସ୍ ରାଜନ ଏକ୍କା- ରାୟଗଡ଼ା ଏବଂ ନିରଞ୍ଜନ ପଟ୍ଟନାୟକ- ଖୋର୍ଦ୍ଧାରେ ସାମ୍ବାଦିକ ସମ୍ମିଳନୀ କରିବେ।

ଏହି ଅବସରରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ ଭାଜପାର ୨୩ଦଫା ନିର୍ବାଚନୀ ଇସ୍ତାହାର ପ୍ରତିଶ୍ରୁତି କିଭଳି ପ୍ରତାରଣାରେ ପରିଣତ ହୋଇଛି ତାହାର ସବିଶେଷ ରିପୋର୍ଟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ବିଧାୟକ ତାରାପ୍ରସାଦ ବାହିନୀପତି, ରଜନୀମହାନ୍ତିଓଜୟଶ୍ରୀପାତ୍ରପ୍ରମୁଖଉପସ୍ଥିତଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ କୌଣସି କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଈର୍ଷା ପରାୟଣ ବ୍ୟକ୍ତିଙ୍କର କୁଯୁକ୍ତି ମନକୁ ବାଧିପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ର, ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା କ୍ଷେତ୍ରରେ ଆଶାଜନକ ସୁଫଳ ପାଇପାରିବେ।

**ବୃଷ** ଶେଷ କରିବାକୁ ଭାବୁଥିବା କାମଟି ବିଭିନ୍ନ ସମସ୍ୟା ହେତୁ ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯାଇପାରେ। ଶୁକ୍ର ପ୍ରଭାବରୁ ସାହିତ୍ୟ, ବାଣିଜ୍ୟ,ଶିଳ୍ପ ଓ ଏଜେନ୍ସିଶିପ୍‌ରୁ ଖୁସି ରହିବେ। ବିବାଦୀୟ ଘଟଣାରେ ଅଯଥା ବିଭିନ୍ନ ମନ୍ତବ୍ୟ ଦେଇ ପରୋକ୍ଷ ଶତ୍ରୁତା ସୃଷ୍ଟି କରିପାରନ୍ତି। ଆଜିର ବନ୍ଧୁମିଳନ, ମନୋରଞ୍ଜନ, ଯାତ୍ରା ପ୍ରଭୃତି ପ୍ରୀତିଦାୟକ ରହିବ।

**ମିଥୁନ** ଅନୁକୂଳ ଗ୍ରହସ୍ଥିତିରୁ ଆଜି ଯାହା କରନ୍ତୁ କୌଣସି କାମରେ ପଛକୁ ହଟିବେ ନାହିଁ। ପିଲାଙ୍କ ଅଭିଯୋଗକୁ ଅଣଦେଖା କରିବା ସମସ୍ୟାର କାରଣ ହୋଇପାରେ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି। ସାଂଗଠନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**କର୍କଟ** କେନ୍ଦ୍ରସ୍ଥ ଶୁକ୍ର ହେତୁ ନୂତନ କର୍ମାରମ୍ଭ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରକାଶନ, ପ୍ରଶାସନ, ଯାନବାହନ,ସଭାସମିତି ତଥା ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବା କାରଣରୁ ମନ ପ୍ରଫୁଲ୍ଲିତ ହୋଇଯିବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ** ରବି ଦଶମ କେନ୍ଦ୍ରରେ ଥିବାରୁ କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ସହାୟତା ଲାଭ କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆନୁଷ୍ଠାନିକ କିମ୍ବା ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାହିତ୍ୟ, ନୃତ୍ୟ ଓ ସଙ୍ଗୀତ ସମାରୋହରେ ନିଜକୁ ପ୍ରତିଷ୍ଠିତ କରାଇପାରିବେ।

**କନ୍ୟା** କର୍ମକ୍ଷେତ୍ରରେ ରାଶ୍ୟାଧିପ ଅବସ୍ଥାନ କରୁଥିବାରୁ ପାରିବାରିକ ସ୍ଥିତି ଭଲ ରହିବ। ଆର୍ଥିକ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ତ୍ରୁଟି ନ ଥିଲେ ମଧ୍ୟ ଆତ୍ମୀୟସ୍ୱଜନଙ୍କ ଭୁଲ ବିଚାର ପାଇଁ ଚିନ୍ତା ବଢିପାରେ। ଆଇନ ଅଦାଲତରୁ ସୁଫଳ ପାଇବା ସାଙ୍ଗକୁ ସମସ୍ୟା ମଧ୍ୟ ସମାଧାନ ହୋଇଯିବ।

**ତୁଳା** ଆଜି ମନ ଅନୁଯାୟୀ କାମ କରିବାରେ ପ୍ରତିବନ୍ଧକ ରହିବନାହିଁ। ସତର୍କତା ଅଭାବରେ ଯାନବାହନ ଚାଳନାରେ ଅପ୍ରୀତିକର ସ୍ଥିତିର ସମ୍ମୁଖୀନ ହେବାକୁ ପଡିପାରେ। ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରାଧାନ୍ୟତା ବଜାୟ ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ସାଙ୍ଗକୁ ସମସ୍ୟାର ସରଳ ସମାଧାନ କରିପାରିବେ।

**ବିଛା** ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହତ୍ ଥିଲେ ମଧ୍ୟ ମାନସିକ ଅସ୍ଥିରତା କାର୍ଯ୍ୟକୁ ଏପଟ ସେପଟ କରିଦେବ। ଖଳ ଲୋକଙ୍କ ଦ୍ୱାରା ଗୁଜବ ପ୍ରଚାର ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଅପ୍ରିୟ ସତ୍ୟ କହିବା ଦ୍ୱାରା ଭଲ ସମ୍ପର୍କ ଥିବା ବ୍ୟକ୍ତି ଭୁଲ ବୁଝିପାରନ୍ତି। ଆବଶ୍ୟକତା ପୂରଣ କରିବା ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ ହେବେ।

**ଧନୁ** ଚନ୍ଦ୍ର ପ୍ରଭାବରୁ ଯାତ୍ରା, ବାଣିଜ୍ୟ ଓ କର୍ମକ୍ଷେତ୍ରର ସ୍ଥିତି ଭଲ ରହିବ। ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ବୁଧ ନକ୍ଷତ୍ରସ୍ଥ ବୃହସ୍ପତି ପ୍ରଭାବରୁ ଜଞ୍ଜାଳ ବଢ଼ିଯିବ। ଦେହ ଭଲ ରହିଲେ ମଧ୍ୟ ପୁରାତନ ରୋଗରେ କଷ୍ଟ ପାଇବେ। ପ୍ରତିଯୋଗିତାରେ ସଫଳତା ହାସଲ ସହ ପ୍ରଶଂସିତ ହେବାର ସମ୍ଭାବନା ରହିଛି।

**ମକର** ଆଜି ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଜି ମନୋରଞ୍ଜନ ପ୍ରୀତିପ୍ରଦ ହେବ। ସହକର୍ମୀ କିମ୍ବା ବନ୍ଧୁବର୍ଗଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରି କାମଗୁଡିକୁ ତ୍ୱରାନ୍ୱିତ କରିପାରିବେ। ନୂତନ ବସ୍ତ୍ର, ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଉପହାର ଲାଭ ଯୋଗ ରହିଛି।

**କୁମ୍ଭ** ପରିବାର, ଲୋକସମ୍ପର୍କ କ୍ଷେତ୍ରରେ କିଛିଟା ବ୍ୟତିକ୍ରମ ସୃଷ୍ଟି କରିବାର ଆଶଙ୍କା ରହିଛି। ପୂର୍ବରାଗକୁ ଦୋହରାଇ ଘରୋଇ କ୍ଷେତ୍ରରେ ନିଜ ଲୋକମାନେ ଅଯଥା ସମସ୍ୟା ସୃଷ୍ଟି କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ସକାଶେ କର୍ମପରିସରକୁ ବ୍ୟାପକ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭାଂଶ ମାନ୍ଦା ହେବ ନାହିଁ।

**ମୀନ** ଆପଣଙ୍କ ପୂର୍ବ ସ୍ଥିରୀକୃତ କାମକୁ ଯଥା ସମୟରେ ସମ୍ପନ୍ନ କରିବା କଷ୍ଟକର ହେବ। ଟେନସନ୍ ଲାଗି ରହିବାରୁ ସଭାସମିତି, ପ୍ରଶାସନ, ରାଜନୀତି କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ଝଡ ସୃଷ୍ଟି ହେବ। ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା ଓ ମହୋତ୍ସବରେ ନିଜକୁ ସାମିଲ କରିପାରନ୍ତି।

ଆଜି ଜୁନ୍ ୧୩ ତାରିଖ, ଆଷାଢ଼ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ଶୁକ୍ରବାର। ରାଶିନକ୍ଷତ୍ର- ପୂର୍ବାଷାଢା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୩ ଗତେ, ଘ.୦୬।୫୬ ମଧ୍ୟେ, ଘ.୧୨।୧୩ ଗତେ, ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୭ ଗତେ, ଘ.୧୧।୪୬ ମଧ୍ୟେ ରାହୁକାଳ।

# ଭୁବନେଶ୍ୱରରୁ ଆବୁଧାବିକୁ ବିମାନସେବାର ଶୁଭାରମ୍ଭକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୬(ସୁନିତ୍ ମିଶ୍ର)**



- ସପ୍ତାହକୁ ୩ ଦିନ ଚାଲିବ, ୪ ଘଣ୍ଟାରେ ପହଞ୍ଚିବ
- ଭୁବନେଶ୍ୱରରୁ ବିଶାଖାପାଟଣାକୁ ମଧ୍ୟ ବିମାନସେବା ଆରମ୍ଭ
- ମିଡିଲ ଇଷ୍ଟ ଦେଶ ସହ ଓଡ଼ିଶା ଯୋଗାଯୋଗ ଆହୁରି ବ୍ୟାପକ ହେବ: ମୋହନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସରକାରର ବର୍ଷ ପୂର୍ତ୍ତି ଅବସରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଭୁବନେଶ୍ୱର ଠାରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱରରୁ ଆବୁଧାବିକୁ ଏହି ବିମାନ ସେବା ଇଣ୍ଡିଗୋ ଏୟାର ଲାଇନ୍ସ ଜରିଆରେ ଆରମ୍ଭ କରାଯାଇଛି। ଏହା ସିଧାସଳଖ ଆବୁଧାବିକୁ ଯାତ୍ରା କରିବ। ସୂଚନାଯୋଗ୍ୟ, ସପ୍ତାହର ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର ଓ ଶନିବାର ଏହି ବିମାନସେବା ଉପଲବ୍ଧ ହେବ। ୧୮୦ ଜଣ ଯାତ୍ରୀ ଏଥିରେ ଯାତ୍ରା କରିପାରିବେ। ଭୁବନେଶ୍ୱରରୁ ମାତ୍ର ୪ ଘଣ୍ଟା ମଧ୍ୟରେ ଯାତ୍ରୀମାନେ ଆବୁଧାବିରେ ପହଞ୍ଚିବେ। ଏହି ବିମାନ ଚଳାଚଳ ଆରମ୍ଭ ଦ୍ୱାରା ଓଡ଼ିଶାରୁ ଆବୁଧାବି ଯାଉଥିବା ଯାତ୍ରୀମାନେ ଉଭୟ ସମୟ ଓ ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହୋଇପାରିବେ। ଏହାସହ ଗୁରୁବାରଠାରୁ ଭୁବନେଶ୍ୱରରୁ ବିଶାଖାପାଟଣାକୁ ମଧ୍ୟ ବିମାନସେବା ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେଜଣ ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ପ୍ରଦାନ କରିଛନ୍ତି। ଅନ୍ତର୍ଜାତୀୟ ବିମାନସେବା ଶୁଭାରମ୍ଭକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାରଙ୍କ ସମର୍ଥନରେ ରାଜ୍ୟ ସରକାରଙ୍କ ନ୍ୟୁ ଡେଷ୍ଟିନେଶନ ପଲିସି ଅଧୀନରେ ଏହି ସେବା ଆରମ୍ଭ କରାଯାଇଛି। ଏହାଦ୍ୱାରା ମିଡିଲ ଇଷ୍ଟ ଦେଶଗୁଡିକ ସହ ଓଡ଼ିଶାର ଯୋଗାଯୋଗ ଆହୁରି ବ୍ୟାପକ ହେବ। ବାଣିଜ୍ୟ, ପର୍ଯ୍ୟଟନ, ପୁଞ୍ଜିନିବେଶ ଓ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ମଧ୍ୟ ଆମର ସମ୍ପର୍କ ଆହୁରି ସୁଦୃଢ଼ ହେବ। ଏହି ବିମାନର କାର୍ଗୋ ସେବାରେ ଆଜି ବିଭିନ୍ନ ପନିପରିବା ସହ ୫୦ ଟନ୍ ଆମ୍ରପଲ୍ଲୀ ଆମ୍ବ ରପ୍ତାନି କରାଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ତାଙ୍କ ସରକାର ସଡ଼କ ଓ ରେଳପଥ ସହ ଆକାଶପଥରେ ମଧ୍ୟ ଯୋଗାଯୋଗ ପାଇଁ ପଦକ୍ଷେପ ନେଇଛନ୍ତି। ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯୋଡ଼ିବା ପାଇଁ ଉଦ୍ୟମ ଜାରି ରହିଛି। ଭୁବନେଶ୍ୱରରୁ ଡେରାଡୁନ୍, ଗାଜିଆବାଦ, ଗୋଆ, ଇନ୍ଦୋର, କୋଚି, ଲକ୍ଷ୍ନୌ ଓ ପୋର୍ଟବ୍ଲେୟାରକୁ ବିମାନସେବା ଆରମ୍ଭ ହୋଇଥିବା ବେଳେ ଝାରସୁଗୁଡ଼ାରୁ ହାଇଦ୍ରାବାଦ, ଲକ୍ଷ୍ନୌ, ମୁମ୍ବାଇ ଓ ରାୟପୁରକୁ ମଧ୍ୟ ବିମାନ ସଂଯୋଗ କରାଯାଇଛି।

# ବିକାଶ ବାହନ ଯାତ୍ରାର ଶୁଭାରମ୍ଭ

**ଭୁବନେଶ୍ୱର, ୧୨।୬(ସୁନିତ୍ ମିଶ୍ର)**



- ଭାଜପା ସରକାରର ହଲ୍‌ମାର୍କ ହେଉଛି ଲୋକଙ୍କ ସହ ଯୋଡ଼ିହେବାର ପ୍ରୟାସ: ମୁଖ୍ୟମନ୍ତ୍ରୀ
- ୩୧୪ ବ୍ଲକ୍, ୧୧୫ ଏନ୍ଏସି, ୫ ମହାନଗର ନିଗମରେ ଗଢ଼ିବ ସ୍ୱତନ୍ତ୍ର 'ବିକାଶ ବାହନ'

ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ସ୍ଥାନୀୟ ମହାତ୍ମା ଗାନ୍ଧୀ ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଣତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଜନତାଙ୍କ ସେବାରେ ହିଁ ଜୀବନର ସାର୍ଥକତା। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର, ଡବଲ ସ୍ପିଡ୍‌ରେ କାମକରି ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ କରିପାରୁଛି। ତାଙ୍କ ସରକାରଙ୍କ ଏକ ହଲ୍‌ମାର୍କ ହେଉଛି, ଲୋକଙ୍କ ସହ ଯୋଡ଼ିହେବାର ପ୍ରୟାସ। ଏହି ବର୍ଷକରେ ଅନେକ କ୍ଷେତ୍ରରେ ଓଡ଼ିଶାର କାୟାକଳ୍ପ ହୋଇଛି। ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତୀକରଣ ସହ ଭିତ୍ତିଭୂମି ଏବଂ ଶିଳ୍ପକ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇପାରିଛି। ବର୍ତ୍ତମାନ ଯେଉଁ ବିକାଶ ବାହନ ଯାତ୍ରା ଆରମ୍ଭ ହେବାକୁ ଯାଉଛି, ତାହା ହେଉଛି ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହ ଜନସାଧାରଣଙ୍କୁ ଯୋଡ଼ିବାର ଆଉ ଏକ ପ୍ରୟାସ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆମେ ଏହି ବର୍ଷେ ମଧ୍ୟରେ ଲାଗୁ କରିଥିବା ସମସ୍ତ ଯୋଜନାର ସଫଳତା ପାଇଁ ଜନଭାଗୀଦାରିର ବ୍ୟାପକ ଆବଶ୍ୟକତା ରହିଛି। ବିଭିନ୍ନ ସୂଚନା ଓ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ନାଗରିକମାନଙ୍କୁ ସଚେତନ କରାଯାଇ ଲୋକଙ୍କୁ ଯୋଜନା ସହ ଯୋଡ଼ିବା ଆମର ଲକ୍ଷ୍ୟ। ଏହାଦ୍ୱାରା ପ୍ରଶାସନ ଲୋକାଭିମୁଖୀ ହୋଇପାରୁଛି। ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନର ବର୍ଷେ ପୂରଣ ଅବସରରେ ପ୍ରଶାସନକୁ ଜନସାଧାରଣଙ୍କ ଦ୍ୱାର ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ୩୧୪ ବ୍ଲକ୍, ୧୧୫ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ ମହାନଗର ନିଗମରେ ସ୍ୱତନ୍ତ୍ର 'ବିକାଶ ବାହନ' ଗଢ଼ିବ। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ପ୍ରଗତି ପ୍ରବାହ' ପୁସ୍ତକ ଏବଂ ୧ ବର୍ଷର ସଫଳତାର ତଥ୍ୟ ସମ୍ବଳିତ ପୁସ୍ତିକା ମଧ୍ୟ ସମସ୍ତଙ୍କ ପାଖରେ ପହଞ୍ଚିବ। ଏହାଦ୍ୱାରା ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ। ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ୍ୟ ଦେଖିପାରିବେ।

ଏହି ଅବସରରେ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି, ଲୋକଙ୍କ ଆଶୀର୍ବାଦରେ ଏବେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ସାମଗ୍ରିକ ବିକାଶ ଓ ସମୃଦ୍ଧିର ଦାୟିତ୍ୱରେ ଅଛନ୍ତି। ଏହି ବିକାଶ ବାହନର ଶୁଭାରମ୍ଭ ଆମ ସରକାରଙ୍କ ଓଡ଼ିଶାବାସୀଙ୍କ ପ୍ରତିସମର୍ପଣର ନୂତନ ଅଧ୍ୟାୟ। ଏହି ଅବସରରେ ବିଧାୟକ ବାବୁ ସିଂ ଓ ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ କମିଶନର ଗିରୀଶ ଏସ୍.ଏନ୍. ଧନ୍ୟବାଦ ଦେଇଥିଲେ।

# ଯାଜପୁର ଝାଡ଼ାବାନ୍ତି, ଆଉ ୩ ମୃତ

**ଯାଜପୁର,୧୨।୬ (ହର୍ଷବର୍ଦ୍ଧନ ବେହେରା)**



ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଯାଜପୁରର ଏକ ରେଷ୍ଟୁରାଣ୍ଟରେ ଖାଦ୍ୟ ନମୁନା ସଂଗ୍ରହ କରାଯାଉଛି।

- ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଲା
- ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା
- ୪ଦିନ ପରେ ବି କାରଣ ଅସ୍ପଷ୍ଟ
- ଭ୍ରାମ୍ୟମାଣ ଟିମ୍ ଦ୍ୱାରା ଖାଦ୍ୟ, ଜଳ ନମୁନା ପରୀକ୍ଷା

ଯାଜପୁର ଜିଲାରେ ଗତ ୪ଦିନ ହେଲା ଝାଡ଼ାବାନ୍ତି ସଂକ୍ରମଣ ବଢ଼ିବାରେ ଲାଗିଛି। ଗୁରୁବାର ସୁଦ୍ଧା ଏହି ରୋଗର କାରଣ ଜଣାପଡ଼ିନାହିଁ। ତେବେ ରସୁଲପୁର, ବଡ଼ଚଣା, କୋରେଇ ଓ ଦାନଗଦି ବ୍ଲକ ଅଞ୍ଚଳରେ ରୋଗୀଙ୍କ ସଂଖ୍ୟା କମିଛି। ହେଲେ ଯାଜପୁର ଓ ଦଶରଥପୁର ବ୍ଲକ ଅଞ୍ଚଳକୁ ଏହି ରୋଗ ବ୍ୟାପିବା ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଗୁରୁବାର ଆଉ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବ୍ୟାସନଗର ପୌରାଞ୍ଚଳ ଚାନ୍ଦମା ୱାର୍ଡର ସନାତନ ପାଇକରାୟ(୪୭), ଦଶରଥପୁର ବ୍ଲକ ଚିତାଳୋ ପଞ୍ଚାୟତ ଝାଡଙ୍ଗା ଗ୍ରାମର ପବିତ୍ରା ଦାସ(୪୫) ଓ ଯାଜପୁର ବ୍ଲକ ଭୂଇଁପୁର ପଞ୍ଚାୟତ ମିତୁଆଣି ଗ୍ରାମର ସେବତୀ ଘଡ଼େଇ(୭୫)। ସନାତନଙ୍କୁ ପ୍ରଥମେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ପ୍ରାଥମିକ ଚିକିତ୍ସା କରିବା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ପବିତ୍ରା ଓ ସେବତୀଙ୍କ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲାରେ ଝାଡ଼ାବାନ୍ତିରେ ମୃତକଙ୍କ ସଂଖ୍ୟା ୧୧ରେ ପହଞ୍ଚିଛି। ସ୍ୱାସ୍ଥ୍ୟସଚିବ ଅଶ୍ୱତୀ ଏସ. ଗୁରୁବାର ଅପରାହ୍ଣରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହାପରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୫୦ ନୂତନ ରୋଗୀ ଭର୍ତ୍ତି ହୋଇଥିବାବେଳେ ଏବେ ବି ୪୦ ଜଣ ଚିକିତ୍ସାଧୀନ ଅଛନ୍ତି। ସେହିପରି ଯାଜପୁର ସଦର ଡାକ୍ତରଖାନାରେ ପ୍ରାୟ ୧୦୦ ରୋଗୀ ଚିକିତ୍ସାଧୀନ ଅଛନ୍ତି।

ଝାଡ଼ାବାନ୍ତି ସଂକ୍ରମଣକୁ ଆଖି ଆଗରେ ରଖି ଜିଲାର ବିଭିନ୍ନ ସ୍ଥାନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୁରୁବାର ଏକ ଭ୍ରାମ୍ୟମାଣ ପରୀକ୍ଷାଗାର କାର୍ଯ୍ୟାରମ୍ଭ କରିଛି। ଏଥିରେ ୨ ଜଣ ପରୀକ୍ଷକ ନମୁନା ସଂଗ୍ରହ ସହିତ ପରୀକ୍ଷା ଜାରି ରଖିଛନ୍ତି। ସଂକ୍ରମିତ ଅଞ୍ଚଳରେ ଥିବା ୩୧ ରେଷ୍ଟୁରାଣ୍ଟ, ଢାବା, ହୋଟେଲ, ଠେଲା, ଫୁଡ୍‌ଷ୍ଟଲରୁ ସମୁଦାୟ ୬୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ପ୍ରାୟ ୩୭ କେଜି ବାସି ଖାଦ୍ୟ ନଷ୍ଟ କରାଯାଇଛି। ୨୦ଟି ଜଳ ଓ ୨୫ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହୋଇଛି। ଏଥିରେ ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, ଲାବରେଟୋରି କେମିଷ୍ଟ ପି. ସୁବୁଦ୍ଧି ଓ କର୍ମଚାରୀ ଅମର କୁମାର ଦାସ ସାମିଲ ହୋଇଛନ୍ତି।



ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ



# ଟ୍ରମ୍ପଙ୍କ ଦୁର୍ବଳ ସ୍ଥିତି



ଟିମୋଥି ସ୍ନିଡର

ବିଗତ ଦୁଇ ମାସ ମଧ୍ୟରେ ବିତ୍ତୀୟ ନିବେଶକମାନେ ଏକ ନୂଆ ବାଣିଜ୍ୟିକ ରଣନୀତି ଆବିଷ୍କାର କରିଛନ୍ତି। ଏହା ଏକ ସରଳ ନିୟମ ଟାକୋ (ଟିଏସିଓ) ବା ଟ୍ରମ୍ପ୍ ଅଲ୍‌ଓ୍ୱେଜ ଚିକେନ୍ସ ଆଉଟ୍‌କୁ ଆଧାର କରି କରାଯାଇଛି। ଆମେରିକାର ରାଷ୍ଟ୍ରପତି ମିତ୍ର ଓ ଶତ୍ରୁଦେଶଗୁଡ଼ିକ ଉପରେ ଅତ୍ୟଧିକ ଆମଦାନୀ ଶୁଳ୍କ ଲାଗୁ କରିବା କିମ୍ବା ଫେଡେରାଲ ରିଜର୍ଭର ଚେୟାରମ୍ୟାନଙ୍କୁ ହଟାଇବା ଧମକରୁ ପଛକୁ ହଟିଥିଲେ। ପରେ ସେ ପୁଣି ଟାରିଫ୍‌କୁ ଫେରିଛନ୍ତି। ଟ୍ରମ୍ପ୍ କେବଳ 'ଚିକେନ' ନୁହନ୍ତି ; ସେ ଶକ୍ତିଶାଳୀ ହେଲେ ମଧ୍ୟ ଜଣେ ଦୁର୍ବଳ ବ୍ୟକ୍ତି। ଅଧିକାଂଶ ଆମେରିକୀୟଙ୍କ ତୁଳନାରେ ଆମେରିକାର ବିରୋଧୀମାନେ ତାହାକୁ ଭଲ ଭାବେ ବୁଝିପାରିବେ।

ଅନେକ ଆମେରିକୀୟ ଟ୍ରମ୍ପ୍‌ଙ୍କୁ ଭୟ କରନ୍ତି। ଏଣୁ ସେମାନେ ଭାବନ୍ତି ଯେ, ଅନ୍ୟମାନେ ତାଙ୍କୁ ମଧ୍ୟ ଭୟ କରିବା ଦରକାର। କିନ୍ତୁ ଆମେରିକା ବାହାରେ ତାଙ୍କୁ କେହି ସେଭଳି ଭୟ କରନ୍ତି ନାହିଁ। ଆମେରିକାର ମିତ୍ରଦେଶଗୁଡ଼ିକ ସେହି ବ୍ୟକ୍ତିଙ୍କୁ ଭୟ କରନ୍ତି, ଯିଏ ଅନ୍ୟମାନେ ଗଢ଼ିଥିବା ବ୍ୟବସ୍ଥାକୁ ନଷ୍ଟ କରିଦେଇଥାନ୍ତି ଏବଂ ଆମେରିକାର ଶତ୍ରୁଦେଶଗୁଡ଼ିକ ଟ୍ରମ୍ପ୍ ଏବଂ ଏଲନ୍ ମସ୍କଙ୍କ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ଦ୍ୱାରା କରାଯାଇଥିବା କ୍ଷତିକୁ ନେଇ ଖୁସି ହେଉଛନ୍ତି। ନିକଟରେ ମସ୍କ ଯେତେବେଳେ ପଦତ୍ୟାଗ କଲେ, ସେତେବେଳେ ରୁଷିଆର ପ୍ରମୁଖ ରାଜନୈତିକ ନୀତି ନିର୍ଦ୍ଧାରକ ଆଲେକ୍‌ଜାଣ୍ଡର ଡୁଗିନ ମସ୍କଙ୍କ ପଦତ୍ୟାଗକୁ ନେଇ କହିଥିଲେ ଯେ, ସମଗ୍ର ପୃଥିବୀରେ ଆମେରିକାର ବିଦେଶୀ ସହାୟତାକୁ ବନ୍ଦ କରିବା, ସ୍ୱାସ୍ଥ୍ୟ ବିଭାଗ ଓ ଶିକ୍ଷା ବିଭାଗକୁ ଦୁର୍ବଳ କରିବା ପଛରେ ଡିଓଜିଇର ଅଧିକ ସମର୍ଥନ ଥିଲା।

ଦେଖିବାକୁ ଗଲେ ଟ୍ରମ୍ପ୍ ଜଣେ ଦୃଢ଼ ବ୍ୟକ୍ତି। ତେବେ ସଂସ୍ଥାଗୁଡ଼ିକୁ ସେ ନଷ୍ଟ କରିବା ପରେ ତାଙ୍କ ପାଖରେ ଆଉ କ'ଣ ରହିଛି। କିନ୍ତୁ ସେ ଜଣେ ଦୁର୍ବଳ ବ୍ୟକ୍ତି, କାରଣ ଅର୍ଥ, ଅସ୍ତ୍ରଶସ୍ତ୍ର ଓ ଗୋଇନ୍ଦାକୁ ନିୟନ୍ତ୍ରଣ କରୁଥିବା ସରକାରୀ ବିଭାଗଗୁଡ଼ିକୁ ନଷ୍ଟ କରିବା ଯୋଗୁ ଏବେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସହ କାର୍ଯ୍ୟ କରିବା ପାଇଁ ବାସ୍ତବରେ ଆମେରିକା ପାଖରେ କୌଣସି ସାଧନ ନାହିଁ। ସେ କେବଳ ଟେଲିଭିଜନ ପରଦାରେ ଦୃଢ଼ବ୍ୟକ୍ତି ଏବଂ ଜଣେ ଜ୍ଞାନୀ ଭାବେ ନିଜକୁ ଉପସ୍ଥାପନ କରୁଛନ୍ତି। କିନ୍ତୁ ଟ୍ରମ୍ପ୍‌ଙ୍କ ଶକ୍ତି ସମ୍ପୂର୍ଣ୍ଣ ଭାବେ ତାଙ୍କ ଦର୍ଶକଙ୍କ ଗ୍ରହଣୀୟତା ଯୋଗୁ ଗଢ଼ିଉଠିଛି। ତାଙ୍କ ପ୍ରଦର୍ଶନ ଦର୍ଶକଙ୍କ ମନରେ ଏକ ଧାରଣା ସୃଷ୍ଟି କରିଛି ଯେ, ଟ୍ରମ୍ପ୍ ସବୁ କିଛିର ସମାଧାନ କରିବେ। ଏହା ନିଶ୍ଚିତ ଯେ, ଟ୍ରମ୍ପ୍‌ଙ୍କ କରିସ୍ମା ବା ଆକର୍ଷଣୀୟତା ହେଉଛି ଏକ ପ୍ରକାର ଶକ୍ତି। କିନ୍ତୁ ଏହା କୌଣସି ସମସ୍ୟା କ୍ଷେତ୍ରରେ ପ୍ରୟୋଗ ହୋଇ ନ ପାରେ ଏବଂ ଆମେରିକା ବାହାରେ ଏହାର ପ୍ରାସଙ୍ଗିକତା ରହି ନ ପାରେ। ଟ୍ରମ୍ପ୍‌ଙ୍କ ସପକ୍ଷବାଦୀମାନେ ଭାବୁଛନ୍ତି ଯେ, ଆମେରିକାର କୌଣସି ମିତ୍ର ଆବଶ୍ୟକ ନାହିଁ, କାରଣ ବିନା କାହାର ସାହାଯ୍ୟରେ ଏହାର ଶତ୍ରୁମାନଙ୍କୁ ଭୟଭୀତ କିମ୍ବା ଧମକ ଦେଇପାରିବ। କିନ୍ତୁ ଆମେ ଜାଣିଛେ, ଟ୍ରମ୍ପ୍ କାନାଡ଼ା କିମ୍ବା ମେକ୍ସିକୋ କ୍ଷେତ୍ରରେ ସେଭଳି କରିପାରିବେ ନାହିଁ, ଯେଭଳି ଚାଇନା, ଇରାନ କିମ୍ବା ରୁଷିଆ ଭଳି ଅନ୍ୟମାନଙ୍କ ଉପରେ ପଦକ୍ଷେପ ନେଉଛନ୍ତି। ତାହା କେବଳ ଦେଶ ଭିତରେ ହିଁ କାମ କରିବ। ଅନେକ ବର୍ଷ ହେଲା ଟ୍ରମ୍ପ୍ ଶୋଭାଯାତ୍ରା ଓ ସୋସିଆଲ ମିଡିଆରେ ତାଙ୍କ ଦେଶର ବିରୋଧୀଙ୍କ ବିରୋଧରେ ହିଂସାକୁ ଉସୁକାଇ ଆସିଛନ୍ତି। ଯେଉଁମାନେ ଟ୍ରମ୍ପ୍‌ଙ୍କୁ ମାନୁଛନ୍ତି ଓ ତାଙ୍କୁ ଜଣେ ଶକ୍ତିଶାଳୀ ବ୍ୟକ୍ତି ବୋଲି ବିଚାର କରୁଛନ୍ତି, ତାହା ସେମାନଙ୍କର ଦୁର୍ବଳତା। ସେମାନଙ୍କର ଏହି ଦୁର୍ବଳତା ସାରା ପୃଥିବୀରେ ଶକ୍ତିଶାଳୀ ଭାବେ ପ୍ରତିପାଦନ କରିପାରିବ ନାହିଁ।

ଗତ କିଛି ମାସ ହେଲା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଲକ୍ଷ୍ୟ କରି ଟ୍ରମ୍ପ୍ ସୋସିଆଲ ମିଡିଆରେ ଦୃଢ଼ ଭାବନା ଓ କ୍ରୋଧ ପ୍ରକାଶ କରିଆସିଛନ୍ତି। ୟୁକ୍ରେନ୍‌ରେ ଯୁଦ୍ଧ ବନ୍ଦ କରିବାକୁ ଦାବି କରିଛନ୍ତି। କିନ୍ତୁ ପୁଟିନ୍‌ଙ୍କ ଉପରେ ଏହା କୌଣସି ପ୍ରଭାବ ପକାଇ ନାହିଁ। ଦେଶରେ ବିନା କାରଣ ହିଂସା ଉସୁକାଇବା ଭଳି ପଦକ୍ଷେପ ବିଦେଶ ନେତାଙ୍କ କ୍ଷେତ୍ରରେ କାମ କରିବ ନାହିଁ। ରୁଷିଆର ଇର୍‌ସ୍କୁକ ସହରରେ କେହି ବି ପୁଟିନ୍‌ଙ୍କୁ ଧମକାଇବାକୁ କିମ୍ବା କ୍ଷତି କରିବାକୁ ବାହାରୁନାହାନ୍ତି। କାରଣ ଟ୍ରମ୍ପ୍ ଆଉ କିଛି ଇଣ୍ଟରନେଟରେ ପୋଷ୍ଟ କରିଥିଲେ। ଟ୍ରମ୍ପ୍ ପୋଷ୍ଟ କରିଥିବା କଟକଣା ଧମକକୁ ଜଣେ ଠିକ୍ ଭାବେ ବ୍ୟାଖ୍ୟା କରିପାରିବେ। ତାଙ୍କ କଥାର ଗୁରୁତ୍ୱ ରହିବ, ଯେତେବେଳେ ବାସ୍ତବରେ ଏକ ନୀତି ଥିବ କିମ୍ବା ଅନ୍ତତଃପକ୍ଷେ ସେଭଳି କିଛି ଗଠନ ହେବାର ସମ୍ଭାବନ ରହିଥିବ। କୌଣସି ନୀତି ନିର୍ଦ୍ଧାରଣ ପାଇଁ ଯୋଗ୍ୟ କର୍ମଚାରୀଙ୍କ ସହ ସଂସ୍ଥାଗୁଡ଼ିକ ରହିବା ଉଚିତ। କିନ୍ତୁ ଯେଉଁମାନେ ନୀତି ନିର୍ଦ୍ଧାରଣ କରି ତାହାକୁ କାର୍ଯ୍ୟକାରୀ କରିବେ, ଟ୍ରମ୍ପ୍‌ଙ୍କ ପ୍ରଥମ ନୀତି ସେମାନଙ୍କ ବିରୋଧରେ ଥିଲା। ଉଦାହରଣ ସ୍ୱରୂପ, ଯେଉଁମାନେ ୟୁକ୍ରେନ୍ ଓ ରୁଷିଆ ସମ୍ପର୍କରେ ଜାଣିଥିଲେ ସେମାନଙ୍କ ମଧ୍ୟରୁ ଅନେକେ ଟ୍ରମ୍ପ୍ ପ୍ରଶାସନର ପଦବୀରୁ ହଟିଗଲେଣି। ପରେ ୟୁକ୍ରେନୀୟ ସାର୍ବଭୌମତ୍ୱକୁ ନେଇ ରୁଷିଆକୁ ସୁହାଇଲା ଭଳି ଟ୍ରମ୍ପ୍‌ଙ୍କ ଅନିୟନ୍ତ୍ରିତ ପଦକ୍ଷେପଗୁଡ଼ିକ ଆସିଗଲା। ୟୁକ୍ରେନ୍ କିମ୍ବା ଅନ୍ୟ କୌଣସି ମିତ୍ରମାନଙ୍କୁ ନ ନେଇ ନିଜେ ଏଭଳି ପଦକ୍ଷେପ ସବୁ ନେଇଥିଲେ ମଧ୍ୟ ତାହା କାମ କଲା ନାହିଁ। ଟ୍ରମ୍ପ୍‌ଙ୍କ ସ୍ଥିତି ଏତେ ଦୁର୍ବଳ ଯେ, ପୁଟିନ୍ ସ୍ୱାଭାବିକ ଭାବେ ଧରିନେଇଥିଲେ ସେ ଅଧିକ କିଛି ପାଇପାରିବେ ଏବଂ ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣ ବଢ଼ାଇପାରିବେ।



ଗୋଟିଏ ବିଷୟ ସ୍ପଷ୍ଟ ଯେ, ଟ୍ରମ୍ପ୍ ଶକ୍ତିଶାଳୀ ବୋଲି ମସ୍କୋରେ କେହି ବି ଭାବନ୍ତି ନାହିଁ। କାର୍ଯ୍ୟ କରୁଥିବା ସଂସ୍ଥା ଓ ଦକ୍ଷ ସିଭିଲ ସର୍ଭାଣ୍ଟ ବିନା ଟ୍ରମ୍ପ୍ ଚାହିଁଲେ ମଧ୍ୟ ରୁଷିଆକୁ ଧମକାଇ ପାରିବେ ନାହିଁ। କଟକଣା ଲଗାଇବା ପାଇଁ ଅଳ୍ପ କିଛି ନୁହେଁ, ଅଧିକ ଚାକିରିଆ ଦରକାର। ତେବେ ବିଦେଶୀ ସରକାରଗୁଡ଼ିକ ବିଶ୍ୱାସ କରିବା ଦରକାର ଯେ, ଆମେରିକାର ଜଣେ ଅତି ଧନୀ ବ୍ୟକ୍ତି ବିଶେଷଙ୍କଠାରୁ ଡିପାର୍ଟମେଣ୍ଟ ଅଫ୍ ଟ୍ରେଜରି (ଅର୍ଥ ବିଭାଗ) ବଡ଼। ଦୁର୍ଭାଗ୍ୟବଶତଃ, ସେମାନଙ୍କ ଗୋଇନ୍ଦା ସଂସ୍ଥାଗୁଡ଼ିକ ସକ୍ରିୟ ନାହାନ୍ତି। ଆମେରିକା ସରକାରଙ୍କ ସଂସ୍ଥାଗୁଡ଼ିକର କ୍ଷତି ଆମେରିକାର ଶତ୍ରୁମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରୁଛି। ତେବେ ରୁଷୀୟମାନେ ଆଶା କରିଥିଲେ, ଟ୍ରମ୍ପ୍ ନିଶ୍ଚିତ ଭାବେ ହ୍ୱାଇଟ୍ ହାଉସ୍‌କୁ ଫେରିବେ, କାରଣ ସେ ଆମେରିକାକୁ ଦୁର୍ବଳ କରିଛନ୍ତି ବୋଲି ସେମାନେ ବିଶ୍ୱାସ କରିଥିଲେ। ଏବେ ଟ୍ରମ୍ପ୍ ସିଆଇଏ ଏବଂ ଏଫ୍‌ବିଆଇକୁ ଧ୍ୱସ୍ତ କରିଦେଇଛନ୍ତି। ତୁଲ୍‌ସୀ ଗବାର୍ଡ, କାଶ୍ ପଟେଲ ଏବଂ ପାମ୍ ବୋଣ୍ଡିଙ୍କ ଭଳି ବ୍ୟକ୍ତିଙ୍କୁ ଗୋଇନ୍ଦା ଓ ଆମେରିକାର ଆଇନ ପ୍ରବର୍ତ୍ତନର ଦାୟିତ୍ୱ ଦେଇ ସେମାନେ କେବଳ ଭାବି ପାରନ୍ତି ଯେ, ସମୟ ତାଙ୍କ ସପକ୍ଷରେ ରହିଛି। ସେଥିପାଇଁ ୟୁକ୍ରେନ୍‌ରେ ଯୁଦ୍ଧ ବିରତି ପାଇଁ ଟ୍ରମ୍ପ୍‌ଙ୍କ ଦାବିକୁ ପୁଟିନ ଅଣଦେଖା କରିଛନ୍ତି। ପୁଟିନ ନିଶ୍ଚିତ ଯେ, ଟ୍ରମ୍ପ୍‌ଙ୍କ ନିଷ୍କ୍ରିୟ ଆମେରିକା ପ୍ରତିକ୍ରିୟା ପ୍ରକାଶ କରିବାକୁ ଅକ୍ଷମ। ପୁଟିନ ମଧ୍ୟ ନିଶ୍ଚିତ ଯେ, ୟୁରୋପୀୟ ଦେଶଗୁଡ଼ିକ ଦୂରେଇ ଯାଇଛନ୍ତି ଏବଂ ଅନେକ ବର୍ଷ ଯୁଦ୍ଧ ପରେ ୟୁକ୍ରେନୀୟମାନେ ତାହାକୁ ଜାରି ରଖିବାକୁ ଅକ୍ଷମ ହେବେ।

ଯାହା ରୁଷିଆ ପାଇଁ ସତ, ତାହା ମଧ୍ୟ ଚାଇନା ପାଇଁ ପ୍ରଯୁଜ୍ୟ। ଶକ୍ତିଶାଳୀ ହେଲେ ବି ଦୁର୍ବଳ ବ୍ୟକ୍ତି ଭାବେ ଟ୍ରମ୍ପ୍ ପରୋକ୍ଷରେ ଚାଇନାକୁ ସାହାଯ୍ୟ କରିଛନ୍ତି। ଟ୍ରମ୍ପ୍‌ଙ୍କ ପୂର୍ବରୁ ସମୟ ଚାଇନା ସପକ୍ଷରେ ନ ଥିଲା। ଆମେରିକାର ଏକ ପିଢ଼ିର ଧାରଣା ଥିଲା ଯେ, ଚାଇନା ଅର୍ଥ ବ୍ୟବସ୍ଥାରେ ଓ ସାମରିକ କ୍ଷେତ୍ରରେ ଆମେରିକାକୁ ଟପିଯିବ। ହେଲେ ଏହା ସ୍ପଷ୍ଟ ଯେ, ତାହା ଘଟିବାକୁ ଆଉ ବେଶୀ ଡେରି ନାହିଁ। ଚାଇନା ଅତୀତରେ ଯାହା ପାଇବାକୁ ସଂଗ୍ରାମ କରିଥିଲା, ତାହା ସହଜରେ ନେଇଯିବ। ଓ୍ୱାଲ୍‌ଷ୍ଟ୍ରିଟ ଟିଏସିଓ (ଟାକୋ) ବାଣିଜ୍ୟରୁ ସ୍ୱଳ୍ପ ମିଆଦୀ ଲାଭ ଉଠାଇପାରେ, କିନ୍ତୁ ଓ୍ୱିକ୍ ଷ୍ଟ୍ରଙ୍ଗମ୍ୟାନ କ୍ଷତି ପହଞ୍ଚାଇବେ। ଟ୍ରମ୍ପ୍ ଆମେରିକାକୁ ଶକ୍ତିଶାଳୀ କରିଛନ୍ତି ବୋଲି ତାଙ୍କ ସମର୍ଥକମାନେ ବିଶ୍ୱାସ କରୁଥାଇପାରନ୍ତି, କିନ୍ତୁ ତାହା ଘଟିନାହିଁ। ଜଣେ ଶକ୍ତିଶାଳୀ ବ୍ୟକ୍ତି ଭାବେ ଟ୍ରମ୍ପ୍ ନୀତି, ଆଇନ ଏବଂ ସମ୍ପର୍କକୁ ନଷ୍ଟ କରିଦେଇଛନ୍ତି। ଜଣେ ଦୁର୍ବଳମନା ବ୍ୟକ୍ତି ଭାବେ ସେ ଏହାକୁ ମଧ୍ୟ ଆମନ୍ତ୍ରଣ କରିଛନ୍ତି।

**ପ୍ରଥମ ଚେୟାରମ୍ୟାନ, ମଡର୍ନ ୟୁରୋପିଆନ ହିଷ୍ଟ୍ରି, ମଙ୍କ୍ ସ୍କୁଲ ଅଫ୍ ଗ୍ଲୋବାଲ ଆଫେୟାର୍ସ ଆଣ୍ଡ ପବ୍ଲିକ ପଲିସି (ୟୁନିଭର୍ସିଟି ଅଫ୍ ଟରୋଣ୍ଟୋ)**

# ସଫଳତା ଓ ସୁଯୋଗ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଜଣେ କାମଟିଏ ଆରମ୍ଭ କରିବାକୁ ଇଚ୍ଛା କଲା ମାତ୍ରେ ତାକୁ ପ୍ରଥମେ ଯାହାର ଆବଶ୍ୟକତା ଥାଏ ତାହା ହେଉଛି ସୁଯୋଗ । ସେହି ସୁଯୋଗ ହିଁ ସମସ୍ତଙ୍କୁ ମିଳେ ନାହିଁ କିମ୍ବା ଏମିତି କହିପାରିବା କିଏ ମିଳିଥିବା ସୁଯୋଗକୁ ଚିହ୍ନିପାରେନି। ଆଉ କିଏ କିଏ ତ ସୁଯୋଗ ପାଇ ମଧ୍ୟ ତାକୁ ହାତଛଡ଼ା କରିଦିଅନ୍ତି। ମାତ୍ର ଯିଏ ଠିକ୍ ସମୟରେ ସୁଯୋଗକୁ ଚିହ୍ନି, ସେ ଦିଗରେ କାର୍ଯ୍ୟ କରିଯାଏ, ସିଏ ହିଁ କାର୍ଯ୍ୟ ଆରମ୍ଭର ପ୍ରଥମ ସୋପାନକୁ ଉନ୍ନୀତ ହୁଏ । ତେବେ ଖାଲି ସୁଯୋଗ ମିଳିଗଲେ ତ କାର୍ଯ୍ୟସିଦ୍ଧି ହେବ ନାହିଁ, କାର୍ଯ୍ୟଟିକୁ ଆଗକୁ ବଢେଇବା ପାଇଁ ବା ସଫଳତା ନାମକ ଶୀର୍ଷସ୍ଥାନକୁ ପହଞ୍ଚିବା ପାଇଁ ଯେଉଁ କାରକଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି ସହଯୋଗ । ଉଦାହରଣ ସ୍ୱରୂପ ଆପଣ ଗୋଟିଏ ଚାକିରି ପାଇଁ ଆବେଦନ କରିଛନ୍ତି। ଆପଣଙ୍କୁ ସାକ୍ଷାତକାର ପାଇଁ ଡକାଯାଇଛି। ସାକ୍ଷାତକାର ପରେ ଆପଣଙ୍କର ଚୟନ ହୋଇଛି ବୋଲି ସୂଚନା ମିଳିଛି । ଏଠାରେ ଆପଣ ଚାକିରି ପାଇଁ ମନୋନୀତ ହେବା ହେଉଛି ସୁଯୋଗ, ଯାହା ଜଣେ ନିଜ ଦକ୍ଷତା, କ୍ଷମତା, ଯୋଗ୍ୟତା ଦ୍ୱାରା ହାସଲ କରିପାରିଛି । ପରବର୍ତ୍ତୀ ସମୟରେ ଚାକିରିରେ ଯୋଗ ଦେବା ପାଇଁ ଆବଶ୍ୟକ ହେଉଥିବା ସରଞ୍ଜାମ, ସମୟ ଓ ପରିସ୍ଥିତି ଉପରେ ହିଁ ନିର୍ଭର କରେ ଯେ କାମଟି କେତେ ସୁରୁଖୁରୁରେ ହୋଇପାରିବ । ସୁତରାଂ ବ୍ୟକ୍ତିକୁ ପରିବାର, ସାଙ୍ଗସାଥୀଙ୍କର ସହଯୋଗ ଆବଶ୍ୟକ ହୁଏ । ଯଦି ସହଯୋଗ ନ ମିଳିଲା ତେବେ ସେ କାମ କରିବାରେ ହେଳା କରେ କିମ୍ବା ନିରାଶ ହୋଇ କାର୍ଯ୍ୟ କରିବା ଛାଡ଼ିଦିଏ । କହିବା ବାହୁଲ୍ୟ କାର୍ଯ୍ୟଟିର ସଫଳତା ପାଇଁ ସୁଯୋଗଟିଏର ଯେତେ ଆବଶ୍ୟକତା ଅଛି, ସହଯୋଗର ମଧ୍ୟ ସେତିକି ଆବଶ୍ୟକତା ରହିଛି ।

ତୃତୀୟ କାରକ ହେଉଛି ସ୍ୱାଧୀନତା, ଯାହାର ଅନୁପସ୍ଥିତି କାର୍ଯ୍ୟକୁ ଅସଫଳ କରିବାର କ୍ଷମତା ରଖେ। କାର୍ଯ୍ୟଟିକୁ ସଫଳତାର ଶୀର୍ଷ ଯାଏ ପହଞ୍ଚେଇବା ପାଇଁ ଯଦି ବ୍ୟକ୍ତିକୁ ସ୍ୱାଧୀନତା ନ ଦିଆଯାଏ, ଅର୍ଥାତ୍ ନାନା ବାରଣ, କଟକଣା, ବିରୋଧ କରାଯାଏ, କାର୍ଯ୍ୟଟି ସଫଳ ହେବା ଅସମ୍ଭବ ହୋଇପଡେ । ଯେମିତିକି ଚାକିରି ପାଇଁ ନିର୍ବାଚିତ ହେବା ପରେ ସାଥୀ କିମ୍ବା ପରିବାରର ସହଯୋଗ ମିଳିବା ପରେ ମଧ୍ୟ ଯଦି ବ୍ୟକ୍ତିକୁ ଅଯଥା ନିୟମ ଭିତରେ ବାନ୍ଧି ଦିଆଗଲା, ତା' ଇଚ୍ଛା ଅନୁଯାୟୀ କାମ କରିବାର ସ୍ୱାଧୀନତା ଦିଆଗଲା ନାହିଁ, ତେବେ ସେଇ କାମ କେବେହେଲେ ସଫଳ ହେବ ନାହିଁ । ମହିଳାମାନଙ୍କ କ୍ଷେତ୍ରରେ ଦେଖିଲେ ଯଦି ତାକୁ ଘର କାମ, ପିଲାଙ୍କ କାମ, ଘରର ବୟସ୍କ ଲୋକ ସମସ୍ତଙ୍କ କାମସାରି ଘରୁ ବାହାରି ଯିବାକୁ କିମ୍ବା ନିର୍ଦ୍ଦିଷ୍ଟ ସମୟ ଭିତରେ ଘରେ ଉପସ୍ଥିତ ହେବାକୁ ବାଧ୍ୟ କରାଯାଏ, ସେ ସୁଯୋଗ ଓ ସହଯୋଗ ପାଇଲେ ସୁଦ୍ଧା ସ୍ୱାଧୀନତା ଅଭାବରୁ କାମ କରିବାକୁ ସଫଳ ହୁଏ ନାହିଁ ।

ସ୍ୱାଧୀନତାର କଥା ଯେତେବେଳେ ଉଠିଛି, କେଉଁ ପ୍ରକାରର ସ୍ୱାଧୀନତା ବ୍ୟକ୍ତିଟିଏ ସାଧାରଣତଃ ଲୋଡିଥାଏ, ତା' ଉପରେ ବି ବିବରଣୀ ଦେବା ଜରୁରୀ ମନେହୁଏ। ମୁଖ୍ୟତଃ ଚାରିପ୍ରକାର ସ୍ୱାଧୀନତା ଯଥା ସମୟ, ଅର୍ଥ, ସମ୍ପର୍କ ଏବଂ ଅଭିପ୍ରାୟଜନିତ ସ୍ୱାଧୀନତା ହିଁ ବ୍ୟକ୍ତିର ସଫଳତାର ପଥ ଉନ୍ମୋଚନ କରେ। ଜୀବନର ସେଇ ସମୟତକ ଯଦି ନିଜକୁ ପସନ୍ଦ ଥିବା ଲୋକଙ୍କ ଗହଣରେ, ନିଜକୁ ଭଲ ଲାଗୁଥିବା କାମ କରି ଅତିବାହିତ କରାଯାଇପାରିଲା ତେବେ ସେ ସମୟ ଏକ ସୁନ୍ଦର ସ୍ମୃତି ହୋଇ ରହିଯାଏ । କାମଟି କରିବା ବେଳେ ଆବଶ୍ୟକ ହେଉଥିବା ନୂଆ ପଦ୍ଧତି, ପ୍ରକାର ପାଇଁ ଯଥେଷ୍ଟ ଅର୍ଥ ଦରକାର ହୁଏ, ଯାହାକୁ କାହାର ଚାପ, ବାରଣ କିମ୍ବା ବାଧ୍ୟ ବାଧକତାରେ କଲେ ତୀବ୍ର ଅସନ୍ତୋଷ ମିଳେ। ଆଉ ପୁଣି ଏଭଳି ଲୋକଙ୍କ ସାନ୍ନିଧ୍ୟ ଯାହାକୁ ଆପଣ ପ୍ରଶଂସା କରନ୍ତି ବା ଯିଏ ଆପଣଙ୍କୁ ପ୍ରେରିତ ଓ ଉତ୍ସାହିତ କରେ, ସେମାନଙ୍କ ସହ ମିଶି କାମ କଲେ ଆପଣ ଖୁସି ରହିବା ସହିତ ଲକ୍ଷ୍ୟସ୍ଥଳକୁ ସହଜ ଏବଂ ଶୀଘ୍ର ପହଞ୍ଚି ପାରିବେ। ଶେଷ ସ୍ୱାଧୀନତା ହେଉଛି ଅଭିପ୍ରାୟକୁ ନେଇ, ଯାହା ଠିକ୍ ରହିଲେ ଆଶ୍ଚର୍ଯ୍ୟଜନକ ସଫଳତା ହସ୍ତଗତ ହେବାର ନଜିର ରହିଛି। ଉପରୋକ୍ତ ଚାରୋଟି କ୍ଷେତ୍ରରେ ସ୍ୱାଧୀନତା ମିଳିଲେ ବ୍ୟକ୍ତିର କାର୍ଯ୍ୟଶୈଳୀ, ନିଷ୍ପତ୍ତି ନେବା କ୍ଷମତା, ସମ୍ପର୍କ ସ୍ଥାପନ କ୍ରମେ ସ୍ୱଚ୍ଛ ଏବଂ ଉନ୍ନତ ହୁଏ, ଯାହା ସଫଳତା ହାରକୁ ବୃଦ୍ଧି କରିବାରେ ସହାୟକ ହୁଏ । ଏଣୁ ଉପରୋକ୍ତ ସମ୍ୟକ ଆଲୋଚନା ପରେ ଆମେ ଏହି ନିର୍ଯ୍ୟାସରେ ପହଞ୍ଚିବା ଯେ ଆଲୋଚିତ ତିନୋଟି କାରକ ଯଥା ସୁଯୋଗ, ସହଯୋଗ ଓ ସ୍ୱାଧୀନତା ଏହି ତିନୋଟିରୁ ଯେକୌଣସି ଗୋଟିଏକୁ ବାଦ୍ ଦେଲେ ସଫଳତା ହାସଲ କରିବା ଅସମ୍ଭବ ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ଅରୁଣାଚଳପ୍ରଦେଶର ଜଣେ ମହିଳା ତାଙ୍କ ଗାଁରେ ପାରମ୍ପରିକ ଆଡ୍‌ଲେ ମିଲେଟ (ଏକ ପ୍ରକାର ମାଣ୍ଡିଆ) ଚାଷର ପୁନରୁଦ୍ଧାର କରିପାରିଛନ୍ତି। ଏହି ମହିଳା ଜଣକ ହେଉଛନ୍ତି ଡିମୁମ୍ ପରଟିନ୍ । ତାଙ୍କୁ ବୟସ ଏବେ ୩୨ । ତାଙ୍କ ଆଇମା' ଏହି ଚାଷ କରୁଥିଲେ ଓ କାଳକ୍ରମେ ତାହା ଆଉ ହୋଇପାରିଲା ନାହିଁ। ବିହନ ମଧ୍ୟ ଧୀରେ ଧୀରେ ବୁଡ଼ିଯାଇଥିଲା। ତେବେ ଡିମୁମ୍‌ଙ୍କ ଚେଷ୍ଟା ଯୋଗୁ ଏବେ ଗାଁରେ ଲୋକେ ଏହି ମିଲେଟ ଚାଷ କରୁଛନ୍ତି। ଡିମୁମ୍ ଚାକିରି କରିଥିଲେ ଓ ତାହାକୁ ଛାଡ଼ି ୨୦୨୧ରେ ଗାଁକୁ ଫେରି ଚାଷ ଆରମ୍ଭ କରିଥିଲେ। କିନ୍ତୁ ପାରମ୍ପରିକ ମିଲେଟ ବିହନ ସଂଗ୍ରହ କରିବାକୁ ତାଙ୍କୁ ବହୁ ସମୟ ଲାଗିଯାଇଥିଲା। ପରେ ଗାଁରେ ୮୦ ମହିଳାଙ୍କୁ ଏକାଠି କରି ଚାଷ ଆରମ୍ଭ କରିଥିଲେ। ଏଥିପାଇଁ ସେ 'ଜେପୋ ଆଲି' ଷ୍ଟାର୍ଟଅପ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଜେପୁ ଅର୍ଥ ଆରାମ ଓ ଆଲି ଅର୍ଥ ହଳଦିଆ ବିହନ। ତେବେ ତାଙ୍କ ଟିମ୍ ଏହି ଚାଷକୁ ବଣୁଆ ମାଙ୍କଡ଼ ଓ ହାତୀଙ୍କ ମହଁରୁ ବଞ୍ଚାଇ ଉତ୍ପାଦନ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଏହାକୁ ଏବେ ସେ ବିଦେଶରେ ବି ପହଞ୍ଚାଇଛନ୍ତି। ମିଲେଟ ଚାଷକୁ ବ୍ୟାପକ କରିବା ପାଇଁ ସେ ଏକ ସିଡ୍‌ଥ ବ୍ୟାଙ୍କ ମଧ୍ୟ କରିଛନ୍ତି। ଏଠାରୁ ଚାଷୀମାନଙ୍କୁ ଶସ୍ତାରେ ବିହନ ଯୋଗାଇ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

୧୩ ଜୁନ୍ ୧୯୭୬

- ନୂତନ ସାହିତ୍ୟ ସୃଷ୍ଟି ଲାଗି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଏକ ନୂତନ ଯୋଜନା ପ୍ରବର୍ତ୍ତନ କରାଯାଇଛି।
- ସିମ୍‌ଲାସ୍ଥିତ ଛମ୍ବାପଟ୍ଟନଠାରେ ଏକ ଡଙ୍ଗା ନଦୀରେ ଓଲଟି ପଡ଼ିବା ଫଳରେ ୩୧ ଜଣଙ୍କ ମୃତ୍ୟୁ।
- ଭାରତୀୟ ଖାଦ୍ୟ କର୍ପୋରେସନ ମିଶରରୁ ୧୦ ହଜାର ଟନ ଚାଉଳ ଆମଦାନୀ ନେଇ ଏକ ରାଜିନାମା ସ୍ୱାକ୍ଷରିତ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 6 | | | | 9 | | | |
| | | | 1 | 3 | | | | 2 |
| 9 | | | | | | | | |
| | | | | 5 | 2 | 9 | 1 | 6 |
| | | | 7 | 6 | | | | 4 |
| | | | | | | 2 | | |
| 8 | | 3 | | | | 4 | | |
| | | 1 | 8 | 7 | | | 6 | |
| | | | | | 4 | 8 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 1 | 9 | 3 | 8 | 4 | 7 | 6 |
| 8 | 4 | 3 | 7 | 6 | 1 | 9 | 2 | 5 |
| 9 | 6 | 7 | 2 | 4 | 5 | 8 | 3 | 1 |
| 3 | 9 | 5 | 4 | 2 | 7 | 6 | 1 | 8 |
| 1 | 2 | 6 | 8 | 5 | 9 | 3 | 4 | 7 |
| 4 | 7 | 8 | 6 | 1 | 3 | 5 | 9 | 2 |
| 7 | 1 | 4 | 3 | 8 | 6 | 2 | 5 | 9 |
| 6 | 3 | 9 | 5 | 7 | 2 | 1 | 8 | 4 |
| 5 | 8 | 2 | 1 | 9 | 4 | 7 | 6 | 3 |

ଗତକାଲିର ଉତ୍ତର

# ପ୍ଲାଷ୍ଟିକ ସଙ୍କଟ ଓ ପ୍ରତିକାର



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଏକ ଚମତ୍କାର ସାମଗ୍ରୀ ରୂପେ ପ୍ଲାଷ୍ଟିକ୍‌ର ବ୍ୟବହାର ଉପରେ ମାନବଜାତିର ନିର୍ଭରଶୀଳତା କ୍ରମଶଃ ଯେତିକି ବୃଦ୍ଧିପ୍ରାପ୍ତ ହେଉଛି, ବୈଜ୍ଞାନିକ ଗବେଷଣାଲବ୍ଧ ତଥ୍ୟସବୁ ଏହାର ନକାରାତ୍ମକ ଦିଗକୁ ସେତେ ସ୍ପଷ୍ଟ ଭାବରେ ଉନ୍ମୋଚିତ କରୁଛି। ଏକ ବୈପ୍ଳବିକ ପରିବର୍ତ୍ତନକାରୀ ସାମଗ୍ରୀ ରୂପେ ବିଂଶ ଶତାବ୍ଦୀରେ ଯାହାର ପ୍ରୟୋଗ କ୍ରମେ ଶିଳ୍ପ ଦୃଶ୍ୟପଟକୁ ନିର୍ଣ୍ଣାୟକ ଭାବରେ ପରିବର୍ତ୍ତିତ ଏବଂ ଦୈନନ୍ଦିନ ଜୀବନରେ ବ୍ୟାପକ ଉନ୍ନତି ସାଧନ କରିଥିଲା, ତାହା ସମ୍ପ୍ରତି ଏକବିଂଶ ଶତାବ୍ଦୀରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବେଶୀୟ ଆହ୍ୱାନ ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ରୂପେ ପରିଗଣିତ ହେଉଛି। ଏହାର ସୁଦୀର୍ଘ ଜୀବନ ଅବଧି, ଅ-ଜୈବବିଘଟନଶୀଳ ପ୍ରକୃତି ଏବଂ ଗ୍ରହ ଉପରେ ବିନାଶକାରୀ ପ୍ରଭାବ ଯୋଗୁ ଏହା ଜୀବଜଗତର ଶତ୍ରୁ ରୂପେ ଉଭା ହୋଇଛି। ପ୍ରଲମ୍ବିତ ସମୟ ବାହ୍ୟ ପରିବେଶରେ ଜମିରହି ପ୍ଲାଷ୍ଟିକ ପଦାର୍ଥ ବିଶ୍ୱର କୋଣ ଅନୁକୋଣରେ କେବଳ କୁତ୍ସିତ ଦୃଶ୍ୟ ଓ ପ୍ରଦୂଷଣ ସୃଷ୍ଟିର କାରଣ ହେଉନାହିଁ, ଏହା ବିଭିନ୍ନ ପରିବେଶୀୟ ଚାପର ବଶବର୍ତ୍ତୀ ହୋଇ ମାଇକ୍ରୋପ୍ଲାଷ୍ଟିକ ଏବଂ ନାନୋପ୍ଲାଷ୍ଟିକ ପରି କ୍ଷୁଦ୍ର, ଅଦୃଶ୍ୟ କଣିକାରେ ପରିଣତ ହେଉଛି। ଏସବୁ ବିଷାକ୍ତ କଣିକା ପାନୀୟ ଜଳ, ନିଃଶ୍ୱାସର ବାୟୁ ଏବଂ ଖାଦ୍ୟ ମାଧ୍ୟମରେ ଜୀବଜନ୍ତୁ ତଥା ମାନବ ଶରୀରରେ ପ୍ରବେଶ କରି ଅଜ୍ଞାତରେ ବହୁ ସ୍ୱାସ୍ଥ୍ୟ ସମସ୍ୟା, ଏପରି କି କର୍କଟ ରୋଗର କାରଣ ପାଲଟୁଛି। ପ୍ଲାଷ୍ଟିକପ୍ରଦୂଷଣକୁରୋକିବା ପାଇଁପ୍ଲାଷ୍ଟିକସମସ୍ୟାର ସମାଧାନ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ସହ ଏହାକୁ ଏକ ଜନ ଆନ୍ଦୋଳନରେ ରୂପାନ୍ତରିତ କରିବା ପାଇଁ ବିଶ୍ୱବ୍ୟାପୀ ଜନସାଧାରଣଙ୍କୁ ସଂଶ୍ଳିଷ୍ଟ କରାଯିବା ଦରକାର। ଏହା ବ୍ୟକ୍ତି, ନାଗରିକ ସମାଜ, ବ୍ୟବସାୟ, ଶିଳ୍ପ ସଂସ୍ଥା ଏବଂ ସରକାର, ସମସ୍ତଙ୍କୁ ପ୍ଲାଷ୍ଟିକ ଅପଚୟ ହ୍ରାସ କରିବା ଏବଂ ସହନୀୟ ଅଭ୍ୟାସକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରୋତ୍ସାହିତ କରିବ। ସମ୍ପ୍ରତି 'ଗ୍ଲୋବାଲ ପ୍ଲାଷ୍ଟିକ୍ସ ହବ' ନାମରେ ଏକ ପ୍ରମୁଖ ବୈଶ୍ୱିକ ଡିଜିଟାଲ ପ୍ଲାଟଫର୍ମ ସ୍ଥାପିତ ହୋଇଛି, ଯାହା ପ୍ଲାଷ୍ଟିକ ପ୍ରଦୂଷଣର ସମାପ୍ତି ନିମନ୍ତେ ଆବଶ୍ୟକ ତଥ୍ୟ, ଜ୍ଞାନ ଏବଂ ସହଯୋଗ ପ୍ରଦାନ କରି ବିଶ୍ୱ ପରିବେଶ, ମାନବ ସୁସ୍ଥତା ଏବଂ ପ୍ରାଣୀ କଲ୍ୟାଣ ସାଧନର ଲକ୍ଷ୍ୟ ରଖେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ପ୍ଲାଷ୍ଟିକ୍‌ର ଲୋକପ୍ରିୟତାରେ ବ୍ୟାପକ ବୃଦ୍ଧି ଏବଂ ଉତ୍ପାଦନ କ୍ଷେତ୍ରରେ ପ୍ରଭୂତ ଉନ୍ନତି ସଂଘଟିତ ହେଲା । ପ୍ଲାଷ୍ଟିକ ପ୍ରସ୍ତୁତିରେ ବ୍ୟବହୃତ ଉଚ୍ଚ ସାନ୍ଦ୍ରତା ବିଶିଷ୍ଟ ପଲିମର ଆବିଷ୍କାର ନିମନ୍ତେ ୧୯୬୩ରେ କାର୍ଲ ଜିଗଲର୍ ଏବଂ ଗିଉଲିଓ ନାଟ୍ଟାଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ ଏକ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କଲା। ଏକ ଚମତ୍କାର ସାମଗ୍ରୀ ଭାବରେ ପ୍ଲାଷ୍ଟିକ୍‌ର ଉପଯୋଗରେ ପ୍ରସ୍ତୁତ ବିଭିନ୍ନ ପଦାର୍ଥ ଶସ୍ତାରେ ଉପଲବ୍ଧ, ଛାଞ୍ଚରେ ସହଜରେ ତିଆରି ହେବା, ବିଦ୍ୟୁତ୍ କୁପରିବାହୀ, ଉଭୟ କଠିନ ଏବଂ ତରଳ ପଦାର୍ଥର ବହନକାରୀ ଏବଂ ଅବକ୍ଷୟ ଓ ଭାଙ୍ଗିଯିବାର ପ୍ରତିରୋଧୀ ଥିବାରୁ ଅଧିକ ଉପଯୁକ୍ତ ସାବ୍ୟସ୍ତ ହେଲା। ବିଭିନ୍ନ ପଦାର୍ଥର ପ୍ୟାକେଜିଂ ଏବଂ ବୟନଶିଳ୍ପଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ, ଯାନବାହନ ଏବଂ ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ, ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପ୍ଲାଷ୍ଟିକ ପ୍ରବେଶରେ ବୃଦ୍ଧି ଘଟିଲା।



ରାସାୟନିକ ଦୃଷ୍ଟିକୋଣରୁ ପ୍ଲାଷ୍ଟିକ ସବୁ ହେଉଛନ୍ତି ସଂଶ୍ଳେଷିତ ପଲିମର, ଯାହା ମୁଖ୍ୟତଃ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ କୋଇଲା ପରି ପ୍ରାକୃତିକ ସମ୍ପଦରୁ ଉତ୍ପନ୍ନ ହୋଇଥାଏ। ଏସବୁ ବ୍ୟବହାର ପରେ ବାହ୍ୟ ପରିବେଶକୁ ନିଷ୍କାସିତ ହୋଇ ସେଠାରେ ଜମି ରହିଲେ ସହଜରେ ବୀଜାଣୁମାନଙ୍କ ଦ୍ୱାରା ବିଘଟିତ ହୁଅନ୍ତି ନାହିଁ। ଏକ ପଲିଥିନ ବ୍ୟାଗ ନଷ୍ଟ ହେବାକୁ ହଜାରେରୁ ଅଧିକ ବର୍ଷ ପର୍ଯ୍ୟନ୍ତ ସମୟ ନେଇପାରେ ଏବଂ ତତ୍ପରେ ଏହା ମଧ୍ୟ ମାଇକ୍ରୋପ୍ଲାଷ୍ଟିକ ଏବଂ ନାନୋପ୍ଲାଷ୍ଟିକ ପରି ଅତ୍ୟନ୍ତ କ୍ଷୁଦ୍ର, ବିଷାକ୍ତ କଣିକାକୁ ଭାଙ୍ଗିଥାଏ। ମହାସାଗରଗୁଡ଼ିକରେ ବିଲିଅନ ସଂଖ୍ୟାରେ ଏସବୁ କଣିକା ପ୍ରଦୂଷକ ରୂପେ ଜମିରହିଛି। ସମ୍ପ୍ରତି ବିଶ୍ୱରେ ବାର୍ଷିକ ୪୩୦ ନିୟୁତ ଟନ୍‌ରୁ ଅଧିକ ପରିମାଣର ପ୍ଲାଷ୍ଟିକ ଉତ୍ପାଦିତ ହେଉଛି, ଯେଉଁଥିରୁ ଅନ୍ୟୂନ ୧୪-୧୭ ନିୟୁତ ଟନ ସ୍ଥଳଭାଗରୁ ସାମୁଦ୍ରିକ ପରିସଂସ୍ଥାକୁ ପ୍ରବେଶ କରୁଛି। ପୂର୍ବାନୁମାନ ଅନୁଯାୟୀ ୨୦୫୦ ସୁଦ୍ଧା ସମୁଦ୍ରରେ ଓଜନ ତୁଳନାରେ ମାଛଙ୍କ ଅପେକ୍ଷା ପ୍ଲାଷ୍ଟିକର ପରିମାଣ ଅଧିକ ହୋଇପାରେ। ସ୍ଥଳଭାଗରେ, ବିଭିନ୍ନ ପ୍ଲାଷ୍ଟିକ ବର୍ଜ୍ୟ ସାଧାରଣ ପରିବେଶ, ମୃତ୍ତିକା ଏବଂ ଜଳକୁ ପ୍ରଦୂଷିତ କରେ, ଯାହା ଦ୍ୱାରା କୃଷି ଏବଂ ମଧୁରଜଳ ବ୍ୟବସ୍ଥା ପ୍ରଭାବିତ ହୁଏ। ପ୍ଲାଷ୍ଟିକ୍‌ର ବ୍ୟାପକ ବ୍ୟବହାର ଅଧୁନା ଏକ ସୁବିଧାଜନକ, ଉପଭୋକ୍ତାବାଦ ଏବଂ 'ଫୋପାଡ଼ିବା' ସଂସ୍କୃତି ସୃଷ୍ଟି କରିଛି। ଯେଉଁ ଉପଯୋଗିତା ନିମନ୍ତେ ଏକଦା ଏହା ପ୍ରଶଂସିତ ହେଉଥିଲା, ତାହା ଆଜି ଏକ ବିଶ୍ୱ ସଙ୍କଟର କାରଣ ପାଲଟିଛି। ପ୍ଲାଷ୍ଟିକ ପ୍ରଦୂଷଣର ମୁକାବିଲା ନିମନ୍ତେ ବୈଶ୍ୱିକ ପ୍ରୟାସ ଜାରି ରହିଛି ଏବଂ ଜୈବଅବକ୍ଷୟଯୋଗ୍ୟ ପ୍ଲାଷ୍ଟିକ ପ୍ରସ୍ତୁତି କ୍ରମେ ବାସ୍ତବତାର ରୂପ ଧାରଣ କରୁଛି। ଆଜିର ଆବଶ୍ୟକତା ହେଉଛି ପ୍ଲାଷ୍ଟିକ ଉତ୍ପାଦନ, ବ୍ୟବହାର ଏବଂ ପରିଚାଳନାରେ ଏକ ପଦ୍ଧତିଗତ ପରିବର୍ତ୍ତନ ଘଟାଇବା। ପୁନଃବ୍ୟବହାରଯୋଗ୍ୟ ଉତ୍ପାଦଗୁଡ଼ିକୁ ପ୍ରାଧାନ୍ୟ ଦେଇ ଏକକ ବ୍ୟବହୃତ ପ୍ଲାଷ୍ଟିକ ଉପରେ ଆମର ନିର୍ଭରଶୀଳତାରେ ହ୍ରାସ ଘଟାଇବା ହିଁ ଆଜିର ଆହ୍ୱାନ। ପ୍ଲାଷ୍ଟିକର ବିନାଶକାରୀ ପ୍ରଭାବକୁ ପ୍ରତିହତ କରିବା ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏକକ ବ୍ୟବହୃତ ସାମଗ୍ରୀ ଉପରେ ନିଷେଧାଦେଶ ଜାରି କରିଥିଲେ ସୁଦ୍ଧା ଏସବୁର ଉତ୍ପାଦନ, ବ୍ୟବସାୟ ଏବଂ ବ୍ୟବହାର ପୂର୍ବବତ୍ ଚାଲୁରହିଛି। ପ୍ଲାଷ୍ଟିକ ସମସ୍ୟାର ସମାଧାନ ନିମନ୍ତେ ଜାତିସଂଘ ସମ୍ପ୍ରତି ଏକ 'ଆନ୍ତଃସରକାରୀ ଚୁକ୍ତିକାରୀ କମିଟି' ମାଧ୍ୟମରେ ଏକ ଆଇନଗତ, ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଚୁକ୍ତିନାମା ବିକଶିତ କରୁଛି, ଯାହା ସମ୍ଭବତଃ ୨୦୨୫ରୁ କାର୍ଯ୍ୟକାରୀ ହୋଇପାରେ। ଏପରି ପୃଷ୍ଠଭୂମିରେ ପ୍ଲାଷ୍ଟିକ-ସମ୍ପର୍କିତ ବୈଶ୍ୱିକ ଆହ୍ୱାନର ସ୍ଥାୟୀ ସମାଧାନ ନିମନ୍ତେ ମାନବସମାଜର ପ୍ରତିଶ୍ରୁତିବଦ୍ଧତା ଓ ବିଜ୍ଞତାର ପ୍ରଦର୍ଶନ ଏକାନ୍ତ ଅପରିହାର୍ଯ୍ୟ, ଯାହା ଆମ ଗ୍ରହକୁ ପ୍ରଦୂଷଣ-ମୁକ୍ତ, ସବୁଜିମା ପରିପୂର୍ଣ୍ଣ ଏବଂ ନିରନ୍ତର ବିକାଶ ମାର୍ଗରେ ଅଗ୍ରସର ହେବାର ପଥ ଉନ୍ମୁକ୍ତ କରିବ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

## ପାଠକ ଶ୍ରେଷ୍ଠ ବିଚାରକ

### ସଭିଏ ଚିନ୍ତା କରନ୍ତୁ

ମହାଶୟ,
ଏଇ କିଛିଦିନ ତଳେ କଟକ ନୂଆ ବସ୍‌ଷ୍ଟାଣ୍ଡ ଶୌଚାଳୟକୁ ଯାଇଥିବା ସମୟରେ ହଠାତ୍ ଏକ ପୂତି ଗନ୍ଧମୟ ଗଦା ମଧ୍ୟରେ ମହାପ୍ରଭୁ ଜଗନ୍ନାଥଙ୍କ ଏକ ରଙ୍ଗିନ ଫଟୋ ଥାଇ ଏକ ଖାଲି ଖାଦ୍ୟ ପୁଡ଼ିଆ(ହାତ ତିଆରି ବାଦାମ ଚକି ପୁଡିଆ) ପଡ଼ିଥିବା ଦେଖି ତଟସ୍ଥ ହେଲି। ଉକ୍ତ ଖାଦ୍ୟ ପୁଡିଆଟି ଓଡ଼ିଶାର ଏକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ବାଦାମ ଚକିର ପ୍ୟାକେଟ ଥିଲା। ଭଗବାନଙ୍କ ଏପରି ଅବସ୍ଥା ଦେଖି ତାଙ୍କୁ ଉଦ୍ଧାର କରିବାର ଚାରା ମୋର ନ ଥିଲା। ମୁଁ ନାଚାର ଥାଇ ସେଠାରେ ମୁଁ ତାଙ୍କୁ କ୍ଷମା ମାଗିଥିଲି। ଏଇଟି ଗୋଟିଏ ଆଖିଦେଖା ଉଦାହରଣ। ଦୈନିକ ଏମିତି ବିଭିନ୍ନ ଦେବଦେବୀଙ୍କ ଚିତ୍ରକୁ ନିଶ୍ଚୟ ଅବମାନନା କରାଯାଉଥିବ। ଏପରି କି ଆମେ ଅଜାଣତରେ ରାସ୍ତାରେ ପଡିଥିବା ବିଭିନ୍ନ ଦେବଦେବୀଙ୍କ ଚିତ୍ରକୁ ପାଦରେ ମାଡ଼ିଦେଉଥିବା। ଆମ ମତରେ କୌଣସି ସାମଗ୍ରୀ ପୁଡ଼ିଆରେ କୌଣସି ଧର୍ମର ଦେବଦେବୀ ବା ଧାର୍ମିକ ଚିହ୍ନର ପ୍ରତୀକ ରଖା ନ ଯିବାକୁ ଭାରତ ସରକାର ଏକ କଡ଼ା ଆଇନ ପ୍ରଣୟନ କରନ୍ତୁ। ଏହା କରିବା ଉଚିତ ନୁହେଁ କି ? ଏଥିପାଇଁ ସଭିଏ ଚିନ୍ତା କରିବା ଉଚିତ।

**-ଚିନ୍ମୟ କୁମାର ମଲ୍ଲିକ, ଧଳସାହିଛକ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କବୀର, ନାନକ, ବୁଦ୍ଧ,
ଚୈତନ୍ୟ, ଶଙ୍କର
କଲେ ଯହିଁ ସମାବେଶ
ସକଳ ଧର୍ମର।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରହସ୍ୟମୟ ପଟିଦିଅଁ



ଅନନ୍ତ ବାସୁଦେବ ରୂପରେ ଶ୍ରୀବଳଭଦ୍ର, ମା' ଭୁବନେଶ୍ୱରୀ ରୂପରେ ଦେବୀ ସୁଭଦ୍ରା ଏବଂ ଅନନ୍ତ ନାରାୟଣ ରୂପରେ ପୂଜିତ ଶ୍ରୀଜଗନ୍ନାଥଙ୍କ ପଟିଦିଅଁ।

ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ବିଶ୍ରାମ ନେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ବର୍ତ୍ତମାନ ଶ୍ରୀମନ୍ଦିରରେ ପଟିଦିଅଁଙ୍କ ପୂଜା ଆରମ୍ଭ ହୋଇଛି। ଅଣସର ସମୟରେ ପଟିଦିଅଁ ପୂଜା ପରମ୍ପରା ରହିଛି। ଏହି ପଟଚିତ୍ରକୁ ଶ୍ରୀମନ୍ଦିର ଚିତ୍ରକର ସେବକମାନେ ପ୍ରସ୍ତୁତ କରିଥା'ନ୍ତି। ଶ୍ରୀମନ୍ଦିରରେ ପ୍ରଚଳିତ ପଟିଦିଅଁ ନିର୍ମାଣ ପରମ୍ପରାରୁ ପଟଚିତ୍ର ବିକଶିତ ହୋଇ ଆଜି ବିଶ୍ୱକୁ ବିମୋହିତ କରୁଛି। ମହାପ୍ରଭୁଙ୍କ ମାହାରୀ ପରମ୍ପରାରୁ ଗୋଟିପୁଅ ନୃତ୍ୟ, ଗୋଟିପୁଅ ନୃତ୍ୟରୁ ଓଡ଼ିଶୀ ନୃତ୍ୟ ବିକାଶଲାଭ କରି ଆଜି ଯେପରି ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି, ଠିକ୍ ସେହିପରି ଚିତ୍ରଶିଳ୍ପୀ ପ୍ରାକୃତିକ ରଙ୍ଗରେ ଉପାସନା ପାଇଁ ଯେଉଁ ପଟିଦିଅଁ ଆଙ୍କି ଦେଇଥିଲା, ତାହା କାଳକ୍ରମେ ପଟଚିତ୍ରରେ ପରିଣତ ହୋଇ ବିଶ୍ୱରେ ବିସ୍ମୟ ସୃଷ୍ଟି କରିଛି ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ମତ ପ୍ରକାଶ କରିଛନ୍ତି। ଡ. ମିଶ୍ର ସୂଚନା ଦେଇ କହିଛନ୍ତି, ଓଡ଼ିଶାରେ ଗୋବରଲିପା କାନ୍ଥରୁ ଚିତ୍ରକଳା ବିକାଶ ଲାଭ କରିଥିଲା। ଅରୁଆ ଚାଉଳକୁ ବାଟି ତାକୁ ପାଣିଆ କରି କାନ୍ଥରେ ଓ ମାଟିରେ ପ୍ରଥମେ ଚିତ୍ର ଅଙ୍କାଯାଉଥିଲା। ଏହା ଉପାସନାରେ ସାମିଲ ହୋଇ ଆଜି ବି ଓଡ଼ିଶାରେ ଚିତାଲାଗି ଅମାବାସ୍ୟା ଏବଂ ଗୁରୁବାର ମାଣବସା ସମୟରେ ଏହି ଚିତ୍ର ପରମ୍ପରା ଦେଖିବାକୁ ମିଳେ। ମାଟିଚିତ୍ରରୁ ଶିଳ୍ପୀ ପହଞ୍ଚିଥିଲା କାଠ ଚିତ୍ରରେ। ସେହିପରି କାଠଚିତ୍ରରୁ ଏହା ଯାଇ ପହଞ୍ଚିଥିଲା ପଥର ଚିତ୍ରରେ। ପଥର ଚିତ୍ର ଦିନେ ତାଳବରଡ଼ା ପୋଥିରେ ପହଞ୍ଚିଥିଲା। ହଜାରେ ବର୍ଷ ତଳର ତାଳବରଡ଼ାର ଚିତ୍ରପୋଥି ଆଜି ବି ଓଡ଼ିଆ ଶିଳ୍ପୀର ଗରିମାର କଥା କୁହେ। କବି ଶବ୍ଦରେ ସୃଷ୍ଟି କରେ କାବ୍ୟ ଓ ପୁରାଣ। ଚିତ୍ରଶିଳ୍ପୀ ସମ୍ପୃକ୍ତ କାବ୍ୟ ବା ପୁରାଣର କଥା କହେ ଚିତ୍ରରେ। ଚିତ୍ର ପୋଥିଟିଏ ଦେଖିଦେବା ବା ପୁରାଣର ବିଷୟବସ୍ତୁ ଜାଣିପାରେ ପାଠକ। ସେଇ ଚିତ୍ରପୋଥି ଆପେ ଆପେ ରଙ୍ଗରେ ସଜେଇ ହେଲା। ଓଡ଼ିଶାର ଚିତ୍ରଶିଳ୍ପୀ ନମସ୍ୟ। ଆଜି ବି ରଙ୍ଗର ଚିତ୍ର ପୋଥି ବିଭୋର କରିଦିଏ ମଣିଷକୁ, ଯାହା ବିକାଶ ହୋଇ ପଟଚିତ୍ରରେ ପହଞ୍ଚିଛି। ତାଳବରଡ଼ାରେ ଓଡ଼ିଆ ଶିଳ୍ପୀ ସୃଷ୍ଟି କରିଥିବା ପଟଚିତ୍ର ଓଡ଼ିଶାର ଐତିହ୍ୟର କଥା କୁହେ। ତେବେ ଯେଉଁ ପଟିଦିଅଁ ଚିତ୍ରରୁ ପଟଚିତ୍ରରେ ଆମେ ପହଞ୍ଚିଛନ୍ତି, ସେ ଚିତ୍ରରେ କ'ଣ ରହସ୍ୟ ଅଛି! କି କଥା କୁହେ ସେ ଚିତ୍ର! ଯା'ର ରହସ୍ୟ କି ସାମାଜିକ ବାର୍ତ୍ତା ଦେଉଛି! ଯାକୁ ହିଁ ଆମେ ବିଚାର କରିବା। ଶ୍ରୀଜଗନ୍ନାଥଙ୍କ ଉପାସନା ଧାରାରେ ପ୍ରତ୍ୟେକ ନୀତି, ଯାନିଯାତ୍ରା, ବେଶ ଓ ଉତ୍ସବ ତଥା ମହୋତ୍ସବ ସାମାଜିକ ଦୃଷ୍ଟିରୁ ରହସ୍ୟମୟ। ଏହି ରହସ୍ୟଗୁଡ଼ିକ ମାନବୀୟ ମୂଲ୍ୟବୋଧର ପ୍ରତୀକ। ମାନବୀୟ ମୂଲ୍ୟବୋଧ କହିବାର ତାତ୍ପର୍ଯ୍ୟ ଖୁବ୍ ସରଳ। ମଣିଷର ବ୍ୟକ୍ତିଗତ କଲ୍ୟାଣରେ ଏହା କେବଳ ସୀମିତ ନୁହେଁ, ଜଗତକଲ୍ୟାଣ ଭାବନା ଏହାର ମୂଳଭିତ୍ତି। ଉପାସନାର ଆଭିମୁଖ୍ୟରେ ରହିଥିବା ଜଗତ କଲ୍ୟାଣ ଚିନ୍ତାଧାରା ଯୋଗୁ ମହାପ୍ରଭୁଙ୍କ ପ୍ରତ୍ୟେକ ନୀତି-କାନ୍ତି, ପୂଜା-ପାର୍ବଣ ଓ ମହୋତ୍ସବ ସାମାଜିକ ଅଙ୍ଗୀକାର ଲାଭ କରିଛି। ସମାଜର ସବୁ ବର୍ଗର ସାଧାରଣ ଲୋକଟିଏ ଏଥିରେ ଜଡ଼ିତ ହୋଇଯିବା ହେଉଛି ଏହାର ମୁଖ୍ୟ କାରଣ। ଶ୍ରୀଜଗନ୍ନାଥଙ୍କ ଉପାସନା ଧାରା ଶାନ୍ତିର ଧାରା। ସେଥିପାଇଁ ପଞ୍ଚରାତ୍ରଧାରାରେ ଶ୍ରୀଜଗନ୍ନାଥଙ୍କୁ ପରମାତ୍ମା, ଶ୍ରୀବଳଭଦ୍ରଙ୍କୁ ଜୀବ, ଦେବୀ ସୁଭଦ୍ରାଙ୍କୁ ମନ ଓ ଶ୍ରୀସୁଦର୍ଶନଙ୍କୁ ଅହଙ୍କାରର ପ୍ରତୀକ ରୂପେ ଗ୍ରହଣ କରାଯାଇ ଉପାସନା କରାଯାଏ। ଜୀବ ଯେତେବେଳେ ପରମାତ୍ମା ସଂଯୁକ୍ତ ହୋଇ ଅହଙ୍କାରରୁ ମୁକ୍ତ ହୋଇଯାଏ, ସେତେବେଳେ ତା' ମନରେ ଏକ ଶାନ୍ତିର ଭାବ ତାକୁ ପରମ ସୁଖ ଦିଏ। ଭାବର ବଶିରେ ପୁଷ୍ପ ମଧୁର ଗନ୍ଧ ତାକୁ ପରିପୂର୍ଣ୍ଣ କରିଦିଏ। ମହାପ୍ରଭୁଙ୍କୁ ପ୍ରଥମେ ଅଲାଉକାନେ ଶ୍ରୀବାସୁଦେବ-ବିଷ୍ଣୁ ରୂପେ ଗ୍ରହଣ କରିଥିଲେ। ଶ୍ରୀରାମାନୁଜାଚାର୍ଯ୍ୟ ଶ୍ରୀବାସୁଦେବଙ୍କ ସହିତ ଶ୍ରୀନାରାୟଣଙ୍କ ସମୀକରଣ କରିବା ପରେ ସେ 'ନାରାୟଣ ସର୍ବମିତି' ବୋଲି ଉପାସିତ ହେଲେ। ପୂର୍ବରୁ ସେ 'ବାସୁଦେବ ସର୍ବମିତି' ବିଶ୍ୱାସ ଓ ଆସ୍ଥାରେ ଉପାସିତ ହେଉଥିଲେ। ଶ୍ରୀଜଗନ୍ନାଥଙ୍କ ଉପାସନାରେ ପରମବ୍ରହ୍ମ ଚେତନା 'ଦାରୁବ୍ରହ୍ମ'ରେ ରୂପାନ୍ତରିତ ହେଲା ପରି ଜଗତପିତା ଚେତନା 'ଜଗତନାଥ' ଚେତନାରେ ରୂପାନ୍ତରିତ ହୋଇଛି।



ଶ୍ରୀମନ୍ଦିର ଚିତ୍ରକର ସେବକମାନେ ପଟିଦିଅଁ ପ୍ରସ୍ତୁତ କରୁଛନ୍ତି।

**-ପ୍ରସ୍ତୁତି: ଅଜିତ୍ କୁମାର ମହାନ୍ତି, ପୁରୀ**

## ଶ୍ରୀମନ୍ଦିରରେ ପଟିଦିଅଁଙ୍କ ପୂଜା ଆରମ୍ଭ

ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ବିଶ୍ରାମ ନେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ଗୁରୁବାରଠାରୁ ମହାପ୍ରଭୁଙ୍କ ୧୪ ଦିନିଆ ଅଣସର ଗୁପ୍ତନୀତି ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଅନ୍ଧାରି କୋଠରି ଭିତରେ ଶ୍ରୀବିଗ୍ରହମାନଙ୍କ ଗୁପ୍ତସେବା ଆରମ୍ଭ କରିଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିରରେ ଦଶାବତାର ଠାକୁରଙ୍କ ସହ ପଟିଦିଅଁଙ୍କ ପୂଜା ଆରମ୍ଭ ହୋଇଛି।

ଶ୍ରୀବିଗ୍ରହମାନେ ବୁଧବାର ୧୦୮ ଗରା ଜଳରେ ସ୍ନାନ କରି ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେଇଥିଲେ। ଏହା ପରେ ରାତି ୧୧ଟାରେ ହାତୀବେଶ ମଇଲମ ହୋଇ ୧୧ଟା ୪୦ରେ ପୁଷ୍ପାଞ୍ଜଳି ଓ ଡୋରଲାଗି ହୋଇଥିଲା। ୧୧ଟା ୫୦ରେ ପହଣ୍ଡି ଆରମ୍ଭ ହୋଇଥିଲା। ଠାକୁରମାନେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ପ୍ରଥମେ ମଦନମୋହନ ଓ ରାମକୃଷ୍ଣଙ୍କ ପହଣ୍ଡି ହୋଇଥିଲା। ପରେ କ୍ରମ ଅନୁସାରେ ଶ୍ରୀସୁଦର୍ଶନ, ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋଟି ପହଣ୍ଡିରେ ବିଜେ କରିଥିଲେ। ରାତି ପ୍ରାୟ ୪ଟା ୩୫ରେ ପହଣ୍ଡି ସରିବା ପରେ ଶ୍ରୀମନ୍ଦିରକୁ ଶୋଧ କରାଯାଇଥିଲା। ଗୁରୁବାର ଭୋର ୫ଟା ୧୦ରେ ରାହୁରେଖା ମଇଲମ ପରେ କୋଠସୁଆଁସିଆମାନେ ଦଶ ଅବତାର ତାଟି ବାନ୍ଧିବା ପାଇଁ ପ୍ରବେଶ କରିଥିଲେ। ଅପରପକ୍ଷରେ ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, ବୈଜୟନ୍ତୀ ବାଜା, କାହାଳୀ ସହ ଲେଙ୍କା ସେବକ ପଟିଦିଅଁ ଆଣିବା ପାଇଁ ଚିତ୍ରକାର ସେବକଙ୍କ ଘରକୁ ଯାଇଥିଲେ। ସକାଳ ୬ଟାରେ ଶ୍ରୀମନ୍ଦିରକୁ ପଟିଦିଅଁ ବିଜେ କରିଥିଲେ। କୋଠ ସୁଆଁସିଆମାନେ ତାଟି ବାନ୍ଧି ପୂର୍ବାହ୍ନ ୧୦ଟାରେ ବାହାରିଥିଲେ। ପଟି ଠାକୁରଙ୍କ ରୁନ୍ଧା କାର୍ଯ୍ୟ ୧୦ଟା ୨୫ରେ ଶେଷ ହୋଇଥିଲା। ଅନନ୍ତ ନାରାୟଣ ରୂପରେ ଶ୍ରୀଜଗନ୍ନାଥ, ଅନନ୍ତ ବାସୁଦେବ ରୂପରେ ଶ୍ରୀବଳଭଦ୍ର ଏବଂ ମା' ଭୁବନେଶ୍ୱରୀ ରୂପରେ ଦେବୀ ସୁଭଦ୍ରା ପଟିଦିଅଁ ଭାବେ ଅଣସର ସମୟରେ ପୂଜା ପାଇବେ। ଦଶ ଅବତାର ବିଜେ ପରେ ମହାସ୍ନାନ ନୀତି ବଢ଼ିଥିଲା। ପରେ ମଙ୍ଗଳ ଆଳତି, ମଇଲମ, ଅବକାଶ ହୋଇ ଅନ୍ୟାନ୍ୟ ନୀତି ହୋଇଥିଲା। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପଟିଦିଅଁଙ୍କୁ ଦର୍ଶନ କରିଥିଲେ।

**ଅଣସର ଘରେ ଚତୁର୍ଦ୍ଧାବିଗ୍ରହ**

ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନ ଅନନ୍ତ ନାରାୟଣ ଭାବେ ପଟିରେ ସ୍ଥାନିତ ହୋଇଛନ୍ତି। ପଟିଦିଅଁଙ୍କ ନିକଟରେ ମହାପ୍ରସାଦ ଲାଗିହୋଇଛି। ଦଇତାପତିମାନେ ଜ୍ୱରାକ୍ରାନ୍ତ ଦରୁଦିଅଁଙ୍କ ଗୁପ୍ତ ଉପଚାର ସହ ସେବା କରୁଛନ୍ତି। ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇବାରୁ ଭକ୍ତ ଓ ସେବାୟତ ବଞ୍ଚିତ ହୋଇଛନ୍ତି। କେବଳ ପଟିଦିଅଁଙ୍କୁ ଦର୍ଶନ କରି ସେମାନେ ଆତ୍ମତୃପ୍ତି ଲାଭ କରୁଛନ୍ତି। ଅଣସର ସମୟରେ ଦାରୁଦିଅଁଙ୍କୁ ପଣା ଓ ଚକଟା ଭୋଗ ଲାଗି କରାଯାଉଥିବାବେଳେ ପଟିଦିଅଁଙ୍କୁ ଅନ୍ନ ମହାପ୍ରସାଦ ଭୋଗ କରାଯାଉଛି। ଅଣସର ପିଣ୍ଡିରେ ଗୋଟିଏ ଦୀପକୁ ଛାଡ଼ିଦେଲେ ଘନ ଅନ୍ଧକାର ମଧ୍ୟରେ ମହାପ୍ରଭୁଙ୍କ ଗୁପ୍ତ ନୀତି ଚାଲିଛି। ସେହିପରି ସମ୍ପ୍ରତି ଶବ୍ଦସୃଷ୍ଟି ମନା ଯୋଗୁ ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ପାଳଟିଛି।

## ଅଣସରରେ ଲାଗିହୁଏନି ରନ୍ଧାଭୋଗ

ଅଣସର ପିଣ୍ଡିରେ ଏବେ ଚତୁର୍ଦ୍ଧାବିଗ୍ରହ। ଚାଲିଛି ଗୁପ୍ତ ସେବା। ଦାରୁଦିଅଁଙ୍କ ସେବାରେ ଲାଗିଛନ୍ତି ଦଇତାପତି ସେବକ। ତେବେ ଏହି ଗୁପ୍ତ ଲୀଳାରେ କେତୋଟି ନିଷିଦ୍ଧ ନିୟମ ରହିଛି। ସ୍ନାନ ନୀତି ପରେ ରତ୍ନମଣ୍ଡପ ସମ୍ମୁଖରେ ଅସ୍ଥାୟୀ ଭାବେ ତାଟିରେ ଏକ ଅଣସର ଗୃହ ତିଆରି କରାଯାଏ। ତାଟିରେ ଥିବା ଏକମାତ୍ର ଦ୍ୱାର ଦେଇ ଅଣସର ସେବା କରୁଥିବା ଦଇତାପତିମାନେ ପ୍ରବେଶ କରନ୍ତି। ସେଠାକୁ ଅନ୍ୟ କେହି ପ୍ରବେଶ କରି ପାରିବେ ନାହିଁ। ସେମାନେ ସମ୍ପୂର୍ଣ୍ଣ ଭାବେ ନୀତି ନିୟମରେ ରହିବା ସହ କେବଳ ମହାପ୍ରଭୁଙ୍କୁ ସମର୍ପିତ ଭୋଗ ଗ୍ରହଣ କରିଥାନ୍ତି। ଅଣସର ସମୟରେ ମହାପ୍ରଭୁଙ୍କୁ ରନ୍ଧା ଭୋଗ ଲାଗି ହୁଏ ନାହିଁ। ପଣା ଓ ଚକଟା ଭୋଗ ଲାଗି କରାଯାଏ। ଶ୍ରୀବିଗ୍ରହମାନେ ଶ୍ୱେତ ବସ୍ତ୍ର ପରିଧାନ କରିବାର ବିଧି ରହିଥିବାବେଳେ କେବଳ ଧଳା ଫୁଲ ଲାଗିକରାଯାଏ। ତୁଳସୀ ଲାଗି କରାଯାଇ ନ ଥାଏ। ଅଣସର ଘରେ ଗୋଟିଏ ରାଶିତେଲ ଦୀପ ଜଳାଯିବା ବ୍ୟତୀତ ଅନ୍ୟ କୌଣସି ଆଲୋକ ବ୍ୟବହାର କରାଯାଏ ନାହିଁ। ଅଣସର ଘରୁ ପାତ୍ର, ଫୁଲ, ପତ୍ର ଓ ଫଳଚୋପା ଇତ୍ୟାଦି ବାହାରକୁ ଆସି ନ ଥାଏ। ସେଗୁଡ଼ିକୁ ଗୃହର ଏକ କୋଣରେ ରଖାଯାଇଥାଏ। ଭଜନ, କୀର୍ତ୍ତନ, ଗୀତ, ଘଣ୍ଟଘଣ୍ଟା, କାହାଳୀ, ବାଦ୍ୟ ସବୁ ନିଷିଦ୍ଧ ରହିଥାଏ। ଦଶମୀ ପର୍ଯ୍ୟନ୍ତ କୌଣସି ଶବ୍ଦ କରାଯାଏ ନାହିଁ। ଏହି ସମୟରେ ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ପାଳଟିଥାଏ।

**▪ କେବଳ ଧଳାଫୁଲ ବ୍ୟବହାର ହୁଏ: ଲାଗି ହୁଏନି ତୁଳସୀ, ବାଦ୍ୟଗୀତ ମନା**

**▪ ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ପାଲଟେ ନିଷିଦ୍ଧାଞ୍ଚଳ**

**ଫୁର୍‌ସତ୍**

## ଚର୍ମର ସୁରକ୍ଷା ପ୍ରତି ସଚେତନତା ଲୋଡ଼ା

**ଆଜି ବିଶ୍ୱ ଆଲ୍‌ବିନିଜମ୍ ସଚେତନତା ଦିବସ**



ଆଲ୍‌ବିନିଜମ୍ ବିଷୟରେ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୧୩ କୁ 'ବିଶ୍ୱ ଆଲ୍‌ବିନିଜମ୍ ସଚେତନତା ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଚଳିତ ବର୍ଷ ଉକ୍ତ ଦିବସର ସ୍ଲୋଗାନ ରହିଛି 'ଅଧିକାର ଦାବି କରିବା: ଚର୍ମର ସୁରକ୍ଷା କରିବା, ଜୀବନକୁ ବଞ୍ଚାଇବା'। ୨୦୧୪ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ୧୯୦୮ରେ ଡା. ଏ. ଇ. ଗ୍ରାରଡ୍ ଆଲ୍‌ବିନିଜମ୍ ଅବସ୍ଥା ବିଷୟରେ ବ୍ୟାଖ୍ୟା କରିଥିଲେ। ଆଲ୍‌ବିନିଜମ୍‌କୁ ମଧ୍ୟ 'ହାଇପିଗ୍‌ମେଣ୍ଟେଶନ' ବୋଲି କୁହାଯାଏ। ଏପରି ସମସ୍ୟା ଥିଲେ ସୂର୍ଯ୍ୟକିରଣ ତଥା ଅନ୍ୟ କ୍ଷତିକାରକ କିରଣଠାରୁ ଶରୀରକୁ ଦୂରେଇ ରଖନ୍ତୁ। କୌଣସି ଚର୍ମ କ୍ଷତ, ଟ୍ୟୁମର କିମ୍ବା ଘା' ହେଲେ ପରୀକ୍ଷା କରି ସଙ୍ଗେ ସଙ୍ଗେ ଚିକିତ୍ସା କରିବା ଆବଶ୍ୟକ।

ଏ ସମ୍ପର୍କରେ ବରିଷ୍ଠ ଚିକିତ୍ସକ ଡା. ରାମଚନ୍ଦ୍ର ରାଉତ କହନ୍ତି, ''ମଣିଷର ରଙ୍ଗ ତାହାର ଚର୍ମ ଯୋଗୁ ହୋଇଥାଏ ଏବଂ ଚର୍ମର ରଙ୍ଗ ଏଥିରେ ଥିବା ରଙ୍ଗ କଣିକା 'ମେଲାନିନ୍' ଦ୍ୱାରା ହୋଇଥାଏ। ଆମେ କେଉଁ ଦ୍ୱଚାର ହେବା ତାହା ମାତାପିତାଙ୍କଠାରୁ ଆସିଥିବା ଗୁଣସୂତ୍ର ହିଁ ସ୍ଥିର କରିଥାଏ। ଆଲ୍‌ବିନିଜମ୍ (ଶ୍ୱେତ ଚର୍ମ) ଏକ ବିରଳ, ଅଣସଂକ୍ରାମକ ଜିନ୍ ଦ୍ୱାରା ସଂକ୍ରମିତ ହେଉଥିବା ମେଲାନିନ୍‌ର ଏକ ପ୍ରକାର ରୋଗ ଏବଂ ଅବସ୍ଥା। ଏଥିପାଇଁ ଉଭୟ ମାତା ଏବଂ ପିତାଙ୍କର ଗୁଣସୂତ୍ର ହିଁ ଦାୟୀ। ଅନେକ ସମୟରେ ମାତାପିତାଙ୍କ 'ଆଲବିନିଜମ୍' ନ ଥାଇ ମଧ୍ୟ ପିଲାମାନଙ୍କୁ ହୋଇଥାଏ। ଏହି ପିଗ୍‌ମେଣ୍ଟ ବା ରଙ୍ଗ କଣିକାର ଅଭାବ ଚର୍ମ ସହିତ କେଶ, ଚକ୍ଷୁରେ ମଧ୍ୟ ଦେଖାଦେଇଥାଏ। ଯେହେତୁ ମେଲାନିନ୍, ଯାହା ଆମର ଚର୍ମକୁ ସୂର୍ଯ୍ୟକିରଣ ଓ ବାହ୍ୟ କ୍ଷତିରୁ ରକ୍ଷା ଦେଇଥାଏ, ଆଲ୍‌ବିନିଜମ୍ କ୍ଷେତ୍ରରେ ଏହାର ଅଭାବ ଦେଖିବାକୁ ମିଳିଥାଏ। ଏହାଦ୍ୱାରା ଚର୍ମକର୍କଟ ବା ସ୍କିନ୍ କ୍ୟାନ୍‌ସର ହେବାର ଆଶଙ୍କା ଅଧିକ ଥାଏ।

ଟାଇପ୍-୧ ଆଲ୍‌ବିନିଜମ୍‌ରେ ଟାଇରୋସେନେଜ୍ ଜିନ୍‌ରେ ବ୍ୟତିକ୍ରମ ଯୋଗୁ ମେଲାନିନ୍ ତିଆରି ହୋଇପାରି ନ ଥାଏ। ଏଥିଯୋଗୁ ଚର୍ମ ଓ କେଶ ଶ୍ୱେତ ବର୍ଣ୍ଣ ହୋଇଥାଏ। ଆଖିର ଆଇରିଶ (କନିନିକା) ଓ ରେଟିନାରେ ମଧ୍ୟ ମେଲାନିନ୍ କଣିକାର ଅଭାବ ଯୋଗୁ ଦୃଷ୍ଟିଶକ୍ତି ହ୍ରାସ ସହିତ ଉଜ୍ଜ୍ୱଳ ଆଲୋକ ଦେଖିଲା ବେଳେ କଷ୍ଟ ହୋଇଥାଏ। 'ପି'(P) ଜିନ୍‌ର ବ୍ୟତିକ୍ରମ ଯୋଗୁ ଦ୍ୱିତୀୟ ପ୍ରକାର ଆଲ୍‌ବିନିଜମ୍ ହୋଇଥାଏ, ଯାହାକି ପ୍ରଥମ ପ୍ରକାର ଆଲ୍‌ବିନିଜମ୍‌ଠାରୁ କମ୍ ମାତ୍ରାରେ ହୋଇଥାଏ। ଆଲ୍‌ବିନିଜମ୍‌କୁ ତେଣୁ 'ଚକ୍ଷୁଚର୍ମ ଆଲ୍‌ବିନିଜମ୍' ବୋଲି ଡାକ୍ତରୀ ଭାଷାରେ କୁହାଯାଇଥାଏ। ଯେହେତୁ ଏହା 'ମେଲୋନୋମା' ଓ ସ୍କାମ୍‌ସ ସେଲ୍ କାର୍ସିନୋମା ପରି ଚର୍ମକର୍କଟର ଆଶଙ୍କା ଥାଏ।

ଅଣବିକଶିତ ଦେଶରେ ପୂର୍ବକାଳରେ ଆଲ୍‌ବିନୋମାନଙ୍କୁ ବ୍ୟଙ୍ଗ, ବିଦ୍ରୂପ କରାଯାଉଥିଲା। ଏପରି କି ଆକ୍ରମଣ କରି ମାରି ଦିଆଯାଉଥିଲା ଏବଂ ଭୂତ-ଡାହାଣୀର ପ୍ରତୀକ ବୋଲି କୁହାଯାଉଥିଲା। ହେଲେ କାଳକ୍ରମେ ଆଉ ଏହା ନାହିଁ।

**ରାଜ୍ୟ ଖବର**

## ୨ ସୂଚନା ଅଧିକାରୀଙ୍କୁ ଆର୍ଥିକ ଦଣ୍ଡ

**ତଥ୍ୟ ପ୍ରଦାନରେ ଚଞ୍ଚକତା**

ଭୁବନେଶ୍ୱର,୧୨।୬ (ରବିନାରାୟଣ ଜେନା)

ସୂଚନା ଅଧିକାରୀମାନେ ତଥ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଏବଂ ଚଞ୍ଚକତା କରିବା ଏବେ ମହଙ୍ଗା ସାବ୍ୟସ୍ତ ହେଉଛି। କିଛିଦିନ ପୂର୍ବରୁ ଯାଜପୁରର ଜଣେ ସୂଚନା ଅଧିକାରୀଙ୍କୁ ସୂଚନା ଆୟୋଗଙ୍କ ପକ୍ଷରୁ ଆର୍ଥିକ ଦଣ୍ଡବିଧାନ କରାଯାଇଥିବାବେଳେ ଗୁରୁବାର ଜଗତ୍‌ସିଂହପୁର ଜିଲା ନାଉଗାଁ ବିଡିଓ କାର୍ଯ୍ୟାଳୟର ୨ଜଣ ଅଧିକାରୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ଜରିମାନା କରାଯାଇଛି। ଯଦି ଜରିମାନା ଅନାଦେୟ ହୁଏ, ତେବେ ସଂପୃକ୍ତ ଅଧିକାରୀଙ୍କ ଦରମାରୁ କାଟିବା ପାଇଁ ସୂଚନା ଆୟୁକ୍ତ ସୁଶାନ୍ତ ମହାନ୍ତି ଏକ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଅନିଲ କୁମାର ମଲ୍ଲିକ ସୂଚନା ଆଇନ ବଳରେ କେତେକ ତଥ୍ୟ ଜଗତ୍‌ସିଂହପୁର ଜିଲାପରିଷଦ ଅଧିକାରୀଙ୍କୁ ୨୦୨୧ ଅକ୍ଟୋବର ପହିଲାରେ ମାଗିଥିଲେ। ମାତ୍ର ନିର୍ଦ୍ଦିଷ୍ଟ ସମୟ ଭିତରେ ତଥ୍ୟ ନ ମିଳିବାରୁ ସେ ପ୍ରଥମ ଅପିଲରେ ଯାଇଥିଲେ। ତେବେ ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ନାଉଗାଁ ବ୍ଲକ ସୂଚନା ଅଧିକାରୀ ଦେବେନ୍ଦ୍ର ପ୍ରଧାନଙ୍କଠାରୁ ଏହାର ତଥ୍ୟ ଲୋଡ଼ା ଯାଇଥିଲା। ଦେବେନ୍ଦ୍ର ଏହାର ତଥ୍ୟ ଏପିଓ ଜ୍ୟୋତିର୍ମୟୀ ନାୟକଙ୍କଠାରୁ ଲୋଡ଼ିଥିଲେ। ହେଲେ ଏହାରି ଭିତରେ ୩ବର୍ଷ ବିତି ଯାଇଥିଲା। କୋଭିଡ୍ ଯୋଗୁ ପ୍ରଥମ ଅପିଲ ଶୁଣାଣି ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ଚଳିତବର୍ଷ ଏପ୍ରିଲ ୨୧ରେ ତଥ୍ୟ ପ୍ରଦାନ କରିଥିଲେ। ମାତ୍ର ଏହାକୁ ନେଇ ଅନିଲ କୁମାର ମଲ୍ଲିକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତଥ୍ୟ ଅସମ୍ପୂର୍ଣ୍ଣ ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ଆୟୋଗଙ୍କ ପକ୍ଷରୁ ନାଉଗାଁ ବିଡିଓ କାର୍ଯ୍ୟାଳୟର ସୂଚନା ଅଧିକାରୀ ଓ ଏପିଓଙ୍କୁ ଆର୍ଥିକ ଜରିମାନା କରାଯାଇଥିବା ଜଣାଯାଇଛି।

## ବରିଷ୍ଠ ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

**ବଦଳିଲେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳସଚିବ**

ଭୁବନେଶ୍ୱର,୧୨।୬(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳସଚିବ ଶ୍ୟାମଳି ମହାପାତ୍ରଙ୍କୁ ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବାବେଳେ ଲୋକାୟୁକ୍ତ କାର୍ଯ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ(ଏନ୍‌କ୍ୱାରୀ) ହରିଶ ଚନ୍ଦ୍ର ନାୟକଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅତିରିକ୍ତ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ସେହିପରି ବବିତା ମହାନ୍ତିଙ୍କୁ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବାବେଳେ ଶୁଭ୍ରା ମହାନ୍ତିଙ୍କୁ ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ସଚିବ, ଉଷାରାଣୀ ଦାସଙ୍କୁ ସମବାୟ ବିଭାଗ ସ୍ୱତନ୍ତ୍ର ସଚିବ, ସୋଇନା ମିଶ୍ରଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ ସଚିବ, ସୁମିତ୍ରା କୁମାରୀ ପଟ୍ଟନାୟକଙ୍କୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅତିରିକ୍ତ ସଚିବ, ଆଶୁତୋଷ ସାମଲଙ୍କୁ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ ଭୁବନେଶ୍ୱର(ଅତିରିକ୍ତ-ରିଭିଜନାଲ କୋର୍ଟ)ର ଅତିରିକ୍ତ ଆୟୁକ୍ତ, ଜ୍ୟୋତି ଶଙ୍କର ମହାପାତ୍ରଙ୍କୁ ମିଶନଶକ୍ତି ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି।

ସେହିପରି ଯୋଗେନ୍ଦ୍ର ମାଝୀ ଏବଂ ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ଭୁବନେଶ୍ୱର ମହାନଗର ନିଗମର ଉପାୟୁକ୍ତ ଭାବେ ବଦଳି କରାଯାଇଥିବାବେଳେ ଦୁର୍ଗା ଚରଣ ମୁର୍ମୁଙ୍କୁ ରାଜ୍ୟ ନିର୍ବାଚନ ଆୟୋଗ-ଉପସଚିବ, ସୁର୍ମୀ ସୋରେନଙ୍କୁ ନୂଆପଡ଼ା ଉପଜିଲାପାଳ, ଶରତ ମାଝୀଙ୍କୁ କୋରାପୁଟ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସିପକ କୁମାର ପାତ୍ରଙ୍କୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଉପସଚିବ ଭାବେ ବଦଳି କରାଯାଇଛି।

## '୩ ଇଡିୟଟ୍ସ'କୁ ରିଜେକ୍ଟ କରିଥିଲେ କାଜୋଲ



କାଜୋଲ

ମୁମ୍ବାଇ: ଆସନ୍ତା ଜୁନ୍ ୨୭ରେ ଅଭିନେତ୍ରୀ କାଜୋଲଙ୍କ 'ମା' ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ସମ୍ପ୍ରତି କାଜୋଲ ଏହାର ପ୍ରମୋଶନରେ ବ୍ୟସ୍ତ ରହିଛନ୍ତି। ସ୍ୱାମୀ ତଥା ଅଭିନେତା ଅଜୟ ଦେବଗନଙ୍କ ନିର୍ମିତ ଏହି ଫିଲ୍ମର ପ୍ରମୋଶନ କରୁଥିବା ସମୟରେ ଗୁରୁବାର ଏକ ସାକ୍ଷାତ୍‌କାରରେ କାଜୋଲ କହିଛନ୍ତି, ୨୦୦୯ର ସୁପରହିଟ ଫିଲ୍ମ '୩ ଇଡିୟଟ୍ସ' ପାଇଁ ତାଙ୍କୁ ଅଫର ହୋଇଥିଲା। ତେବେ ସେ ଏହି ଫିଲ୍ମକୁ ରିଜେକ୍ଟ କରିଥିଲେ। ସେତେବେଳେ ଏହି ଫିଲ୍ମ ସୁପରହିଟ୍ ହେବ ବୋଲି ସେ ଭାବି ନ ଥିଲେ ବୋଲି କାଜୋଲ କହିଛନ୍ତି। ତେବେ ଏଥିପାଇଁ ତାଙ୍କ ମନରେ ଦୁଃଖ କିମ୍ବା ପଶ୍ଚାତ୍ତାପ ନାହିଁ। ବୋଧହୁଏ '୩ ଇଡିୟଟ୍ସ' ଫିଲ୍ମ ତାଙ୍କ ଭାଗ୍ୟରେ ନ ଥିଲା। '୩ ଇଡିୟଟ୍ସ' ପାଇଁ ସେ ମନା କରିବା ପରେ ନିର୍ଦ୍ଦେଶକ ରାଜକୁମାର ହିରାନୀ ଅଭିନେତ୍ରୀ କରୀନା କପୁରଙ୍କୁ ତାଙ୍କ ବଦଳରେ କାଷ୍ଟ କରିଥିଲେ। ଏହି ଫିଲ୍ମରେ କରୀନା ନିଜ ଚରିତ୍ରକୁ ସୁଚାରୁରୂପେ ତୁଲାଇଥିଲେ ବୋଲି କାଜୋଲ କହିଛନ୍ତି। ପ୍ରକାଶ ଯେ, '୩ ଇଡିୟଟ୍ସ'ରେ କରୀନାଙ୍କ ସମେତ ଅଭିନତା ଆମୀର ଖାନ୍, ଶର୍ମନ ଜୋଷୀ ଏବଂ ଆର୍. ମାଧବନ୍‌ଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ।

## ୨ ବାଇକ୍ ମଧ୍ୟରେ ଧକ୍କା, ୨ ମୃତ

**ଅନୁଗୋଳ, ୧୨।୬ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସଦର ଥାନା ସାକସିଂହା ନିକଟରେ ଗୁରୁବାର ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନତଡ଼ା ଗ୍ରାମର ଅଜୟ ବେହେରା (୧୯) ଓ ତେଲେଙ୍ଗାନା ରାଜ୍ୟର ଅନୀଲ ବଂଥଲା। ଏଥିସହ ୨ ଜଣ ସୁବ୍ରତ ପ୍ରଧାନ(୧୮), ସୁନୀଲ ବେହେରା (୨୦) ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ନତଡ଼ା ଗ୍ରାମର ଅଜୟ, ସୁବ୍ରତ ଓ ସୁନୀଲ ଏକ ବାଇକ୍ ଯୋଗେ ଅନୁଗୋଳ ଆଡ଼କୁ ଆସୁଥିଲେ। ଅପରପାର୍ଶ୍ୱରୁ ଅନ୍ୟ ଏକ ବାଇକ୍‌ରେ ଅନୀଲ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ନତଡ଼ା ଗ୍ରାମର ଅଜୟଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ୩ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅନୀଲଙ୍କୁ ମୃତ ଘୋଷଣା କରିଥିଲେ। ତେଲେଙ୍ଗାନାର ଅନୀଲ ଏଠାରେ ଏକ କୋଇଲା ଖଣିରେ କାର୍ଯ୍ୟ କରୁଥିଲେ। ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ ବାଇକ୍

## ପ୍ରଫୁଲ୍ଲଙ୍କୁ ସବୁ ସରକାରୀ ସହାୟତା ଯୋଗାଇଦିଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲା କୋରେଇ ବ୍ଲକ୍ ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ୪୧ ବର୍ଷୀୟ ଜଣେ ଶତ ପ୍ରତିଶତ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ପ୍ରଫୁଲ୍ଲ କୁମାର ଦାସଙ୍କ ସମସ୍ୟା ବିଷୟରେ ଗଣମାଧ୍ୟମରୁ ଖବର ପାଇ ତାଙ୍କୁ ଘର ଯୋଗାଇଦେବାକୁ ଘୋଷଣା କରିଛନ୍ତି। ଏହା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରଫୁଲ୍ଲଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏକ ବାସଗୃହ ଯୋଗାଇ ଦିଆଯିବ। ଏହାସହ ତାଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ତୁରନ୍ତ ୫ ହଜାର ଟଙ୍କା ଯୋଗାଇ ଦିଆଯିବ। ସୂଚନା ଅନୁଯାୟୀ ପ୍ରଫୁଲ୍ଲଙ୍କୁ ଭିନ୍ନକ୍ଷମ ଭତ୍ତା ବାବଦରେ ମାସକୁ ୩୫୦୦ ଟଙ୍କା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୫ କିଲୋଗ୍ରାମ ଚାଉଳ ଦିଆଯାଉଥିବା ବେଳେ ଯିବା ଆସିବା ପାଇଁ ଏକ ଧଳାବାଡ଼ି ଦିଆଯାଇଛି।

# ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବୁ: ହରିଚନ୍ଦନ

## ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

ଖୋର୍ଦ୍ଧା, ୧୨।୬ (ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ସ୍ଥାନୀୟ ହାବେଳି ପଡ଼ିଆରେ ଜିଲାସ୍ତରୀୟ ବିକାଶ ମେଳା-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଅତିଥିଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ହସ୍ତତନ୍ତ, ହସ୍ତଶିଳ୍ପ ଓ ସ୍ଥାନୀୟ ଉତ୍ପାଦ ସମ୍ପର୍କିତ ପ୍ରଦର୍ଶନୀ ଏବଂ ଖାଦ୍ୟମେଳା ଶୁଭାରମ୍ଭ କରିବା ସହ ବୁଲି ଦେଖିଥିଲେ। ଏଥିସହ ବିକାଶ ବାହନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ କହିଥିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱ ଓ ଦୃଷ୍ଟିକୋଣରୁ ଓଡ଼ିଶା ଗତ ୧ ବର୍ଷରେ ସେବା, ସୁଶାସନ ଏବଂ ଉନ୍ନତିରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି, ଯାହା ପ୍ରତିଶ୍ରୁତି ଦେଇଥିଲୁ ତାହାକୁ ୫ବର୍ଷ ମଧ୍ୟରେ ପୂରଣ କରାଯିବ। ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ପ୍ରଚେଷ୍ଟା ଜାରି ରହିଛି। ବର୍ଷକ ମଧ୍ୟରେ ଏକାଧିକ ଯୋଜନା ହାତକୁ ନିଆଯାଇଛି।


ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ପ୍ରଦୀପ ବଳସାମନ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ବିକାଶ ମେଳା ଆୟୋଜନ କେବଳ ଉତ୍ସବ ପାଳନ କରିବା ନୁହଁ, ବରଂ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ଲୋକଙ୍କୁ ଯୋଡ଼ିବା ଲକ୍ଷ୍ୟ ରହିଛି। ବିକାଶ ବାହନ ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚି ବିକାଶମୂଳକ ଯୋଜନା ସମ୍ପର୍କରେ ସଚେତନ କରିବ। ଗତ ୫ବର୍ଷ ତଳେ ନିଯୁକ୍ତି ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା, ଏହାକୁ ତ୍ୱରାନ୍ୱିତ କରାଯାଇଛି। ସରକାରୀ ଚାକିରି କ୍ଷେତ୍ରରେ ବୟସ ସୀମା ୪୨ବର୍ଷକୁ ବୃଦ୍ଧି କରାଯାଇଛି। ମହିଳା ସଶକ୍ତୀକରଣ, ଆର୍ଥିକ ସ୍ୱାବଲମ୍ବନ ତଥା ବିକାଶରେ ମହିଳାଙ୍କ ସହଭାଗିତାକୁ ଗୁରୁତ୍ୱ ଦିଆଯାଉଛି। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ଉଚ୍ଚଶିକ୍ଷାରେ ମେଧାବୀଙ୍କୁ ଶହୀଦ ମାଧୋ ସିଂ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ପୂର୍ବ ବିଏସ୍‌କେୱାଇ କାର୍ଡରେ ଏକାଧିକ ହସ୍ପିଟାଲ ଲକ୍ଷାଧିକ ଟଙ୍କା ହରିଲୁଟ କରିଛନ୍ତି। ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟକାର୍ଡ ଦ୍ୱାରା ରୋଗୀ ଓଡ଼ିଶା ତଥା ସର୍ବଭାରତୀୟସ୍ତରରେ ସୁଫଳ ପାଇବେ। ସୁଭଦ୍ରା ଯୋଜନା ମହିଳାଙ୍କ ପ୍ରଗତିପଥର ମାର୍ଗ ପ୍ରଶସ୍ତ କରିବ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସରକାର ଏକ ଭିଜନ ନେଇ କାର୍ଯ୍ୟ କରୁଛନ୍ତି। ଓଡ଼ିଶାକୁ ପ୍ରଗତି ପଥରେ ରାଜ୍ୟବାସୀଙ୍କ ସହଯୋଗ, ସହଭାଗିତା ଜରୁରୀ ବୋଲି କହିଥିଲେ। ସେହିପରି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବିକଶିତ ଭାରତ ସହ ବିକଶିତ ଓଡ଼ିଶା ପାଇଁ ନିଆଯାଇଥିବା ଯୋଜନାଗୁଡ଼ିକ ଉପରେ କହିଥିଲେ। ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି, ମହିଳା ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନା ସହ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସଫଳତା ସମ୍ପର୍କରେ କହିଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବିକଶିତ ଓଡ଼ିଶା ବିକଶିତ ଖୋର୍ଦ୍ଧା ଆହ୍ୱାନ ଦେଇଥିଲେ। ଏକ ସମୃଦ୍ଧ, ପ୍ରଗତିଶୀଳ ଜିଲା ଗଠନ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ଜିଲାପାଳ ଚଞ୍ଚଳ ରାଣା ସ୍ୱାଗତ ଭାଷଣରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ଏହି ବିକାଶ ମେଳା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ସରକାରଙ୍କ ବିଭିନ୍ନ ଯୋଜନା ସହ ସରକାରଙ୍କ ସଫଳ ୧ ବର୍ଷ ବାର୍ତ୍ତା ନେଇ ବିକାଶ ବାହନ ଜିଲାର ସମସ୍ତ ଗ୍ରାମ, ପଞ୍ଚାୟତକୁ ବୁଲି ଜନସାଧାରଣଙ୍କୁ ସଚେତନ କରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପାଇକ ବିଦ୍ରୋହ ଓ ଭାରତର ସ୍ୱାଧୀନତା ପ୍ରତି ଏହାର ଅବଦାନ ସମ୍ପର୍କରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅନନ୍ୟା ସୃଷ୍ଟି ଶତପଥୀ ଡେପୁଟି କଲେକ୍ଟର, କ୍ରିଷ୍ଣା ଜେନା ସହକାରୀ କଲେକ୍ଟର, ଦେବବ୍ରତ କର ଡେପୁଟି କଲେକ୍ଟର ଏବଂ ସିମଲିନ ଚମ୍ପତି, ରାଜେଶ କୁମାର ସାମନ୍ତରାୟ, ଶୁଭଲକ୍ଷ୍ମୀ ବେହେରା ପୁରସ୍କୃତ ହୋଇଥିଲେ। ବସୁନ୍ଧରା ଯୋଜନାରେ ଶାନ୍ତିଲତା ବେହେରା, ପ୍ରଭାତ କୁମାର ଦାସ, କାଦମ୍ବିନୀ ଦାସ, ମାମା ସ୍ୱାଇଁ, ନାଥ ସୁବୁଦ୍ଧି, ଦୁଲାମ ମଙ୍ଗରାଜ, ରାଶନ କାର୍ଡରେ ୧୫ ହିତାଧିକାରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣରେ ବିବାହ ରାଶି ପ୍ରୋତ୍ସାହନ ପୂଜାରାଣୀ ଗୋଛାୟତଙ୍କୁ, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଶୁକାନ୍ତ ଦାସ, ବର୍ଦ୍ଧିତ ଭତ୍ତା ମୂରଲୀଧର ବେହେରା, ଶ୍ରବଣ ବାଧିତ ଜିବାଂଶ ବେହେରା, ମାନସିକ ଅନଗ୍ରସର ଲକ୍ଷ୍ମୀପ୍ରିୟା ସାହୁ, ଶାରୀରିକ ଭିନ୍ନକ୍ଷମ ବିଜୟ ରଞ୍ଜନ ସାହୁ, ଶ୍ରବଣ ବାଧିତ ଛାତ୍ରୀ ଜ୍ୟୋତ୍ସ୍ନାମୟୀ ସାହୁ, ନିର୍ମାଣ ଶ୍ରମିକ ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା, ପଞ୍ଜୀକୃତ ନିର୍ମାଣ ଶ୍ରମିକ କାର୍ଡ, ଅଣସଙ୍ଗଠିତ ପରିବାରକୁ ମୃତ୍ୟୁକାଳୀନ ସହାୟତା, ଅଣ ସଙ୍ଗଠିତ ପଞ୍ଜୀକୃତ ଶ୍ରମିକ କାର୍ଡ ହିତାଧିକାରୀ ସହାୟତା ପ୍ରଦାନ କରାଯାଇଥିଲା। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଖୋର୍ଦ୍ଧା ହାବେଳି ପଡ଼ିଆରେ ଗୁରୁବାର ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନୀ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ବଡ଼ଶଙ୍ଖ ନିର୍ମାଣ କାର୍ଯ୍ୟ ମନ୍ଥର



## ଅସ୍ଥାୟୀ ରାସ୍ତା ଧୋଇଗଲା

ଟାଙ୍ଗୀ, ୧୨।୬ (ରଘୁନାଥ ସାହୁ)

ଟାଙ୍ଗୀ କାଲୁପଡ଼ା ପୂର୍ତ୍ତ ବିଭାଗ ରାସ୍ତାରେ ଥିବା ବଡ଼ଶଙ୍ଖ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ବର୍ଷାଦିନ ପୂର୍ବରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ୨୫ ପ୍ରତିଶତ କାମ ହୋଇପାରିନାହିଁ। ତେବେ ଯାତାୟାତ ପାଇଁ ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତା ବର୍ଷାପାଣିରେ ଧୋଇଯାଇଛି। ତେବେ ଜନସାଧାରଣଙ୍କ ଆକ୍ରୋଶରୁ ରକ୍ଷା ପାଇବା ପାଇଁ ବଡ଼ ହୋମପାଇପ ପକାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅବହେଳା ଏବଂ ଦାୟିତ୍ୱହୀନତାରୁ ଏହି ଅସ୍ଥାୟୀ ରାସ୍ତା ଧୋଇଗଲା ବୋଲି ସାଧାରଣରେ ଆଲୋଚନା ହେଉଛି। ବୁଧବାର ରାତିରେ ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତାରେ ବଜୁରି ଗୁଣ୍ଡ ପକାଯିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଅଞ୍ଚଳରେ ସମସ୍ତ ବିଭାଗୀୟ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି।

# ମନ ଜିଣିଲା ଦିବ୍ୟାଙ୍ଗ ଶିଳ୍ପୀଙ୍କ ଓଡ଼ିଶୀନୃତ୍ୟ

## ଦୀପ୍ତି ରାଉତରାୟଙ୍କୁ 'ରଜ ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୧୨।୬ (ସୌମ୍ୟରଞ୍ଜନ ରାଉତ)

ନୃତ୍ୟପ୍ରତିଭା ଅନୁଷ୍ଠାନର ୨୫ତମ ବାର୍ଷିକ ନୃତ୍ୟ ପ୍ରତିଭା ଓ ରଜ ପ୍ରତିଭା ଉତ୍ସବ ଗୁରୁବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଗୁରୁ ଦୀପ୍ତି ରାଉତରାୟ। ପରେ ପାରାଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଟି. ଦୀପ୍ତି, ଅରିନ୍ଦିତା ଚକ୍ରବର୍ତ୍ତୀ ଓ ଦେବଦତ୍ତ ଦାଶ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ମୂକ ଓ ବଧିର ଥିବା ସାଇକିରଣ ବେହେରା ଓ ଆକାଂକ୍ଷା ଆରାଧନାଙ୍କ ଦ୍ୱୈତ ଓଡ଼ିଶୀ ନୃତ୍ୟ ପରିବେଷଣକରି ମନ ଜିଣିଥିଲେ। ଶେଷ ପ୍ରସ୍ତୁତିରେ ଥିଲା ନୃତ୍ୟ ପ୍ରତିଭାର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଫ୍ୟାଶନ ଶୋ ଓ ନୃତ୍ୟ ପ୍ରତିଭା ଛାତ୍ରୀଛାତ୍ରଙ୍କ ରଜ ସଙ୍ଗୀତ ପରିବେଷଣ ହୋଇଥିଲା। ଅତିଥିଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ୍‌ର ସଭାପତି ସମୀର ମହାନ୍ତି, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ଲେଖିକା ରୀନା ରାଉତରାୟ, ରୋଟାରିଆନ ନିହାରିକା ମିଶ୍ର, ନୃତ୍ୟ ପ୍ରତିଭା ସଭାପତି ଡ. ରଜନୀ ରଞ୍ଜନ ଦାଶ, ବଙ୍କିମ ଚନ୍ଦ୍ର ନାୟକ ଓ ସମ୍ପାଦିକା ପ୍ରତିଭା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଗୁରୁ ପ୍ରତିଭା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଗୋବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର

ବେଗୁନିଆ, ୧୨।୬ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡ଼ଭଙ୍ଗା ପଞ୍ଚାୟତର ଶଗଡ଼ଭଙ୍ଗା ଗ୍ରାମରେ ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ପ୍ରାଣୀଧନ କାର୍ଯ୍ୟାଳୟର ଏବିଭିଓ ପ୍ରୀତିଶ ରଥ ଏବଂ ସିକୋସ୍ଥିତ କାର୍ଯ୍ୟାଳୟର ଡ. ଦିନେଶ ବେହେରାଙ୍କ ସହଯୋଗରେ ଏହି ଶିବିର ହୋଇଥିଲା। ଶିବିରରେ ପ୍ରାୟ ୧୦୦ ଗାଈଙ୍କ ଚିକିତ୍ସା କରାଯାଇଥିବା ବେଳେ ସେଥିରୁ ୪୦ଟି ଗାଈଙ୍କ ଗର୍ଭ ପରୀକ୍ଷା କରାଯାଇଥିଲା। ଏଲ୍‌ଆଇ ସୌମେନ୍ଦ୍ର ମଲ୍ଲିକ, ସୁରେଶ ସେନାପତି, ଲିପୁନା ନାୟକ, ସମାଜସେବୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର, ପ୍ରାଣୀ ମିତ୍ର ଏବଂ ଗୋ ମୈତ୍ରୀମାନେ ସହଯୋଗ କରିଥିଲେ।

## ପାଇକଗୁରୁ ଦୁଃଶାସନ ଦାସଙ୍କ ପରଲୋକ

କୃଷ୍ଣପ୍ରସାଦ, ୧୨।୬ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦର ବିଶିଷ୍ଟ ପାଇକ ଗୁରୁ ଦୁଃଶାସନ ଦାସଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ବ୍ଲକ ପାଇକ ମହାସଂଘର ସଭାପତିଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ପରିକ୍ରମା ପରେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ଅନନ୍ତ ପଟ୍ଟନାୟକ ଥିଲେ କ୍ରାନ୍ତିକାରୀ ସାହିତ୍ୟ ସ୍ରଷ୍ଟା

ବାଲିପାଟଣା, ୧୨।୬ (ଅଭିମନ୍ୟୁ ନାୟକ)

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସମୟର ପ୍ରାଚୀଧାରାର ମିଳିତ ଆନୁକୂଲ୍ୟରେ କବି ଅନନ୍ତ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିର ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡ. ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇ କହିଥିଲେ, ଅନନ୍ତ ପଟ୍ଟନାୟକ ଥିଲେ ଜଣେ କ୍ରାନ୍ତିକାରୀ ଲେଖକ। ତାଙ୍କ ସାହିତ୍ୟରେ ସେ ଗରିବ ଅନ୍ତରର ବେଦନାକୁ ପରିସ୍ଫୁଟନ କରିଛନ୍ତି। ଡ. ଜ୍ଞାନ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, କବି ଅନନ୍ତ ପଟ୍ଟନାୟକ ସମାଜର ନିମ୍ନସ୍ତରର ଲୋକଙ୍କ ସ୍ୱର ତାଙ୍କ ଲେଖା ମାଧ୍ୟମରେ କହୁଥିଲେ। ଅନ୍ୟତମ ଅତିଥିଭାବେ ଡ. ସୁନିତା ଦାଶ ଏବଂ ଭବାନୀ ଶଙ୍କର ଦାଶ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡ. ମୁରଲୀଧର ସାହୁ ସଭାପତିତ୍ୱ କରିଥିବା ବେଳେ କବି ଅଭିମନ୍ୟୁ ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରଥମଥର ଦୋଳିରେ ପୂଜା ପାଇବେ ରାଧାକୃଷ୍ଣ


ଖବରଦାତା ସମ୍ମିଳନୀରେ ମହାରାଜା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଉଛି।

## ୧୪ରୁ ପାତ୍ରପଡ଼ା ରଜ ମହୋତ୍ସବ

ଝାଁଳା, ୧୨।୬ (ବୁଲା ବାରିକ)

ମହାରାଜା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ୧୫ତମ ପାତ୍ରପଡ଼ା ରଜ ମହୋତ୍ସବ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗୁରୁବାର ପାତ୍ରପଡ଼ା ପଡ଼ିଆରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରଜ ମହୋତ୍ସବରେ ପ୍ରଥମଥର ରାଧାକୃଷ୍ଣଙ୍କ ମୂର୍ତ୍ତି ଏକ ସ୍ୱତନ୍ତ୍ର ଦୋଳିରେ ପୂଜା ପାଇବେ। ପୋଡ଼ପିଠା ସାଙ୍ଗକୁ ରଜପାନ, ଝିଅମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପାରମ୍ପରିକ ପୁଚି, ମେହେନ୍ଦି, ଶଙ୍ଖଫୁଙ୍କା, ହୁଳହୁଳି, ଦୌଡ଼ି ଡିଆଁ, ମ୍ୟୁଜିକ୍ ଚେୟାର, ମେହେନ୍ଦି ଓ ପ୍ରତି ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରେ ପ୍ରତିଦିନ ସନ୍ଧ୍ୟାରେ ଅତିଥିଙ୍କ ଦ୍ୱାରା କୃତୀ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଚଳିତବର୍ଷ ୧୫୦ ଦୋଳି ସାଙ୍ଗକୁ ରାମ ଦୋଳି, ବ୍ରେକ୍ ଡ୍ୟାନ୍ସ, ନୌକା ଦୋଳି ସାଙ୍ଗକୁ ସମସ୍ତ ପ୍ରକାରର ମନୋହରି ଦୋକାନ, ଠୁଙ୍କାପୁରି, ମଥୁରା କେକ୍ ଓ ସମସ୍ତ ପ୍ରକାରର ଦୋକାନ ବଜାର ବସିବ। ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଅନୁଷ୍ଠାନର ଯୁବ ବାହିନୀ ସଦସ୍ୟମାନେ ସ୍ଥାନୀୟ ପୋଲିସକୁ ସହଯୋଗ କରିବା ସହିତ ଯାନବାହନ ଚଳାଚଳ ନିୟନ୍ତ୍ରଣ କରିବେ। କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରାଯାଇଛି। ଖବରଦାତା ସମ୍ମିଳନୀରେ ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀଙ୍କ ସମେତ ମହାରାଜ କ୍ରିକେଟ୍ ଆସୋସିଏଶନର ସଭ୍ୟ ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ରବୀନ୍ଦ୍ର ନାଥ ସାହୁ, ସତ୍ୟ ନାରାୟଣ ମହାନ୍ତି, ବିଜୟ କୁମାର ପାଟଶାଣୀ, ସାମାଜିକ କର୍ମୀ ଅତିଶ କୁମାର ମାର୍ଥା ଓ ଯୁବ ବାହିନୀର ସଭ୍ୟମାନେ ଉପସ୍ଥିତ ରହି ସୂଚନା ଦେଇଥିଲେ।

## କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର, ୧୨।୬ (ସୁବାସ ଚନ୍ଦ୍ର ପ୍ରଧାନ)

ଏଥେନା ବୁକ୍ସ ଅନୁଷ୍ଠାନ ପକ୍ଷରୁ ଗୁରୁବାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସ୍ଥାନୀୟ ଗବେଷଣା ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ ଯୋଗଦେଇ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ମାନସ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବେ ଡ.ମନମୋହନ ଆଚାର୍ଯ୍ୟ ଭଞ୍ଜଙ୍କ କବିତାର ଶବ୍ଦ ଓ ଅର୍ଥ ଅନନ୍ୟକୁ ପ୍ରକାଶ କରିଥିଲେ। ଭଞ୍ଜଙ୍କ ଗୋଟିଏ କବିତାରେ ଏକାଧିକ ଅର୍ଥ କେମିତି ବୁଝାଏ ତାହା ସେ ଆଲୋଚନା କରିଥିଲେ। ସଭାପତି ଡ.ବିବେକାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଭଞ୍ଜ କାବ୍ୟର ଚମତ୍କାରିତା ସମ୍ପର୍କରେ ବାଖ୍ୟା କରିଥିଲେ। କାର୍ଯ୍ୟକ୍ରମକୁ ଡ.ଦେବାଶିଷ ମହାପାତ୍ର ଉପସ୍ଥାପନା କରିଥିଲେ।

# ପ୍ରତି ଘରେ ପହଞ୍ଚୁଛି ସରକାରୀ ଯୋଜନା

ଜଟଣୀ, ୧୨।୬ (ରବୀନ୍ଦ୍ରନାଥ ମହାକୁଡ଼)

କେନ୍ଦ୍ର ସରକାରଙ୍କ ୧୧ବର୍ଷ ଏବଂ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନାଙ୍କ ସଭାପତିତ୍ୱରେ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ସରକାରଙ୍କ ବିଭିନ୍ନ ଜଣକଲ୍ୟାଣକାରୀ ଯୋଜନା ଓ ଉପଲବ୍ଧି ବିଷୟରେ କହିଥିଲେ। ପ୍ରତି ଘରେ ପହଞ୍ଚୁଛି ସରକାରୀ ଯୋଜନା ପହଞ୍ଚୁଛି। ସୁଶାସନ ଏବଂ ବିକାଶ ପାଇଁ ଆଗାମୀ ୩୦ରୁ ୫୦ବର୍ଷ ଭାଜପା ସରକାର ରାଜ୍ୟରେ ରହିବା ପାଇଁ ବର୍ତ୍ତମାନଠାରୁ ଜନସାଧାରଣ ମନସ୍ଥ କରିସାରିଲେଣି ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସ୍ଥାନୀୟ ବରିଷ୍ଠ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି। ଶେଷରେ ସ୍ଥାନୀୟ ବିକାଶନଗରସ୍ଥିତ ଉଦ୍ୟାନରେ ସବୁଜ ବଳୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ରାଜ୍ୟ ଭାଜପା ପ୍ରବକ୍ତା ସୁଦୀପ୍ତ ରାୟ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ରଶ୍ମିମୟୀ ପଟ୍ଟନାୟକ, ପ୍ରକାଶ ବିଜୁଳି, ଦୁଷ୍ମନ୍ତ ହରିଚନ୍ଦନ, ପ୍ରବୀଣା ଭଞ୍ଜଦେଓ, ନିକୁଞ୍ଜ ପଟ୍ଟନାୟକ, ରଶ୍ମି ମହାପାତ୍ର, ଅଜୟ ମିଶ୍ର, ପ୍ରଶାନ୍ତ ପ୍ରଧାନ, ପ୍ରଦୀପ ଜେନା, ତିରୁପତି ଶତପଥୀ, ରବି ବେହେରା, ରୋଜିନାରାଣୀ ଦାସ, ପରେଶ ପଟ୍ଟନାୟକ, ପ୍ରଭାସ କୁମାର ମହାକୁଡ଼, ନାଗଭୂଷଣ ରାୟଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଉଦ୍‌ବୋଧନ ଦେଉଛନ୍ତି।

# ୪ ପଞ୍ଚାୟତରେ ଗଡ଼ିଲା ବିକାଶ ବାହନ

କୃଷ୍ଣପ୍ରସାଦ, ୧୨।୬ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଲକ୍ଷ୍ୟ ନେଇ କୃଷ୍ଣପ୍ରସାଦ ବ୍ଲକ୍ ପରିକ୍ରମା ଆରମ୍ଭ କରିଛି ବିକାଶ ବାହନ। ଅରଖକୁଦା ପଞ୍ଚାୟତ ପରିସରରେ ସରପଞ୍ଚ ସୁମିତ୍ରା ବେହେରାଙ୍କ ପୌରୋହିତ୍ୟରେ ଗୁରୁବାର ବିଡିଓ ଅମିୟ କୁମାର ପଣ୍ଡା ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ୍ତ ବେହେରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ସହକାରୀ କୃଷି ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ସିପି ପ୍ରଭାତ କୁମାର ଜେନା, ଯୋଗାଣ ନିରୀକ୍ଷକ ସଞ୍ଜୀ ଦର୍ଶନ ଦାସ, ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳ, ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀର ୩୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଅରଖକୁଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ବିକାଶବାହନ ଯାତ୍ରା ଆରମ୍ଭ ହେବା ସହ ପ୍ରଥମ ଦିବସରେ କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋପୀନାଥପୁର, ମାଣିକା, ପଣସପଦା ଆଦି ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିଥିଲା। ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ପଣସପଦା ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ, ମାଣିକା ସରପଞ୍ଚ ଜିକୁରୁନ ବିବିଙ୍କ ନେତୃତ୍ୱରେ ଏହି ବାହନ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ପର୍ଯ୍ୟାୟକ୍ରମେ ବିଭିନ୍ନ ଦିନରେ ବ୍ଲକ ଅନ୍ତର୍ଗତ ଆଉ ୧୭ଟି ପଞ୍ଚାୟତ ବିକାଶ ବାହନ ପରିକ୍ରମା କରିବ ବୋଲି ଜଣାପଡ଼ିଛି।



# ଜନବସତିରେ ପ୍ଲାଷ୍ଟିକ୍ ସଂଗ୍ରହ, ପ୍ରକ୍ରିୟାକରଣ ୟୁନିଟ୍‌କୁ ନେଇ ଅସନ୍ତୋଷ

## କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଟାଙ୍ଗୀ, ୧୨।୬ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ରତନପୁର ପଞ୍ଚାୟତ ତାଳଡିହ ଗ୍ରାମରେ ପ୍ଲାଷ୍ଟିକ୍ ସଂଗ୍ରହ ଓ ପ୍ରକ୍ରିୟାକରଣ ୟୁନିଟ୍ ଖୋଲାଯାଇଛି। ଏହା ଦ୍ୱାରା ଅଞ୍ଚଳରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସାରା ଅଞ୍ଚଳ ଧୂଆଁମୟ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ ନେଇ ସ୍ଥାନୀୟ ଲୋକେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣାଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଚିବ, ଟାଙ୍ଗୀ ତହସିଲଦାରଙ୍କ ନିକଟରେ ଗତ ଏପ୍ରିଲ ୧୫ରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗକୁ ୨ମାସ ବିତିବାକୁ ବସିଥିବା ବେଳେ ସମସ୍ୟାର ସମାଧାନ ହୋଇପାରିନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ମୁତାବକ, ସୋରଣ ଗ୍ରାମର ଗୋପୀନାଥ ବେହେରାଙ୍କ ଦ୍ୱାରା ବାବା ବ୍ରହ୍ମେଶ୍ୱର ପ୍ଲାଷ୍ଟିକ୍ ସଂଗ୍ରହ ୟୁନିଟ୍ ଖୋଲିଯାଇଛି, ଯାହାର ଠିକଣା ଖୋର୍ଦ୍ଧା ଶିଳ୍ପାଞ୍ଚଳ ରହିଛି। କିନ୍ତୁ ଏହା ଖୋର୍ଦ୍ଧା ଶିଳ୍ପାଞ୍ଚଳ ପରିବର୍ତ୍ତେ ତାଳଡିହ ଗ୍ରାମ ଓ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟ ନିକଟରେ ଖୋଲାଯାଇଛି। ଏଠାରେ ୟୁନିଟ୍ ଖୋଲିବାକୁ କିଏ ଅନୁମତି ପ୍ରଦାନ କରିଛନ୍ତି, ନା ବେଆଇନ ଭାବେ ଏଠାରେ ସ୍ଥାନିତ କରାଯାଇଛି, ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ। ବିଦ୍ୟାଳୟରେ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗାଁ ମଧ୍ୟରେ ଥିବା ଏହି ୟୁନିଟ୍ ଦ୍ୱାରା ଶିଶୁ ଓ ବୟସ୍କ ବ୍ୟକ୍ତି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଜମା ସ୍ଥାନରେ ପାଣି ଜମି ମଶା, ମାଛିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଡେଙ୍ଗୁ ଜ୍ୱର ବ୍ୟାପିବାର ସମ୍ଭାବନା ଦେଖାଦେଇଛି। ଜିଲା ପ୍ରଶାସନର ବିନାନୁମତିରେ ଏହି ୟୁନିଟ ଖୋର୍ଦ୍ଧା ଶିଳ୍ପାଞ୍ଚଳ ବଦଳରେ ଗ୍ରାମାଞ୍ଚଳରେ କିଭଳି ଖୋଲିଲା ଏନେଇ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଜିଲା ପ୍ରଶାସନ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରି ଏଠାରୁ ୟୁନିଟକୁ ସ୍ଥାନାନ୍ତର ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।



## ୧୪ରୁ ଭୁବନେଶ୍ୱର ରଜ ମହୋତ୍ସବ

ବାରଙ୍ଗ,୧୨।୬(ଲିଙ୍ଗରାଜ ରାଉତ)

ଏଥର ରାଜଧାନୀ ଉପକଣ୍ଠ କଲ୍ୟାଣପୁର ସ୍ୱସ୍ତିବନରେ ମହାଆଡ଼ମ୍ବର ସହକାରେ ଭୁବନେଶ୍ୱର ରଜ ମହୋତ୍ସବ ୨୦୨୫ ପାଳନ ହେବାକୁ ଯାଉଛି। ଓଡ଼ିଶାର ଐତିହ୍ୟ ପରମ୍ପରା ଓ ପର୍ବପର୍ବାଣିକୁ ବଜାୟ ରଖିବାର ଏହା ଅନନ୍ୟ ପ୍ରୟାସ ବୋଲି ବୁଧବାର ସ୍ୱସ୍ତିବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ କହିଛନ୍ତି। ଭୁବନେଶ୍ୱର ରଜ ମହୋତ୍ସବ ପରିଷଦ ଆନୁକୂଲ୍ୟରେ ଆନନ୍ଦ ଉଲ୍ଲାସ ଓ ଉତ୍କଣ୍ଠାର ପର୍ବ ଅଷ୍ଟମ ରଜମଉଜ-୨୦୨୫ ପାଳନ ହେବ। ଏଥିରେ ଝିଅ ବୋହୂ ଓ କୁନିକୁନି ପିଲାଙ୍କ ପାରମ୍ପରିକ ଖେଳ ସହ ବିଭିନ୍ନ ପ୍ରତିଯୋଗିତାର ବ୍ୟବସ୍ଥା କରାଯାଇ ଗ୍ରାମୀଣ ଭାଇଚାରା ସମ୍ପର୍କର ସେତୁ ପ୍ରତିଷ୍ଠାର ପ୍ରୟାସ କରାଯାଉଛି। ଉତ୍ସବ ୧୪ରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନ ଚାଲିବାକୁ ଥିବାବେଳେ ଏଠାରେ ୪୦୦ରୁ ଊର୍ଦ୍ଧ୍ୱ ଦୋଳି ଲାଗିବ। ଏହାସହ ଝୋଟି ରଙ୍ଗୋଲି, ପୁଚି ଖେଳ, ଦଉଡ଼ିଡିଆଁ, ମ୍ୟୁଜିକ ଚେୟାର, ସାଧାରଣ ଜ୍ଞାନ, କୁଇଜ୍ ପ୍ରତିଯୋଗିତା, ସଙ୍ଗୀତ, ନୃତ୍ୟ, ଶଙ୍ଖ, ହୁଳହୁଳି, ରଜପାନ, ନଦିଆ, ଓଡ଼ିଶୀ, କୀର୍ତ୍ତନ, ପସାଖେଳ, କବାଡ଼ି ଖେଳ, ଅରଟ, ମିକି ମାଉସ ଆଦି ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଦିନ ୫ ହଜାର ଲୋକଙ୍କ ପାଇଁ ମାଗଣା ଖାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଖବରଦାତା ସମ୍ମିଳନୀରେ ବିଜେଡି ନେତା ସୁବାସ ଚନ୍ଦ୍ର ପାତ୍ର, ଜ୍ଞାନରଞ୍ଜନ ରାଉତ, ସନ୍ତୋଷ ନାଥ, ନିର୍ମଳ ରାଉତ, ରାଜୀବ ସ୍ୱାଇଁ, ସନତ ସ୍ୱାଇଁ, ନୃସିଂହ ଖାଡ଼ାଙ୍ଗା, ବସନ୍ତ ରଥ, ସୁକାନ୍ତ ପରିଡ଼ା, ବିକ୍ରମ ସ୍ୱାଇଁ, ବସନ୍ତ ସ୍ୱାଇଁ, ପ୍ରଭାତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରେନ୍‌ରୁ ପଙ୍କ, ଆବର୍ଜନା ସଫେଇ ସରୁନି

### ବିଏମ୍‌ସିର ବାହାଘର ବେଳେ ବାଇଗଣ ରୁଆ

ଭୁବନେଶ୍ୱର,୧୨।୬(ବନ୍ଦନା ସେଠୀ)

ବର୍ଷା ହେଲେ ରାଜଧାନୀ ଭୁବନେଶ୍ୱରର ବାସ୍ତବ ଚିତ୍ର ପଦାକୁ ଆସୁଛି। ବାହାଘର ବେଳେ ବାଇଗଣ ରୁଆ ଭଳି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆଗୁଆ ପଦକ୍ଷେପ ନ ନେଇ ବର୍ଷା ହେଲେ ଡ୍ରେନ୍ ସଫେଇ କାମ ଆରମ୍ଭ କରୁଥିବାରୁ ଏପରିସ୍ଥିତି ଉପୁଜୁଥିବା କୁହାଯାଉଛି। ଏବର୍ଷ ମଧ୍ୟ ସେମିତି ଆଭିମୁଖ୍ୟ ପାଇଁ ଅଧା ଡ୍ରେନ୍ ପଙ୍କ ଓ ଆର୍ବଜନାରେ ଭର୍ତ୍ତି ହୋଇ ରହିଥିବାରୁ ବଡ଼ ବର୍ଷା ହେଲେ ସହର ସ୍ଥିତି ବେହାଲ ହେବ ବୋଲି ଆଶଙ୍କା କରାଯାଉଛି।

ସ୍ମାର୍ଟସିଟିର ବିକାଶ ନେଇ ବିଏମ୍‌ସି ନିଜକୁ ବାହାବା ଦେଉଛି। ବର୍ଷା ଜଳ ନିଷ୍କାସନ ପାଇଁ ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ବର୍ଷା ହେଲେ ଯଥା ପୂର୍ବଂ ତଥା ପରଂ ସ୍ଥିତି ଦେଖିବାକୁ ମିଳୁଛି। ବର୍ଷାରେ ସହରର ପ୍ରମୁଖ ସ୍ଥାନ କୁହାଯାଉଥିବା ବାପୁଜୀ ନଗର, ବମିଖାଲ, ଜନପଥ, ଇସ୍କନଠାରୁ ଆରମ୍ଭ କରି ସହରର ଅଧିକାଂଶ ତଳିଆ ଅଞ୍ଚଳରେ ଜଳମଗ୍ନ ସ୍ଥିତି ନଜରକୁ ଆସୁଛି। ବର୍ଷ ତମାମ ଡ୍ରେନ ବିକାଶ, ପୁନରୁଦ୍ଧାର ଓ ସଫେଇ କରାଯାଉଥିବାବେଳେ ଏପଟେ ପଙ୍କ, ପ୍ଲାଷ୍ଟିକ ଓ ବର୍ଜ୍ୟରେ ବିଏମ୍‌ସିର ଅନେକ ନାଳ ଭର୍ତ୍ତି ହୋଇ ରହିଛି। ହସ୍ତଗତ ତଥ୍ୟ ଅନୁସାରେ, ଏବେ ସୁଦ୍ଧା ବିଏମ୍‌ସି ମୁଖ୍ୟ ନାଳର ମାତ୍ର ୪୦% ସଫେଇ ଶେଷ କରିଛି। ସେହିପରି ଆଭ୍ୟନ୍ତରୀଣ ନାଳଗୁଡିକରୁ ପ୍ରାୟ ୮୦ରୁ ୯୦% ସଫା କରାଯାଇଛି। ଅପରପକ୍ଷେ ୩୬୦ କି.ମିର ପିଡବ୍ଲୁଡି ଡ୍ରେନ୍ ମାତ୍ର ୪୦% ସଫେଇ ହୋଇଛି। ସହରର ବିଭିନ୍ନ ସ୍ଥାନରେ ଏବେ ଅନ୍ତରୀଣ ନାଳ ସଫେଇ ଆରମ୍ଭ ହୋଇଥିବାବେଳେ ପ୍ରାୟ ୯୦% କାମ ସରିଥିବା ବିଏମ୍‌ସି ଅଧିକାରୀ ସୂଚନା ଦେଇଥିଲେ ମଧ୍ୟ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ରହୁଛି। ଅଧିକାଂଶ ଡ୍ରେନରେ ଆବର୍ଜନା ପଡି ରହିଥିବାବେଳେ କେବଳ କାଗଜ କଲମରେ ସଫେଇ କାମ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।



ଖଣ୍ଡଗିରି ସର୍ଭିସ୍ ରୋଡ୍ ପାର୍ଶ୍ୱରେ ଥିବା ଡ୍ରେନ୍ ମୁହଁରେ ଆବର୍ଜନା, ଗଛଲତା ମାଡ଼ି ଯାଇଛି।



ଦୟା ୱେଷ୍ଟ କେନାଲରେ ଭର୍ତ୍ତି ହୋଇଥିବା ଆବର୍ଜନା।

## ମୁକୁଳା ଡ୍ରେନ୍ ମୁହଁରେ ଆବର୍ଜନା

ଜୁନ୍ ପହିଲା ସୁଦ୍ଧା ପ୍ରଥମ ପର୍ଯ୍ୟାୟ ଡ୍ରେନ ସଫେଇ ସରିବା କଥା। ସେହିପରି ଜୁନ୍‌ରୁ ଅକ୍ଟୋବର ଯାଏ ବିଏମ୍‌ସି ଦ୍ୱାରା ନିୟୋଜିତ ଠିକା ସଂସ୍ଥା ଦ୍ୱିତୀୟ ପର୍ଯ୍ୟାୟ ସଫେଇ କରିବା କଥା। ମାତ୍ର ଏଯାବତ୍ ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୪୦ରୁ ୫୦% କାମ ଶେଷ ହୋଇପାରିଛି। ନାନା ସ୍ଥାନରେ ମୁଖ୍ୟ ଡ୍ରେନ ଓ ଆଭ୍ୟନ୍ତରୀଣ ଡ୍ରେନ ଚୋକ୍ ହେବା ଓ ଡ୍ରେନ ଜାଲି ନିୟମିତ ସଫା ନ ହେବା କାରଣରୁ ବର୍ଷା ଜଳ ନିଷ୍କାସନରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ସେହିପରି ଭୁବନେଶ୍ୱରର ଏକାଧିକ ସ୍ଥାନରେ ନାଳ ମୁହଁ ଓ ମ୍ୟାନ୍‌ହୋଲ ମୁକୁଳା ପଡିଥିବାରୁ ପୂର୍ବଭଳି ଅଘଟଣ ଘଟିବାର ଭୟ ରହୁଛି।

## ମନ୍ତ୍ରୀଙ୍କ ନିର୍ଦ୍ଦେଶ କାମ ଦେଲାନି

ଗତବର୍ଷ ବର୍ଷାରେ ସହରର ବେହାଲ ଅବସ୍ଥା ଦେଖି ରାଜ୍ୟ ଭାଜପା ସରକାର ତତ୍ପର ହୋଇ ଉଠିଥିଲେ। ବର୍ଷା ପରେ ସ୍ଥାୟୀ ସମାଧାନ କରିବା, ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ସହ ପର୍ଯ୍ୟାପ୍ତ ପାଣ୍ଠି ବିନିଯୋଗ କରି ଜଳବନ୍ଦୀ ସ୍ଥିତିର ସମାଧାନ ନେଇ ଯୋଜନା ପ୍ରସ୍ତୁତ କରିବାକୁ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଏମ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଭୁବନେଶ୍ୱରର କେଉଁକେଉଁ ସ୍ଥାନରେ ଜଳବନ୍ଦୀ ସ୍ଥିତି ଉପୁଜୁଛି, ତାହାର ସ୍ଥାୟୀ ସମାଧାନ କ'ଣ ହୋଇପାରିବ, ସେ ନେଇ ତଥ୍ୟ ରଖିବାକୁ କୁହାଯାଇଥିଲା। ଏଥିପାଇଁ ସମସ୍ତ ବିଭାଗକୁ ନେଇ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ବିଶେଷଜ୍ଞଙ୍କ ସହାୟତାରେ ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଇତି ମଧ୍ୟରେ ବର୍ଷେ ବିତି ଯାଇଥିଲେ ବି ସେପରି ସଫଳ ପଦକ୍ଷେପ ନିଆଯାଇପାରିନି। ଇତିମଧ୍ୟରେ ବର୍ଷା ଆରମ୍ଭ ହୋଇଯାଇଥିଲେ ମଧ୍ୟ ଡ୍ରେନ୍ କାମ ସରିପାରୁ ନ ଥିବାରୁ ମନ୍ତ୍ରୀ ପୁଣି ଗତବର୍ଷ ଭଳି ଜଳବନ୍ଦୀ ଅବସ୍ଥା ଦେଖିବେ ବୋଲି ଆଲୋଚନା ଚାଲିଛି।

## ଇସ୍କନ, ବମିଖାଲ ପାଇଁ ଏବେ ସରିଲା ଟେଣ୍ଡର

ଅପରପକ୍ଷେ ଜଳବନ୍ଦୀକୁ ଏଡାଇବା ଲାଗି ବିଏମ୍‌ସି ଚଳିତବର୍ଷ ବ୍ୟାପକ ପଦକ୍ଷେପ ନେଇଥିବା ନଗର ଯନ୍ତ୍ରୀ ବିଳାସ କୁମାର ବେହେରା ସୂଚନା ଦେଇଛନ୍ତି। ଇସ୍କନ ନିକଟରେ କିପରି ଅଧିକ ସମୟ ପାଣି ନ ଜମିବ ସେ ନେଇ ଧ୍ୟାନ ରଖାଯାଇଛି। ଏହାର ସ୍ଥାୟୀ ସମାଧାନ ଲାଗି ଇସ୍କନରୁ ବେହେରାସାହି ଦେଇ ମୁଖ୍ୟ ନାଳରେ ସଂଯୋଗ କରିବାକୁ ଡ୍ରେନ ନିର୍ମାଣ କରାଯାଉଛି। ବମିଖାଲ ଅଞ୍ଚଳରେ ମଧ୍ୟ ବିଏମ୍‌ସି ଡ୍ରେନ ନିର୍ମାଣ କରିବ। ଏହି ୨ଟି ସ୍ଥାନ ଲାଗି ଟେଣ୍ଡର ଜାରି କରାଯାଇଛି ଏବଂ ଶୀଘ୍ର କାମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ସେହିପରି ଜୁନ୍ ଶେଷ ସୁଦ୍ଧା ଡ୍ରେନ୍ କାମ ସରିଯବ ବୋଲି ଅଧିକାରୀ କହିଛନ୍ତି।

## ପାତ୍ରପଡ଼ା ରଜ ମହୋତ୍ସବ

ଭୁବନେଶ୍ୱର, ୧୨।୬ (ସୌମ୍ୟରଞ୍ଜନ ରାଉତ)

### ପ୍ରଥମଥର ଦୋଳିରେ ପୂଜା ପାଇବେ ରାଧାକୃଷ୍ଣ

ମହାରାଜା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ୧୫ତମ ପାତ୍ରପଡ଼ା ରଜ ମହୋତ୍ସବ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗୁରୁବାର ପାତ୍ରପଡ଼ା ପଡ଼ିଆରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରଜ ମହୋତ୍ସବରେ ପ୍ରଥମଥର ରାଧାକୃଷ୍ଣଙ୍କ ମୂର୍ତ୍ତି ଏକ ସ୍ୱତନ୍ତ୍ର ଦୋଳିରେ ପୂଜା ପାଇବେ। ପୋଡ଼ପିଠା ସାଙ୍ଗକୁ ରଜପାନ, ଝିଅମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପାରମ୍ପରିକ ପୁଚି, ମେହେନ୍ଦି, ଶଙ୍ଖଫୁଙ୍କା, ହୁଳହୁଳି, ଦୌଡ଼ି ଡିଆଁ, ମ୍ୟୁଜିକ୍ ଚେୟାର, ମେହେନ୍ଦି ଓ ପ୍ରତି ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରେ ପ୍ରତିଦିନ ସନ୍ଧ୍ୟାରେ ଅତିଥିଙ୍କ ଦ୍ୱାରା କୃତୀ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଚଳିତବର୍ଷ ୧୫୦ ଦୋଳି ସାଙ୍ଗକୁ ରାମ ଦୋଳି, ବ୍ରେକ୍ ଡ୍ୟାନ୍ସ, ନୌକା ଦୋଳି ସାଙ୍ଗକୁ ସମସ୍ତ ପ୍ରକାରର ମନୋହରି ଦୋକାନ, ଠୁଙ୍କାପୁରି, ମଥୁରା କେକ୍ ଓ ସମସ୍ତ ପ୍ରକାରର ଦୋକାନ ବଜାର ବସିବ। ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଅନୁଷ୍ଠାନର ଯୁବ ବାହିନୀ ସଦସ୍ୟମାନେ ସ୍ଥାନୀୟ ପୋଲିସକୁ ସହଯୋଗ କରିବା ସହିତ ଯାନବାହନ ଚଳାଚଳ ନିୟନ୍ତ୍ରଣ କରିବେ। କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରାଯାଇଛି। ଖବରଦାତା ସମ୍ମିଳନୀରେ ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀଙ୍କ ସମେତ ମହାରାଜ କ୍ରିକେଟ୍ ଆସୋସିଏଶନର ସଭ୍ୟ ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ରବୀନ୍ଦ୍ର ନାଥ ସାହୁ, ସତ୍ୟ ନାରାୟଣ ମହାନ୍ତି, ବିଜୟ କୁମାର ପାଟଶାଣୀ, ସାମାଜିକ କର୍ମୀ ଅତିଶ କୁମାର ମାର୍ଥା ଓ ଯୁବ ବାହିନୀର ସଭ୍ୟମାନେ ଉପସ୍ଥିତ ରହି ସୂଚନା ଦେଇଥିଲେ।

## ମନ ଜିଣିଲା ଦିବ୍ୟାଙ୍ଗ ଶିଳ୍ପୀଙ୍କ ଓଡ଼ିଶୀନୃତ୍ୟ



ବାର୍ଷିକ ନୃତ୍ୟ ପ୍ରତିଭା ଓ ରଜ ପ୍ରତିଭା ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୧୨।୬ (ସୌମ୍ୟରଞ୍ଜନ ରାଉତ)

ନୃତ୍ୟପ୍ରତିଭା ଅନୁଷ୍ଠାନର ୨୫ତମ ବାର୍ଷିକ ନୃତ୍ୟ ପ୍ରତିଭା ଓ ରଜ ପ୍ରତିଭା ଉତ୍ସବ ଗୁରୁବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଗୁରୁ ଦୀପ୍ତି ରାଉତରାୟ। ପରେ ପାରାଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଟି. ଦୀପ୍ତି, ଅରିଦିତା ଚକ୍ରବର୍ତ୍ତୀ ଓ ଦେବଦତ୍ତ ଦାଶ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ମୂକ ଓ ବଧିର ଥିବା ସାଇକିରଣ ବେହେରା ଓ

### ଦୀପ୍ତି ରାଉତରାୟଙ୍କୁ 'ରଜ ପ୍ରତିଭା ସମ୍ମାନ'

ଆକାଂକ୍ଷା ଆରାଧନାଙ୍କ ଦ୍ୱୈତ ଓଡ଼ିଶୀ ନୃତ୍ୟ ପରିବେଷଣକରି ମନ ଜିଣିଥିଲେ। ଶେଷ ପ୍ରସ୍ତୁତିରେ ଥିଲା ନୃତ୍ୟ ପ୍ରତିଭାର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଫ୍ୟାଶନ ଶୋ ଓ ନୃତ୍ୟ ପ୍ରତିଭା ଛାତ୍ରୀଛାତ୍ରଙ୍କ ରଜ ସଙ୍ଗୀତ ପରିବେଷଣ ହୋଇଥିଲା। ଅତିଥିଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ୍‌ର ସଭାପତି ସମୀର ମହାନ୍ତି, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ଲେଖିକା ରୀନା ରାଉତରାୟ, ରୋଟାରିଆନ ନିହାରିକା ମିଶ୍ର, ନୃତ୍ୟ ପ୍ରତିଭା ସଭାପତି ଡ. ରଜନୀ ରଞ୍ଜନ ଦାଶ, ଉପ ସଭାପତି ବଙ୍କିମ ଚନ୍ଦ୍ର ନାୟକ ଓ ସମ୍ପାଦିକା ପ୍ରତିଭା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଦୀପ୍ତି ରାଉତରାୟଙ୍କୁ 'ରଜ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଋତୁପର୍ଣ୍ଣା ମହାପାତ୍ର ସନ୍ଧ୍ୟା ଅଧିବେଶନରେ ପରିଚାଳନା କରିଥିବାବେଳେ ଗୁରୁ ପ୍ରତିଭା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର,୧୨।୬(ସୁବାସ ଚନ୍ଦ୍ର ପ୍ରଧାନ)

ଏଥେନା ବୁକ୍ସ ଅନୁଷ୍ଠାନ ପକ୍ଷରୁ ଗୁରୁବାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସ୍ଥାନୀୟ ଗବେଷଣା ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ ଯୋଗଦେଇ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ମାନସ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବେ ଡ.ମନମୋହନ ଆଚାର୍ଯ୍ୟ ଭଞ୍ଜଙ୍କ କବିତାର ଶବ୍ଦ ଓ ଅର୍ଥ ଅନନ୍ୟକୁ ପ୍ରକାଶ କରିଥିଲେ। ଭଞ୍ଜଙ୍କ ଗୋଟିଏ କବିତାରେ ଏକାଧିକ ଅର୍ଥ କେମିତି ବୁଝାଏ ତାହା ସେ ଆଲୋଚନା କରିଥିଲେ। ସଭାପତି ଡ.ବିବେକାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଭଞ୍ଜ କାବ୍ୟର ଚମତ୍କାରିତା ସମ୍ପର୍କରେ ବାଖ୍ୟା କରିଥିଲେ। କାର୍ଯ୍ୟକ୍ରମକୁ ଡ.ଦେବାଶିଷ ମହାପାତ୍ର ଉପସ୍ଥାପନା କରିଥିଲେ।

## ସାଇ ସ୍ମୃତି କଳାକେନ୍ଦ୍ରର ନୃତ୍ୟ ଉତ୍ସବ

ଭୁବନେଶ୍ୱର, ୧୨।୬ (ସୌମ୍ୟରଞ୍ଜନ ରାଉତ)

ସାଇ ସ୍ମୃତି କଳାକେନ୍ଦ୍ରର ୧୭ତମ ନୃତ୍ୟ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଜେବି ନଗର ବ୍ରହ୍ମାକୁମାରୀ କେନ୍ଦ୍ରର ବ୍ରହ୍ମାକୁମାରୀ ତପସ୍ୱିନୀ ଭଉଣୀ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ଯୋଗଦେଇ ଓଡ଼ିଶାର କଳା ସଂସ୍କୃତି ସମ୍ପର୍କରେ ଆଲୋକପାତ କରିବା ସହ ନୃତ୍ୟର ଉପକାରିତା ବର୍ଣ୍ଣନା କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପୂର୍ବତନ ନିର୍ଦ୍ଦେଶକ ଅନନ୍ତ ଚରଣ ସାହୁ, ଅର୍ବାନ ପ୍ଲାନ୍‌ର ପୀୟୂଷ ରଞ୍ଜନ ରାଉତ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜ ନାରାୟଣ ତ୍ରିପାଠୀ ଏବଂ ସଙ୍ଗୀତଜ୍ଞ ଅବନ୍ତିକା ପଟ୍ଟନାୟକ ଯୋଗଦେଇ ଓଡ଼ିଶାର କଳା ସଂସ୍କୃତି, ପରମ୍ପରା, ଚାଲିଚଳଣ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁ ସୁନୀଲ ବେହେରାଙ୍କୁ ସାଇ ସ୍ମୃତି କଳାକେନ୍ଦ୍ର ନୃତ୍ୟ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ଗୁରୁ ରାଜଶ୍ରୀ ଜେନା ଓ ଗୁରୁ ସୁନୀଲ ବେହେରାଙ୍କ ସଂଯୋଜନାରେ ଛାତ୍ରୀମାନେ ବସନ୍ତ ପଲ୍ଲବୀ ଓ ଦଶାବତାର ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିବା ବେଳେ ଜୟଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




ସାଇ ସ୍ମୃତି କଳାକେନ୍ଦ୍ରର ନୃତ୍ୟ ଉତ୍ସବରେ ଯୋଗଦେଇଥିବା ଅତିଥି।

## ପରିବେଶ ଉପରେ ସଚେତନତା ପ୍ରତିଯୋଗିତା

ଭୁବନେଶ୍ୱର, ୧୨।୬(ବନ୍ଦନା ସେଠୀ)

ମହେରୀନ ଫାଉଣ୍ଡେଶନ ଏବଂ ଓଡ଼ିଶା ବାୟୋଡାଇଭର୍ସିଟି ବୋର୍ଡ ସହଯୋଗରେ ବିଶ୍ୱ ପରିବେଶ ଦିବସ ଅବସରରେ ବିଭିନ୍ନ ସଚେତନତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବାକୁ ଉତ୍ସାହିତ କରିବା ପାଇଁ ୧୫ଦିନ ଧରି ଚିତ୍ରାଙ୍କନ, ଭାଷଣ, ପୋଷ୍ଟର୍ ଡିଜାଇନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ଓ ଫରେଷ୍ଟ ପାର୍କରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଭଳି ପ୍ରତିଯୋଗିତା ଶିଶୁଙ୍କ ସୃଜନଶୀଳତାକୁ ବୃଦ୍ଧି କରିବା ସହ ପରିବେଶ ଉପରେ ସଚେତନ କରିବାରେ ସହାୟକ ହେବ ବୋଲି ଗ୍ୟାଲେରିର ପ୍ରତିଷ୍ଠାତା ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ତାରାକାନ୍ତ ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ କର୍ପୋରେଟର ଇତିଶ୍ରୀ ଦାସ, ନୀଳୟ ପଟ୍ଟନାୟକ, ରିନା ମିଶ୍ର, ନିହାରିକା ପଟ୍ଟନାୟକ, ଲୀନା ମିଶ୍ର, ସଙ୍ଗୀତା ସ୍ୱାଇଁ, ଜୁନିଅର୍ ସୋସିଆଲ ଆକ୍ଟିଭିଷ୍ଟ ଲାଷ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ଶ୍ରମିକ ବିଲୋପ ପାଇଁ ପରିବାରରୁ ସଚେତନତା ଜରୁରୀ

ଭୁବନେଶ୍ୱର, ୧୨।୬(ବନ୍ଦନା ସେଠୀ)

ପ୍ରତ୍ୟେକ ଶିଶୁର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେଲେ ପ୍ରତି ସ୍ତରରେ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ଶିଶୁସାଥୀ ପରିବେଶ ସୃଷ୍ଟିକରିବା, ପ୍ରତ୍ୟେକ ଶିଶୁକୁ ବିଦ୍ୟାଳୟଗାମୀ କରାଇବା ଓ ଶିଶୁ ଶୋଷଣ ବିହୀନ ସମାଜ ଗଠନ ପାଇଁ ପିତାମାତାଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଶିଶୁ ଶ୍ରମିକ ବିଲୋପ ପାଇଁ ପରିବାର ସ୍ତରରୁ ବ୍ୟାପକ ସଚେତନତା ଜରୁରୀ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଗୁରୁବାର ଆକ୍ସନ ଏଡ୍ ଆସୋସିଏଶନ ଓ ସିସିଡବ୍ଲୁଡି ପକ୍ଷରୁ ନୀଳଚକ୍ର ନଗରଠାରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ମାନବ ଶୃଙ୍ଖଳ ଓ ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ଯୋଗଦେଇ ଶିଶୁ ସାଥୀ ପରିବେଶ ଓ ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ ଗଠନରେ ମାତାପିତାଙ୍କ ଦାୟିତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସ୍ନିଗ୍ଧା ଦାସ, କଲ୍ୟାଣୀ ରାଉତ, ଶିବ ସାହୁ, ସରସ୍ୱତୀ ପରିଡ଼ା ପ୍ରମୁଖ ଶିଶୁ ଶୋଷଣ ବିହୀନ ସମାଜ ଗଠନ ପାଇଁ ପରିବାର ସ୍ତରରୁ ବ୍ୟାପକ ସଚେତନତା ଜରୁରୀ ବୋଲି ମତ ରଖିଥିଲେ। ସୁଚରିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଷ୍ଣୁପ୍ରିୟା ସାମଲ ଓ ସ୍ମୃତିରେଖା ଦାସ ପରିଚାଳନା କରିଥିଲେ।




ମହିଳାମାନେ ମାନବ ଶୃଙ୍ଖଳରେ ସଚେତନତାର ବାର୍ତ୍ତା ଦେଉଛନ୍ତି।

## ଶିଶୁ ଶ୍ରମିକ ରୋକିବାକୁ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ

### ଗଡ଼ିଲା 'ରେଡିଓ ଅନ୍ ହ୍ୱିଲ'

ଭୁବନେଶ୍ୱର, ୧୨।୬ (ବନ୍ଦନା ସେଠୀ)

ଶିଶୁ ଶ୍ରମିକ ସମସ୍ୟାକୁ ନେଇ ସଚେତନତା ସୃଷ୍ଟିକରିବା ଏବଂ ବିଶ୍ୱବ୍ୟାପୀ ଶିଶୁଙ୍କ ଅଧିକାର ପାଇଁ ପ୍ରଚାର କରିବା ଉଦ୍ଦେଶ୍ୟରେ ଗୁରୁବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ରାଜ୍ୟରୁ ଶିଶୁ ଶ୍ରମିକ ଦୂରକରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲାରେ ୧୫ଦିନିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଅଧୀନରେ ପଦଯାତ୍ରା, ସଚେତନତା ସଭା, ଦସ୍ତଖତ ଅଭିଯାନ ଏବଂ ଉଦ୍ଧାର କାର୍ଯ୍ୟ ଇତ୍ୟାଦି ଆୟୋଜନ କରାଯିବ। ଶ୍ରମ ଏବଂ ରାଜ୍ୟ ବୀମା ବିଭାଗର ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ୍ 'ରେଡିଓ ଅନ୍ ହ୍ୱିଲ' ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ, ଶ୍ରମ ନିର୍ଦ୍ଦେଶାଳୟର ସମସ୍ତ କର୍ମଚାରୀ ଏବଂ ଓଡ଼ିଶା କମ୍ୟୁନିଟି ରେଡିଓ ଆସୋସିଏଶନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। 'ରେଡିଓ ଅନ୍ ହ୍ୱିଲ୍' ଭୁବନେଶ୍ୱର ମହାନଗର ନିଗମ, କଟକ ମହାନଗର ନିଗମ ଏବଂ ଖୋର୍ଦ୍ଧା ପୌରପାଳିକା ଅଧୀନରେ ଥିବା ବିଭିନ୍ନ ସହରାଞ୍ଚଳକୁ ଯାତ୍ରା କରିବ। ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ଏବଂ କିଶୋର ଶ୍ରମିକ ଆଇନ ଅନୁଯାୟୀ ଶିଶୁ ଶ୍ରମିକ ବିରୋଧରେ ବିଭିନ୍ନ ବ୍ୟବସ୍ଥା ଏବଂ ଦଣ୍ଡ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯିବ।



'ରେଡିଓ ଅନ୍ ହ୍ୱିଲ' ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

# ସଂକ୍ଷେପରେ

## ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଲେ ମୁଖ୍ୟ ପ୍ରଶାସକ

ପୁରୀ,୧୨।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ସ୍ନାନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଡ. ପାଢୀ କହିଛନ୍ତି, ମହାପ୍ରଭୁଙ୍କ ଅପାର କରୁଣାରୁ ସ୍ନାନଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଲକ୍ଷାଧିକ ଭକ୍ତ ସ୍ନାନବେଦିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ସେବକ ବନ୍ଧୁମାନଙ୍କ ଅକୁଣ୍ଠ ସହଯୋଗ ଯୋଗୁ ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତି ଠିକଣା ସମୟରେ ସମାପନ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର କର୍ମଚାରୀ ଏବଂ ଅଧିକାରୀମାନେ ସମର୍ପିତ ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ଏଥିପାଇଁ ସମସ୍ତଙ୍କୁ ଗଭୀର କୃତଜ୍ଞତା ତଥା ସାଧୁବାଦ ଜ୍ଞାପନ କରୁଛି। ଅନ୍ୟାନ୍ୟ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ମଧ୍ୟ ସହଯୋଗ ପାଇଁ ଧନ୍ୟବାଦ ଜଣାଉଛି। ଆଗାମୀ ଘୋଷଯାତ୍ରା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିବା ସହ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରଣତି ଜଣାଉଛି ବୋଲି ଡ. ପାଢୀ ପ୍ରକାଶ କରିଛନ୍ତି।

## କଂଗ୍ରେସ ନେତା ରବି ସ୍ୱାଇଁଙ୍କ ପରଲୋକ

ସାକ୍ଷୀଗୋପାଳ,୧୨।୬(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅଧୀନ ମଧୁବନ ପଞ୍ଚାୟତର ବର୍ଷୀୟାନ୍ କଂଗ୍ରେସ ନେତା ରବି ସ୍ୱାଇଁ (୮୧)ଙ୍କ ତାଙ୍କ ବାସଭବନରେ ବୁଧବାର ଦେହାନ୍ତ ହୋଇଛି। ସ୍ୱର୍ଗତ ସ୍ୱାଇଁ ମଧୁବନ ପଞ୍ଚାୟତ ସମେତ ପଶ୍ଚିମ ସତ୍ୟବାଦୀର ଜଣେ ଟାଣୁଆ କଂଗ୍ରେସ ନେତା ଭାବେ ଅନେକ ଜନମଙ୍ଗଳ କାର୍ଯ୍ୟ କରିଛନ୍ତି। ରାଜନୈତିକ ଜୀବନରେ ସ୍ୱାଇଁ ୧୫ ବର୍ଷ ଧରି ମଧୁବନ ପଞ୍ଚାୟତରେ କଂଗ୍ରେସ ଦଳର ସଭାପତି ଥିଲେ। ଅଭୟମୁଖୀ ପଞ୍ଚାୟତର ନାଏବ ସରପଞ୍ଚ ଥିଲେ। ସେ ଟାଟା ନଗରରେ ଜନ୍ମ ହୋଇଥିଲେ ମଧ୍ୟ ନିଜ ଜନ୍ମସ୍ଥାନ ଡାହାଣ କୁମ୍ଭାରପଡ଼ାରେ ରହି ଜନସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କ ସରଳ ଜୀବନ, ଲୋକଙ୍କୁ ଭଲପାଇବା, ନିରଳସ ସେବା ପାଇଁ ଅଞ୍ଚଳବାସୀଙ୍କ ଅତିପ୍ରିୟ ହୋଇପାରିଥିଲେ। ସ୍ୱାଇଁଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସତ୍ୟବାଦୀର ଅନେକ ରାଜନୈତିକ ବ୍ୟକ୍ତିମାନେ ଶୋକବ୍ୟକ୍ତ କରିଛନ୍ତି।

## ଭାଗବତ ସପ୍ତାହ ଉଦଘାଟିତ

କାକଟପୁର/ଅସ୍ତରଙ୍ଗ,୧୨।୬ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

କାକଟପୁର ମା' ମଙ୍ଗଳା ପୀଠ ପରିସରରେ ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ୯ ଦିନ ବ୍ୟାପୀ ଭାଗବତ ସପ୍ତାହ ଭାଗବତ ପ୍ରଚାର ସମିତି ଓ ଗୀତା ଜ୍ଞାନ ଯଜ୍ଞ କମିଟି ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦିନ ତମାମ ଭାଗବତ ଓ ଗୀତା ପଠନ କରାଯିବା ସହିତ ରାତ୍ରିରେ ଧାରାବାହିକ ପ୍ରବକ୍ତା ବାବା ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଚାଲୁରହିଛି। ଅବାଟରେ ଚାଲୁଥିବା ମଣିଷଙ୍କୁ ଭାଗବତ ଆଧ୍ୟାତ୍ମିକର ଦିଗ ପ୍ରଦର୍ଶନ କରିଥାଏ ବୋଲି ବାବା ସତ୍ୟାନନ୍ଦ ଦାସ ପ୍ରକାଶ କରିବା ସହ ସର୍ବଦା ସତ୍‌କର୍ମ କରିବା, ସଦାଚାରୀ ହେବା ଓ ଦୟା, ପ୍ରେମ, କ୍ଷମା ଓ ସ୍ନେହ କରିବା ଶିକ୍ଷା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ।

# 'ପୁରୀ ହେବ ବିକଶିତ ଓଡ଼ିଶାର ମୂଳଦୁଆ'

### ପ୍ରଦର୍ଶନୀକୁ ଉଦ୍‌ଘାଟନକଲେ ଶିଳ୍ପମନ୍ତ୍ରୀ

ପୁରୀ,୧୨।୬(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉତ୍ସବ ଗୁରୁବାରଠାରୁ ଶରଧାବାଲିରେ ଆରମ୍ଭ ହୋଇଛି। ଏହା ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ବିକାଶ ମେଳା ତଥା 'ବର୍ଷ ଏକ ଉପଲବ୍ଧି ଅନେକ' ନାମରେ ଆୟୋଜିତ ଏହି ଉତ୍ସବକୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରି କହିଛନ୍ତି ଯେ, ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ପାଳନ କରିଛନ୍ତି। ବର୍ତ୍ତମାନର ସରକାର ଲୋକଙ୍କ ସରକାର। ତେଣୁ ଲୋକଙ୍କ ହିତ ତଥା ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ ବ୍ୟବସ୍ଥା କରୁଛନ୍ତି। ସରକାର ଆସିବା ପରେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲା, ମହାପ୍ରଭୁଙ୍କ ପାଇଁ ୫୦୦ କୋଟି ଟଙ୍କାର କର୍ପସଫଣ୍ଡ ବ୍ୟବସ୍ଥା, ରତ୍ନଭଣ୍ଡାର ଖୋଲା ଓ ମରାମତି, ସୁଭଦ୍ରା ଅର୍ଥ ପ୍ରଦାନ, କୃଷକଙ୍କୁ ଇନପୁଟ ସବ୍‌ସିଡି ସହ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ମୂଲ୍ୟ ପ୍ରଦାନ, ଆୟୁଷ୍ମାନ ଆରୋଗ୍ୟ କାର୍ଡ ପ୍ରଦାନ, ସିଏମ୍ କିଷାନ ଅର୍ଥ ପ୍ରଦାନ, ନିଯୁକ୍ତି ବୟସ ସୀମା ୩୨ରୁ ୪୨କୁ ବୃଦ୍ଧି, ଶିକ୍ଷା, ପଛୁଆ ବର୍ଗକୁ ସାମାଜିକ ନ୍ୟାୟ ପ୍ରଦାନ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସଚିବାଳୟରେ ପ୍ରବେଶ ବ୍ୟବସ୍ଥା ଇତ୍ୟାଦି କରିଛନ୍ତି। ପୁରୀକୁ ଐତିହ୍ୟ ସହର କରିବା ପାଇଁ ବିମାନ ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ ସହ ସଡ଼କ ଓ ରେଳପଥର ବିକାଶ ହୋଇଛି। ଅସ୍ତରଙ୍ଗ ବନ୍ଦର ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ୬ଲକ୍ଷ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ଦିଆଯାଇଛି। ସେହିପରି ଅଭିଯୋଗ ଶୁଣାଣିକୁ ସୁଦୃଢ଼ କରାଯାଇଛି। ମୋଟ ୧୦୮୯୪ ଅଭିଯୋଗ ମଧ୍ୟରୁ ୯୩୮୮ ଅର୍ଥାତ ଶତକଡା ୮୬ ଭାଗର ସମାଧାନ ହୋଇଛି। ସୁଭଦ୍ରା ଯୋଜନାରେ ୧କୋଟିରୁ ଊର୍ଦ୍ଧ୍ୱ ମା'ଙ୍କୁ ସାମିଲ କରାଯିବା ସହ ଲକ୍ଷପତି ଦିଦି ସୃଷ୍ଟି କ୍ଷେତ୍ରରେ ରାଜ୍ୟ ସମଗ୍ର ଦେଶରେ ପ୍ରଥମ ହୋଇଛି। ଶିଳ୍ପ କ୍ଷେତ୍ରରେ ଦ୍ରୁତ ବିକାଶ ଲାଭ କରିବା ସହ ଯୁବ ବର୍ଗଙ୍କୁ ନିଯୁକ୍ତି ପ୍ରଦାନରେ ସହାୟକ ହୋଇଛି। ପ୍ରତି ବ୍ଲକରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହ ଏଆଇ ଟେକ୍ନୋଲୋଜି ପାଇଁ ନୀତି ପ୍ରଣୟନ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ହିତାଧିକାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀକୁ ଶିଳ୍ପ ମନ୍ତ୍ରୀ ଉଦଘାଟନ କରିଥିଲେ। ପ୍ରଦର୍ଶନୀରେ ୫୦ଟି ଷ୍ଟଲ ଖୋଲାଯାଇଛି।



ସଭାରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟ ଅତିଥି ବୃନ୍ଦ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ରଥଖଳାରୁ...

## ୩ ରଥରେ ଲାଗିଲା ଚଉଦ ନାହାକା



ପୁରୀ,୧୨।୬(ଅଜିତ୍ କୁମାର ମହାନ୍ତି):

ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଗୁରୁବାର ତିନିରଥରେ ଚଉଦ ନାହାକା ବୁଳିବା ସହ ଚାରିନାହାକାରେ ପ୍ରଥମ ଭୂଇଁ ବା ମୂଳ ଭୂଇଁ ଉଠିବା ଶେଷ ହୋଇଛି। ତିନି ରଥରେ ଚଉଦ ନାହାକା ଖମ୍ବିଗୁଡ଼ିକୁ ପ୍ରତି ରଥର ଚାରି ନାହାକାଠାରୁ ଅଢେଇ ଫୁଟ ବ୍ୟବଧାନରେ ଚାରି ନାହାକା ଚାରି ପାର୍ଶ୍ୱରେ ବୁଳିବା ସହ ପ୍ରଥମ ଭୂଇଁ ଛ' କାଠିରେ ପାଖୁଡ଼ା ସଂଯୋଗ ହୋଇ ପ୍ରଥମ ଭୂଇଁ ବା ମୂଳ ଭୂଇଁ ଫ୍ରେମ୍ ପଡ଼ିଛି। ଏଥିସହ ତିନି ରଥର ମଝି ଭୂଇଁ ବା ଦ୍ୱିତୀୟ ଭୂଇଁ ଫ୍ରେମ ନିର୍ମାଣ ଶେଷ ହୋଇ ଦ୍ୱିତୀୟ ଭୂଇଁଫ୍ରେମ୍‌ର ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ ଶେଷ ହୋଇଛି। ଶୁକ୍ରବାର ଏହି ଦ୍ୱିତୀୟ ଭୂଇଁ ଫ୍ରେମ୍ ଖୋଲାଯାଇ ତିନି ରଥରେ ସଂଯୋଗ ସହ ତୃତୀୟ ଭୂଇଁ ବା ଅଗ ଭୂଇଁ ଫ୍ରେମ୍ ନିର୍ମାଣ ହେବ। ଆଗଆଣି ପଛଆଣି ଦୁଇଟି ଲେଖାଏ କତରା ନିର୍ମାଣ ଶେଷ ପରେ ଦୁଇଟି ଲେଖାଏ ପଛଆଣି କତରା ତିନି ରଥରେ ସେଟିଂ ହୋଇଛି। ରୂପକାର ସେବକମାନେ ସେଥିରେ ୫ଟି ଲେଖାଏ ପଦ୍ମଫୁଲ ଏବଂ ଦୁଇ ପାର୍ଶ୍ୱରେ ପଦ୍ମ କାଢି ଚିତ୍ର ଅଙ୍କନ ଶେଷ କରି ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଭୋଇ ସେବକମାନଙ୍କ ପାଇଁ ଦୁଇଟି ଲେଖାଏ ୨୦ ଫୁଟିଆ ସାଙ୍ଗି ନିର୍ମାଣ ସରିଛି। କନକମୁଣ୍ଡି, ଅଁଳାପିଣ୍ଡି ଏବଂ କଳସପିଣ୍ଡି ନିର୍ମାଣ ସରିଛି। ତିନିରଥ ସମ୍ମୁଖ ଭାଗ ବ୍ରେକ ଚକଗୁଡ଼ିକର ଉଭୟପାର୍ଶ୍ୱରେ ପଇ, ପଇ ସଂଯୋଗ ସ୍ଥାନରେ ଲୁହାପ୍ଲେଟ ମାନ ନଟ୍ ବୋଲ୍ଟ ଦେଇ ଫିଟିଙ୍ଗ କରାଯାଇଛି। ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ସହ ଧୂଳିଦଣ୍ଡାରେ ଚିତ୍ର ଖୋଦେଇ ଚାଲିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କତରା କଣ୍ଟା ନିର୍ମାଣ ଶେଷ କରି ଦ୍ୱିତୀୟ ଭୂଇଁ, ତୃତୀୟ ଭୂଇଁ କଣ୍ଟା ସହ ପୋଟଳ ନଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ପାହି ମହାରଣାମାନେ ଅଣସର ପାଇଁ ଅଣସର କୁଣ୍ଡ ଘୋଡ଼ିଆ ସହ କାଠ, ବାଉଁଶ ସାମଗ୍ରୀ ଯୋଗାଇ ସାରି ଗୁଣ୍ଡିଚା ଘର ଗରୁଡ ମହାପ୍ରଭୁଙ୍କ ସ୍ନାନ ଓ ବେଶ କାର୍ଯ୍ୟ ପାଇଁ କାଠ ନିର୍ମିତ ନିଶୁଣି, ବେଶ ଘୋଡ଼ିଆ, ଟାଙ୍ଗଡ଼ା ଷ୍ଟାଣ୍ଡ, ବାଉଁଶ କାଠି ଏବଂ ଶିଡ଼ି ନିର୍ମାଣ ଜାରି ରଖିଛନ୍ତି।

# ଥାନା ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ଧାରଣା

ନିମାପଡ଼ା,୧୨।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଶତାଧିକ କଂଗ୍ରେସ କର୍ମୀ ଥାନା ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ ୫ ତାରିଖରେ ନିମାପଡ଼ାଠାରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ରଙ୍କୁ ଯୁବ କଂଗ୍ରେସ କର୍ମୀ କଳାପତାକା ପ୍ରଦର୍ଶନ କରାଯିବା ଘଟଣାରେ ଗିରଫ ଯୁବକଙ୍କୁ ତୁରନ୍ତ ଖଲାସ କରାଯିବା, ପୋଲିସ ଏହି ମାମଲାର ନିରପେକ୍ଷ ତଦନ୍ତ କରିବା, ଆନ୍ଦୋଳନକାରୀ ଯୁବକଙ୍କ ବିରୋଧରେ ଲାଗିଥିବା ଦଫାକୁ ହଟାଯିବା, ମିଥ୍ୟା ମାମଲା ରୁଜୁକୁ ତୁରନ୍ତ ପ୍ରତ୍ୟାହାର କରାଯିବା, ଏମ୍‌ପି ସାଧାରଣରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ଦାବି ନେଇ ଏହି ଆନ୍ଦୋଳନ ହୋଇଥିଲା। ଆନ୍ଦୋଳନ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କଂଗ୍ରେସର ନେତୃବୃନ୍ଦ ଭାଜପା ସରକାରଙ୍କ ଜନମାରଣ ନୀତି, କାର୍ଯ୍ୟ ଓ ଏମ୍‌ପି ପାତ୍ରଙ୍କ ଅଶାଳୀନ ମନ୍ତବ୍ୟ ପ୍ରଦାନକୁ ତୀବ୍ର ସମାଲୋଚନା କରିଥିଲେ। କଂଗ୍ରେସର ପୁରୀ ଜିଲା ସଂଯୋଜକ ରାଜେଶ ମିଶ୍ର, ବ୍ଲକ ସଂଯୋଜକ କାଳନ୍ଦୀ ଚରଣ ବାରିକ୍, ନରେନ୍ଦ୍ର ବେହେରା, ପ୍ରଦୀପ ମହାନ୍ତି, ଗୋବିନ୍ଦ ମଲ୍ଲିକ, ଦେବେନ୍ଦ୍ର ପ୍ରଧାନ, ଦିଲୀପ ବିଶ୍ୱାଳ, ସୁବାସ ମଲ୍ଲିକ, ଅକ୍ଷୟ ବିଶ୍ୱାଳ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଦଳର ନେତୃବୃନ୍ଦ ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ବାମଦେବ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରି ଦାବି ସମ୍ପର୍କରେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କଂଗ୍ରେସର ପାର୍ଟି ଅଫିସଠାରୁ ଥାନା ପର୍ଯ୍ୟନ୍ତ ଦଳୀୟ କର୍ମୀଙ୍କ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।



କଂଗ୍ରେସ କର୍ମୀମାନେ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ପଥପ୍ରାନ୍ତ ସଭା

କଣାସ,୧୨।୬(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନ ବେସରକାରୀ ବିଦ୍ୟାଳୟରେ ୨୦୦୮ ଜୁନ ୧ରୁ ୨୦୧୮ ଜୁନ ୧ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସରକାରୀ ଅନୁଦାନ(ଜିଆଇଏ) ଦାବିରେ ଗୁରୁବାର ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ସଂଯୋଜକ ନିଲୁ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ୧ ବର୍ଷ ଧରି ନୂତନ ସରକାରଙ୍କୁ ବିଭିନ୍ନ ମଞ୍ଚରେ ଏନେଇ ଦାବି ଉପସ୍ଥାପନ କରାଯାଇଛି। ହେଲେ ସରକାର ସଂଘର ଦାବିକୁ ଉପେକ୍ଷା କରୁଥିବାରୁ ସଂଘ ସଭାପତି ବିଶ୍ୱରଞ୍ଜନ ଦାସ ଗତ ୧ ତାରିଖରେ ଭୁବନେଶ୍ୱରରେ ଖବରଦାତା ସମ୍ମିଳନୀ କରି ସମସ୍ୟା ସମାଧାନ କରିବାକୁ ୯ ଦିନ ସମୟ ଦେଇଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବାରୁ କଣାସଠାରୁ ପଥପ୍ରାନ୍ତ ସଭା ଆରମ୍ଭ କରାଯାଇଥିଲା।

## ୨୮ ପଞ୍ଚାୟତରେ ଗଡ଼ିଲା ବିକାଶ ରଥ

କଣାସ,୧୨।୬(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ କଣାସ ବ୍ଲକରେ ଉଦ୍‌ଘାଟିତ ହୋଇଛି ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମୟରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଓ ଅନେକ ଲୋକପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ। ରଥଟି ତ୍ରିଲୋଚନପୁର, ଗଡ଼ବଡ଼ପୁଟ, ଗଡ଼ସାନପୁଟ ଗ୍ରାମପଞ୍ଚାୟତ ପରିକ୍ରମା କରି ଲୋକଙ୍କ ପାଇଁ ଲୋକଙ୍କ ସରକାର, ମହିଳା ସଶକ୍ତୀକରଣ, କୃଷି ଓ କୃଷକ ସଶକ୍ତୀକରଣ, ସୁସ୍ଥ ଓଡ଼ିଶା ସମୃଦ୍ଧ ଓଡ଼ିଶା, ଶିକ୍ଷା ବ୍ୟବସ୍ଥାର ରୂପାନ୍ତକରଣ, ଗ୍ରାମର ଭିତ୍ତିଭୂମିର ବିକାଶ, ଜନଜାତିଙ୍କ ବିକାଶ, ଯୁବ ବର୍ଗଙ୍କ ପାଇଁ ଅପାର ସୁଯୋଗ ଏବଂ ସମୃଦ୍ଧ ଓଡ଼ିଶା ପାଇଁ ଶିଳ୍ପାୟନ ସଚେତନତା ସମ୍ପର୍କରେ ସଚେତନ କରାଇଥିଲେ।

# ଗଡ଼ିଲା ସଚେତନତା ରଥ



ସଚେତନତା ରଥକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ପୁରୀ,୧୨।୬(ଅଜିତ୍ କୁମାର ମହାନ୍ତି)

ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ରଥ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଶ୍ରମ ବିଭାଗ ତରଫରୁ ଭ୍ରାମ୍ୟମାଣ ଭ୍ୟାନ୍ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସଚେତନତା ରଥକୁ ଉଦ୍‌ଘାଟିତ କରିଥିଲେ। ଏହି ରଥ ଜିଲାର ପ୍ରତି ବ୍ଲକକୁ ଯାଇ ଶ୍ରମିକ ଆଇନ ତଥା ୧୪ ବର୍ଷ ପୂର୍ଣ୍ଣ କରି ନ ଥିବା ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତି ଏବଂ ପ୍ରକ୍ରିୟା ତଥା ୧୫ରୁ ୧୮ ବର୍ଷ ବୟସର କିଶୋରୀଙ୍କୁ ବିପଦ ସଙ୍କୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଅପରାଧ ଅଟେ। ଏପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମନା ଓ କାରାଦଣ୍ଡ ଭୋଗିବାକୁ ପଡ଼ିବ, ଏପରିକି ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ମିଳିବ। ଉକ୍ତ ରାଲିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମିକ ମିଶନର ଚୌଧୁରୀ ସୁବ୍ରତ କୁମାର ଜେନା, ଅତିରିକ୍ତ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶିନୀ, ବିକ୍ରମ କିଶୋର ପ୍ରଧାନ, ପଲ୍ଲବୀ ସାହୁ, ଆଶୁତୋଷ ସାହୁ, ଡିସିପିଓ ମନୋଜ କୁମାର ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ରସ୍ ୟୁନିଅଫ୍‌ର ନିର୍ଦ୍ଦେଶକ ଦେବାଶିଷ ରଥଙ୍କ ସମେତ ଉପଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଯୋଗଦେଇଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୧୨।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଅଂଶାଳୋ ନୀଳଗିରି ସାହି ଗ୍ରାମରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ବିଜୟ କୁମାର ବେହେରା (୩୫)। ଏନେଇ ପୋଲିସ ୧୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିଜୟ ରାତିରେ ତାଙ୍କ ଘରର ଛାତ ଉପର ରଡ଼ରେ ଝୁଲୁଥିବା ଅବସ୍ଥାରେ ଘରଲୋକ ଦେଖି ନିମାପଡ଼ା ମେଡିକାଲକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକକୁ ପଠାଇଛି। ଏ ସମ୍ପର୍କରେ ବିଜୟଙ୍କ ସାନ ଭାଇ ଅଜୟ ଥାନାରେ ଅଭିଯୋଗ କରିଛନ୍ତି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ିନାହିଁ।

# ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମ

ବଳଙ୍ଗା,୧୨।୬(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଦଳଭାଣପୁର, ହରିପୁର ଓ ବରିମୁଣ୍ଡ ଗ୍ରାମରେ କୃଷି ସମ୍ବନ୍ଧୀୟ ତିନୋଟି ବୈଠକ ନିମାପଡ଼ା ଅଞ୍ଚଳରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ମିଳିତ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ରୂପେ ମତ୍ସ୍ୟ ବିଭାଗ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ଜୟକୃଷ୍ଣ ଜେନା, ସିଫା ମତ୍ସ୍ୟ ବିଭାଗ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ପି.କେ. ସାହୁ, ଯୁଗ୍ମ ନିର୍ଦ୍ଦେଶକ ଅମରେଶ ଖୁଣ୍ଟିଆ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୂର୍ଯ୍ୟ ନାରାୟଣ ମିଶ୍ର, ନିମାପଡ଼ା କୃଷି ଜିଲା ଅଧିକାରୀ ସତ୍ୟନାରାୟଣ କର, ଆତ୍ମା ଅଧ୍ୟକ୍ଷ ଦିଲୀପ କୁମାର ପରିଡ଼ା, ସରପଞ୍ଚ ରାକେଶ ବାରିକ, ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ, କୃଷି ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ, ବିଷ୍ଣୁପଦ ଗିରି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିମାନେ ମାଛଚାଷ ଉପରେ ନୂତନ ପ୍ରଯୁକ୍ତି ବିଦ୍ୟା ରାଜ୍ୟ ଓ ଜାତୀୟସ୍ତରରେ ସୁବିଧା ଉପରେ ଆଲୋଚନା କରାଯାଇଥିଲା। କୃଷି ଉପରେ ଖରିଫ ଋତୁରେ ଧାନଚାଷ ଉପରେ ରୋଗ ଓ ପୋକ ପରିଚାଳନା ପ୍ରଭୃତି କୃଷି କିପରି ଅଳ୍ପ ଖର୍ଚ୍ଚରେ ଅଧିକ ଲାଭ ହେବ ବୋଲି ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ଭାରପ୍ରାପ୍ତ କୃଷି ଅଧିକାରୀ ନିମାପଡ଼ା ସଂଚାଳନ କରିଥିଲେ।


ବିକଶିତ କୃଷି ସଙ୍କଳ୍ପ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

# ନାଗାଯାତ୍ରା ଆରମ୍ଭ

ପିପିଲି,୧୨।୬(ଦୁର୍ଗାମାଧବ ମିଶ୍ର)

### ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଣସର ଘରକୁ ବିଜେ

ପିପିଲି ବ୍ଲକ ଅଧୀନ ରୂପଦେଇପୁର ଗ୍ରାମରେ ସ୍ନାନଯାତ୍ରା ପରେ ଚତୁର୍ଦ୍ଧାମୂର୍ତ୍ତି ହାତୀବେଶରେ ଦର୍ଶନ ଦେଇଥିଲେ। ପରେ ଗୁରୁବାର ମଧ୍ୟାହ୍ନ ୧ଟାରେ ଗୋଟି ପହଣ୍ଡିରେ ଅଣସର ଘରକୁ ବିଜେ ହୋଇଛନ୍ତି। ଏଣିକି ଠାକୁର ପଟିଦିଅଁରେ ଭକ୍ତଙ୍କୁ ଦର୍ଶନ ଦେବେ। ଗୁରୁବାର ପ୍ରଥମ ପ୍ରହର ଅର୍ଥାତ୍ ଭୋର ୪ଟାରେ କାଳୀପୂଜା, ଗ୍ରାମ ପରିକ୍ରମା କରି ପ୍ରତି ଜାଗା ଘରମାନେ ନିଜ ନିଜର ଅସ୍ତ୍ରଶସ୍ତ୍ର ଆଣି ପୂଜା କରିବା ପରେ ନାଗାଯାତ୍ରା ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଜାଗାଘରୁ ନାଗାମାନେ ଆସି ଆଜ୍ଞାମାଳ ନେବା ପରେ ଦିନସାରା ରାତି ୧୦ଟା ପର୍ଯ୍ୟନ୍ତ ନୃତ୍ୟ କରିଥିଲେ। ଆଖପାଖ ପ୍ରାୟ ୪୦ଟି ଗ୍ରାମରୁ ପ୍ରାୟ ୧୦ ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ପ୍ରତ୍ୟେକ ନାଗା ନିଜ ନିଜର କଳା କୌଶଳ ବୀର ବାଦ୍ୟରେ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଗୋଟେ ଗୋଟେ ନାଗାର ଉଚ୍ଚତା ପ୍ରାୟ ୧୦ରୁ ୧୮ ଫୁଟ ଏବଂ ୪୦ରୁ ୧୦୦ କି.ଗ୍ରା. ଓଜନର ରୁପା ଲାଗିଥାଏ ବୋଲି ବଲ୍ଲଭ ଜାଗା ଦି ସାଇଲେଣ୍ଟ ବୟେଜ ଜାଗାର ଉପଦେଷ୍ଟା କୁମାରୀ ଚିନ୍ମୟୀ ମିଶ୍ର କହିଛନ୍ତି। ଶାନ୍ତି ଶୃଙ୍ଖଳାର ସହ ଶୁକ୍ରବାର ନାଗା ନୃତ୍ୟ ଜାରି ରହିବ। ଶ୍ରୀମନ୍ଦିର ପକ୍ଷରୁ ଶୁକ୍ରବାର ରାତ୍ର ୧୦ଟା ପରେ ଶାଢ଼ି ଦେଇ ସମ୍ମାନିତ କରାଯିବ ବୋଲି ମନ୍ଦିରର ମୁଖପାତ୍ର ଆଇନଜୀବୀ ଡ. ସୂର୍ଯ୍ୟ ପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି।


ନାଗାଯାତ୍ରା ଅବସରରେ ବାହାରିଥିବା ଶୋଭାଯାତ୍ରା ।

# ସାଂସ୍କୃତିକ ଦିଗ୍‌ଦର୍ଶନ ପାଇଁ ଶ୍ରୀଜଗନ୍ନାଥ ଧାମ ଲୋକଙ୍କୁ ଆକୃଷ୍ଟ କରୁଛି

ପୁରୀ,୧୨।୬(ଅଜିତ୍ କୁମାର ମହାନ୍ତି)

### ଶ୍ରୀଜଗନ୍ନାଥ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ସାଂସ୍କୃତିକ ଉତ୍ସବ ସଦାଶିବ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ନିର୍ଦ୍ଦେଶକ ଆଶିଷ କୁମାର ଗିରି, ଉପରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ସେବା ଅଧିକାରୀ ଦେବ ଭରଦ୍ୱାଜ ଯୋଗଦେଇଥିଲେ। ଭାରତ ବର୍ଷର ବିଭିନ୍ନ ପବିତ୍ର ସ୍ଥାନରେ ଏହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ନିର୍ଦ୍ଦେଶକ ଗିରି ରହିଥିଲେ। ପୁରୀ ଧାମ ଆଜି କୋଟି କୋଟି ଜନତାଙ୍କୁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ ପୀଠର ସାଂସ୍କୃତିକ ଦିଗଦର୍ଶନ ପାଇଁ ଆକୃଷ୍ଟ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶାର ସାଂସ୍କୃତିକ କ୍ଷେତ୍ରରେ ସର୍ବୋଚ୍ଚ ଅବଦାନ ପାଇଁ କବି ତିଳକ ଆର୍ତ୍ତତ୍ରାଣ ଶତପଥି, ପ୍ରାର୍ଥନା ଚ୍ୟାନେଲର ପ୍ରାକ୍ତନ ମୁଖ୍ୟ ତଥା ଲେଖକ, ଗୀତିକାର ଶ୍ୟାମା ପ୍ରସାଦ ମିଶ୍ର, ବିଶିଷ୍ଟ ସଂସ୍କୃତି ସଙ୍ଗଠକ ବିଭୁଦତ୍ତ ସୁବୁଦ୍ଧିଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ନନ୍ଦିଘୋଷ ରଥର ମୁଖ୍ୟ ନିର୍ମାତା ଗୁରୁ ବିଜୟ କୁମାର ମହାପାତ୍ରଙ୍କ ଦ୍ୱାରା ମାଜଣା ମଣ୍ଡପ ସଙ୍ଗୀତ, ଗୁରୁ ସୁରେନ୍ଦ୍ର ନାୟକ, ଗୁରୁ ସତ୍ୟପ୍ରିୟ ମହାପାତ୍ର, ଗୁରୁ ଅଶୋକ କୁମାର ଦାସ, ଅଭିଳାଷ ଦାସ ତଥା ମୟୂର ସାଂସ୍କୃତିକ ଏକାଡେମୀର ସଦସ୍ୟଙ୍କ ଦ୍ୱାରା ଜାଗା ଆଖଡ଼ା ସଙ୍ଗୀତ, ଗୁରୁ କାର୍ତ୍ତିକ ଚନ୍ଦ୍ର ସାହୁ, ଯଜ୍ଞଦତ୍ତ, ସ୍ୱପ୍ନା, ମୀରାମ୍ବିକା, ପ୍ରକାଶିନୀ ଏବଂ ସାଥୀ ଜଣାଣ ଏବଂ ଓଡ଼ିଶୀ ପରିବେଷଣ କରିଥିଲେ। ଗୁରୁ ହରିଶ ଦାସ, ବଟ ଗୋପାଳ ତ୍ରିପାଠୀ, ପ୍ରତାପ ପାଢ଼ୀ, ବିରଞ୍ଚି ପଧାନୀ, ମାଧବ ଶ୍ରୀନନ୍ଦନ ସାହୁ, ଦିଲୀପ ପଣ୍ଡା ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଗୁରୁ ରୂପଶ୍ରୀ ମହାପାତ୍ର, ମାଣିକ ଗଉଡୁଣୀ ଶ୍ରୀମନ୍ଦିର ମାହାରୀ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ଅଶୋକ କୁମାର ଦାସ ଏବଂ ସାଥୀ ନୃତ୍ୟ ପ୍ରସ୍ତୁତ କରିଥିଲେ। ଗୁରୁ ନାରାୟଣ ପାଣ୍ଡେ ଏବଂ ସାଥୀ ଚନ୍ଦନ ଯାତ୍ରା, ଦୋଳ, ରଥଯାତ୍ରାକୁ ନେଇ ନୃତ୍ୟ ପ୍ରସ୍ତୁତ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଉପସ୍ଥାପନା କରିଥିଲେ। ଏଆର୍‌ସି ଇଭେଣ୍ଟ ନିର୍ଦ୍ଦେଶକ ବିଭୁ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱନାଥ ମିଶ୍ର, ଶ୍ୟାମା ପ୍ରସନ୍ନ ମିଶ୍ର, ସତ୍ୟ ନାରାୟଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।


ଶ୍ରୀଜଗନ୍ନାଥ ସାଂସ୍କୃତିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ ।

**ଅନ୍ତର୍ଜାତୀୟ ଶିଶୁଶ୍ରମିକ ଉଚ୍ଛେଦ ଦିବସ ପାଳିତ**

କଟକ,(କାର୍ତ୍ତିକ ସାହୁ): କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ଶିଶୁ ଯତ୍ନ ପ୍ରତିଷ୍ଠାନ ବସୁନ୍ଧରାର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ଉଚ୍ଛେଦ ଦିବସ ବିଡ଼ାନାସୀସ୍ଥିତ ବସୁନ୍ଧରାରେ ଗୁରୁବାର ପାଳିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା, ଆଇନଜୀବୀ ବିଜୟ କୁମାର ପଣ୍ଡା, ସିଡ଼ବ୍ଲୁସି ଚେୟାରମ୍ୟାନ ପ୍ରମୋଦ କିଶୋର ଆଚାର୍ଯ୍ୟ ଯୋଗଦେଇ ଶିଶୁ ଶ୍ରମିକ ଉଚ୍ଛେଦ ଓ ଶିଶୁ ଅଧିକାର ଉପରେ ଆଲୋକପାତ କରିଥିଲେ। ଏହାପରେ ଶିଶୁମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ବସୁନ୍ଧରାର କର୍ମଚାରୀ, ଆଇନଜୀବୀ ଓ ପିଏଲଭିମାନେ ଯୋଗଦେଇଥିଲେ। ଗିରିଧାରୀ ନାୟକ ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ସରକାର ଏକ ବର୍ଷରେ ୧୧ ସଙ୍କଳ୍ପ ପୂର୍ଣ୍ଣ କରିଛନ୍ତି: ମନ୍ତ୍ରୀ

**କଟକ,୧୨।୬(ଶିଳ୍ପା ପ୍ରିୟଦର୍ଶିନୀ)**



କଟକ ସର୍କିଟ ହାଉସଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଉଛନ୍ତି।

ବିରୋଧୀଙ୍କ ପାଖେ ଗାନ୍ଧାରୀଙ୍କ ଭଳି ଦିବ୍ୟଦୃଷ୍ଟି ନାହିଁ କିମ୍ବା ସେପରି ଧାର୍ମିକତା ନାହିଁ, ଯେଉଁଥିପାଇଁ ବିରୋଧୀ ଦଳଗୁଡ଼ିକ ହେଉଥିବା ଉନ୍ନତିମୂଳକ କାର୍ଯ୍ୟକୁ ଦେଖି ପାରୁନାହାନ୍ତି, ବିରୋଧୀ ଏବେ ଆଖିରେ ଅନ୍ଧପୁଟୁଳି ବାନ୍ଧି ବସି ରହିଛନ୍ତି। ରାଜ୍ୟ ସରକାର ୧ ବର୍ଷରେ ୧୧ଟି ସଙ୍କଳ୍ପ ପୂର୍ଣ୍ଣ କରିଛନ୍ତି ବୋଲି କଟକ ଜିଲା ଭାଜପା ପକ୍ଷରୁ ଗୁରୁବାର ସର୍କିଟ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇନ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେବା, ସୁଶାସନ ଓ ଗରିବ କଲ୍ୟାଣ ପାଇଁ ସମର୍ପିତ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ପକ୍ଷରୁ କରାଯାଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକ ଉପସ୍ଥାପନ କରି ମନ୍ତ୍ରୀ କହିଛନ୍ତି, ଓଡ଼ିଶାର ବିକାଶ ବାଟମାରଣା ହୋଇ ଅଧାରେ ପଡ଼ି ରହିଥିଲା। ଭାଜପା ସରକାର ଗଠନ ହେବା ପରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଚେଷ୍ଟା କରାଯାଇ ସେବୁକୁ କାର୍ଯ୍ୟକାରୀ କରାଯାଇଛି। ଯେଉଁ ଚେଷ୍ଟା ଗତ ଏକବର୍ଷ ହେବ କରି ଆସୁଛୁ ତାହାର ଫଳ ମଧ୍ୟ ଦେଖିବାକୁ ମିଳୁଛି। ୨୦୩୬ରେ ବିକଶିତ ଓଡ଼ିଶା ଓ ୨୦୪୭ରେ ବିକଶିତ ଭାରତ ବର୍ଷର ଯେଉଁଭଳି ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରିକଳ୍ପନା କରିଛନ୍ତି ତାହାକୁ କେବଳ କଥାରେ ନୁହେଁ ବରଂ କାମରେ ଏହି ସରକାର କରି ଦେଖାଇବ। ଏହି ପରିକଳ୍ପନାକୁ ନେଇ ଏକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଓଡ଼ିଶାରେ ମୁଣ୍ଡ ପିଛା ଆୟ ବୃଦ୍ଧି ପାଇ ୨୦୩୬ ସୁଦ୍ଧା ସାଢ଼େ ୯ ଲକ୍ଷ ଟଙ୍କାରେ ପହଞ୍ଚିବ ଏବଂ ୨୦୪୭ ସୁଦ୍ଧା ୩୨ ଲକ୍ଷରେ ପହଞ୍ଚିବ ସେଥିପାଇଁ ଏକ ଯୋଜନା ପ୍ରସ୍ତୁତ କରି ସରକାର କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି। ନିର୍ବାଚନ ସମୟରେ ଭାଜପା ଦେଇଥିବା ପ୍ରମୁଖ ୨୧ଟି ସଙ୍କଳ୍ପ ମଧ୍ୟରୁ ୧୮ଟି କାର୍ଯ୍ୟକାରୀ କରିଛୁ ଏବଂ ୧୧ଟି ସଙ୍କଳ୍ପ ପରିପୂର୍ଣ୍ଣ କରିସାରିଛୁ। କେଉଁ ସରକାର ଗଠନ ହେବାର ଏକ ବର୍ଷରେ ଏଭଳି କାର୍ଯ୍ୟ କରିବା ଦେଖାଯାଇ ନାହିଁ। ଧାନର କିଣା ମୂଲ୍ୟରେ ୮ଶହ ଟଙ୍କା ସବ୍‌ସିଡ଼ି, ମହିଳାମାନଙ୍କୁ ୫ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ସୁଭଦ୍ରା ଯୋଜନା ମାଧ୍ୟମରେ ପ୍ରଦାନ କରାଯିବା ଭଳି ପ୍ରତ୍ୟେକଟି ପ୍ରତିଶ୍ରୁତି ପୂରଣ କରାଯାଇଛି। ଏହାସହ ଗ୍ରାମାଞ୍ଚଳର ବିକାଶ ତଥା ଅନ୍ୟାନ୍ୟ ବିକାଶ ଦିଗରେ ଏହି ସରକାର କାମ କରୁଛି। ବିଶେଷ କରି ନିଯୁକ୍ତିକ୍ଷେତ୍ରରେ ଆଗାମୀ ୫ ବର୍ଷରେ ଦେଢ଼ ଲକ୍ଷ ଓଡ଼ିଆ ପିଲାଙ୍କୁ ନିଯୁକ୍ତି ପାଇଁ ଲକ୍ଷ୍ୟ ରହିଥିଲା। ହେଲେ ମାତ୍ର ଏକ ବର୍ଷ ମଧ୍ୟରେ ୪୨ ହଜାରରୁ ଊର୍ଦ୍ଧ୍ୱ ସରକାରୀ କ୍ଷେତ୍ରରେ ନିଯୁକ୍ତ ପ୍ରଦାନ କରାଯାଇଛି। ସେହିପରି ଗତ ସରକାର ଅବହେଳା କାରଣରୁ ଗତ ୩ବର୍ଷ ହେବ ଇଞ୍ଜିନିୟରିଂ ବିଭାଗରେ ଜୁନିୟର ଇଞ୍ଜିନିୟର ଓ ଆସିଷ୍ଟାଣ୍ଟ ଇଞ୍ଜିନିୟରମାନଙ୍କୁ ନିଯୁକ୍ତି ଦିଆଯାଇ ପାରିନାହିଁ। ହେଲେ ଭାଜପା ସରକାର ଏହାର ସମାଧାନ କରିଛି ଏବଂ ଚଳିତମାସରେ ୧ ହଜାର ଜୁନିୟର ଇଞ୍ଜିନିୟର ନିଯୁକ୍ତି ପାଇବେ ଓ ଆସନ୍ତା ମାସରେ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦିଆଯିବ। ଏଠାରେ ଶିଳ୍ପାୟନର ସୁଯୋଗ ସୃଷ୍ଟି ହୋଇଛି। ପ୍ରାୟ ୧୭ ଲକ୍ଷ କୋଟି ଟଙ୍କାର ରୁଜୁନାମା କରାଯାଇଥିବା ଏବଂ ଆହୁରି ୧୦ ଲକ୍ଷ କୋଟି ଟଙ୍କାର ଆଶ୍ୱାସନା ରହିଛି। କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରାଯାଉଛି ଏବଂ ଏହାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏଠାରେ ପ୍ରାୟ ୧୫ ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା କରାଯାଉଛି। ସେହିପରି ରାସ୍ତା କ୍ଷେତ୍ରରେ ୨୦୩୬ ସୁଦ୍ଧା ଓଡ଼ିଶାରେ ରାସ୍ତାର ଚିତ୍ର କ'ଣ ରହିବ ସେ ନେଇ ରାସ୍ତା ନେଟୱର୍କର ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ କାର୍ଯ୍ୟକାରୀଣୀ ସଦସ୍ୟ ତଥା ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି କହିଛନ୍ତି, ଓଡ଼ିଶା ଓ ଭାରତବର୍ଷ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଦେଖିଥିବା ପ୍ରତ୍ୟେକଟି ସ୍ୱପ୍ନକୁ ପୂରଣ କରାଯିବା ନିମନ୍ତେ ଏହି ସରକାର କାମ କରୁଛି। କଟକ ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଖବରଦାତା ସମ୍ମିଳନୀରେ ବିଧାୟକ ବିଜୟ ଦଳବେହେରା, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଗ୍ରାମୀଣ ଜିଲା ସଭାପତି ରାମନାରାୟଣ ମହାନ୍ତି, ପୂର୍ବତନ ନଗର ଜିଲା ଅଧ୍ୟକ୍ଷ ଲଲାଟେନ୍ଦୁ ବଡୁ, ମହିଳା ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦିକା ରଶ୍ମିରେଖା ଦାସ, ପୂର୍ବତନ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ବରିଷ୍ଠ ନେତା ପ୍ରଦୀପ ପଟ୍ଟନାୟକ, କଟକ ଭାଜପାର ସମସ୍ତ କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ।

## ସିଏମ୍‌ସିର ରଥଯାତ୍ରା ପ୍ରସ୍ତୁତି ବୈଠକ

**କଟକ,୧୨।୬(କାର୍ତ୍ତିକ ସାହୁ)**

କଟକ ମହାନଗର ନିଗମ (ସିଏମ୍‌ସି)ର ସମ୍ମିଳନୀ କକ୍ଷରେ ମେୟର ସୁଭାଷ ଚନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସହରରେ ରଥଯାତ୍ରା ବେଳେ ରଥ ଯିବା ରାସ୍ତାରେ ରାସ୍ତାଘାଟ, ପରିମଳ, ସ୍ୱଚ୍ଛତା, ଆଲୋକୀକରଣ ସହିତ ରାସ୍ତାରେ ଝୁଲିରହିଥିବା ଥିବା ସମସ୍ତ କେବୁଲ ତାର, ବିଦ୍ୟୁତ ତାରଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସଜେଇବାକୁ ଏବଂ ରଥ ଯିବା ସମୟରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦେବା ନିମନ୍ତେ ଅଧିକାରୀମାନଙ୍କୁ ମେୟର ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ସମୟରେ ଟ୍ରାଫିକ, ଭିଡ଼ ନିୟନ୍ତ୍ରଣ, ପାନୀୟ ଜଳ ଆଦି ବିଷୟରେ ଆଲୋଚନା ହୋଇଥିଲା। ଡେପୁଟି ମେୟର ଦମୟନ୍ତୀ ମାଝୀ, ସମସ୍ତ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ-ଅଧ୍ୟକ୍ଷା, କର୍ପୋରେଟରଗଣ, କଟକ ଶାନ୍ତି କମିଟି ସଭାପତି ସମ୍ପାଦକ, କଟକ ସହରର ବିଭିନ୍ନ ରଥ ଯାତ୍ରା କମିଟିର କର୍ମକର୍ତ୍ତା ଓ ସିଏମ୍‌ସିର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## କମ୍ପାନୀ ବିରୋଧରେ ପୁଣି ଅଭିଯୋଗ ଆଣିଲେ ଅନ୍ୟ ଜଣେ ଚାଷୀ


ଅତିରିକ୍ତ ତହସିଲଦାରଙ୍କ ଠାରେ ଜଣେ ଚାଷୀ ଅଭିଯୋଗପତ୍ର ଦେଉଛନ୍ତି।

**ମଙ୍ଗୁଳି-ଜଗତପୁର,୧୨।୬(ମାନସ ସାମଲ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କନ୍ହେଇପୁର ପଞ୍ଚାୟତ ଅଧୀନ ବରପଦାସ୍ଥିତ ଏକ ବିୟର କମ୍ପାନୀରୁ ନିଶାଯୁକ୍ତ ବର୍ଜ୍ୟଜଳ ବାହାରି ନିକଟସ୍ଥ ଏକାଧିକ ଚାଷଜମିରେ ମିଶୁଛି। ଫଳରେ ଏହା ଦୀର୍ଘଦିନ ଧରି ଜମିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିବା ସହ ଚାଷଜମି ନଷ୍ଟ ହେଉଛି। ବନ୍ୟଜନ୍ତୁ ଓ ଗୋରୁ ଏହି ଜଳ ପିଇବା ଦ୍ୱାରା ଖାଲରେ ପଡ଼ି ଜୀବନ ହରାଉଥିବା ନଜିର ରହିଛି। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ଥିଲେ ମଧ୍ୟ ସୁଫଳ ମିଳୁନି। ଫଳରେ ନିରାଶ ହୋଇ ବରପଦା ଗ୍ରାମର ଚାଷୀ ମଳୟ କୁମାର ସାହୁ ଅତିରିକ୍ତ ତହସିଲଦାରଙ୍କୁ ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି। ମଳୟଙ୍କ ଅଭିଯୋଗ ମୁତାବକ, ଉକ୍ତ ବିୟର କମ୍ପାନୀ ଚାନ୍ଦିଆପଦାଠାରୁ ଆସିଥିବା ପାଣି ବେଆଇନ ଭାବେ ପାଚେରି କରିବା ଦ୍ୱାରା କମ୍ପାନୀ ଛାଡୁଥିବା ନିଶାଯୁକ୍ତ ବାର୍ଯ୍ୟଜଳ ଚାଷଜମିରେ ମିଶୁଛି। ଫଳରେ ଚାଷଜମିର ଉର୍ବର କମିବା ସହିତ ଚାଷ ନଷ୍ଟ ହେଉଛି। ଚାଷ ଜମିରେ କମ୍ପାନୀ ଛାଡିଥିବା ବର୍ଜ୍ୟଜଳ ଓ ମୃତ୍ତିକା ପରୀକ୍ଷା କରାଇ ମୋ ସହିତ ଅନ୍ୟ ଚାଷୀଭାଇମାନଙ୍କୁ ନ୍ୟାୟ ପ୍ରଦାନ କରା ନ ଗଲେ ଆସନ୍ତା ଦିନରେ କମ୍ପାନୀ ଆଗରେ ଧାରଣା ଦେବେ ବୋଲି ମଳୟ ଚେତାବନୀ ଦେଇଛନ୍ତି। ସୂଚନା ଥାଉକି, ଗତ ମାର୍ଚ୍ଚ ୨୭ ଓ ଏପ୍ରିଲ ୭ରେ ଧରିତ୍ରୀରେ 'ଚାଷଜମିରେ ବର୍ଜ୍ୟଜଳ, ବିପଦରେ ବନ୍ୟଜନ୍ତୁ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଧରିତ୍ରୀରେ ଖବର ପ୍ରଭାବରେ ପ୍ରଶାସନ ଚଳିତ ମାସ ୪ ତାରିଖରେ ଉଚ୍ଚସ୍ତରୀୟ ତଦନ୍ତ କରିଥିଲା। ତଦନ୍ତକୁ ମାତ୍ର ୭ଦିନ ପୁରି ନ ଥିବା ବେଳେ ପୁଣି ମଳୟଙ୍କ ଅଭିଯୋଗ ବିୟର କମ୍ପାନୀକୁ ଅଡୁଆରେ ପକାଇଥିବା ଚର୍ଚ୍ଚା ହେଉଛି।

**ଚାଷଜମିରେ ବର୍ଜ୍ୟଜଳ, ବିପଦରେ ବନ୍ୟଜନ୍ତୁ ଘଟଣା**

## ସଂକ୍ଷେପରେ

### ଦୀର୍ଘଦିନ ପରେ ପୂରଣ ହେଲା ପ୍ରାଣୀଧନ ନିରୀକ୍ଷକ ପଦବୀ

**କଟକ ସଦର ୧୨।୬(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଡପୁର ପଞ୍ଚାୟତରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପ୍ରାଣୀଧନ ନିରୀକ୍ଷକ ପଦବୀ ପୂରଣ ହୋଇଛି। ଗୁରୁବାର ଏହି ପଦବୀରେ ପୁଷ୍ପଲତା ଜେନା ଯୋଗଦେଇଛନ୍ତି। ଏହି ପଦବୀ ପୂରଣ ପାଇଁ ସ୍ଥାନୀୟ ସରପଞ୍ଚ ରାକେଶ ବେହେରା କଟକ ଖପୁରିଆସ୍ଥିତ ଜିଲା ମୁଖ୍ୟ ପ୍ରାଣୀ ଧନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାନୀୟ ଦୁଗ୍ଧ ଚାଷୀମାନେ ସବୁବେଳେ ଘରୋଇ ଚିକିତ୍ସକଙ୍କ ଉପରେ ନିର୍ଭର କରି ଖର୍ଚ୍ଚାନ୍ତ ହେଉଥିଲେ।

### ଓଲଟିଲା ବିଏମ୍‌ସି ପ୍ଲାଷ୍ଟିକ ଆବର୍ଜନା ବୋଝେଇ ଟ୍ରକ୍

**କଟକ,୧୨।୬(କାର୍ତ୍ତିକ ସାହୁ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଏକ ପ୍ଲାଷ୍ଟିକ ଆବର୍ଜନା ବୋଝେଇ ଟ୍ରକ୍ ମଧୁପାଟଣା ଓଭର ବ୍ରିଜ ତଳେ ଗୁରୁବାର ଭୋର ପ୍ରାୟ ୩ଟା ବେଳେ ଓଲଟି ପଡ଼ିଛି। ଟ୍ରକ୍ ଯାଉଥିବା ବେଳେ ଏକ ବାଇକ୍ ସାମନାକୁ ଚାଲିଆସିଥିଲା। ବାଇକ୍ ଚାଳକଙ୍କୁ ରକ୍ଷା କରିବାକୁ ଯାଇ ଭାରସାମ୍ୟ ହରାଇ ଟ୍ରକ୍ ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ରାସ୍ତା ଉପରେ ସବୁ ଆବର୍ଜନା ପଡ଼ିଥିଲା। ଏହି ଦୁର୍ଘଟଣାରେ କୌଣସି କ୍ଷତି ହୋଇନାହିଁ। ସିଏମସି ପକ୍ଷରୁ ରାସ୍ତାରେ ପଡ଼ିଥିବା ଆବର୍ଜନାଗୁଡ଼ିକ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ସୂଚନାନୁସାରେ, ଗୁରୁବାର ଭୋର ପ୍ରାୟ ୩ଟା ବେଳେ ଭୁବନେଶ୍ୱର ବିଏମ୍‌ସିର ପ୍ଲାଷ୍ଟିକ ଆବର୍ଜନା ବୋଝେଇ ଟ୍ରକ୍ ଝାରସୁଗୁଡ଼ାର ଏକ କାରଖାନା ଅଭିମୁଖେ ଯାଉଥିଲା। ମଧୁପାଟଣା ଓଭର ବ୍ରିଜ ତଳେ ଟ୍ରକ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା।

### ବିଧାୟକଙ୍କ ଜନ୍ମଦିନରେ ରକ୍ତଦାନ ଶିବିର, ୫୫ ୟୁନିଟ ରକ୍ତ ସଂଗ୍ରହ

**ମଙ୍ଗୁଳି-ଜଗତପୁର,୧୨।୬(ମାନସ ସାମଲ)**

ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଜନ୍ମଦିନ ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଟାଙ୍ଗୀ ବାଳିକା ବିଦ୍ୟାଳୟରେ ବୁଧବାର ଏକ ରକ୍ତଦାନ ଶିବିର ଆୟୋଜନ କରି ନିଆରା ଢଙ୍ଗରେ ପାଳନ କରିଛନ୍ତି। ଶିବିରରୁ ମୋଟ ୫୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡଙ୍ଗୀ, ବ୍ଲକ ଚେୟାରମ୍ୟାନଙ୍କ ପ୍ରତିନିଧି ଜନ୍ମଜୟ ଖିଲାର, ଯୁବ ସଙ୍ଗଠକ କୃଷ୍ଣ ଚନ୍ଦ୍ର ଦାସ, ଗୋବିନ୍ଦ ଦାସ, ନିବାସ ପାଣ୍ଡବ, ସୋଫିଆ ବିବି, ସୁମିତ୍ରା ବେହେରା, ଭରତ ବେହେରା, ରଶ୍ମି ରଞ୍ଜନ ରାଉତ, ନକୁଳ ରାଉତ, ଶାଗର କର, ବାବାଜୀ ମହାନ୍ତି, ଶୁକଦେବ ମହାରଣା ପ୍ରମୁଖଙ୍କ ସମେତ ଶତାଧିକ ଶୁଭେଚ୍ଛୁ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଛାତ୍ର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କଟକ,୧୨।୬(ଶିଳ୍ପା ପ୍ରିୟଦର୍ଶିନୀ)**

ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ରୀଛାତ୍ର ଓ ପରୀକ୍ଷାର୍ଥୀ ପାଇଁ ବସ୍ ଓ ଟ୍ରେନ୍ ଭଡାରେ ରିହାତି ଦାବି କରି ଗୁରୁବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବପିତ୍ରରେ ଦିନକୁ ଦିନ ବଜାର ଦର ବଢୁଥିବା ବେଳେ ଅଭିଭାବକମାନଙ୍କ ରୋଜଗାର କମି ଯାଉଛି, ଛାତ୍ରୀଛାତ୍ରଙ୍କ ପଢା ଖର୍ଚ୍ଚ ଅଭିଭାବକଙ୍କ ନିକଟରେ କଷ୍ଟ ହେଇଯାଉଛି। ଛାତ୍ରୀଛାତ୍ରମାନେ ଟ୍ରେନ୍ ଓ ବସ୍ ଭଡା ଦେବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବହୁତ ପରୀକ୍ଷାର୍ଥୀ ବସ୍ ବା ଟ୍ରେନ୍ ଭଡା ଖର୍ଚ୍ଚ ଦେଇ ପାରୁ ନାହାନ୍ତି, ଛାତ୍ରୀଛାତ୍ର ଓ ପରୀକ୍ଷାର୍ଥୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରୀ ବସ୍ ଓ ଟ୍ରେନ୍ ଭଡା ସମ୍ପୂର୍ଣ୍ଣ ଛାଡ ଏବଂ ଘରୋଇ ପରିବହନ ସଂସ୍ଥାରେ ୫୦ ପ୍ରତିଶତ ରିହାତି କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଗ୍ରହଣ କରି ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କଟକ ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତଙ୍କ ନେତୃତ୍ୱରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଡ. ବିପ୍ଳବ ଶିଳାଦିତ୍ୟ, ମନୋଜ ବିଶ୍ୱାଳ, ରାମଚନ୍ଦ୍ର ଗୋଛାୟତ, ଆଶୁତୋଷ ବରାଳ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ଅଭିଷେକ ପଟ୍ଟନାୟକ, ଅନୁପ ଦାଶ, ସତ୍ୟଜିତ ଦାସ, ସନ୍ତୋଷ କୁମାର ମହାପାତ୍ର, ରାକେଶ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ।

## ୨ କୁଇଣ୍ଟାଲ ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର

**ଚୌଦ୍ୱାର,୧୨।୬(ଆଶୁତୋଷ ଦାସ)**

ଚୌଦ୍ୱାର ଥାନା ଅଧୀନ ନୁଆପାଟଣା କଫିବାର ଛକ ନିକଟରୁ ଗୁରୁବାର ଅପରାହ୍ନରେ ୨ କୁଇଣ୍ଟାଲର ଗଞ୍ଜେଇ ଜବତ କରିଛି ପୋଲିସ। କଟକ ଡିସିପିଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଚୌଦ୍ୱାର ଥାନା ଏସିପି ବିଶ୍ୱ ରଞ୍ଜନ ସାହୁ ଓ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ଟିମ ସଦଳବଳେ କଫି ବାର ଛକ ନିକଟରେ ଜଗି ରହିଥିଲା। ଅପରାହ୍ନ ପ୍ରାୟ ୪ଟାରେ ଏକ କାର୍ (ନଂ.ଓଡି୦୨ଏବି-୧୪୯୪)କୁ ଅଟକାଇ ଯାଞ୍ଚ କରିବାରୁ ବିପୁଳ ପରିମାଣର ଗଞ୍ଜେଇ ମିଳିଥିଲା। ଏହା ଫୁଲବାଣିରୁ କଟକ ଅଭିମୁଖେ ଯାଉଥିବା ଜଣାପଡିଥିଲା। ଗଞ୍ଜେଇ ଯାଉଥିବା ଗାଡିକୁ ସୁରକ୍ଷା ଦେବା ପାଇଁ ଅନ୍ୟ ଏକ କାର (ନଂ.ଓଡି୩୩ଏଆର ୨୨୦୦)କୁ ପୋଲିସ ଜବତ କରିଛି। ଏସିପି ବିଶ୍ୱରଞ୍ଜନ ସାହୁଙ୍କ ସୂଚନା ଅନୁଯାୟୀ ପ୍ରାୟ ୨ କୁଇଣ୍ଟାଲର ଗଞ୍ଜେଇ ଜବତ ହୋଇଛି। ଫେରାର ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ଜବତ ଗାଡି ୨ଟି ଓ ଗଞ୍ଜେଇ ଥାନାକୁ ଆଣି ଅଧିକ ତଦନ୍ତ ଜାରି ରହିଛି।

## ଦେଶୀ ମଦ ଭାଟି ନିକଟରେ ଗୋଷ୍ଠୀ ସଂଘର୍ଷ

**କଟକ,୧୨।୬(କାର୍ତ୍ତିକ ସାହୁ)**

ପୁରୀଘାଟ ଥାନା ଅନ୍ତର୍ଗତ ହରିପୁରରେ ଥିବା ଏକ ଦେଶୀ ମଦଭାଟି ନିକଟରେ ଗୁରୁବାର ରାତି ପ୍ରାୟ ୧୦ଟା ୧୫ ମିନିଟ୍‌ରେ ଗୋଷ୍ଠୀ ସଂଘର୍ଷ ଘଟି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଜଣେ ନିଶାସକ୍ତ ଯୁବକ ହୋଟେଲ ପାର୍ଶ୍ୱରେ ପରିସ୍ରା କରିବା ଘଟଣାକୁ ନେଇ ଏଭଳି ସୂତ୍ରପାତ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିବା ଜଣାଯାଇଛି। ସୂଚନାନୁସାରେ, ହରିପୁରରେ ଥିବା ଉକ୍ତ ଦେଶୀ ମଦ ଭାଟିକୁ ସ୍ଥାନୀୟ ଜଣେ ବ୍ୟକ୍ତି ମଦ ପିଇବାକୁ ଆସିଥିଲେ। ସେ ଭାଟି ନିକଟରେ ଥିବା ହୋଟେଲ ନିକଟରେ ପରିସ୍ରା କରିଥିଲେ। ହୋଟେଲ ମାଲିକ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉଭୟଙ୍କ ସମର୍ଥକମାନେ ସେଠାରେ ପହଞ୍ଚି ଯୁକ୍ତିତର୍କ ହେବାରୁ ଘଟଣା ବଢ଼ିଯାଇଥିଲା। ଉତ୍ତ୍ୟକ୍ତ ଲୋକେ ଦେଶୀ ମଦ ଭାଟିକୁ ବନ୍ଦ କରିଥିଲେ। ପୋଲିସ ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଛି। ଅପରପକ୍ଷରେ ଗଣ୍ଡଗୋଳ ଘଟାଇଥିବା ମଦ୍ୟପ ବ୍ୟକ୍ତି ଓ ହୋଟେଲ ମାଲିକ ଫେରାର ହୋଇଯାଇଛନ୍ତି।

## ଖୁବଶୀଘ୍ର ଆରମ୍ଭ ହେବ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ଉନ୍ନତୀକରଣ କାର୍ଯ୍ୟ

**କଟକ,୧୨।୬(ଶିଳ୍ପା ପ୍ରିୟଦର୍ଶିନୀ)**

ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ଉନ୍ନତିକରଣ କାର୍ଯ୍ୟ ପାଇଁ ପୂର୍ବ ସରକାର ସମୟରେ ୯୫୦ କୋଟିର ଟେଣ୍ଡର କରାଯାଇଥିଲା। ହେଲେ ତାହାକୁ ବାତିଲ କରାଯାଇଥିଲା। ଏହି ଟେଣ୍ଡର ବାତିଲ ହେବାର ବହୁ ସମୟ ବିତିଥିଲେ ମଧ୍ୟ ପୁର୍ନବାର ଏହାର ଟେଣ୍ଡର କରାଯାଇ ନ ଥିଲା। ଫଳରେ ମେଡିକାଲର ଉନ୍ନତିକରଣ କାର୍ଯ୍ୟ ଅଟକି ରହିଛି। ଏହି ପ୍ରସଙ୍ଗରେ କଟକ ସର୍କିଟ ହାଉସଠାରେ ଗୁରୁବାର ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଏହି ଟେଣ୍ଡର ପୂର୍ବ ସରକାର ସମୟରେ କରାଯାଇଥିଲା। ପୂର୍ବ ସରକାର କେବଳ ନିର୍ବାଚନକୁ ନଜରରେ ରଖି ଏଭଳି କାର୍ଯ୍ୟ କରିଛି, ହେଲେ ଘୋଷଣା ପୂର୍ଣ୍ଣ କରିବାକୁ ଆବଶ୍ୟକ କାମ କରିବାକୁ ଭୁଲି ଯାଇଛି। ଏପରିକି ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ୯୫୦ କୋଟି ଖର୍ଚ୍ଚ କରିବାକୁ ଏଥିରେ ସହମତି ପ୍ରଦାନ କରି ନ ଥିଲା। ବର୍ତ୍ତମାନ ଏହାର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମେ ଆଡ୍‌ମିନ୍‌ଷ୍ଟ୍ରେଟିଭ ଆପ୍ରୁଭାଲ କରାଯିବ ଏବଂ ପରେ ଟେଣ୍ଡର କରାଯିବ। ଖୁବଶୀଘ୍ର ଏହାର କାମ ଆରମ୍ଭ ହୋଇ ଶେଷ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

## ପରମହଂସରେ ବିକଶିତ କୃଷି ସଂକଳ୍ପ ଅଭିଯାନ


ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ସଦର,୧୨।୬(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତରେ ଗୁରୁବାର ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ୍ବ ସଭାପତି ରମା ପ୍ରସାଦ ବିଶାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କୃଷକ ତାଲିମ ଶିବିରରେ ଜାତୀୟ ଧାନ୍ୟ ଗବେଷଣା କେନ୍ଦ୍ରର ବୈଜ୍ଞାନିକମାନେ ଯୋଗଦେଇ ଜୈବ୍ୟ ପ୍ରଣାଳୀରେ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ। ମଣିଷଙ୍କ ରକ୍ତ ପରୀକ୍ଷା ଭଳି ମୃତ୍ତିକା ପରୀକ୍ଷା ଯେ କୌଣସି ପ୍ରକାରର ଚାଷ ପାଇଁ ଅନିବାର୍ଯ୍ୟ ବୋଲି ଡ.ରଞ୍ଜନ ମହନ୍ତ କହିଥିଲେ। ଚାଷୀମାନେ କୌଣସି ପ୍ରକାର ଚାଷ ଆରମ୍ଭ କଲେ ତାକୁ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କେବଳ ସରକାରଙ୍କ ସବସିଡ ପାଇବା ପାଇଁ ସ୍ୱଳ୍ପ କାଳୀନ ଚାଷ କଲେ ଆର୍ଥିକ ପରିସ୍ଥିତିରେ ଉନ୍ନତି ହୋଇ ପାରିବ ନାହିଁ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ବୈଜ୍ଞାନିକ ଡ.ରାଜନ କାମ୍ବୋଜ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଯାଫନା ରାୟ, ସହକାରୀ କୃଷି ଅଧିକାରୀ ମୋନାଲିସା ଜେନା, ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର, ସୁରେଶ ଚନ୍ଦ୍ର ଜେନା, ଓଭରସିଆର ପ୍ରିୟା ମହାନ୍ତି, ଇନ୍ଦ୍ରାଣୀ ନାୟକ କୃଷକ ସାଥୀ ଲକ୍ଷ୍ମୀଧର ରାଉତ ଓ ନରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ କୋଠାକୁ ପିଜି ହଷ୍ଟେଲ ସ୍ଥାନାନ୍ତର ଦାବି

**କଟକ,୧୨।୬(ଶିଳ୍ପା ପ୍ରିୟଦର୍ଶିନୀ)**


ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିବାକୁ ଆସିଛନ୍ତି ଏସ୍‌ସିବି ପିଜି ଛାତ୍ର ସଂଘ ସଦସ୍ୟମାନେ।

**ଆଇନ ମନ୍ତ୍ରୀଙ୍କୁ ଭେଟିଲେ ଏସ୍‌ସିବି ପିଜି ଛାତ୍ର ସଂଘ ସଦସ୍ୟ**

ଏସ୍‌ସିବି ମେଡିକାଲ କଲେଜ ପିଜି ହଷ୍ଟେଲରେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକ ଶଯ୍ୟା ନ ଥିବା ସହ ଭିତ୍ତିଭୂମି ସୁଦୃଢ଼ କରିବା ଓ ନୂତନ କୋଠାକୁ ହଷ୍ଟେଲ ସ୍ଥାନାନ୍ତର କରିବା ଦାବି କରି ମେଡିକାଲର ପିଜି ଛାତ୍ର ସଂଘର ସଦସ୍ୟମାନେ ଗୁରୁବାର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିଥିଲେ। ହଷ୍ଟେଲରେ ଛାତୀଛାତ୍ରଙ୍କ ସଂଖ୍ୟା ମୁତାବକ ଶଯ୍ୟା ନ ଥିବା ସହ ଅନେକ ସମସ୍ୟା ଉପୁଜିଛି। ଫଳରେ ଛାତ୍ରୀଛାତ୍ରମାନେ ବାଧ୍ୟ ହୋଇ ଅନ୍ୟତ୍ର ରହିବା ଓ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ତୁରନ୍ତ ନୂତନ କୋଠାକୁ ହଷ୍ଟେଲ ସ୍ଥାନାନ୍ତର କରିବା ପାଇଁ ଦାବି କରିଥିବା ଛାତ୍ର ସଂଘ ସଭାପତି ଡା. ଚିନ୍ମୟ ପ୍ରଧାନ କହିଛନ୍ତି। ଅନ୍ୟପଟେ କଟକ ସର୍କିଟ ହାଉସଠାରେ ମନ୍ତ୍ରୀ ହରିଚନ୍ଦନ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେବା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଖବରଦାତାଙ୍କ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ, ୨୦୨୧ରୁ ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ସେହି କାର୍ଯ୍ୟ ୨୦୨୪ ସୁଦ୍ଧା ଶେଷ ହେବାର ଥିଲା। ହେଲେ ତାହାକୁ ପୂର୍ବ ସରକାର ଅଧାରେ ଛାଡ଼ି ଦେଇଥିଲେ। ସେହିସବୁ କାର୍ଯ୍ୟର ସମୀକ୍ଷା କରାଯିବା ସହ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ମାସରେ ଏହାର ରିଭ୍ୟୁ କରାଯାଉଛି। କେଉଁ ମାସରେ, କେତେ କାମ, କେତେ ଯାଏ ସରିଛି ତାହାର ହିସାବ ରଖାଯାଉଛି। ଏସ୍‌ସିବି ସମ୍ପ୍ରସାରଣର କାର୍ଯ୍ୟ ମଧ୍ୟରେ ରେସିଡେଣ୍ଡେସିଆଲ କାମ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଓ କ୍ଲିନିକାଲ କାମ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ସମୟ ଦିଆଯାଇଛି। ଏପରିକି ଯଦିଓ ଧାର୍ଯ୍ୟ ସମୟରେ ଏହି ସମ୍ପ୍ରସାରଣ କାର୍ଯ୍ୟ ନ ସରେ ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଦାୟିତ୍ୱରେ ଥିବା କମ୍ପାନୀକୁ ବ୍ଲାକ୍‌ଲିଷ୍ଟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଦୟନୀୟ ଅବସ୍ଥାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା

ଯୋଗେଶ୍ୱରପୁର,୧୨।୬(ରଶ୍ମିରଞ୍ଜନ ସାହୁ)

ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିବା ନୟାହାଟ ବଜାରରୁ ବାହାରୁଥିବା ଧୂମାଳ ଗୋହୋରି ରାସ୍ତା ବର୍ଷାଦିନେ ଅତି ଦୟନୀୟ ଅବସ୍ଥାରେ ପରିଣତ ହୋଇଛି। ଫଳରେ ଉକ୍ତ କାଦୁଅ ରାସ୍ତାରେ ଲୋକେ ଯିବା ଆସିବା କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଧୂମାଳ ରାସ୍ତା ଉପରେ ନିଉରଣ, ବିନିଯପୁର, ଧୂମାଳ ୩ ପଞ୍ଚାୟତ ନାଉଗାଁ, ଜଗତସିଂହପୁର ଅଞ୍ଚଳରୁ ବ୍ୟବସାୟୀ ପ୍ରତିଦିନ କିଣାବିକା କରିବାକୁ ଆସିଥାନ୍ତି। ଏହି ରାସ୍ତା ଦେଇ ପାରାଦୀପରୁ ପୁରୀକୁ ଯାତ୍ରୀବାହୀ ବସ୍ ମଧ୍ୟ ଚଳାଚଳ କରେ। ତେବେ ରାସ୍ତା ମରାମତି ନ ହେବା ଫଳରେ ବର୍ଷାପାଣି ଜମି ରହି ରାସ୍ତାର ଅବସ୍ଥା ଏପରି ହୋଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ନବୀନ ବେହେରାଙ୍କୁ ପଚାରିବାରେ, ବେଆଇନ ଭାବେ ଶିଖର ଘାଟରୁ ଭାରି ବାଲି ଯାନ ଯିବା ଫଳରେ ରାସ୍ତା ନଷ୍ଟ ହେଉଛି। ବର୍ଷାଜଳ ନିଷ୍କାସନ ପାଇଁ ରାସ୍ତାର ୨ ପାର୍ଶ୍ୱରେ ଡ୍ରେନେଜର ଆବଶ୍ୟକ ରହିଛି ବୋଲି ଯନ୍ତ୍ରୀ ବେହେରା ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ବର୍ତ୍ତମାନ ଅର୍ଥ ନାହିଁ। ଯଦି ପୂର୍ତ୍ତ ବିଭାଗ ନେଇ ରାସ୍ତା ନିର୍ମାଣ କରନ୍ତା ତେବେ ଭଲ ହୁଅନ୍ତା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଧୂମାଳ ଗୋହୋରି ରାସ୍ତା ନିର୍ମାଣ କରାଯାଉ ନ ଥିବାରୁ ସ୍ଥାନୀୟ ସରପଞ୍ଚ ମୋନାଲିସା ସିଂହ, ଆଲୋକ ରାୟ, ସହଦେବ ମାଣିକ, ଅଭିମନ୍ୟୁ ସିଂହ ପ୍ରମୁଖ ଜନ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।



# ବନ୍ଦ ଘରୁ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ଅସ୍ତରଙ୍ଗ/କାକଟପୁର,୧୨।୬ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ବନ୍ଦ ଘରୁ ଜବତ କରାଯାଇଛି। ସେ ଯୁକ୍ତ୨ର ଛାତ୍ରୀ ବୋଲି ଜଣାପଡ଼ିଛି। ଏକତରଫା ପ୍ରେମକୁ ନେଇ ଜଣେ ଯୁବକଙ୍କ ଅସଦାଚରଣ ଯୋଗୁ ନାବାଳିକା ଜଣକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ନାବାଳିକାଙ୍କ ମା' ଥାନାରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଏତଲା ଦେବା ପରେ ପୋଲିସ ପୋକ୍ସୋ ଆକ୍ଟରେ ଏକ କେସ୍ (ନଂ. ୧୧୭/ ୨୫) ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଉପନିରୀକ୍ଷିକା ଅନ୍ନପୂର୍ଣ୍ଣା ମଲ୍ଲିକ କହିଛନ୍ତି। ମୃତ ନାବାଳିକାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଝିଅକୁ ଅସ୍ତରଙ୍ଗ ଥାନା ଅଞ୍ଚଳର ରିଙ୍କୁ ସ୍ୱାଇଁ ନାମକ ଯୁବକ ଗତ ୬ମାସ ହେବ ବ୍ଲାକମେଲିଂ କରି ପ୍ରେମରେ ଫସାଇବାକୁ ଚେଷ୍ଟା କରିଆସୁଥିଲେ। ତେବେ ଝିଅ ମନା କରିଦେବାରୁ ରିଙ୍କୁ କ୍ରୋଧିତ ହୋଇପଡ଼ିଥିଲେ। ୮ଦିନ ତଳେ ଝିଅ କଲେଜରୁ ଫେରିବା ସମୟରେ ଏକୁଟିଆ ଦେଖି ବନ୍ଧୁଙ୍କ ନିକଟବର୍ତ୍ତୀ ଜଙ୍ଗଲକୁ ନେଇ ଆକ୍ରମଣ କରିବା ସହ ଅସଦାଚରଣ କରିଥିଲେ। ଘରକୁ ଫେରି ଝିଅ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ବୁଧବାର ପୂର୍ବାହ୍ନରେ ରିଙ୍କୁ ତାଙ୍କୁ ଫୋନ୍ କରିବା ପରେ ସେ ଘର ଭିତରକୁ ଯାଇ ଲୁଗା ସାହାଯ୍ୟରେ ଆତ୍ମହତ୍ୟା କରିଥିଲେ। ପରିବାରଲୋକେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ଏସ୍‌ସିବି ମେଡିକାଲକୁ ନେଇଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ୩ ସ୍ଥାନରେ ବିକଶିତ କୃଷି ସଂକଳ୍ପ ଅଭିଯାନ

ନିମାପଡ଼ା,୧୨।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ତଥା କୃଷି ଜିଲା ଅଧୀନ ଦଳଭାଣପୁର, ହରିପୁର, ବାମନାଳ ପଞ୍ଚାୟତର ବରିମୁଣ୍ଡେଇ ଗ୍ରାମ ସମେତ ୩ଟି ସ୍ଥାନାରେ ଗୁରୁବାର ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ପୁରୀର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକ ଡ. ଜୟକୃଷ୍ଣ ଜେନା, ମତ୍ସ୍ୟ ଗବେଷଣା କେନ୍ଦ୍ର ସିଫାର ନିର୍ଦ୍ଦେଶକ ଡ. ପି. କେ. ସାହୁ, ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ଡ. ଅମରେଶ ଖୁଣ୍ଟିଆ, କୃଷି ବିଜ୍ଞାନକେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୂର୍ଯ୍ୟ ନାରାୟଣ ମିଶ୍ର, ଡ. ସୁମିତା ଆଚାର୍ଯ୍ୟ, ନିମାପଡ଼ା କୃଷି ଜିଲା ଅଧିକାରୀ ସତ୍ୟ ନାରାୟଣ କର, ଆତ୍ମାର ଅଧକ୍ଷ ଦିଲୀପ ପରିଡ଼ା, ସରପଞ୍ଚ ରାକେଶ କୁମାର ବାରିକ, କୃଷି ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ, ଡ. ବିଷ୍ଣୁପଦ ଗିରି, ଜାତୀୟ ସାମୁଦ୍ରିକ ମତ୍ସ୍ୟ ଗବେଷଣା କେନ୍ଦ୍ର ଓ କେନ୍ଦ୍ରୀୟ ମଧୁର ଜୀବ ଗବେଷଣା କେନ୍ଦ୍ରର ବରିଷ୍ଠ ଅଧିକାରୀ ସ୍ୱାତୀ ପ୍ରିୟଙ୍କାସେନ ଦାଶ, ଡ. ଟି. ଶିବରାମକ୍ରିଷ୍ଣ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଫଳ କାହାଣୀ, ବିଭିନ୍ନ ନୂତନ ବୈଷୟିକ ଜ୍ଞାନ କୌଶଳ, ଚାଷ ସମ୍ବନ୍ଧୀୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ନିମାପଡ଼ା ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି ଓ ସହକାରୀ କୃଷି ଅଧିକାରୀ ଅଙ୍କିତ କୁମାର ବେହେରା ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ନାବାଳିକାଙ୍କ ଆତ୍ମହତ୍ୟା ଅଭିଯୋଗ

ଗୋପ,୧୨।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ଭିତରଦରି ଗାଁ ଗ୍ରାମର ଜଣେ ନାବାଳିକା ଘରୋଇ କଳି ଯୋଗୁ ବୁଧବାର ବିଳମ୍ବିତ ରାତ୍ରିରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳୁ ଗୋପ ଥାନା ଏସ୍ଆଇ ଦେବସ୍ମିତା ସିଂ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ନାବାଳିକାଙ୍କ ବାପା ପ୍ରତାପ ପଲାଇଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୫) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନାବାଳିକା ଜଣଙ୍କ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଅଳ୍ପ ନମ୍ବର ରଖିବା ନେଇ ବୁଧବାର ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ସେ ଆତ୍ମହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି।


SBI Securities
ନିବେଶ ଓ ବିଶ୍ୱାସ, ଉଭୟ
ଏସ୍‌ବିଆଇସିଏପି ସିକ୍ୟୁରିଟିଜ୍ ଲିମିଟେଡ୍
ନଂ.୫, ୨ୟ ମହଲା, ଜନାର୍ଦ୍ଦନ ହାଉସ୍, ଏ-୧୮୧, ଶହୀଦ ନଗର, ଭୁବନେଶ୍ୱର – ୭୫୧୦୦୭, ଓଡ଼ିଶା

ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି (ଏନ୍ଆଇଟି)
ଶାଖା କାର୍ଯ୍ୟାଳୟ ପାଇଁ ପରିସର ଆବଶ୍ୟକ

୧. ଏସ୍‌ବିଆଇସିଏପି ସିକ୍ୟୁରିଟିଜ୍ ଲିମିଟେଡ୍ ଏହାର ଶାଖା କାର୍ଯ୍ୟାଳୟ ପାଇଁ ରସୁଲଗଡ଼, ବାପୁଜୀନଗର, ଶହୀଦନଗର ଏରିଆ ଭୁବନେଶ୍ୱର ସମୀପ ଅଞ୍ଚଳରେ ଲିଜ୍ ରେଣ୍ଟାଲ୍ ଭିତ୍ତିରେ ପାଖାପାଖି ୧୪୦୦–୧୭୦୦ ବର୍ଗ ଫୁଟ କାର୍ପେଟ୍ ଏରିଆ (ଶୌଚାଳୟ, ଲିଫ୍ଟ ଲବି ଆଦିକୁ ଛାଡ଼ି) ଥିବା ବାଣିଜ୍ୟିକ / କାର୍ଯ୍ୟାଳୟ ପରିସରର ମାଲିକ / ପାୱାର ଅଫ୍ ଆଟର୍ଣ୍ଣିଧାରୀଙ୍କଠାରୁ ଦୁଇ ବିଡ୍ ପ୍ରଣାଳୀରେ ଅଫର୍ ଆମନ୍ତ୍ରଣ କରୁଛି ।
୨. ଉକ୍ତ ପରିସର ରସୁଲଗଡ଼, ବାପୁଜୀନଗର, ଶହୀଦନଗରରେ ମୁଖ୍ୟ ରାସ୍ତାରେ ପ୍ରମୁଖ ସ୍ଥାନ (୫୦୦ ମିଟର ପରିଧି ମଧ୍ୟରେ) ରହିଥିବା ଓ ପାର୍କିଂ ଜାଗା ସହ ମୁଖ୍ୟତଃ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକର ସମୂହ ଅବସ୍ଥିତ ହୋଇଥିବା ସ୍ଥାନରେ ରହିଥିବା ଆବଶ୍ୟକ ତଥା ଉକ୍ତ ପରିସର ତତ୍କାଳ ଦଖଲ ପାଇଁ ପ୍ରସ୍ତୁତ / ସମ୍ଭାବ୍ୟ ଭାବେ ପ୍ରସ୍ତୁତ ରହିବା ଆବଶ୍ୟକ ।
୩. ବିଡ୍‌ର ନିର୍ଦ୍ଧାରିତ ଫର୍ମାଟ୍ ଆମର କାର୍ଯ୍ୟାଳୟରୁ ହାସଲ କରାଯାଇପାରିବ କିମ୍ବା ଆମର ୱେବ୍‌ସାଇଟ୍ www.sbisecurities.in > ପ୍ରସ୍ତାବ ଆହ୍ୱାନରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଜଉମୁଦଦିଆ ବିଡ୍ ଉପରୋକ୍ତ ଠିକଣାରେ ଦାଖଲ କରାଯାଇପାରିବ । ବିଡ୍ ଦାଖଲର ଶେଷ ତାରିଖ ହେଉଛି ତା୨୦।୦୬।୨୦୨୫ରିଖ ଅପରାହ୍ନ ୩.୦୦ ଘଟିକା । ବୈଷୟିକ ବିଡ୍ ସେହିଦିନ ଅପରାହ୍ନ ୪.୦୦ରୁ ୫.୦୦ ଘଟିକାରେ ଖୋଲାଯିବ ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫରକୁ ଖାରଜ କରିବାର ଅଧିକାର କମ୍ପାନୀ ନିକଟରେ ସଂରକ୍ଷିତ ।
- କ୍ଷେତ୍ରୀୟ ପ୍ରବନ୍ଧକ (ପ୍ରଶାସନ)



ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/25-26/E-Tender/28,ତା.09.06.2025ରିଖ

(1) ଟେଣ୍ଡର ସଂ.e-TenderNORTHKUR-104-2025,ତା.03.06.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଯାଜପୁର କେନ୍ଦୁଝର ରୋଡ୍ ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର/P.Way/ଭଦ୍ରକ ୟୁନିଟ୍‌ରେ ସାମୟିକ ସ୍ଲିପର ନବୀକରଣ, ରେଲ୍ ନବୀକରଣ, PSC ସ୍ଲିପରଗୁଡ଼ିକର ଲିଫ୍ଟିଂ ଏବଂ ପ୍ୟାକିଂ, ଡିଷ୍ଟ୍ରେସିଂ, କଟ୍ ରେଲ୍ ୱେଲ୍ଡିଂ, ବାଲାଷ୍ଟର ବକ୍ସିଂ, ଜଙ୍ଗଲ ସଫେଇ, ସେକ୍ସନ ଇତ୍ୟାଦି ଗୁଡ଼ିକରୁ ସାମଗ୍ରୀଗୁଡ଼ିକର ସ୍ଥାନାନ୍ତରଣ ଭଳି ବିଭିନ୍ନ P.Way କାର୍ଯ୍ୟ ତଥା ଅନ୍ୟ ବିବିଧ କାର୍ଯ୍ୟସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 186.38 ଲକ୍ଷ, EMD (ଟଙ୍କାରେ) : 2,43,200/-।

(2) ଟେଣ୍ଡର ସଂ.e-TenderNORTHKUR-105-2025,ତା.03.06.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଯାଜପୁର କେନ୍ଦୁଝର ରୋଡ୍ ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର/P.Way/ଯାଜପୁର କେନ୍ଦୁଝର ରୋଡ୍ ୟୁନିଟ୍‌ରେ ସାମୟିକ ସ୍ଲିପର ନବୀକରଣ, ରେଲ୍ ନବୀକରଣ, PSC ସ୍ଲିପରଗୁଡ଼ିକର ଲିଫ୍ଟିଂ ଏବଂ ପ୍ୟାକିଂ, ଡିଷ୍ଟ୍ରେସିଂ, କଟ୍ ରେଲ୍ ୱେଲ୍ଡିଂ, ବାଲାଷ୍ଟର ବକ୍ସିଂ, ଜଙ୍ଗଲ ସଫେଇ, ସେକ୍ସନ ଇତ୍ୟାଦି ଗୁଡ଼ିକରୁ ସାମଗ୍ରୀଗୁଡ଼ିକର ସ୍ଥାନାନ୍ତରଣ ଭଳି ବିଭିନ୍ନ P.Way କାର୍ଯ୍ୟ ତଥା ଅନ୍ୟ ବିବିଧ କାର୍ଯ୍ୟସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 170.76 ଲକ୍ଷ, EMD (ଟଙ୍କାରେ) : 2,35,400/-।

(3) ଟେଣ୍ଡର ସଂ.etenderhqkur-101-2025,ତା.03.06.2025ରିଖ
ବିବରଣୀ : ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ)/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନରେ ଫ୍ଲୋରିଂ, କବାଟ/ଝରକାଗୁଡ଼ିକର ସ୍ଥାନାନ୍ତରଣ, ପେଣ୍ଟିଂ, ପ୍ଲାଷ୍ଟରିଂ ଇତ୍ୟାଦି ଭଳି ପୁରୀ ଠାରେ ସେବା ଭବନଗୁଡ଼ିକର ପ୍ରସ୍ତାବିତ ବିବିଧ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 147.64 ଲକ୍ଷ, EMD (ଟଙ୍କାରେ) : 2,23,800/-।

(4) ଟେଣ୍ଡର ସଂ.eTenderHQKUR-81-2025,ତା.03.06.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନର ବିଭିନ୍ନ ୟାର୍ଡ଼ଗୁଡ଼ିକରେ 7.977 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 257.90 ଲକ୍ଷ, EMD (ଟଙ୍କାରେ) : 2,79,000/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1,2 ଏବଂ 4 ପାଇଁ) ଏବଂ 06 ମାସ (କ୍ରମ ସଂ.3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.06.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-229/Q/25-26



ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଂଜିନିୟରିଂ/ଚକ୍ରଧରପୁର, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । [illegible] କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ବାୟନା: (୧) ସିକେପି-ସେଣ୍ଟ୍ରାଲ-୨୫-୨୬-୦୮, ତାରିଖ: ୧୧।୦୬।୨୦୨୫; [illegible] ଚକ୍ରଧରପୁର ଡିଭିଜନ [illegible] ୫୧୫ ମିଟର [illegible] ଚକିଆ [illegible] ଆର୍ଡିଏସଓ [illegible] ମିଟର [illegible] ₹୮[illegible] । (୨) ସିକେପି-ସେଣ୍ଟ୍ରାଲ-୨୫-୨୬-୦୯, ତାରିଖ: ୧୧।୦୬।୨୦୨୫; (i) ରାଜଖରସୁଆଁ-ବିମଳଗଡ଼ [illegible] ଟିଟିଆର [illegible] ୧୪ ଗୋଟି ଏବଂ ୧ ଇଞ୍ଚ୍ ୮.୫ = ୯ ଗୋଟି (ii) ଏସ୍‌ଏସ୍‌ଇ/ପି.ୱେ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ–ବରବାମ୍ବୋ–ଚକ୍ରଧରପୁର କ୍ଷେତ୍ରଶନ ମଧ୍ୟରେ କିମି ୩୦୦.୦୭୨ରୁ ୩୦୫.୧୦୧ (ଅପ୍), ୩୧୦.୧୦୦ରୁ ୩୧୨.୪୦୦ (ଅପ୍) ଏବଂ ୨୯୫.୯୪୦ରୁ ୩୧୨.୯୦୦ (ଡାଉନ୍)ଠାରେ ଚକ୍ରଧରପୁର ଡିଭିଜନ ଟିଏଫ୍‌ଆର୍–୨୪.୨୮୯ କିମି । (iii) ଏସ୍‌ଏସ୍‌ଇ/ପି.ୱେ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ–ସୋନୁଆ– ସିଏମ୍‌ଏସ୍ କିଙ୍ଗ୍‌କୁ ଡବ୍ଲ୍ୟୁସିଏମ୍‌ଏସ୍ କିଙ୍ଗ୍‌ରେ ରୂପାନ୍ତରଣ; ₹୧,୧୫,୩୪,୦୮୩.୩୧; ₹୨,୦୭,୭୦୦/– । (୩) ସିକେପି-ସେଣ୍ଟ୍ରାଲ-୨୫-୨୬-୧୦, ତାରିଖ: ୧୧।୦୬।୨୦୨୫; (i) ଏସ୍‌ଏସ୍‌ଇ/ପି.ୱେ/ଦୁମେର୍ତାଙ୍କ ଅଧୀନରେ ଦୁମେର୍ତା–ବିମଳଗଡ଼, ଦୁମେର୍ତା–ଲିଙ୍କ ସି ମଧ୍ୟରେ ଟିଏଫ୍‌ଆର୍ ୨୧.୬୩୮ କିମି (ii) ଏଡିଇଏନ୍/ବଣ୍ଡମୁଣ୍ଡାଙ୍କ ଅଧୀନରେ କିମି ୪୫୨.୦୦–୪୫୬.୦୦ ଏସ୍/ଏଲ୍‌ଠାରୁ ବାଲାଷ୍ଟ କୁଶନ୍‌କୁ ୩୫ ସିଏମ୍ ପର୍ଯ୍ୟନ୍ତ ଡିପ୍ ସ୍କ୍ରିନିଂ/ରେକିଂ ସହ ୪.୦୦ କିମି ପର୍ଯ୍ୟନ୍ତ ଥ୍ରୁ ବାଲାଷ୍ଟ ନବୀକରଣ । (iii) ସହକାରୀ ମଣ୍ଡଳ ଯନ୍ତ୍ରୀ/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ଏ କ୍ୟାବିନ୍ ବଣ୍ଡମୁଣ୍ଡା–ବିମଳଗଡ଼–ବରସୁଆଁ ମଧ୍ୟରେ ପିଏସ୍‌ସି (ଆର୍‌ଟି–୮୭୪୬) ୧୬୬୦ ଗୋଟି/କିମି (ବିଦ୍ୟମାନ ପିଏସ୍‌ସି ସ୍ଲିପର) ଉପରେ ୧୩.୭୦୨ କିମି ନୂଆ ୬୦ କିଗ୍ରା ୨୬୦ ମିଟର ରେଲ୍ ପାଇଁ ସିଟିଆର(ପି); ₹୩,୫୨,୪୫,୬୮୩.୩୨; ₹୩,୨୬,୨୦୦/– । (୪) ସିକେପି-ସେଣ୍ଟ୍ରାଲ-୨୫-୨୬-୦୧୧, ତାରିଖ: ୧୧।୦୬।୨୦୨୫; ଏସ୍‌ଏସ୍‌ଇ/ପି.ୱେ–II/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ ଜଂ.–ସୋନୁଆ (ଡାଉନ୍)–ଟିଆରଆର(ପି)–୧୦.୩୨୨ ଟିକେଏମ୍ ଏବଂ ସୋନୁଆ–ମନୋହରପୁର–୧୧.୪୩୫ ଟିକେଏମ୍; ₹୩,୦୩,୧୭,୧୮୬.୪୮; ₹୩,୦୧,୬୦୦/– । (୫) ସିକେପି-ସେଣ୍ଟ୍ରାଲ-୨୫-୨୬-୧୨, ତାରିଖ: ୧୧।୦୬।୨୦୨୫; (i) ଏସ୍‌ଏସ୍‌ଇ/ପି.ୱେ–II/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ରମୁଖ ସେତୁ ଏବଂ ତାହାର ଆପ୍ରୋଚ୍ ଉପରେ ୭.୬୬୧ କିମିର ଅତି ପୁରୁଣା ରେଳ ନବୀକରଣ ପାଇଁ ଟିଆରଆର୍ (ପି) (ii) ରାଜଖରସୁଆଁ–ବଣ୍ଡମୁଣ୍ଡା–ସହକାରୀ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଥ୍ରୁ ବାଲାଷ୍ଟ ନବୀକରଣ; ₹୧,୫୭,୯୫,୧୯୫.୧୬; ₹୨,୨୯,୦୦୦/–। (୬) ସିକେପି-ସେଣ୍ଟ୍ରାଲ-୨୫-୨୬-୧୩, ତାରିଖ: ୧୧।୦୬।୨୦୨୫; ଏସ୍‌ଏସ୍‌ଇ/ପି.ୱେ–II/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ରମୁଖ ସେତୁ ଏବଂ ସେଗୁଡ଼ିକର ଆପ୍ରୋଚ୍‌ରେ ୭.୬୬୧ କିମି ଅତି ପୁରୁଣା ରେଳ ନବୀକରଣ ପାଇଁ ଟିଆରଆର୍ (ପି) ସଂକ୍ରାନ୍ତରେ ଟ୍ରାକ୍ ସମାନ୍ତରାଳ ଡ୍ରେନ୍‌ର ନିର୍ମାଣ ଖର୍ଚ୍ଚ; ₹୨,୦୩,୭୮,୭୯୩.୫୪; ₹୨,୫୧,୯୦୦/– । ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦ । ଖୋଲାଯିବା ତାରିଖ: କ୍ର.ସଂ ୧ ପାଇଁ ତା୩୦।୦୬।୨୦୨୫, କ୍ର.ସଂ. ୨ ଓ ୩ ପାଇଁ ୦୭।୦୭।୨୦୨୫ ଏବଂ କ୍ର.ସଂ. ୪ରୁ ୬ ପାଇଁ ୧୧।୦୭।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ– ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) ।
(PR-260)


# ୨୧ ପ୍ରତିଶ୍ରୁତିରୁ ପୂରଣ ହୋଇଛି ୧୧

## ବିକାଶ ପାଇଁ ସହଯୋଗ କାମନା କଲେ ଶିଳ୍ପ ମନ୍ତ୍ରୀ

ପୁରୀ,୧୨।୬(ଅଜିତ୍ କୁମାର ମହାନ୍ତି)

**PR.NO.354878 Urban Development and Housing(25-26):D**


# ଗୃହ ନିର୍ମାଣ ଲାଗି ଗଛ ବଳି



ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିସରରୁ କଟାଯାଇଥିବା ଗଛ ।

**ନିଶ୍ଚିନ୍ତକୋଇଲି, ୧୨।୬ (ଅଶୋକ କୁମାର ମହାପାତ୍ର )**

ସରକାରୀ ନୀତି ନିୟମକୁ ଖୋଲା ଖୋଲି ଭାବେ ଉଲ୍ଲଂଘନ କରି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିସରରେ ଗୃହ ନିର୍ମାଣ ନିମନ୍ତେ ଛୁଟି ଦିନରେ ଠିକାଦାର ତିନୋଟି ଶାଗୁଆନ ଗଛ କାଟି ଦେଇଥିବାର ଅଭିଯୋଗ ହୋଇଛି । ଖବର ପାଇ ବନ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କାଠଲକଟା କରତ, ତିନୋଟି ଟାଙ୍ଗିଆ ସହ ଶାଗୁଆନ ଗଛ ଜବତ କରିଛନ୍ତି । ମହାବିଦ୍ୟାଳୟର ଗୃହ ନିର୍ମାଣ ନିମନ୍ତେ ସରକାର ଅର୍ଥ ମଞ୍ଜୁର କରିଥିଲେ, ହେଲେ ଠିକାଦାର ବିନା ସରକାରୀ ମଞ୍ଜୁରୀରେ କଲେଜ ପରିସରରେ ଥିବା ମୂଲ୍ୟବାନ ଶାଗୁଆନ ଗଛ କାଟିଦେଇଥିଲେ । ଠିକାଦାର ବିନା ସରକାରୀ ମଞ୍ଜୁରୀରେ କିପରି ଗଛ କାଟିଲେ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।


**OFFICE OF THE PRINCIPAL, S.G. WOMEN'S COLLEGE, SECTOR-2, ROURKELA - 6**
Website: www.sgwc.edu.in, e-mail: principal.sgwc@gmail.com

**WALK-IN-INTERVIEW**
**(For empanelment of Guest Faculties)**

No. N-78: A Walk-in-Interview for engagement of Guest Faculties in the following disciplines for the session 2025-26 will be held as the programme given below.
Candidates having 55% marks at P.G. level may appear the interview with necessary documents.

| SUBJECTS | DATE | DOCUMENTS |
|---|---|---|
| Education, Political Science, Hindi, History, Odia, Economics, English, Home Science, Psychology | 23.06.2025 (10.00 A.M.) | Come with all original documents & photocopies including 3 passport size color photographs & Aadhaar Card |
| Geography, Sanskrit, Philosophy, Sociology, Commerce, Mathematics, Ethics & Values | 24.06.2025 (10.00 A.M.) | Come with all original documents & photocopies including 3 passport size color photographs & Aadhaar Card |

The undersigned has reserved the right to cancel the appointment at any time without assigning any reason thereof.
No TA/DA will be given to any applicants for the interview.
**OIPR-11134/11/0013/2526** **Sd./- Principal, S.G. Women's College, Sector-2, Rourkela-6**



**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**
(ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ)
ମୁଖ୍ୟ କାର୍ଯ୍ୟାଳୟ: ଭୁବନେଶ୍ୱର

ଶାଖା: ବନ୍ଧାଗୁଡ଼ା, ସ୍ଥାନ: ମେନ୍ ରୋଡ୍, ପୋଷ୍ଟ: ବନ୍ଧାଗୁଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା । ପିନ୍: ୭୬୧୧୦୬

**ବିଜ୍ଞପ୍ତି: ସ୍ୱର୍ଣ୍ଣ ଋଣ ଅଳଙ୍କାରଗୁଡ଼ିକର ନିଲାମ ପାଇଁ ନୋଟିସ**

ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବାରମ୍ବାର ସ୍ମରଣ କରାଯିବା ସତ୍ତ୍ୱେ ସେମାନେ ଋଣକୁ ଶୁଝିବା ଓ ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ମୁକୁଳାଇବାରେ ବିଫଳ ହୋଇଛନ୍ତି । ନିମ୍ନ ତାଲିକାଭୁକ୍ତ ଋଣଗ୍ରହୀତାଙ୍କ ଦ୍ୱାରା ଉକ୍ତ ଋଣ ଖାତା ଅଧୀନରେ ବନ୍ଧକ ରଖାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର/ଗହଣାଗୁଡ଼ିକୁ ସର୍ବସାଧାରଣ (ଭୌତିକ) ନିଲାମ କରିଆରେ ଆମର ଶାଖା ପରିସରରେ ତା୨୬।୦୬।୨୦୨୫ରିଖ ଅପରାହ୍ନ ୨ ଘଟିକାରେ ବିକ୍ରୟ କରାଯିବ ।
**ନିୟମ ଓ ସର୍ତ୍ତାବଳୀ:** ୧) ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ନିଲାମ ତାରିଖର ମଧ୍ୟାହ୍ନ ୧୨.୦୦ ଘଟିକା ପୂର୍ବରୁ ଟ.୧୦,୦୦୦/– ଅର୍ଥରାଶି ଜମା କରିପାରିବେ । ୨) କୌଣସି କାରଣ ନ ଦର୍ଶାଯାଇ ଯେକୌଣସି ବିଡ୍‌କୁ ଗ୍ରହଣ କରିବା କିମ୍ବା ଦୋହରାଇବାର ଅଧିକାର ବ୍ୟାଙ୍କ ନିକଟରେ ସଂରକ୍ଷିତ । ୩) ଯେକୌଣସି କାରଣରୁ ସଫଳ ବିଡରଙ୍କ ନାମ ଘୋଷଣା କରିବା ପୂର୍ବରୁ ନିଲାମ/ଟେଣ୍ଡର ପ୍ରକ୍ରିୟାକୁ ରଦ୍ଦ କରିବାର ସ୍ୱାଧୀନତା ବ୍ୟାଙ୍କ ନିକଟରେ ରହିଛି । ୪) ଦୟାକରି ଧ୍ୟାନରେ ରଖନ୍ତୁ ଯେ, ଯଦି ନିଲାମ ସେହିଦିନ ସମ୍ପୂର୍ଣ୍ଣ ନ ହୁଏ, ତେବେ ତାହା ପରବର୍ତ୍ତୀ ଦିବସରେ ସମାନ ନିୟମ ଓ ସର୍ତ୍ତାବଳୀକୁ ଅନୁସରଣ କରିବ । ୫) ଯଦି ଗ୍ରାହକ ମୃତ୍ୟୁବରଣ କରନ୍ତି, ତେବେ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ମନୋନୀତ ବ୍ୟକ୍ତି (ନୋମିନୀ)/ଆଇନସମ୍ମତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ।
ଏତଦ୍ୱାରା ଋଣଗ୍ରହୀତାଙ୍କୁ ନିଲାମ ତାରିଖ ପୂର୍ବରୁ ମୂଳରାଶି ସମେତ ଅଦ୍ୟ ତାରିଖ ସୁଦ୍ଧା ସୁଧ ଓ ତତ୍–ସମ୍ବନ୍ଧିତ ବ୍ୟୟ ପୈଠ କରିବା ପାଇଁ ଅଧିସୂଚିତ କରାଯାଉଛି, ଯେଉଁଥିରେ ବିଫଳ ହେଲେ ବନ୍ଧକ ରଖାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବିକ୍ରୟ କରିଦିଆଯିବ ଏବଂ ବଳକା ରାଶିକୁ, ଯଦି ଥାଏ, ସୁଧ ଓ ବ୍ୟୟ ସହିତ ଅସୁଲ କରାଯିବ । କୌଣସି ପ୍ରଶ୍ନ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରନ୍ତୁ ।

| କ୍ର.ସଂ. | ଶାଖା | ଗ୍ରାହକଙ୍କ ନାମ ଓ ଠିକଣା | ଖାତା ନଂ. | ସର୍ବମୋଟ ଓଜନ |
|---|---|---|---|---|
| ୧ | ବନ୍ଧାଗୁଡ଼ା | କାହ୍ନୁଚରଣ ସାହୁ, ପିତା: ପ୍ରଫୁଲ୍ଲ ସାହୁ, କେ. କରଡ଼ାକଣା, ଗଞ୍ଜାମ–୭୬୧୧୦୬ | ୮୪୦୫୩୨୩୧୭୧୪ | ୧୧.୪୬୦ ଗ୍ରାମ୍ |
| ୨. | ବନ୍ଧାଗୁଡ଼ା | ଯାଜ୍ଞସେନୀ ଗୌଡ଼ ସ୍ୱାମୀ: ବିଦେଶୀ ଗୌଡ଼, ହାଡ଼ିଚିରାବାଲି, ବନ୍ଧାଗୁଡ଼ା, ଗଞ୍ଜାମ–୭୬୧୧୦୬ | ୮୪୦୫୪୧୭୮୮୦୪ | ୨୨.୬୧୦ ଗ୍ରାମ୍ |
| ୩. | ବନ୍ଧାଗୁଡ଼ା | ଯାଜ୍ଞସେନୀ ଗୌଡ଼ ସ୍ୱାମୀ: ବିଦେଶୀ ଗୌଡ଼, ହାଡ଼ିଚିରାବାଲି, ବନ୍ଧାଗୁଡ଼ା, ଗଞ୍ଜାମ–୭୬୧୧୦୬ | ୮୪୦୬୪୮୮୪୬୬୦ | ୨୮.୧୨୦ ଗ୍ରାମ୍ |

କୌଣସି ପ୍ରଶ୍ନ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରନ୍ତୁ ।
**ଶାଖା ପ୍ରବନ୍ଧକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ବନ୍ଧାଗୁଡ଼ା ଶାଖା**



**PUBLIC NOTICE**
**(BHUBANESHWAR-GRACE)**

It is hereby informed to the general public at large that my clients 1. Bodhila Estate & Reality Pvt. Ltd.; 2. Brijesha Development & Reality Pvt. Ltd.; 3. Hobart City Homes Reality Pvt. Ltd.; and 4. Hari City Homes Estate & Development Pvt. Ltd. are in the process of conducting due diligence and assessment of liabilities in respect of the immovable properties in Villages, Tehsil & District along with Plot No.- Area in Acre as mentioned below:-

Village- Pratap Nagari, Tehsil- Cuttack, District- Cuttack.

838-0.050, 839-0.060, 1503-0.040, 1494/3161-0.110, 1498-0.020, 1501-0.010, 1496-0.050, 1502-0.040, 1580/3162-0.075, 1505-0.150, 1495-0.040, 1499-0.020, 1504-0.300, 1579-0.300, 812-0.030, 833-0.050, 818-0.050, 1549-0.060, 1511-0.040, 1515-0.040, 821-0.230, 834-0.050, 808-0.030, 823-0.140, 819-0.090, 822-0.050, 822-0.050, 809-0.030, 832-0.080, 837-0.070, 829-0.080, 836-0.060, 1514-0.040, 814-0.100, 810-0.050, 811-0.060, 815-0.070, 1516-0.100, 1512-0.040, 1513-0.100, 1518-0.050, 831-0.050, 800-0.070, 827-0.050, 1500-0.060, 828-0.050, 835-0.050, 1497-0.010, 841-0.050, 826-0.260, 1698-0.380, 1692-0.230, 1508-0.047, 825-0.340, 1509-0.170, 1679-0.790, 830-0.050, 824-0.230, 1521-0.150, 1540-0.080, 1684-0.730, 1508-.040, 1508-0.080, 1545-0.020, 1517-0.060, 1508-0.195, 1508-0.055.

Village- Bhanpur, Tehsil- Cuttack, District- Cuttack.

3579-0.025, 3580-0.025, 3583-0.035, 3743-0.075, 3746-0.075, 3563-0.170, 3573-0.160, 3750-0.190, 3772-0.130, 3764-0.075, 3765-0.075, 3735-0.2261, 3800-0.500, 3766-0.130, 3770-0.120, 3798-0.230, 3707-0.150, 3808-0.410, 3810-0.400, 3636-0.120, 3577-0.040, 3703-0.340, 3612-0.110, 3614-0.170, 3712-0.170, 3611-0.040, 3615-0.080, 3688-0.320, 3734-0.600, 3774-0.120, 3776-0.140, 3779-0.130, 3784-0.410, 3786-0.230, 3802-0.040, 3803-0.040, 3804-0.060, 3805-0.060, 3815-0.250, 3818-0.220, 3591-0.110, 3594-0.200, 3596-0.120, 3647-0.100, 3719-0.230, 3722-0.110, 3725-0.040, 3726-0.180, 3727-0.230, 3754-0.150, 3586-0.220, 3715-0.280, 3578-0.0125, 3564-0.090, 3570-0.060, 3565-0.080, 3571-0.070, 3600-0.070, 3581-0.0150, 3717-0.0336, 3718-0.0436, 3723-0.0284, 3584-0.075, 3619-0.035, 3621-0.020, 1510-0.080, 3581-0.045, 3717-0.100, 3718-0.130, 3723-0.085, 3724-0.050, 3610-0.050, 3616-0.060, 3613-0.150, 3624-0.070, 3724-0.030, 3609-0.140, 3584-0.075, 3619-0.035, 3621-0.020, 3606-0.090, 3559-0.143, 3605-0.020, 3601-0.018, 3587-0.028, 3592-0.009, 3749-0.053, 3587+3592+ 3749-0.1081, 3747-0.170, 3746-0.075, 3598-0.120, 3716-0.220, 3567-0.120, 3569-0.080, 3745-0.220, 3714-0.430, 3562-0.140, 3589-0.160, 3607-0.070, 3741-0.110, 3585-0.410, 3608-0.280, 3582-0.080, 3583-0.035, 3595-0.040, 3599-0.060, 3572-0.090, 3588-0.060, 3590-0.110, 3593-0.040, 3597-0.110, 3566-0.090, 3568-0.070, 3587-0.009, 3592-0.003, 3579-0.0250, 3580-0.0250, 3578-0.0375.

The above-mentioned properties are owned by my above-mentioned clients.

Any person(s), any entity, having any claim, right, title, interest, lien, charge, tenancy, leasehold, mortgage, possession, easement, encumbrance, or any other nature of claim whatsoever in respect of the above-mentioned property, whether recorded or unrecorded, by way of inheritance, sale, gift, exchange, lease, license, or through any other mode or manner whatsoever, are hereby called upon to make such claim/objections in writing along with supporting documents within **15 (fifteen) days** from the date of publication of this notice, failing which it shall be deemed that there are no such claims, rights, title or interests in the said property and the due diligence shall be completed on the basis that the said property is free from all encumbrances, claims, and disputes.

Objections, if any, may be submitted at the below-mentioned address.

**SAMEER PANDEY**
Advocate
Place: New Delhi
Date: [06.06.2025]
Contact No. 9811055328
Address: 25, LGF, Babar Road, Bengali Market, New Delhi-110001.

# 'ପୂର୍ବୋଦୟରୁ ହେବ ବିକାଶର ସୂର୍ଯ୍ୟୋଦୟ'




ଖବରଦାତା ସମ୍ମିଳନୀରେ ସମବାୟ ମନ୍ତ୍ରୀ ତଥା ଜିଲା ପ୍ରଭାରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଉଛନ୍ତି।

**ଖୋର୍ଦ୍ଧା,୧୨।୬(ପ୍ରଭାତ ପାଣିଗ୍ରାହୀ)**

କେନ୍ଦ୍ର ସରକାରଙ୍କ ୧୧ବର୍ଷ ଏବଂ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ଖୋର୍ଦ୍ଧା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମବାୟ ମନ୍ତ୍ରୀ ତଥା ଜିଲା ପ୍ରଭାରୀ ପ୍ରଦୀପ ବଳସାମନ୍ତ ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳତା ଓ କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ୨୦୩୬ରେ ଯେତେବେଳେ ଓଡ଼ିଶା ତା'ର ଶତବାର୍ଷିକୀ ପାଳନ କରିବ, ସେତେବେଳେ ଓଡ଼ିଶା ସମୃଦ୍ଧ ଓଡ଼ିଶାରେ ପରିଣତ ହୋଇ ସାରିଥିବ। ସାଢ଼େ ୪କୋଟି ଓଡ଼ିଶାବାସୀଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଏକ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି। ୨୦୩୬ ପାଇଁ ୩୬ଟି ପଦକ୍ଷେପ ନିଆଯିବ। ଆସନ୍ତା ୨୦ତାରିଖରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ଏହାର ଉନ୍ମୋଚନ କରିବେ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଓଡ଼ିଶାର ପ୍ରମୁଖ ଭୂମିକା ରହିବ। ପୂର୍ବୋଦୟରୁ ହେବ ବିକାଶର ସୂର୍ଯ୍ୟୋଦୟ। ଓଡ଼ିଆ ଅସ୍ମିତାର ଜୟଯାତ୍ରା ଜାରି ରହିବ। ଗୁଡ୍ ଗଭର୍ନାନ୍ସ ପାଇଁ ଓଡ଼ିଶା ସାରା ଦେଶରେ ଏକ ରୋଲ ମଡେଲ ରାଜ୍ୟ ଭାବେ ପରିଗଣିତ ହେବ ବୋଲି ମନ୍ତ୍ରୀ ସାମନ୍ତ କହିଛନ୍ତି। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ସେବା, ସୁଶାସନ ଏବଂ ୧୧ବର୍ଷରେ ଦେଶର ଅର୍ଥନୈତିକ ବିକାଶ ସୁଦୃଢ଼ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ସ୍ୱାସ୍ଥ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତି ବିଦ୍ୟା, ଯୋଗାଯୋଗ, ପ୍ରତିରକ୍ଷା କ୍ଷେତ୍ରରେ ସୁଦୃଢ଼ ହେବା ସହ ଉନ୍ନତି ଆଣିଛି। ଅପରେସନ ସିନ୍ଦୁର ଆତଙ୍କବାଦୀ ଦମନର ଏକ ବଳିଷ୍ଠ ଉଦାହରଣ। ଆମ ଦେଶ ଅର୍ଥନୈତିକ କ୍ଷେତ୍ରରେ ୫ମରୁ ୪ର୍ଥ ସ୍ଥାନକୁ ଆସିଛି। ଦେଶର ଦାରିଦ୍ର୍ୟ ହାର କମିଛି। ସେହିଭଳି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ୧ ବର୍ଷ ମଧ୍ୟରେ ଓଡ଼ିଶାବାସୀଙ୍କ ହୃଦୟ ଜିଣିଛି। ଲୋକଙ୍କ ଜନଶୁଣାଣିକୁ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶାକୁ ପ୍ରଗତି ପଥରେ ଆଗେଇନେବାକୁ ହେଲେ ସମସ୍ତ ଜିଲାର ସହଭାଗିତା ଜରୁରୀ। ଦକ୍ଷିଣ ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଇଛି। ସୁଭଦ୍ରା ଯୋଜନାରେ ଏକ କୋଟିରୁ ଊର୍ଦ୍ଧ୍ୱ ମହିଳା ଲାଭାନ୍ୱିତ ହୋଇଛନ୍ତି। ୧୬ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି। ଭାରତରେ ୧୪ ରାଜ୍ୟରେ ଲାଗୁହୋଇଥିବା ଲକ୍ଷପତି ଯୋଜନାରେ ଓଡ଼ିଶା ୧ନମ୍ବର ସ୍ଥାନ ହାସଲ କରିଛି। ଶ୍ରୀମନ୍ଦିର ପୁରୋଷା ପାଇଁ ୫କୋଟି ଟଙ୍କା କର୍ପସ ଫଣ୍ଡ, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଗଣତିମଣ୍ଡି, ଧାନର ସହାୟକ ମୂଲ୍ୟ ୩୧ଶହ ଟଙ୍କା ବୃଦ୍ଧି ଭଳି ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଖୋର୍ଦ୍ଧା ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଜିଲାର ପ୍ରଗତି ସହ ବିକଶିତ ଓଡ଼ିଶା ନିର୍ମାଣ ସ୍ୱପ୍ନ ସାକାର ପାଇଁ ଜିଲାବାସୀଙ୍କ ସହଯୋଗ ଜରୁରୀ। ଖୋର୍ଦ୍ଧା ମାଟି ପାଇକ ବୀରଙ୍କ ତ୍ୟାଗ, ବଳିଦାନର ମାଟି। ଖୋର୍ଦ୍ଧା କଳା, ସାହିତ୍ୟ, ବୀରତ୍ୱର ଗରିମାମୟ ଗାଥାରେ ପରିପୂର୍ଣ୍ଣ। ଖୋର୍ଦ୍ଧାରେ ୫୬୭୦ କୋଟି ଟଙ୍କାର ୧୪ଟି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପ ଉଦ୍ଘାଟନ କରାଯାଇଛି।

## କେନ୍ଦ୍ରର ୧୧ବର୍ଷ, ରାଜ୍ୟର ୧ବର୍ଷ ପୂର୍ତ୍ତି ଅବସରରେ ଖବରଦାତା ସମ୍ମିଳନୀ

୩୭ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ପିଏମଶ୍ରୀ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୧୬ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ବିଦ୍ୟାଳୟକୁ ତାଲିକାଭୁକ୍ତ କରାଯାଇଛି। ୧୦୬ ବିଦ୍ୟାଳୟରେ ଶିଶୁବାଟିକା ଆରମ୍ଭ କରାଯାଇଛି। ଏହି ଯୋଜନାରେ ୫ରୁ ୬ବର୍ଷ ବୟସର ଶିକ୍ଷାର୍ଥୀମାନେ ଉପକୃତ ହେବେ। ୨୯୧ ହାଇସ୍କୁଲ ଓ ୧ଟି ଆଦର୍ଶ ବିଦ୍ୟାଳୟରେ ସିଏମ୍ ପୋଷଣ ଯୋଜନା ଆରମ୍ଭ ହୋଇଛି। ୯ମ ଓ ୧୦ମ ଶ୍ରେଣୀରେ ପଢୁଥିବା ଖୋର୍ଦ୍ଧା ଜିଲାର ୪୬ହଜାର ୧୪୨ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ସୁଭଦ୍ରା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୪ଲକ୍ଷ ୭୧ହଜାର ୮୪୨ ଜଣ ହିତାଧିକାରୀଙ୍କୁ ଦିଆଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୪ଲକ୍ଷ ୫୬ ହଜାର ୧୬୯ ଜଣ ହିତାଧିକାରୀଙ୍କୁ ଦିଆଯାଇଛି। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୬ଲକ୍ଷ ୫ହଜାର ୨୯୩ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୭୨୧୧ ଜଣଙ୍କୁ ବାସଗୃହ ଯୋଗାଇ ଦିଆଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ)ରେ ୬ ହଜାର ୬୬୬ ଜଣଙ୍କୁ ମଞ୍ଜୁର ଦିଆଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖରିଫ ଋତୁରେ ୪୭ ହଜାର ୯୨୮ ଜଣ ଚାଷୀ ଉପକୃତ ହୋଇଛନ୍ତି। ୧କୋଟି ୬୪ଲକ୍ଷ ୮ହଜାର ୯୫ କୁଇଣ୍ଟାଲ ଶସ୍ୟ ସଂଗ୍ରହ କରାଯାଇଛି। ୫୪ହଜାର ୭୮୨ ଜଣ ଲକ୍ଷପତି ଦିଦି ଜିଲାରେ ସୃଷ୍ଟି ହୋଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମିକ ବିଲୋପ ପାଇଁ ପରିବାରରୁ ସଚେତନତା ଜରୁରୀ

**ଭୁବନେଶ୍ୱର, ୧୨।୬(ବନ୍ଦନା ସେଠୀ)**

ପ୍ରତ୍ୟେକ ଶିଶୁର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେଲେ ପ୍ରତି ସ୍ତରରେ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ଶିଶୁସାଥୀ ପରିବେଶ ସୃଷ୍ଟିକରିବା, ପ୍ରତ୍ୟେକ ଶିଶୁକୁ ବିଦ୍ୟାଳୟଗାମୀ କରାଇବା ଓ ଶିଶୁ ଶୋଷଣ ବିହୀନ ସମାଜ ଗଠନ ପାଇଁ ପିତାମାତାଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଶିଶୁ ଶ୍ରମିକ ବିଲୋପ ପାଇଁ ପରିବାର ସ୍ତରରୁ ବ୍ୟାପକ ସଚେତନତା ଜରୁରୀ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଗୁରୁବାର ଆକ୍ସନ ଏଡ୍ ଆସୋସିଏଶନ ଓ ସିସିଡବ୍ଲ୍ୟୁଡି ପକ୍ଷରୁ ନୀଳଚକ୍ର ନଗରଠାରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ମାନବ ଶୃଙ୍ଖଳ ଓ ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ଯୋଗଦେଇ ଶିଶୁ ସାଥୀ ପରିବେଶ ଓ ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ ଗଠନରେ ମାତାପିତାଙ୍କ ଦାୟିତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସ୍ନିଗ୍ଧା ଦାସ, କଲ୍ୟାଣୀ ରାଉତ, ଶିବ ସାହୁ, ସରସ୍ୱତୀ ପରିଡ଼ା ପ୍ରମୁଖ ଶିଶୁ ଶୋଷଣ ବିହୀନ ସମାଜ ଗଠନ ପାଇଁ ପରିବାର ସ୍ତରରୁ ବ୍ୟାପକ ସଚେତନତା ଜରୁରୀ ବୋଲି ମତ ରଖିଥିଲେ। ସୁଚରିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଷ୍ଣୁପ୍ରିୟା ସାମଲ ଓ ସ୍ମୃତିରେଖା ଦାସ ପରିଚାଳନା କରିଥିଲେ।


**SBI Securities**

**ନିବେଶ ଓ ବିଶ୍ୱାସ, ଉଭୟ**

ଏସ୍‌ବିଆଇସିଏପି ସିକ୍ୟୁରିଟିଜ୍ ଲିମିଟେଡ୍
ନଂ.୫, ୨ୟ ମହଲା, ଜନାର୍ଦ୍ଦନ ହାଉସ୍, ଏ-୧୮୧,
ଶହୀଦ ନଗର, ଭୁବନେଶ୍ୱର – ୭୫୧୦୦୭, ଓଡ଼ିଶା

**ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି (ଏନ୍‌ଆଇଟି)**
**ଶାଖା କାର୍ଯ୍ୟାଳୟ ପାଇଁ ପରିସର ଆବଶ୍ୟକ**

୧. ଏସ୍‌ବିଆଇସିଏପି ସିକ୍ୟୁରିଟିଜ୍ ଲିମିଟେଡ୍ ଏହାର ଶାଖା କାର୍ଯ୍ୟାଳୟ ପାଇଁ ରସୁଲଗଡ଼, ବାପୁଜୀନଗର, ଶହୀଦନଗର ଏରିଆ ଭୁବନେଶ୍ୱର ସମୀପ ଅଞ୍ଚଳରେ ଲିଜ୍ ରେଣ୍ଟାଲ୍ ଭିତ୍ତିରେ ପାଖାପାଖି ୧୪୦୦–୧୭୦୦ ବର୍ଗ ଫୁଟ କାର୍ପେଟ୍ ଏରିଆ (ଶୌଚାଳୟ, ଲିଫ୍ଟ ଲବି ଆଦିକୁ ଛାଡ଼ି) ଥିବା ବାଣିଜ୍ୟିକ / କାର୍ଯ୍ୟାଳୟ ପରିସରର ମାଲିକ / ପାୱାର ଅଫ୍ ଆଟର୍ଣ୍ଣିଧାରୀଙ୍କଠାରୁ ଦୁଇ ବିଡ୍ ପ୍ରଣାଳୀରେ ଅଫର୍ ଆମନ୍ତ୍ରଣ କରୁଛି।
୨. ଉକ୍ତ ପରିସର ରସୁଲଗଡ଼, ବାପୁଜୀନଗର, ଶହୀଦନଗରରେ ମୁଖ୍ୟ ରାସ୍ତାରେ ପ୍ରମୁଖ ସ୍ଥାନ (୫୦୦ ମିଟର ପରିଧି ମଧ୍ୟରେ) ରହିଥିବା ଓ ପାର୍କିଂ ଜାଗା ସହ ମୁଖ୍ୟତଃ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକର ସମୂହ ଅବସ୍ଥିତ ହୋଇଥିବା ସ୍ଥାନରେ ରହିଥିବା ଆବଶ୍ୟକ ତଥା ଉକ୍ତ ପରିସର ତତ୍କାଳ ଦଖଲ ପାଇଁ ପ୍ରସ୍ତୁତ / ସମ୍ଭାବ୍ୟ ଭାବେ ପ୍ରସ୍ତୁତ ରହିବା ଆବଶ୍ୟକ।
୩. ବିଡ୍‌ର ନିର୍ଦ୍ଧାରିତ ଫର୍ମାଟ୍ ଆମର କାର୍ଯ୍ୟାଳୟରୁ ହାସଲ କରାଯାଇପାରିବ କିମ୍ବା ଆମର ୱେବ୍‌ସାଇଟ୍ www.sbisecurities.in > ପ୍ରସ୍ତାବ ଆହ୍ୱାନରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଜଉମୁଦଦିଆ ବିଡ୍ ଉପରୋକ୍ତ ଠିକଣାରେ ଦାଖଲ କରାଯାଇପାରିବ। ବିଡ୍ ଦାଖଲର ଶେଷ ତାରିଖ ହେଉଛି ତା୨୦।୦୬।୨୦୨୫ରିଖ ଅପରାହ୍ନ ୩.୦୦ ଘଟିକା। ବୈଷୟିକ ବିଡ୍ ସେହିଦିନ ଅପରାହ୍ନ ୪.୦୦ରୁ ୫.୦୦ ଘଟିକାରେ ଖୋଲାଯିବ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫରକୁ ଖାରଜ କରିବାର ଅଧିକାର କମ୍ପାନୀ ନିକଟରେ ସଂରକ୍ଷିତ।

- କ୍ଷେତ୍ରୀୟ ପ୍ରବନ୍ଧକ (ପ୍ରଶାସନ)



**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/28,ତା.09.06.2025ରିଖ

(1) ଟେଣ୍ଡର ସଂ.e-TenderNORTHKUR-104-2025,ତା.03.06.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଯାଜପୁର କେନ୍ଦୁଝର ରୋଡ୍ ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର/P.Way/ଭଦ୍ରକ ୟୁନିଟ୍‌ରେ ସାମୟିକ ସ୍ଲିପର ନବୀକରଣ, ରେଲ୍ ନବୀକରଣ, PSC ସ୍ଲିପରଗୁଡ଼ିକର ଲିଫ୍ଟିଂ ଏବଂ ପ୍ୟାକିଂ, ଡିସ୍ଟ୍ରେସିଂ, କଟ୍ ରେଲ୍ ୱେଲ୍ଡିଂ, ବାଲାଷ୍ଟର ବକ୍ସିଂ, ଜଙ୍ଗଲ ସଫେଇ, ସେକ୍ସନ ଇତ୍ୟାଦି ଗୁଡ଼ିକରୁ ସାମଗ୍ରୀଗୁଡ଼ିକର ସ୍ଥାନାନ୍ତରଣ ଭଳି ବିଭିନ୍ନ P.Way କାର୍ଯ୍ୟ ତଥା ଅନ୍ୟ ବିବିଧ କାର୍ଯ୍ୟସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 186.38 ଲକ୍ଷ, EMD (ଟଙ୍କାରେ) : 2,43,200/-।

(2) ଟେଣ୍ଡର ସଂ.e-TenderNORTHKUR-105-2025,ତା.03.06.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଯାଜପୁର କେନ୍ଦୁଝର ରୋଡ୍ ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର/P.Way/ଯାଜପୁର କେନ୍ଦୁଝର ରୋଡ୍ ୟୁନିଟ୍‌ରେ ସାମୟିକ ସ୍ଲିପର ନବୀକରଣ, ରେଲ୍ ନବୀକରଣ, PSC ସ୍ଲିପରଗୁଡ଼ିକର ଲିଫ୍ଟିଂ ଏବଂ ପ୍ୟାକିଂ, ଡିସ୍ଟ୍ରେସିଂ, କଟ୍ ରେଲ୍ ୱେଲ୍ଡିଂ, ବାଲାଷ୍ଟର ବକ୍ସିଂ, ଜଙ୍ଗଲ ସଫେଇ, ସେକ୍ସନ ଇତ୍ୟାଦି ଗୁଡ଼ିକରୁ ସାମଗ୍ରୀଗୁଡ଼ିକର ସ୍ଥାନାନ୍ତରଣ ଭଳି ବିଭିନ୍ନ P.Way କାର୍ଯ୍ୟ ତଥା ଅନ୍ୟ ବିବିଧ କାର୍ଯ୍ୟସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 170.76 ଲକ୍ଷ, EMD (ଟଙ୍କାରେ) : 2,35,400/-।

(3) ଟେଣ୍ଡର ସଂ.etenderhqkur-101-2025,ତା.03.06.2025ରିଖ

**ବିବରଣୀ :** ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ)/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନରେ ଫ୍ଲୋରିଙ୍ଗ୍, କବାଟ/ଝରକାଗୁଡ଼ିକର ସ୍ଥାନାନ୍ତରଣ, ପେଣ୍ଟିଙ୍ଗ୍, ପ୍ଲାଷ୍ଟରିଙ୍ଗ୍ ଇତ୍ୟାଦି ଭଳି ପୁରୀ ଠାରେ ସେବା ଭବନଗୁଡ଼ିକର ପ୍ରସ୍ତାବିତ ବିବିଧ ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 147.64 ଲକ୍ଷ, EMD (ଟଙ୍କାରେ) : 2,23,800/-।

(4) ଟେଣ୍ଡର ସଂ.eTenderHQKUR-81-2025,ତା.03.06.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନର ବିଭିନ୍ନ ୟାର୍ଡଗୁଡ଼ିକରେ 7.977 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 257.90 ଲକ୍ଷ, EMD (ଟଙ୍କାରେ) : 2,79,000/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1,2 ଏବଂ 4 ପାଇଁ) ଏବଂ 06 ମାସ (କ୍ରମ ସଂ.3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.06.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-229/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି/ଚକ୍ରଧରପୁର, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ୱେଷ୍ଟ-୨୫-୨୬-୦୩, ତାରିଖ: ୧୧।୦୬।୨୦୨୫;** ଚକ୍ରଧରପୁର ଡିଭିଜନରେ କିମି ୨୩୩.୮୦ରୁ ୫୧୫.୧୧୭ ମଧ୍ୟରେ ପଥଚାରୀ/ଜୀବଜନ୍ତୁ/୨-ଚକିଆ ବାହନ ଅଣ୍ଡରପାସ୍ ପାଇଁ ପୁସିଂ ପଦ୍ଧତି ଦ୍ୱାରା ଆର୍‌ସିସି ବକ୍ସ (ଆକାର ୨.୫ ମିଟର x ୨.୫ ମିଟର = ୫୯ ଗୋଟି) ସହ ସବ୍‌ୱେ'ର ବ୍ୟବସ୍ଥା; ₹୮୮,୦୪,୫୧,୭୮୦.୮୧; ₹୪୫,୫୨,୩୦୦/-। **(୨) ସିକେପି-ସେଣ୍ଟ୍ରାଲ-୨୫-୨୬-୦୯, ତାରିଖ: ୧୧।୦୬।୨୦୨୫;** (I) ରାଜଖରସୁଆଁ–ସୋନୁଆ–ଟିଟିଆର(ଟିଏସ୍‌ଆର) – ୧ ଇନ୍ ୧୨ ପାଇଁ = ୧୪ ଗୋଟି ଏବଂ ୧ ଇନ୍ ୮.୫ = ୯ ଗୋଟି (II) ଏସ୍‌ଏସ୍‌ଇ/ପି.ୱେ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ–ବରବାମ୍ବୋ–ଚକ୍ରଧରପୁର ଷ୍ଟେଶନ ମଧ୍ୟରେ କିମି ୩୦୦.୦୭୨ରୁ ୩୦୫.୧୦୧ (ଅପ୍), ୩୧୦.୧୦୦ରୁ ୩୧୨.୪୦୦ (ଅପ୍) ଏବଂ ୨୯୫.୯୪୦ରୁ ୩୧୨.୯୦୦ (ଡାଉନ୍)ଠାରେ ଚକ୍ରଧରପୁର ଡିଭିଜନ ଟିଏସ୍‌ଆର–୨୪.୨୮୯ କିମି। (III) ଏସ୍‌ଏସ୍‌ଇ/ପି.ୱେ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ–ସୋନୁଆ– ସିଏମ୍‌ଏସ୍ କିଙ୍ଗକୁ ଡବ୍ଲ୍ୟୁସିଏମ୍‌ଏସ୍ କିଙ୍ଗରେ ରୂପାନ୍ତରଣ; ₹୧,୧୫,୩୪,୦୮୩.୩୧; ₹୨,୦୭,୭୦୦/-। **(୩) ସିକେପି-ସେଣ୍ଟ୍ରାଲ-୨୫-୨୬-୧୦, ତାରିଖ: ୧୧।୦୬।୨୦୨୫;** (I) ଏସ୍‌ଏସ୍‌ଇ/ପି.ୱେ/ଡୁମେର୍ତାଙ୍କ ଅଧୀନରେ ଡୁମେର୍ତା–ବିମଳଗଡ଼, ଡୁମେତା–ଲିଙ୍କ ସି ମଧ୍ୟରେ ଟିଏସ୍‌ଆର୍ ୨୧.୬୩୮ କିମି (II) ଏଡିଇଏନ୍/ବଣ୍ଡମୁଣ୍ଡାଙ୍କ ଅଧୀନରେ କିମି ୪୫୨.୦୦–୪୫୬.୦୦ ଏସ୍/ଏଲ୍‌ଠାରୁ ବାଲାଷ୍ଟ କୁଶନ୍‌କୁ ୩୫ ସିଏମ୍ ପର୍ଯ୍ୟନ୍ତ ଡିପ୍ ସ୍କ୍ରିନିଂ/ରେକିଂ ସହ ୪.୦୦ କିମି ପର୍ଯ୍ୟନ୍ତ ଥ୍ରୁ ବାଲାଷ୍ଟ ନବୀକରଣ। (III) ସହକାରୀ ମଣ୍ଡଳ ଯନ୍ତ୍ରୀ/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ଏ କ୍ୟାବିନ୍ ବଣ୍ଡମୁଣ୍ଡା–ବିମଳଗଡ଼–ବରସୁଆଁ ମଧ୍ୟରେ ପିଏସ୍‌ସି (ଆରଟି–୮୭୪୬) ୧୬୬୦ ଗୋଟି/କିମି (ବିଦ୍ୟମାନ ପିଏସ୍‌ସି ସ୍ଲିପର) ଉପରେ ୧୩.୭୦୨ କିମି ନୂଆ ୬୦ କିଗ୍ରା ୨୬୦ ମିଟର ରେଲ୍ ପାଇଁ ସିଟିଆର(ପି); ₹୩,୫୨,୪୫,୬୮୩.୩୨; ₹୩,୨୬,୨୦୦/-। **(୪) ସିକେପି-ସେଣ୍ଟ୍ରାଲ-୨୫-୨୬-୦୧୧, ତାରିଖ: ୧୧।୦୬।୨୦୨୫;** ଏସ୍‌ଏସ୍‌ଇ/ପି.ୱେ–II/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ କଂ.–ସୋନୁଆ (ଡାଉନ୍)–ଟିଆର୍‌ଆର(ପି)–୧୦.୩୨୨ ଟିକେଏମ୍ ଏବଂ ସୋନୁଆ–ମନୋହରପୁର–୧୧.୪୩୫ ଟିକେଏମ୍; ₹୩,୦୩,୧୭,୧୮୬.୪୮; ₹୩,୦୧,୬୦୦/-। **(୫) ସିକେପି-ସେଣ୍ଟ୍ରାଲ-୨୫-୨୬-୧୨, ତାରିଖ: ୧୧।୦୬।୨୦୨୫;** (I) ଏସ୍‌ଏସ୍‌ଇ/ପି.ୱେ–II/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ରମୁଖ ସେତୁ ଏବଂ ତାହାର ଆପ୍ରୋଚ୍ ଉପରେ ୭.୬୬୧ କିମିର ଅତି ପୁରୁଣା ରେଳ ନବୀକରଣ ପାଇଁ ଟିଆର୍‌ଆର (ପି) (II) ରାଜଖରସୁଆଁ–ବଣ୍ଡମୁଣ୍ଡା–ସହକାରୀ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଥ୍ରୁ ବାଲାଷ୍ଟ ନବୀକରଣ; ₹୧,୫୭,୯୫,୧୯୫.୧୬; ₹୨,୨୯,୦୦୦/-। **(୬) ସିକେପି-ସେଣ୍ଟ୍ରାଲ-୨୫-୨୬-୧୩, ତାରିଖ: ୧୧।୦୬।୨୦୨୫;** ଏସ୍‌ଏସ୍‌ଇ/ପି.ୱେ–II/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ରମୁଖ ସେତୁ ଏବଂ ସେଗୁଡ଼ିକର ଆପ୍ରୋଚ୍‌ରେ ୭.୬୬୧ କିମି ଅତି ପୁରୁଣା ରେଳ ନବୀକରଣ ପାଇଁ ଟିଆର୍‌ଆର (ପି) ସଂକ୍ରାନ୍ତରେ ଟ୍ରାକ୍ ସମାନ୍ତରାଳ ଡ୍ରେନ୍‌ର ନିର୍ମାଣ ଖର୍ଚ୍ଚ; ₹୨,୦୩,୭୮,୭୯୩.୫୪; ₹୨,୫୧,୯୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦.୦୦। **ଖୋଲାଯିବା ତାରିଖ:** କ୍ର.ସଂ ୧ ପାଇଁ ତା୩୦।୦୬।୨୦୨୫, କ୍ର.ସଂ. ୨ ଓ ୩ ପାଇଁ ୦୭।୦୭।୨୦୨୫ ଏବଂ କ୍ର.ସଂ. ୪ରୁ ୬ ପାଇଁ ୧୧।୦୭।୨୦୨୫। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ– ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-260)


# ଶିଶୁ ଶ୍ରମିକ ରୋକିବାକୁ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ

## ଗଡ଼ିଲା 'ରେଡିଓ ଅନ୍ ହ୍ୱିଲ'

**ଭୁବନେଶ୍ୱର, ୧୨।୬ (ବନ୍ଦନା ସେଠୀ)**

ଶିଶୁ ଶ୍ରମିକ ସମସ୍ୟାକୁ ନେଇ ସଚେତନତା ସୃଷ୍ଟିକରିବା ଏବଂ ବିଶ୍ୱବ୍ୟାପୀ ଶିଶୁଙ୍କ ଅଧିକାର ପାଇଁ ପ୍ରଚାର କରିବା ଉଦ୍ଦେଶ୍ୟରେ ଗୁରୁବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ରାଜ୍ୟରୁ ଶିଶୁ ଶ୍ରମିକ ଦୂରକରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲାରେ ୧୫ଦିନିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଅଧୀନରେ ପଦଯାତ୍ରା, ସଚେତନତା ସଭା, ଦସ୍ତଖତ ଅଭିଯାନ ଏବଂ ଉଦ୍ଧାର କାର୍ଯ୍ୟ ଇତ୍ୟାଦି ଆୟୋଜନ କରାଯିବ। ଶ୍ରମ ଏବଂ ରାଜ୍ୟ ବୀମା ବିଭାଗର ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ୍ 'ରେଡିଓ ଅନ୍ ହ୍ୱିଲ' ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ, ଶ୍ରମ ନିର୍ଦ୍ଦେଶାଳୟର ସମସ୍ତ କର୍ମଚାରୀ ଏବଂ ଓଡ଼ିଶା କମ୍ୟୁନିଟି ରେଡିଓ ଆସୋସିଏଶନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। 'ରେଡିଓ ଅନ୍ ହ୍ୱିଲ' ଭୁବନେଶ୍ୱର ମହାନଗର ନିଗମ, କଟକ ମହାନଗର ନିଗମ ଏବଂ ଖୋର୍ଦ୍ଧା ପୌରପାଳିକା ଅଧୀନରେ ଥିବା ବିଭିନ୍ନ ସହରାଞ୍ଚଳକୁ ଯାତ୍ରା କରିବ। ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ଏବଂ କିଶୋର ଶ୍ରମିକ ଆଇନ ଅନୁଯାୟୀ ଶିଶୁ ଶ୍ରମିକ ବିରୋଧରେ ବିଭିନ୍ନ ବ୍ୟବସ୍ଥା ଏବଂ ଦଣ୍ଡ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯିବ।

# ମାଲିକଙ୍କୁ ୨୦୦ ମୋବାଇଲ ଫେରାଇଲା ପୋଲିସ

**ଭୁବନେଶ୍ୱର,୧୨।୬(ସତ୍ୟଜିତ୍ ରାଉତ)**

ଚୋରି ଓ ଲୁଟ୍ ହୋଇଥିବା ୨୦୦ଟି ମୋବାଇଲକୁ କମିଶନରେଟ୍ ପୋଲିସ ଗୁରୁବାର ପ୍ରକୃତ ମାଲିକମାନଙ୍କୁ ଫେରାଇଛି। ଏନେଇ ଭୁବନେଶ୍ୱର ଡିସିପି ଅଫିସରେ ମୋବାଇଲ ହସ୍ତାନ୍ତର ମେଳା ଆୟୋଜନ କରାଯାଇଥିଲା। ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ଉପସ୍ଥିତ ରହି ମୋବାଇଲଗୁଡ଼ିକୁ ଫେରାଇଥିଲେ। ମୋବାଇଲଗୁଡ଼ିକର ମୋଟ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ। ବିଭିନ୍ନ ଥାନାର ପ୍ରପର୍ଟି ଅଫେନ୍ସ ପ୍ରିଭେନସନ ଆଣ୍ଡ ଡିଟେକ୍ସନ୍ (ପିଓପିଡି) ଟିମ୍ ଓ ଡିସିପି ଅଫିସ୍ଥିତ ଅର୍ଗାନାଇଜଡ୍ କ୍ରାଇମ୍ ପ୍ରପର୍ଟି ଅଫେନ୍ସ (ଓସିପିଓ) ଟିମ୍ ପ୍ରୟାସରେ ଏହି ମୋବାଇଲଗୁଡ଼ିକ ଠାବ କରାଯାଇଥିବା ସୂଚନା ଦିଆଯାଇଛି।

# ଚାରି ନାହାକା ଉଠି ପୋଟଳ ବାଡ଼ିଆ ଆରମ୍ଭ



ଶ୍ରୀଅନନ୍ତ ପୁରୁଷୋତ୍ତମଦେବଙ୍କ ରଥ ନିର୍ମାଣ ଚାଲିଛି।

**ଖୋର୍ଦ୍ଧା,୧୨।୬(ପ୍ରଭାତ ପାଣିଗ୍ରାହୀ)**

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ)। ବୁଧବାରଠୁ ଶାସ୍ତ୍ରୀୟ ବିଧିରେ ଅଣସର ଗୃହରେ ଚାଲିବ ଉପଚାର। ସେପଟେ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଘୋଷଯାତ୍ରା ଲାଗି ମନ୍ଦିର ସମ୍ମୁଖରେ ରଥ ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ ଚାଲିଛି। ୧୦ରୁ ଊର୍ଦ୍ଧ୍ୱ ମହାରଣା ସେବକ ରଥ କାରେ ଲାଗିଛନ୍ତି। ଚାରିନାହାକା ଉଠି ପୋଟଳ ବାଡ଼ିଆ କାମ ଆରମ୍ଭ ହୋଇଛି। ନେତ୍ର ଉତ୍ସବ ପୂର୍ବରୁ ରଥ ନିର୍ମାଣ କାମ ସରିବ ବୋଲି ଅର୍ଜୁନ ସୂଚନା ଦେଇଛନ୍ତି। ଅର୍ଜୁନ କୁହନ୍ତି, ଏହି ରଥର ଉଚ୍ଚତା ୪୦ ଫୁଟ ଓ ଚଉଡ଼ା ୨୨ଫୁଟ। ୪ଟି ଚକ, ୨ଟି ଘୋଡ଼ା ଯୋଚାଯାଇଥାଏ। ଚକର ଉଚ୍ଚତା ୬ଫୁଟ ଓ ମୋଟେଇ ୮ ଇଞ୍ଚଏବଂ ତୁମ୍ବ ୧୬ ଇଞ୍ଚ। ସେ କୁହନ୍ତି, ୧୯୮୦ ମସିହାରେ ରଥଯାତ୍ରା ଆୟୋଜିତ ହୋଇଥିଲା। ସେବେଠାରୁ ସେ ରଥ ନିର୍ମାଣ କାର୍ଯ୍ୟରେ ଦୀର୍ଘ ୪୫ବର୍ଷ ଧରି ନିୟୋଜିତ ଅଛନ୍ତି। ସେହି ସମୟରେ ୫ଟଙ୍କା ଦେଢ଼ା ମଜୁରିରେ କାମ ଆରମ୍ଭ କରିଥିଲେ। ୨୨ବର୍ଷ ଯୁବାବସ୍ଥାରେ ରଥ ନିର୍ମାଣ ଆରମ୍ଭ କରିଥିଲେ। ଏବେ ତାଙ୍କୁ ୭୦ ହେଲାଣି। ରଥ ନିର୍ମାଣ ସମୟରେ ଶୁଦ୍ଧପୂତ ହୋଇ ନିଷ୍ଠା ପୂର୍ବକ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼େ। ମହାପ୍ରଭୁଙ୍କ ସେବାରୁ ଅପୂର୍ବ ଆନନ୍ଦ ମିଳେ। ବହୁତ ଆନନ୍ଦ ଲାଗେ। ଜୀବନର ଶେଷ ବିନ୍ଦୁ ଥିବା ପର୍ଯ୍ୟନ୍ତ ରଥ ନିର୍ମାଣ କରୁଥିବି।


**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
JUIDCO BHAWAN, KUTCHERY ROAD, RANCHI, JHARKHAND
Ph. No.: +91-651-2225878, Mob. No.: +91 9471006062
E-mail Id-juidcolimited@gmail.com
CIN: U45200JH2013SGC001752

**Notice Inviting Tender**

**NIT No.: JUIDCO/ NIT/DPR-PMC/SWM/HC/25/657 Dated:10.06.2025**

| | | |
|---|---|---|
| 1. | **Name of the work** | "Request for Proposal (RFP) for selection of Consultant for providing Consultancy services for Preparation of DPR of Solid Waste Management (SWM) Project and Project Monitoring Consultancy (PMC) at Chattarpur and Hariharganj ." |
| 2. | Mode of Bid Submission | e-tendering (http://jharkhandtenders.gov.in) |
| 3. | Tender Fee and Earnest Money to be submitted online | Tender document fee: **Rs 10,000/-** (Rupees Ten Thousand)only -- Non-Refundable. Bid Security : Rs. **2,00,000/-** (Rupees Two lakhonly),to be paid online. |
| 4. | Date/ Time of Publication of Tender on Website | 11.06.2025; 17.00hrs |
| 5. | Date of pre bid meeting | 18.06.2025; 15:00 hrs |
| 6. | Last Date / Time of Bid Submission | 02.07.2025; 17.00hrs |
| 7. | Date/Time of Bid Opening | 03.07.2025 ; 17.00hrs |
| 8. | Name and Address of office inviting Tender. | Jharkhand Urban Infrastructure Development Company Ltd, JUIDCO Bhawan, Kutchery Chowk, Ranchi-834001 |
| 9. | Helpline No. of e-Procurement Cell | +91 651 2225878 |

*Note: Only e-tenders will be accepted.*
Further details are available on Jharkhand Government e-procurement website http://jharkhandtenders.gov.in

Sd/-
Project Director (Tech.)
JUIDCO Ltd., Ranchi

PR.NO.354878 Urban Development and Housing(25-26):D



**OFFICE OF THE PRINCIPAL, S.G. WOMEN'S COLLEGE, SECTOR-2, ROURKELA - 6**
Website: www.sgwc.edu.in, e-mail: principal.sgwc@gmail.com

**WALK-IN-INTERVIEW**
**(For empanelment of Guest Faculties)**

No. N-78: A Walk-in-Interview for engagement of Guest Faculties in the following disciplines for the session 2025-26 will be held as the programme given below.
Candidates having 55% marks at P.G. level may appear the interview with necessary documents.

| SUBJECTS | DATE | DOCUMENTS |
|---|---|---|
| Education, Political Science, Hindi, History, Odia, Economics, English, Home Science, Psychology | 23.06.2025 (10.00 A.M.) | Come with all original documents & photocopies including 3 passport size color photographs & Aadhaar Card |
| Geography, Sanskrit, Philosophy, Sociology, Commerce, Mathematics, Ethics & Values | 24.06.2025 (10.00 A.M.) | Come with all original documents & photocopies including 3 passport size color photographs & Aadhaar Card |

The undersigned has reserved the right to cancel the appointment at any time without assigning any reason thereof.
No TA/DA will be given to any applicants for the interview.
OIPR-11134/11/0013/2526 Sd./- Principal, S.G. Women's College, Sector-2, Rourkela-6



**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**
(ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ)
ମୁଖ୍ୟ କାର୍ଯ୍ୟାଳୟ: ଭୁବନେଶ୍ୱର

ଶାଖା: ବନ୍ଧାଗୁଡ଼ା, ସ୍ଥାନ: ମେନ୍ ରୋଡ୍, ପୋଷ୍ଟ: ବନ୍ଧାଗୁଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା। ପିନ୍: ୭୬୧୧୦୬

**ବିଜ୍ଞପ୍ତି: ସ୍ୱର୍ଣ୍ଣ ଋଣ ଅଳଙ୍କାରଗୁଡ଼ିକର ନିଲାମ ପାଇଁ ନୋଟିସ**

ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବାରମ୍ବାର ସ୍ମରଣ କରାଯିବା ସତ୍ତ୍ୱେ ସେମାନେ ଋଣକୁ ଶୁଝିବା ଓ ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ମୁକୁଳାଇବାରେ ବିଫଳ ହୋଇଛନ୍ତି। ନିମ୍ନ ତାଲିକାଭୁକ୍ତ ଋଣଗ୍ରହୀତାଙ୍କ ଦ୍ୱାରା ଉକ୍ତ ଋଣ ଖାତା ଅଧୀନରେ ବନ୍ଧକ ରଖାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର/ଗହଣାଗୁଡ଼ିକୁ ସର୍ବସାଧାରଣ (ଭୌତିକ) ନିଲାମ କରିଆରେ ଆମର ଶାଖା ପରିସରରେ ତା୨୬।୦୬।୨୦୨୫ରିଖ ଅପରାହ୍ନ ୨ ଘଟିକାରେ ବିକ୍ରୟ କରାଯିବ।

**ନିୟମ ଓ ସର୍ତ୍ତାବଳୀ:** ୧) ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ନିଲାମ ତାରିଖର ମଧ୍ୟାହ୍ନ ୧୨.୦୦ ଘଟିକା ପୂର୍ବରୁ ଟ.୧୦,୦୦୦/– ଅର୍ଥରାଶି ଜମା କରିପାରିବେ। ୨) କୌଣସି କାରଣ ନ ଦର୍ଶାଯାଇ ଯେକୌଣସି ବିଡ୍‌କୁ ଗ୍ରହଣ କରିବା କିମ୍ବା ଦୋହରାଇବାର ଅଧିକାର ବ୍ୟାଙ୍କ ନିକଟରେ ସଂରକ୍ଷିତ। ୩) ଯେକୌଣସି କାରଣରୁ ସଫଳ ବିଡରଙ୍କ ନାମ ଘୋଷଣା କରିବା ପୂର୍ବରୁ ନିଲାମ/ଟେଣ୍ଡର ପ୍ରକ୍ରିୟାକୁ ରଦ୍ଦ କରିବାର ସ୍ୱାଧୀନତା ବ୍ୟାଙ୍କ ନିକଟରେ ରହିଛି। ୪) ଦୟାକରି ଧ୍ୟାନରେ ରଖନ୍ତୁ ଯେ, ଯଦି ନିଲାମ ସେହିଦିନ ସମ୍ପୂର୍ଣ୍ଣ ନ ହୁଏ, ତେବେ ତାହା ପରବର୍ତ୍ତୀ ଦିବସରେ ସମାନ ନିୟମ ଓ ସର୍ତ୍ତାବଳୀକୁ ଅନୁସରଣ କରିବ। ୫) ଯଦି ଗ୍ରାହକ ମୃତ୍ୟୁବରଣ କରନ୍ତି, ତେବେ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ମନୋନୀତ ବ୍ୟକ୍ତି (ନୋମିନୀ)/ଆଇନସମ୍ମତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ।

ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କୁ ନିଲାମ ତାରିଖ ପୂର୍ବରୁ ମୂଳରାଶି ସମେତ ଅଦ୍ୟ ତାରିଖ ସୁଦ୍ଧା ସୁଧ ଓ ତତ୍-ସମ୍ବନ୍ଧିତ ବ୍ୟୟ ପୈଠ କରିବା ପାଇଁ ଅଧିସୂଚିତ କରାଯାଉଛି, ଯେଉଁଥିରେ ବିଫଳ ହେଲେ ବନ୍ଧକ ରଖାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବିକ୍ରୟ କରିଦିଆଯିବ ଏବଂ ବଳକା ରାଶିକୁ, ଯଦି ଥାଏ, ସୁଧ ଓ ବ୍ୟୟ ସହିତ ଅସୁଲ କରାଯିବ। କୌଣସି ପ୍ରଶ୍ନ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରନ୍ତୁ।

| କ୍ର.ସଂ. | ଶାଖା | ଗ୍ରାହକଙ୍କ ନାମ ଓ ଠିକଣା | ଖାତା ନଂ. | ସର୍ବମୋଟ ଓଜନ |
|---|---|---|---|---|
| ୧ | ବନ୍ଧାଗୁଡ଼ା | କାହ୍ନୁଚରଣ ସାହୁ, ପିତା: ପ୍ରଫୁଲ୍ଲ ସାହୁ, କେ. କରଡ଼ାକଣା, ଗଞ୍ଜାମ–୭୬୧୧୦୬ | ୮୪୦୫୩୨୩୧୭୧୪ | ୧୧.୪୬୦ ଗ୍ରାମ୍ |
| ୨. | ବନ୍ଧାଗୁଡ଼ା | ଯାଜ୍ଞସେନୀ ଗୌଡ଼ ସ୍ୱାମୀ: ବିଦେଶୀ ଗୌଡ଼, ହାଡ଼ିଚିରାବାଲି, ବନ୍ଧାଗୁଡ଼ା, ଗଞ୍ଜାମ–୭୬୧୧୦୬ | ୮୪୦୫୪୧୭୮୮୦୪ | ୨୨.୬୧୦ ଗ୍ରାମ୍ |
| ୩. | ବନ୍ଧାଗୁଡ଼ା | ଯାଜ୍ଞସେନୀ ଗୌଡ଼ ସ୍ୱାମୀ: ବିଦେଶୀ ଗୌଡ଼, ହାଡ଼ିଚିରାବାଲି, ବନ୍ଧାଗୁଡ଼ା, ଗଞ୍ଜାମ–୭୬୧୧୦୬ | ୮୪୦୬୪୮୮୪୬୬୦ | ୨୮.୧୨୦ ଗ୍ରାମ୍ |

କୌଣସି ପ୍ରଶ୍ନ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରନ୍ତୁ।
ଶାଖା ପ୍ରବନ୍ଧକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ବନ୍ଧାଗୁଡ଼ା ଶାଖା



**PUBLIC NOTICE**
**(BHUBANESHWAR-GRACE)**

It is hereby informed to the general public at large that my clients 1. Bodhila Estate & Reality Pvt. Ltd.; 2. Brijesha Development & Reality Pvt. Ltd.; 3. Hobart City Homes Reality Pvt. Ltd.; and 4. Hari City Homes Estate & Development Pvt. Ltd. are in the process of conducting due diligence and assessment of liabilities in respect of the immovable properties in Villages, Tehsil & District along with Plot No.- Area in Acre as mentioned below:-

Village- Pratap Nagari, Tehsil- Cuttack, District- Cuttack.

838-0.050, 839-0.060, 1503-0.040, 1494/3161-0.110, 1498-0.020, 1501-0.010, 1496-0.050, 1502-0.040, 1580/3162-0.075, 1505-0.150, 1495-0.040, 1499-0.020, 1504-0.300, 1579-0.300, 812-0.030, 833-0.050, 818-0.050, 1549-0.060, 1511-0.040, 1515-0.040, 821-0.230, 834-0.050, 808-0.030, 823-0.140, 819-0.090, 822-0.050, 822-0.050, 809-0.030, 832-0.080, 837-0.070, 829-0.080, 836-0.060, 1514-0.040, 814-0.100, 810-0.050, 811-0.060, 815-0.070, 1516-0.100, 1512-0.040, 1513-0.100, 1518-0.050, 831-0.050, 800-0.070, 827-0.050, 1500-0.060, 828-0.050, 835-0.050, 1497-0.010, 841-0.050, 826-0.260, 1698-0.380, 1692-0.230, 1508-0.047, 825-0.340, 1509-0.170, 1679-0.790, 830-0.050, 824-0.230, 1521-0.150, 1540-0.080, 1684-0.730, 1508-.040, 1508-0.080, 1545-0.020, 1517-0.060, 1508-0.195, 1508-0.048, 1508-0.055.

Village- Bhanpur, Tehsil- Cuttack, District- Cuttack.

3579-0.025, 3580-0.025, 3583-0.035, 3743-0.075, 3746-0.075, 3563-0.170, 3573-0.160, 3750-0.190, 3772-0.130, 3764-0.075, 3765-0.075, 3735-0.2261, 3800-0.500, 3766-0.130, 3770-0.120, 3798-0.230, 3707-0.150, 3808-0.410, 3810-0.400, 3636-0.120, 3577-0.040, 3703-0.340, 3612-0.110, 3614-0.170, 3712-0.170, 3611-0.040, 3615-0.080, 3688-0.320, 3734-0.600, 3774-0.120, 3776-0.140, 3779-0.130, 3784-0.410, 3786-0.230, 3802-0.040, 3803-0.040, 3804-0.060, 3805-0.060, 3815-0.250, 3818-0.220, 3591-0.110, 3594-0.200, 3596-0.120, 3647-0.100, 3719-0.230, 3722-0.110, 3725-0.040, 3726-0.180, 3727-0.230, 3754-0.150, 3586-0.220, 3715-0.280, 3578-0.0125, 3564-0.090, 3570-0.060, 3565-0.080, 3571-0.070, 3600-0.070, 3581-0.0150, 3717-0.0336, 3718-0.0436, 3723-0.0284, 3584-0.075, 3619-0.035, 3621-0.020, 1510-0.080, 3581-0.045, 3717-0.100, 3718-0.130, 3723-0.085, 3724-0.050, 3610-0.050, 3616-0.060, 3613-0.150, 3624-0.070, 3724-0.030, 3609-0.140, 3584-0.075, 3619-0.035, 3621-0.020, 3606-0.090, 3559-0.143, 3605-0.020, 3601-0.018, 3587-0.028, 3592-0.009, 3749-0.053, 3587+3592+ 3749-0.1081, 3747-0.170, 3746-0.075, 3598-0.120, 3716-0.220, 3567-0.120, 3569-0.080, 3745-0.220, 3714-0.430, 3562-0.140, 3589-0.160, 3607-0.070, 3741-0.110, 3585-0.410, 3608-0.280, 3582-0.080, 3583-0.035, 3595-0.040, 3599-0.060, 3572-0.090, 3588-0.060, 3590-0.110, 3593-0.040, 3597-0.110, 3566-0.090, 3568-0.070, 3587-0.009, 3592-0.003, 3579-0.0250, 3580-0.0250, 3578-0.0375.

The above-mentioned properties are owned by my above-mentioned clients.

Any person(s), any entity, having any claim, right, title, interest, lien, charge, tenancy, leasehold, mortgage, possession, easement, encumbrance, or any other nature of claim whatsoever in respect of the above-mentioned property, whether recorded or unrecorded, by way of inheritance, sale, gift, exchange, lease, license, or through any other mode or manner whatsoever, are hereby called upon to make such claim/objections in writing along with supporting documents within **15 (fifteen) days** from the date of publication of this notice, failing which it shall be deemed that there are no such claims, rights, title or interests in the said property and the due diligence shall be completed on the basis that the said property is free from all encumbrances, claims, and disputes.

Objections, if any, may be submitted at the below-mentioned address.

**SAMEER PANDEY**
Advocate
Place: New Delhi
Date: [06.06.2025]
Contact No. 9811055328
Address: 25, LGF, Babar Road, Bengali Market, New Delhi-110001.



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୨।୬।୨୦୨୫

| | |
|---|---|
| ୩,୧୬,୫୧୦ ଟଙ୍କା | |
| ସୁନା | ୩୦୦ ମିଲିଗ୍ରାମ |
| ରୁପା | ୧୩୩.୬୦୦ ଗ୍ରାମ |

# ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର,୧୨।୬(ସୁଚିସ୍ମିତା ସାହୁ)

ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଶ୍ରମିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପରେ ଆଲୋଚନା ହୋଇଥିଲା। ସଭାପତି ବ୍ରହ୍ମାନନ୍ଦ ମହାରଣା ଅଧ୍ୟକ୍ଷତା କରି କହିଲେ, ଓଡ଼ିଶାରେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। କେଉଁ ବିଦ୍ୟାଳୟରେ ଶ୍ରେଣୀଗୃହ ନାହିଁ ତ ପୁଣି କେଉଁଠି ଶିକ୍ଷକ ନାହାନ୍ତି। ବର୍ତ୍ତମାନ ସୁଦ୍ଧା ୯୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ପଡ଼ିଛି। ପ୍ରାଥମିକ ଶିକ୍ଷାର ଭିତ୍ତିଭୂମିକୁ ବିକାଶ ନ କରି ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଛି। ବିଦ୍ୟାଳୟରେ ନୂଆ ଶିଶୁ ଶ୍ରେଣୀ ଖୋଲିଥିଲେ ମଧ୍ୟ ପଢ଼ାଇବା ପାଇଁ ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି। ବାଟିକା ଶ୍ରେଣୀର ଶିଶୁଙ୍କ ମାନସିକ, ବୌଦ୍ଧିକ ଓ ଶାରୀରିକ ବିକାଶ ନିମନ୍ତେ ଯାହା ଆବଶ୍ୟକ ତାହାକୁ ପୂରଣ ନ କରି ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଥିବାରୁ ସେ ବିରୋଧ କରିଛନ୍ତି। ଏଥିସହ ଏହି ବୈଠକରେ ସରକାର ପ୍ରାଥମିକ ବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣକରି ନୂଆ ଶିକ୍ଷକ ପଦବୀ ସୃଷ୍ଟି କରିବାକୁ ସଂଘ ଦାବି କରିଛି। ନିର୍ବାଚନ ଇସ୍ତାହାରରେ ଶିକ୍ଷକଙ୍କ ପାଇଁ ସମାନ କାମକୁ ସମାନ ଦରମା ଉଲ୍ଲେଖ କରିଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିନାହାନ୍ତି। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଠିବ, ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା, ୬ବର୍ଷ ଚୁକ୍ତି କାର୍ଯ୍ୟକାଳକୁ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରାଯିବ ଓ ପୁରୁଣା ପେନ୍‌ସନ ଲାଗୁହେବ ବୋଲି କହି ଭୁଲିଯାଇଛନ୍ତି। ୨୦୧୧ ପରେ ଶିକ୍ଷକ ନିଯୁକ୍ତି ପାଇଁ ଶିକ୍ଷକ ଯୋଗ୍ୟତା (ଓଟିଇଟି) ଦେବା ପାଇଁ ନିର୍ଦ୍ଦେଶ ଥିଲା। ୨୦୧୧ ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ଦେବାକୁ ବାଧ୍ୟ କରାଯାଉଛି, ଯାହା ଅସାମ୍ବିଧାନିକ, ଅଗଣତାନ୍ତ୍ରିକ ବୋଲି ସଂଘ ଦାବି କରିଛି । ସରକାର ତୁରନ୍ତ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା, ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦକରି ନିୟମିତ ଶିକ୍ଷକ ନିଯୁକ୍ତି, ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ପୁରୁଣା ପେନ୍‌ସନ ଲାଗୁକରିବା, ସମସ୍ତ ଶିକ୍ଷକଙ୍କ ପାଇଁ ସ୍ୱାସ୍ଥ୍ୟବୀମା କରିବା, ବଦଳି ନୀତିରେ ପରିବର୍ତ୍ତନ ପ୍ରମୁଖ ଦାବିଗୁଡ଼ିକ ତୁରନ୍ତ ପୂରଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ସପ୍ତାହରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘର ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ଅଗାଧୁ ସେଠୀ, ଚୁଲୁ ଦେଇ, ଆଭାଲିନ ପରିଡ଼ା, ଜି. ତ୍ରିପତି, ଜନ୍ମେଞ୍ଜୟ ପରିଡ଼ା ପ୍ରମୁଖ ଏକ ମିଳିତ ପ୍ରେସ୍ ବିବୃତିରେ ଦାବି କରିଛନ୍ତି।

# ଆଧୁନିକ କୃଷି ତାଲିମ ନେଲେ ୪୫ ହଜାର ଚାଷୀ



ବାଲେଶ୍ୱର ଜିଲାରେ କୃଷି ରଥକୁ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ସହ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧୨।୬(ସୌମ୍ୟରଞ୍ଜନ ରାଉତ)

## 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଉଦ୍‌ଯାପିତ

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଓ ରାଜ୍ୟ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଗୁରୁବାର ଶେଷ ହୋଇଛି। ଏହି ଅଭିଯାନ ରାଜ୍ୟର ସମସ୍ତ ଜିଲାରେ କାର୍ଯ୍ୟକାରୀ ହୋଇଥିବାବେଳେ ଚାଷୀଭାଇମାନେ ବହୁସଂଖ୍ୟାରେ ଯୋଗଦେଇ ଅଭିଯାନକୁ ସଫଳ କରିଛନ୍ତି। ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଭୁବନେଶ୍ୱର ୩ଟି ଜିଲା ବାଲେଶ୍ୱର, ଗଞ୍ଜାମ ଓ ନୟାଗଡ଼ ଜିଲାରେ ବିକଶିତ କୃଷି ସଂକଳ୍ପ ଅଭିଯାନର ନେତୃତ୍ୱ ନେଇଛି। ଏହି ଜିଲା ଲାଗି ୯ଟି ଟିମ୍ ଗଠନ କରାଯାଇଥିଲା। ନୋଡାଲ ଅଫିସର ଡ. ସୁମନ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରତି ଟିମ୍‌ରେ ବିଭିନ୍ନ ଆଇସିଏଆର୍ ଗବେଷଣାଗାରର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ରାଜ୍ୟ କୃଷି ବିଭାଗର ଅଧିକାରୀ ସାମିଲ ହୋଇ ପ୍ରତି ବ୍ଲକର ଚାଷୀଙ୍କ ଗ୍ରାମକୁ ଯାଇ ସିଧାସଳଖ ସେମାନଙ୍କ କୃଷିଗତ ସମସ୍ୟାର ସମାଧାନ କରିଥିଲେ। ୧୫ଦିନ ମଧ୍ୟରେ ଏହି ଅଭିଯାନରେ ବାଲେଶ୍ୱର, ଗଞ୍ଜାମ ଓ ନୟାଗଡ଼ ଜିଲାର ମୋଟ ୪୫ ହଜାରରୁ ଅଧିକ ଚାଷୀଙ୍କୁ ଆଧୁନିକ କୃଷି ସମ୍ପର୍କିତ ତାଲିମ ପ୍ରଦାନ କରାଯାଇପାରିଛି। କମ୍ ଜଳ ପ୍ରୟୋଗରେ ଅଧିକ ଉତ୍ପାଦନ ଦେଉଥିବା ଜ୍ଞାନ କୌଶଳର ପ୍ରଚାର ପ୍ରସାର ନିଶ୍ଚିତ ରୂପେ ଆଗାମୀ ଦିନରେ କୃଷି ଉତ୍ପାଦନ ବଢ଼ାଇବ ଓ ଜଳ ସମ୍ପଦର ସୁରକ୍ଷା କରିବ ବୋଲି ଆଇଆଇଡବ୍ଲ୍ୟୁଏମ୍‌ର ନିର୍ଦ୍ଦେଶକ ଡ. ଅର୍ଜମା ଦତ୍ତ ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ।

# ଓଡ଼ିଶାର ବିଭିନ୍ନ ରାସ୍ତାର ନାମ ବରପୁତ୍ରଙ୍କ ନାମରେ ହେବ: ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ

କଟକ,୧୨।୬(ଶିଳ୍ପା ପ୍ରିୟଦର୍ଶିନୀ)

ନୂତନ ଭାବେ କରାଯାଉଥିବା ରାସ୍ତାଗୁଡ଼ିକର ନାମ ବରପୁତ୍ରମାନଙ୍କ ନାମରେ ନାମିତ କରାଯିବ। ପ୍ରଥମ ପ୍ରକଳ୍ପ ଭାବେ ବ୍ରହ୍ମପୁର-ଜୟପୁର ରାସ୍ତାର କାମ କରାଯିବ। ଏହାକୁ ସୁପରଫାଷ୍ଟ ଏକ୍ସପ୍ରେସ ଭାବେ ତିଆରି କରାଯିବ ଏବଂ ଉକ୍ତ ଅଞ୍ଚଳର ବରପୁତ୍ରଙ୍କ ନାମରେ ଏହା ନାମିତ କରାଯିବ ବୋଲି ଗୁରୁବାର କଟକ ସର୍କିଟ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, କଟକ ସହରକୁ ଦୁଇଟି ପ୍ରମୁଖ ନଦୀ ସଂଯୋଗ କରିଛି। କଟକ ଚାରିପଟେ ରିଂରୋଡ ପ୍ରକଳ୍ପ ଯୋଜନାର କାମ ଆରମ୍ଭ କରାଯାଇଛି। କଟକ ଓ ଭୁବନେଶ୍ୱରକୁ ଯୋଡ଼ିବା ପାଇଁ ମଲ୍ଟିଫୁଲ ରାସ୍ତା କରାଯିବ। ସେଥିମଧ୍ୟରେ ତ୍ରିଶୂଳିଆରୁ ବାରଙ୍ଗ ଯାଏ ୬ଲେନ୍, ବାଲିକୁଦା ଯାଏ ୪ଲେନ୍, ଭୁବନେଶ୍ୱରଠାରୁ ଫୁଲନଖରା ୪ଲେନ୍, ସେହିପରି ବ୍ରହ୍ମପୁରରୁ ଆସୁଥିବା ଯାତ୍ରୀଙ୍କ ପାଇଁ ପିତାପଲୀ ଦେଇ ରାସ୍ତା କରାଯିବ। ଏହିସମସ୍ତ କାମକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାସହ ତ୍ରିଶୂଳିଆରୁ କଟକ ଯାଏଁ ୨ଟି ବ୍ରିଜ କରାଯିବ ଏବଂ ଏହି ସମସ୍ତ କାମ ଆଗାମୀ ବର୍ଷଠାରୁ ଆରମ୍ଭ କରାଯିବ। ପୂର୍ବ ସରକାର କେବଳ ପ୍ରକଳ୍ପ ଯୋଜନା କରି ଅଧାରେ ଛାଡ଼ିଥିଲେ, ହେଲେ ତାହାକୁ ଏବେ ଭାଜପା ପୂରଣ କରୁଛି। ଏହାବାଦେ କଟକକୁ ନେଇ ଏକ ବ୍ଲୁପ୍ରିଣ୍ଟ କରାଯାଇଛି ଏବଂ କଟକ ସହରକୁ ସବୁଜ ଓ ସୁନ୍ଦର କରିବା ପାଇଁ କାର୍ଯ୍ୟ କରାଯିବ। ସେହିପରି ଭୁବନେଶ୍ୱର ଓ କଟକରେ ଦୁଇଟି ମେଟ୍ରୋ ପ୍ରକଳ୍ପ କରାଯିବ, ଯାହାକି ଭୂତଳ ଦେଇ ଯାତ୍ରା କରିବ। ଏ ନେଇ ଆଲାଇନମେଣ୍ଟ ତିଆରି କରାଯାଉଛି। ଏହି ପ୍ରକଳ୍ପ ଦ୍ୱାରା ଯାତାୟାତ ସମୟରେ ଭିଡ଼ ନିୟନ୍ତ୍ରଣ ହୋଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି।

# ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନକଲେ ଦିଗ୍‌ବିଜୟ ସିଂହ



ବିଶ୍ୱ ଦକ୍ଷତା କେନ୍ଦ୍ରରେ ରାଜ୍ୟସଭା ସଦସ୍ୟ ଦିଗବିଜୟ ସିଂହ।

ଭୁବନେଶ୍ୱର,୧୨।୬(ସୁଚିସ୍ମିତା ସାହୁ)

ଓଡ଼ିଶା ଗସ୍ତରେ ଆସିଥିବା ମଧ୍ୟପ୍ରଦେଶରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ରାଜ୍ୟ ସଭା ସଦସ୍ୟ ଦିଗ୍‌ବିଜୟ ସିଂହ ଗୁରୁବାର ଭୁବନେଶ୍ୱସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେଠାରେ ସେ ବିଶ୍ୱ ଦକ୍ଷତା କେନ୍ଦ୍ରର ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ, ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍, ମେକାଟ୍ରୋନିକ୍ସ ଏବଂ ଅତ୍ୟାଧୁନିକ ୱେଲ୍ଡିଂ ଉତ୍କର୍ଷ କେନ୍ଦ୍ର ଆଦି ବୁଲି ଦେଖିଥିଲେ। ଓଡ଼ିଶା ଯୁବପିଢ଼ିଙ୍କ ଦକ୍ଷତାକୁ ଏକ ନୂଆ ଉଚ୍ଚତାକୁ ନେବା ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ସେ ଖୁସି ପ୍ରକାଶ କରିଥିଲେ। ଏହି ଅବସରରେ ସେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କଠାରୁ ସେମାନଙ୍କ ଭବିଷ୍ୟତର ଲକ୍ଷ୍ୟ ଓ କ୍ୟାରିୟର ବିଷୟରେ ପଚାରି ବୁଝିଥିଲେ। ଶିଳ୍ପ ଉପଯୋଗୀ ତାଲିମ ପାଠ୍ୟକ୍ରମ ପ୍ରଦାନ କରିବାରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଏକ ବିଶେଷ ପରିଚୟ ରହିଛି। ଏହି କେନ୍ଦ୍ରରେ ୬ଟି ବ୍ୟାଚ୍‌ର ଛାତ୍ରୀଛାତ୍ର ବିଭିନ୍ନ ବିଷୟରେ ତାଲିମ ପାଠ୍ୟକ୍ରମ ଶେଷକରି ନିଯୁକ୍ତି ସୁଯୋଗ ପାଇବା ନିଶ୍ଚିତ ପ୍ରଶଂସନୀୟ। ଛାତ୍ରୀଛାତ୍ରଙ୍କ ସହ ଏଠାରେ ବିଭିନ୍ନ ସମୟରେ ପ୍ରଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ବିଶେଷ କାର୍ଯ୍ୟକ୍ରମ କରାଯାଉଛି। ଏହା ଏକ ଅନନ୍ୟ ଦକ୍ଷତା ବିକାଶ କେନ୍ଦ୍ର ବୋଲି ଦିଗ୍‌ବିଜୟ ସିଂହ କହିଛନ୍ତି। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ବିଭାଗୀୟ ଅତିରିକ୍ତ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି. ଥମ୍ପିରାଜା, ଉପାଧ୍ୟକ୍ଷା ଜିତାମିତ୍ର ଶତପଥୀ, ମୁଖ୍ୟ ବୈଷୟିକ ଅଧିକାରୀ ଧନଞ୍ଜୟ ଷଡ଼ଙ୍ଗୀ ଏବଂ ମୁଖ୍ୟ ବିତ୍ତ ଅଧିକାରୀ ବିଭୁ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

# ନିବେଶ ଆଳରେ ୧୦ ଲକ୍ଷ ଠକେଇ କମ୍ପାନୀ ପ୍ରତିନିଧି ଗିରଫ

ଭୁବନେଶ୍ୱର,୧୨।୬ (ସତ୍ୟଜିତ୍ ରାଉତ): ନିବେଶ ଆଳରେ ୧୦ ଲକ୍ଷ ଟଙ୍କା ଠକେଇ କରିବା ମାମଲାରେ ସମ୍ପୃକ୍ତ ଜଣେ କମ୍ପାନୀ ପ୍ରତିନିଧିଙ୍କୁ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ପାହାଳ ଅଞ୍ଚଳରେ ରହୁଥିବା ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ପ୍ରିୟରଞ୍ଜନ ସ୍ୱାଇଁ (୪୩)। ତାଙ୍କଠାରୁ ଗୋଟିଏ ମୋବାଇଲ, ଲାପଟପ୍, ୨ ଡେବିଟ୍ କାର୍ଡ, ପାନ୍‌କାର୍ଡ ଆଦି ଜବତ ହୋଇଛି। କୋର୍ଟ ଚାଲାଣ ପରେ ପ୍ରିୟରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ରହୁଥିବା ସୌମ୍ୟରଞ୍ଜନ ପ୍ରଧାନ ୨୦୨୪ରେ ଜିପିଏନ୍‌ଏସ୍ ବିଜ୍‌ନେସ ପ୍ରାଇଭେଟ୍ ଲିଃ ନାମକ ଏକ କମ୍ପାନୀରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଉକ୍ତ କମ୍ପାନୀରେ ଟଙ୍କା



ବିନିଯୋଗ କଲେ ତାଙ୍କୁ ମାସିକ ୭ ପ୍ରତିଶତ ହିସାବରେ କମିଶନ ମିଳିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଟଙ୍କା ନେବାର କିଛି ମାସ ବିତିଯାଇଥିଲେ ମଧ୍ୟ କମ୍ପାନୀ ତାଙ୍କୁ କୌଣସି କମିଶନ ଦେଇ ନ ଥିଲା। ଏପରିକି ଟଙ୍କା ମଧ୍ୟ ଫେରାଇ ନ ଥିଲା। କମ୍ପାନୀ ପକ୍ଷରୁ ଭୁବନେଶ୍ୱରରେ ନିଯୁକ୍ତ ଥିବା ରିପ୍ରେଜେଣ୍ଟେଟିଭ ପ୍ରିୟରଞ୍ଜନଙ୍କୁ ପଚାରିବାରୁ ସେ ଶୁଣି ନ ଥିଲେ। ଉକ୍ତ କମ୍ପାନୀ ଓଡ଼ିଶାର ଅନେକ ଲୋକଙ୍କଠାରୁ ଏଭଳି ଟଙ୍କା ଠକିଥିବା ନେଇ ସୌମ୍ୟ ଏତଲାରେ ଦର୍ଶାଇଥିଲେ। ଜାନୁଆରୀ ୪ରେ ପୋଲିସ ମାମଲା (ନଂ.୪/୨୦୨୫) ରୁଜୁକରି ତଦନ୍ତ କରିଥିଲା। ପ୍ରିୟରଞ୍ଜନଙ୍କ ନାଁରେ ରାଜ୍ୟର ବିଭିନ୍ନ ଥାନାରେ ୧୧ଟି ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଏଏସ୍‌ଆଇ ସହାୟତାରେ ପ୍ରସ୍ତୁତ ହେବ ଡିପିଆର୍

## ଶ୍ରୀମନ୍ଦିରର ଆକର୍ଷଣୀୟ ଆଲୋକୀକରଣ ପାଇଁ ବୈଠକ



ପୁରୀ,୧୨।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଓ ବେଢ଼ା ପରିସରରେ ଥିବା ପାର୍ଶ୍ୱ ମନ୍ଦିରଗୁଡ଼ିକର ଆକର୍ଷଣୀୟ ଆଲୋକୀକରଣ ସକାଶେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ସହାୟତାରେ ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରାଯିବ। ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଯନ୍ତ୍ରୀ, ଏଏସ୍‌ଆଇ ପୁରୀ ସର୍କଲ୍ କର୍ତ୍ତୃପକ୍ଷ ଏବଂ ଏହାର ଦିଲ୍ଲୀସ୍ଥିତ ସ୍ୱୀକୃତିପ୍ରାପ୍ତ ପରାମର୍ଶ ଅନୁଷ୍ଠାନର ପ୍ରତିନିଧି, ଶିଳ୍ପୀ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଐତିହ୍ୟ ପ୍ରକଳ୍ପ ସକାଶେ କରାଯାଇଥିବା ଆଲୋକୀକରଣ କାର୍ଯ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରାଯାଇଥିଲା। ସେହିପରି ପ୍ରସ୍ତାବିତ ଆଲୋକୀକରଣ ସକାଶେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ପରାମର୍ଶ ଦିଆଯାଇଥିଲା। ଏଏସ୍‌ଆଇର ବୈଷୟିକ ପରାମର୍ଶ ଏବଂ ମାର୍ଗଦର୍ଶନରେ ବିସ୍ତୃତ ରୂପରେଖ ପ୍ରସ୍ତୁତି କରି ପରବର୍ତ୍ତୀ ସମୟରେ ଅନୁମୋଦନ ପାଇଁ ଉପସ୍ଥାପନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏ ନେଇ ଆବଶ୍ୟକ ଅନୁମତି ଗ୍ରହଣ ପରେ କାର୍ଯ୍ୟ ରୂପାୟନ ସକାଶେ ସ୍ଥିର ହୋଇଛି।

## ସ୍ନାନବେଦିରେ ଠାକୁରଙ୍କୁ ଭକ୍ତ ଛୁଇଁବା ଘଟଣା

# ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

ପୁରୀ,୧୨।୬(ଅଜିତ୍ କୁମାର ମହାନ୍ତି)

ସ୍ନାନଯାତ୍ରାରେ ଚତୁର୍ଦ୍ଧାବିଗ୍ରହ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲ୍ଲଭ ହାତୀ ବେଶରେ ଦର୍ଶନ ଦେଇଥିଲେ। ତେବେ ସାହାଣମେଳା ସମୟରେ ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ସ୍ପର୍ଶ ନ କରିବା ପାଇଁ ନିର୍ଦ୍ଦେଶ ରହିଥିବାବେଳେ ତାହାକୁ କେହି ମାନି ନ ଥିଲେ। ଅନେକ ଭକ୍ତ ସ୍ନାନମଣ୍ଡପକୁ ଯାଇ ଶ୍ରୀବିଗ୍ରହମାନଙ୍କୁ ସ୍ପର୍ଶ କରି ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ସେଠାରେ ସେବାୟତଙ୍କ ସମେତ ପୋଲିସ ଓ ଜିଲା ପ୍ରଶାସନର ଅଧିକାରୀ ଥିଲେ ନୀରବଦ୍ରଷ୍ଟା ସାଜିଥିଲେ। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ବିନିତ୍ କୁମାର ଅଗ୍ରୱାଲ କହିଛନ୍ତି।

ଘଟଣାକୁ ନାପସନ୍ଦ କରି ଭିତର ସେବାୟତ ନିଯୋଗ ସମ୍ପାଦକ ତଥା ବରିଷ୍ଠ ସେବାୟତ ରବିନାରାୟଣ ଦାଶ କହିଛନ୍ତି, ସ୍ନାନମଣ୍ଡପ ଉପରେ ଭକ୍ତମାନେ ଠାକୁରଙ୍କୁ ସ୍ପର୍ଶ କରିଥିବା ଘଟଣା ଯଦି ସତ୍ୟ ହୋଇଥାଏ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। କାରଣ ଅଣସେବାୟତ ଠାକୁରଙ୍କୁ ଛୁଇଁ ପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଥିଲା। ସେହି ସମୟରେ ସେବାୟତ, ପୋଲିସ ଓ ପ୍ରଶାସନ ଅଧିକାରୀ ଯିଏ ବି ଦାୟିତ୍ୱରେ ଥିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାଶ ଦାବି କରିଛନ୍ତି। ଭାଜପା ପୁରୀ ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ କହିଛନ୍ତି, ଏଭଳି କାର୍ଯ୍ୟ ଅତ୍ୟନ୍ତ ଦୁଃଖଦାୟକ। ଏନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉ। ଅନ୍ୟପକ୍ଷରେ ଓଡ଼ିଶା ଯୁବଚେତନା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର କହିଛନ୍ତି, ସ୍ନାନବେଦିରେ ଠାକୁରଙ୍କ ହାତୀବେଶ ଓଲାଗି ସରିବା ପରେ ଭକ୍ତମାନେ ଠାକୁରଙ୍କୁ ସ୍ପର୍ଶ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟ ଅନୁଯାୟୀ, ଭକ୍ତଟିଏ ଠାକୁରଙ୍କୁ ଛୁଇଁବାର ଅଧିକାର ପାଇଥିବାବେଳେ କିପରି ହାଇକୋର୍ଟ ଏହି ଆକ୍ଟକୁ ପଛରେ ପକାଇ ୨୦୧୪ ଜୁନରେ ଠାକୁରଙ୍କୁ ଅଛୁଆଁ କଲେ ସେ ନେଇ ମିଶ୍ର ପ୍ରଶ୍ନ ଉଠାଇଛନ୍ତି। ଏ ସଂକ୍ରାନ୍ତରେ ସେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଏବଂ ପୁରୀ ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗୁରୁ, ଗୁରୁଜନ ଓ ମାତାପିତାଙ୍କୁ ଛୁଇଁବା ଯଦି ପାପ ନୁହେଁ, ତେବେ ଠାକୁରଙ୍କୁ ଛୁଇଁବା ପାପ କାହିଁକି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। ଏନେଇ ଏସ୍‌ପି କହିଛନ୍ତି, ଠାକୁରଙ୍କୁ ଭକ୍ତମାନେ ସ୍ପର୍ଶ କରିବା ନେଇ ଯେଉଁ ଅଭିଯୋଗ ଆସୁଛି, ତାହାର ତଦନ୍ତ କରାଯିବ। ଭିଡିଓ ଫୁଟେଜ ଅନୁଧ୍ୟାନ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ଅନ୍ୟପକ୍ଷରେ ସ୍ନାନପୂର୍ଣ୍ଣିମା ଦିନ ଜଳବିଜେ ସମୟରେ କେତେଜଣ ଅଣସେବାୟତ ଥିବା ଅଭିଯୋଗ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଛନ୍ତି, ଭିଡିଓ ଫୁଟେଜରୁ ଚିହ୍ନଟ ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅକ୍ଷୟ



@ ପୁଚ୍‌କି



@ ଶଶିକାନ୍ତ



@ ଶିବରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶା ରାଜ୍ୟ ପ୍ରବରଣ ମଣ୍ଡଳୀ ଅଧ୍ୟାପକଙ୍କୁ ନ୍ୟାୟ, ସମ୍ମାନ ପ୍ରଦାନ କରିବାକୁ ଦାବି

ଭୁବନେଶ୍ୱର,୧୨।୬(ସୁଚିସ୍ମିତା ସାହୁ)

ଓଡ଼ିଶା ରାଜ୍ୟ ପ୍ରବରଣ ମଣ୍ଡଳୀ ଅଧ୍ୟାପକ ସଂଘ (ଓସ୍ଲା) ପକ୍ଷରୁ ସ୍ୱତନ୍ତ୍ର ଆଲୋଚନାଚକ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର ଯୋଗଦେଇ ଏସ୍‌ଏସ୍‌ବି ଅଧ୍ୟାପିକା ଅଧ୍ୟାପକଙ୍କ ବହୁବିଧ ମୌଳିକ ସମସ୍ୟା ସମ୍ପର୍କରେ କହିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନ ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ଦ୍ୱାରା ପରିଚାଳିତ ଏକ ସ୍ୱଚ୍ଛ, ମୁକ୍ତ ଓ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟର ବିଭିନ୍ନ ୪୮୮ ବର୍ଗ ଡିଗ୍ରୀ କଲେଜରେ ଅଧ୍ୟାପକ/ଅଧ୍ୟାପିକା ଭାବେ ନିଯୁକ୍ତି ଦିଆଯାଇଛି। ମାତ୍ର କାର୍ଯ୍ୟ ଅନୁଯାୟୀ ଦରମା ପ୍ରଦାନ କରାଯାଉନାହିଁ। ଓପିଏସ୍‌ସି ଦ୍ୱାରା ସରକାରୀ କଲେଜରେ ନିଯୁକ୍ତ ଅଧ୍ୟାପକମାନେ ଯେତିକି କାର୍ଯ୍ୟ କରୁଛନ୍ତି ଆମ୍ଭେମାନେ ମଧ୍ୟ ସେତିକି କାର୍ଯ୍ୟ କରୁଛୁ। ସେମାନଙ୍କୁ ୬୦୦୦ ଗ୍ରେଡ୍ ପେ'ରେ ଦରମା ମିଳୁଥିବାବେଳେ ଏସ୍‌ଏସ୍‌ବି ଅଧ୍ୟାପକଙ୍କୁ ୪୬୦୦ ଗ୍ରେଡ୍ ପେ'ରେ ଦରମା ପ୍ରଦାନ କରାଯାଉଛି, ଯାହା ଓଡ଼ିଶା ଶିକ୍ଷା ନିୟମ ୧୯୭୪ର (ଅଧ୍ୟାୟ ୩ ଅନୁଚ୍ଛେଦ ୯)ର ଉଲ୍ଲଂଘନ କରାଯାଉଛି। ସମାନ କାର୍ଯ୍ୟକୁ ସମାନ ଦରମା, ଏଚ୍‌ଆର୍‌ଏ ପ୍ରଦାନ, ଅବସରକାଳୀନ ଗ୍ରାଚୁଇଟି ବୃଦ୍ଧି, ଓଡ଼ିଶା ଶିକ୍ଷା ନିୟମ ୧୯୭୪ ଧାରା ୭ସିରେ ସଂଶୋଧନ ଓ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ସଂଘ ପକ୍ଷରୁ ଦାବି କରାଯାଇଛି। ଆଲୋଚନାଚକ୍ରକୁ ସାଗରିକା ବିଶ୍ୱାଳ, ରଜନୀ ନାୟକ, ଗୌରବ ଶର୍ମା, କେ.ଏମ୍. ସୁବାଶିଷ ପ୍ରମୁଖ ପରିଚାଳନା କରିଥିଲେ।




ଆଲୋଚନାଚକ୍ରରେ ଭାଜପା ଉପସଭାପତି ଗୋଲକ ମହାପାତ୍ରଙ୍କ ସହ ଓସ୍ଲା କର୍ମକର୍ତ୍ତା।

# ଓଡ଼ିଶା ସମେତ ୪ ରାଜ୍ୟର ଅଧିକାରୀଙ୍କୁ ନିର୍ବାଚନୀ ତାଲିମ



ଭୁବନେଶ୍ୱର,୧୨।୬
(ରବିନାରାୟଣ ଜେନା)

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, କର୍ଣାଟକ ଏବଂ ମହାରାଷ୍ଟ୍ରର ବିଭିନ୍ନ ବର୍ଗର ନିର୍ବାଚନ ଅଧିକାରୀଙ୍କୁ ନେଇ ନୂଆଦିଲ୍ଲୀସ୍ଥିତ ଆଇଆଇଆଇଡିଇଏମ୍‌ଠାରେ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ବୁଥ୍‌ସ୍ତରୀୟ ପର୍ଯ୍ୟବେକ୍ଷକଙ୍କ ଏହି ତାଲିମ କାର୍ଯ୍ୟକ୍ରମରେ ନିର୍ବାଚନ କମିଶନର ଡ. ବିବେକ ଯୋଶୀ ଯୋଗଦେଇ ଆଗାମୀ ଦିନରେ ନିର୍ବାଚନ ପ୍ରକ୍ରିୟାରେ କିଭଳି ସୁଗମତା ଆସିବ ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ ସେନେଇ ସୂଚୀତ କରିଥିଲେ। ଏଥିସହ ନିର୍ବାଚନ ସଂସ୍କାରର ବିଭିନ୍ନ ଦିଗ ଉପରେ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୫୦ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ସହିତ ୫ ବୁଥ୍ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ଜଣେ ଜିଲା ନିର୍ବାଚନ ଅଧିକାରୀ ଯୋଗଦେଇଛନ୍ତି।

# ବିମାନ ଦୁର୍ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୬
(ରବିନାରାୟଣ ଜେନା)

ଗୁଜରାଟର ଅହମଦାବାଦଠାରେ ଗୁରୁବାର ଅପରାହ୍ନରେ ଏକ ବଡ଼ଧରଣର ବିମାନ ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏୟାର ଇଣ୍ଡିଆର ଅହମଦାବାଦ୍-ଲଣ୍ଡନ ବିମାନ ଦୁର୍ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରୁଛି। ସମସ୍ତ ଯାତ୍ରୀ, କ୍ରୁ ସଦସ୍ୟ ଏବଂ ସେମାନଙ୍କର ପରିବାର ପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତ ଆହତଙ୍କୁ ଶୀଘ୍ର ସୁସ୍ଥ କରନ୍ତୁ। ଏଭଳି ଏକ କଠିନ ସମୟରେ ଗୁଜରାଟର ଲୋକଙ୍କ ସହିତ ଓଡ଼ିଶା ଛିଡ଼ା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୨୦ ସୁଦ୍ଧା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ତଥ୍ୟ ଜଣାଅ

ଭୁବନେଶ୍ୱର,୧୨।୬(ରବିନାରାୟଣ ଜେନା)

**ସବୁ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ**

ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କେତେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବକେୟା ରହିଛି ସେନେଇ ସରକାର ସବୁ ବିଭାଗଠାରୁ ତଥ୍ୟ ଲୋଡ଼ିଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, କର୍ମଚାରୀମାନେ ଯେଉଁଦିନ ଅବସରଗ୍ରହଣ କରିବେ ସେହିଦିନ ହିଁ ତାଙ୍କର ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ କରାଯିବ। ମାତ୍ର ତଥ୍ୟ ସରକାରଙ୍କ ପାଖରେ ପହଞ୍ଚିପାରୁ ନ ଥିବାରୁ ଅବସର ଗ୍ରହଣ ଦିନ ପେନ୍‌ସନ ପ୍ରଦାନରେ ସମସ୍ୟା ଉପୁଜୁଛି। ଏହାକୁ ଦୃଷ୍ଟିରେ ରଖି ବିଭାଗରେ ବକେୟା ଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିବରଣୀ ଚଳିତମାସ ୨୦ତାରିଖ ସୁଦ୍ଧା ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ୍ କରିବାକୁ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି। କୁମାର ସବୁ ବିଭାଗୀୟ ମୁଖ୍ୟଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ମୁଖ୍ୟଶାସନ ସଚିବ ଏସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ୨୦୨୪ ନଭେମ୍ବର ୨୨ରେ ଜାରି କରିଥିଲେ। ସେଥିରେ ଦର୍ଶାଇଥିଲେ, ସରକାରଙ୍କ ଓଡ଼ିଶା ସିଭିଲ ସର୍ଭିସ ପେନ୍‌ସନ ନିୟମ-୧୯୯୨ ଅନୁଯାୟୀ ଚାକିରିର ଅବସର ଦିନ ହିଁ କର୍ମଚାରୀ ପେନ୍‌ସନ ପାଇବେ। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ଡିଡିଓମାନେ ଚଳିତମାସ ୨୦ ତାରିଖ ସୁଦ୍ଧା ଯେଉଁ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବକେୟା ରହିଛି ତା'ର ତଥ୍ୟ ଦେବାକୁ ପଡ଼ିବ। ଏହାବାଦ୍ ସେ ଦର୍ଶାଇଛନ୍ତି ଯେ, ଯଦି ନୂତନ ଭାବେ କୌଣସି କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଥିବ ତାହା ମଧ୍ୟ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଜଣାଇବାକୁ ହେବ ଏବଂ ପରିଶେଷରେ ଏକ ପୂର୍ଣ୍ଣାଙ୍ଗ ପ୍ରମାଣପତ୍ର ଦେବାକୁ ପଡ଼ିବ। କୁମାର ଦର୍ଶାଇଛନ୍ତି, ମୁଖ୍ୟଶାସନ ସଚିବ ଏହାର ସମୀକ୍ଷା ଚଳିତମାସ ୨୫ରେ କରିବେ। ତେଣୁ ଏହାପୂର୍ବରୁ ତଥ୍ୟ ସରକାରଙ୍କ ହସ୍ତଗତ ହେବା ଆବଶ୍ୟକ। ଏହାକୁ ନେଇ ଏବେ ବିଭିନ୍ନ ବିଭାଗର ଡିଡିଓମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିବା ଦେଖାଯାଇଛି।

# ୨୦୨୯ ଲୋକ ସଭା ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଲାଗୁ ଯୋଜନା

ନୂଆଦିଲ୍ଲୀ,୧୨।୬

କେନ୍ଦ୍ର ସରକାର ୨୦୨୯ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ମହିଳା ସ୍ଥାନ ସଂରକ୍ଷଣ ବିଲ୍ ୨୦୨୩ରେ ଗୃହୀତ ହୋଇଥିଲା। ଦେଶବ୍ୟାପୀ ଜନଗଣନା ୨୦୨୭ରେ ହେବାକୁ ଥିବାବେଳେ ପ୍ରଥମ ଥର ପାଇଁ ଜାତି ଗଣନା କରାଯିବ ବୋଲି ସରକାର ଗତ ସପ୍ତାହରେ ଘୋଷଣା କରିଥିଲେ। ଜନଗଣନା ପାଇଁ ୨ ବର୍ଷ ସମୟ ଲାଗିବାକୁ ଥିବାବେଳେ ନୂତନ ଜନସଂଖ୍ୟା ତଥ୍ୟ ଆଧାରରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରାଯିବ। ଏଥିସହିତ ମହିଳାମାନଙ୍କ ପାଇଁ ଲୋକ ସଭା ଓ ବିଧାନସଭାରେ ସଂରକ୍ଷଣ ଲାଗୁ ହେବ। ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ଲାଗୁ କରିବା ନିମନ୍ତେ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ଏନେଇ ନିଷ୍ପତ୍ତି ନିଆଯାଇଥିବା କେନ୍ଦ୍ରମନ୍ତ୍ରୀ ନିତୀନ ଗଡ଼କରୀ ଗୁରୁବାର କହିଛନ୍ତି।

# ନ୍ୟାୟିକ ସକ୍ରିୟତା ନ୍ୟାୟିକ ଆତଙ୍କବାଦରେ ପରିଣତ ନ ହେଉ: ସିଜେଆଇ

ନୂଆଦିଲ୍ଲୀ, ୧୨।୬

ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍ ଗଭାଇ ମଙ୍ଗଳବାର ଲଣ୍ଡନ ସ୍ଥିତ ଅକ୍ସଫୋର୍ଡ ୟୁନିୟନ ଷ୍ଟୁଡେଣ୍ଟ ସୋସାଇଟିରେ 'ଫ୍ରମ୍ ରିପ୍ରେଜେଣ୍ଟେଶନ ଅଫ୍ ରିଅଲାଇଜେଶନ: ଏମ୍ବଡିଂ ଦି କନ୍‌ଷ୍ଟିଟ୍ୟୁଶନ ପ୍ରମିଶ' ବିଷୟବସ୍ତୁ ଉପରେ ସମ୍ବୋଧନ ଦେଇ ଭାରତରେ ନ୍ୟାୟିକ ସକ୍ରିୟତା ଜାରି ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ଏହା ନ୍ୟାୟିକ ଆତଙ୍କବାଦରେ ପରିଣତ ହେବା ଉଚିତ ନୁହେଁ ବୋଲି ଜଷ୍ଟିସ୍ ଗଭାଇ ସତର୍କ କରାଇଥିଲେ। ସେ କହିଥିଲେ, ନ୍ୟାୟିକ ସମୀକ୍ଷାର କ୍ଷମତାକୁ ସଂଯମତାର ସହ ଏବଂ କମ୍ ବ୍ୟବହାର କରାଯିବା ଉଚିତ। ଏହାକୁ କେବଳ ସେତେବେଳେ ବ୍ୟବହାର କରିବା ଉଚିତ, ଯେତେବେଳେ କୌଣସି ଆଇନ ସମ୍ବିଧାନର ମୌଳିକ ଗଠନକୁ ଉଲ୍ଲଂଘନ କରିଥାଏ।



ଜଷ୍ଟିସ୍ ବି.ଆର୍ ଗଭାଇ

# ସାପ କାମୁଡ଼ାରେ ଦମ୍ପତି ମୃତ

ଚମ୍ପୁଆ,୧୨।୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ସୀମାନ୍ତ ତଥା ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଅନ୍ତର୍ଗତ ଜରପାଇ ଗ୍ରାମରେ ସାପ କାମୁଡ଼ାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ନନି ଜେରାଇ ଓ ତାଙ୍କ ସ୍ତ୍ରୀ କବିତା। ଘଟଣାରେ ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଚମ୍ପୁଆ ନିକଟବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟର ଜରପାଇ ଗ୍ରାମର ନନି ଓ ତାଙ୍କ ସ୍ତ୍ରୀ କବିତା ବୁଧବାର ରାତିରେ ଖାଇସାରି ଘରେ ଶୋଇଥିଲେ। ମଧ୍ୟରାତ୍ରିରେ ଉଭୟଙ୍କୁ ସାପ କାମୁଡ଼ିଥିଲା। ସକାଳେ ଦମ୍ପତି ଉଠି ନ ଥିବା ବେଳେ ୩ ଛୁଆ କାନ୍ଦୁଥିବା ଶୁଣି ଗ୍ରାମବାସୀ ନନିଙ୍କ ଘରକୁ ଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଦେଖି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ନନିଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ କବିତାଙ୍କ ମୃତ୍ୟୁ ଘଟିଥିଲା। ଜଗନ୍ନାଥପୁର ପୋଲିସ ମୃତଦେହ ଜବତ କରି ଚମ୍ପୁଆ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

# ଏଆଇ କ୍ୟାମେରା ଧରାଇବ ସରକାରୀ ବାବୁଙ୍କ ଆଟେଣ୍ଡାନ୍ସ

ଭୁବନେଶ୍ୱର, ୧୨।୬(ସୁନିତ୍ ମିଶ୍ର)

**ଅଫିସ୍ ସମୟକୁ ଆଉ କେହି ଠକିପାରିବେନି**

- ଦିନକୁ ଅତି କମ୍‌ରେ ସାଢ଼େ ୭ ଘଣ୍ଟା କାମ କରିବେ
- କର୍ମଚାରୀଙ୍କଠାରୁ ଅଧିକାରୀଙ୍କ ଯାଏ ସମସ୍ତଙ୍କ ପାଇଁ ଲାଗିବ ବାୟୋମେଟ୍ରିକ୍
- ମାସରେ ୩ ଦିନ ୩୦ ମିନିଟ୍ ବିଳମ୍ବରେ ଆସିଲେ ଗୋଟେ ଦିନ ଛୁଟି କଟିବ
- ଲୋକସେବା ଭବନ, ଖାରବେଳ ଭବନରୁ ଆରମ୍ଭ ହେବ ପ୍ରକ୍ରିୟା

ସରକାରୀ ଅଧିକାରୀମାନଙ୍କ ଅଫିସ୍ ଆସିବା ଏବଂ ଯିବା ସମୟକୁ ନେଇ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଣିକି ଅଫିସ୍ ଯିବା ଆଉ ଆସିବା ସମୟରେ ଅଧିକାରୀମାନେ ଯେପରି ଠକି ନ ପାରିବେ ତାହା ଉପରେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ଛୋଟଠାରୁ ଆରମ୍ଭକରି ବଡ଼ବାବୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏଣିକି ଅଫିସ୍ ସମୟକୁ ମାନିବାକୁ ବାଧ୍ୟ। ଏଥିଲାଗି ସରକାର ସବୁ ବିଭାଗରେ ବାୟୋମେଟ୍ରିକ୍ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ଆହୁରି ମଧ୍ୟ କହିଛନ୍ତି, ଏଯାଏଁ କୌଣସି ବିଭାଗ ବାୟୋମେଟ୍ରିକ୍ ବ୍ୟବସ୍ଥା ଗ୍ରହଣ କରିନାହାନ୍ତି। ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ମେମୋରାଣ୍ଡମ ପ୍ରକାଶ ପାଇଛି।

ସେଥିରେ ଉଲ୍ଲେଖ କରାଯାଇଛି, ସରକାର ସମୟାନୁବର୍ତ୍ତିତାକୁ ଏଣିକି ଗୁରୁତ୍ୱ ଦେଇଛନ୍ତି। ସୁଶାସନ ଲାଗି ଏହା ହେଉଛି ପ୍ରଥମ ଦାୟିତ୍ୱ। ଅଧିକାରୀମାନଙ୍କ ଯଥା ସମୟରେ ଅଫିସ୍ ପହଞ୍ଚିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ଯାହା ସରକାରଙ୍କ ସମୟ ରହିଛି ତା' ପୂର୍ବରୁ ଅଧିକାରୀମାନେ ଅଫିସ୍‌ରେ ପହଞ୍ଚିବାକୁ ବାଧ୍ୟ। ଏହା ତଳିଆ କର୍ମଚାରୀଙ୍କଠାରୁ ଉଚ୍ଚପଦସ୍ଥ ଅଫିସରମାନଙ୍କ ପର୍ଯ୍ୟନ୍ତ ସମସ୍ତେ ପାଳନ କରିବେ। ବିଳମ୍ବରେ ଆସୁଥିବା କର୍ମଚାରୀମାନଙ୍କ ସଂଖ୍ୟା କମାଇବା ଲାଗି ବିଭାଗଗୁଡ଼ିକ ଏଣିକି ବାୟୋମେଟ୍ରିକ୍ ବ୍ୟବସ୍ଥା ଆରମ୍ଭ କରିବେ। ଏହା ଏ ପର୍ଯ୍ୟନ୍ତ କୌଣସି ବିଭାଗରେ ଲଗାଯାଇ ନାହିଁ। ବାୟୋମେଟ୍ରିକ୍ ମେଶିନ ଯେପରି ଠିକ୍ ଭାବେ କାର୍ଯ୍ୟ କରିବ ତାହା ବିଭାଗର ଦାୟିତ୍ୱ। ଏନ୍‌ଆଇସି ଦ୍ୱାରା ଡେଭଲପ୍ କରାଯାଇଥିବା ପୋର୍ଟାଲ ସହ ଉକ୍ତ ବାୟୋମେଟ୍ରିକ୍ ଆଟେଣ୍ଡାନ୍ସ ସଂଯୋଗ କରାଯିବ। ବିଭାଗ ପକ୍ଷରୁ ଜଣେ ଅଧିକାରୀ ଏହି ଦାୟିତ୍ୱରେ ରହିବେ। ସବୁ କର୍ମଚାରୀ ଏବଂ ଅଧିକାରୀମାନେ ଅଫିସ୍ ଆସିବା ଏବଂ ଯିବା ସମୟରେ ବାୟୋମେଟ୍ରିକ୍‌ରେ ନିଜ ରେକର୍ଡିଂକରି ଯିବେ। ଯଦି କେହି ଯିବା ସମୟରେ କେହି ବାୟୋମେଟ୍ରିକ୍‌ରେ ନିଜ ରେକର୍ଡିଂ ନ କରି ଚାଲିଯାଆନ୍ତି, ତେବେ ସେହିଦିନକୁ ଛୁଟିଦିନ ଭାବେ ଗଣାଯିବ। ରୋଷ୍ଟର ବେସିସ୍‌ରେ ଯଦି କେହି ଅଫିସ୍ ଆସନ୍ତି ତେବେ ବିଭାଗ ଏନେଇ ଅର୍ଡର ଜାରି କରିବେ। ଯଦି ମାସରେ କେହି ୩ ଦିନ ୩୦ ମିନିଟ୍ ବିଳମ୍ବରେ ଅଫିସ୍ ଆସନ୍ତି ତେବେ ତାଙ୍କ ଲିଭ୍ ଆକାଉଣ୍ଟରୁ ଗୋଟିଏ ଦିନ ମାଇନସ୍ କରାଯିବ। ଅନେକ କର୍ମଚାରୀ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସରକାରଙ୍କ କାମ କରୁଥିବା ଲକ୍ଷ୍ୟ କରାଯାଉଛି ସେମାନଙ୍କ ପାଇଁ ଏହା ଲାଗୁ ହେବ ନାହିଁ। ଜଣେ କର୍ମଚାରୀ ପ୍ରତିଦିନ ଅତିକମ୍‌ରେ ସାଢେ ୭ ଘଣ୍ଟା ପାଇଁ କାର୍ଯ୍ୟ କରିବେ। ଯଦି ଅଫିସ୍ କାମରେ କେହି ବାହାରକୁ ଗସ୍ତ କରିଥାଆନ୍ତି ସେମାନଙ୍କ କ୍ଷେତ୍ରରେ ଅଫିସ୍ ଆସିବା ଏବଂ ଯିବା ବ୍ୟବସ୍ଥା ଯାହା କରାଯାଉଛି ତାକୁ ଲାଗୁ କରାଯିବ ନାହିଁ। ହେଲେ ଅଫିସ୍ ଗସ୍ତ କରିବା ସମ୍ପର୍କରେ ଅଧିକାରୀଙ୍କ ପକ୍ଷରୁ ଅର୍ଡର ଜାରି କରାଯିବା ଦରକାର। ଯେଉଁ ଅଧିକାରୀମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟ ପାଇଁ କାର୍ଯ୍ୟ କରୁଛନ୍ତି ସେମାନଙ୍କ ଲାଗି ଏହି ନିୟମ ଲାଗୁ କରାଯିବ ନାହିଁ।

ସରକାର ଏବେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କ୍ୟାମେରା ବ୍ୟବହାର କରିବେ। ଏହାସହ କର୍ମଚାରୀଙ୍କ ଲାଗି ଆର୍‌ଆଇଡିଏଫ୍ ଆଇକାର୍ଡ ପ୍ରସ୍ତୁତ କରିବେ, ଯାହାଦ୍ୱାରା ସମସ୍ତଙ୍କ ଅଫିସ୍ ଆଟେଣ୍ଡାନ୍ସର ସବୁ ତଥ୍ୟ ଜଣାପଡ଼ିଯିବ। ଏହା ପ୍ରାଥମିକ ଭାବେ ଲୋକସେବା ଭବନ ଏବଂ ଖାରବେଳ ଭବନରେ ଆରମ୍ଭ କରାଯିବ। ଏହାପରେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ବ୍ୟବସ୍ଥା ଚାଲୁ କରାଯିବ।




ରାଜ୍ୟରେ ସରକାରୀ ପରିବହନ ସେବାରେ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ଓ ଘରୋଇ ପରିବହନ କ୍ଷେତ୍ରରେ ୫୦% ରିହାତି ଦାବିକରି ଏନ୍‌ଏସ୍‌ୟୁଆଇ ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ଆର୍‌ଟିଓ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# 'ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ସରକାରୀ ପରିବହନ ହେଉ'

**ଛାତ୍ର କଂଗ୍ରେସ ପକ୍ଷରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଘେରାଉ**

ଭୁବନେଶ୍ୱର,୧୨।୬
(ରବିନାରାୟଣ ଜେନା)

ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ସରକାରୀ ପରିବହନ ଏବଂ ଘରୋଇ ପରିବହନରେ ୫୦ ପ୍ରତିଶତ ରିହାତି ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଘେରାଉ କରାଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ସେ କହିଥିଲେ, ରାଜ୍ୟରେ ଅନେକ ଗରିବ ମେଧାବୀ ଛାତ୍ରୀଛାତ୍ର ଅଛନ୍ତି, ଯେଉଁମାନେ ପରିବହନ ବ୍ୟବସ୍ଥାର ସୁବିଧା ଥାଇ ମଧ୍ୟ ଅଭାବ ହେତୁ ଶିକ୍ଷାଲାଭ କରିବାରେ ବାଧା ଉପୁଜିଛି। ରାଜ୍ୟ ସରକାର ସେଥିପ୍ରତି ଧ୍ୟାନଦେବା ଦରକାର। ରାଜ୍ୟ ସରକାର ଏହି କ୍ଷେତ୍ରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ତୁରନ୍ତ ଅନୁମତି ଦିଅନ୍ତୁ ବୋଲି ପ୍ରଧାନ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ରନେତା ତାପସ ଦେ ଏବଂ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଯୁବନେତା ସୁଦିପ ସାମଲ ପ୍ରମୁଖ ସାମିଲ ଥିଲେ।

# 'ରଥଯାତ୍ରା' ପାଇଁ ୧୪ ଓଆର୍‌ଏସ୍ ଅଧିକାରୀ ନିଯୁକ୍ତ

ଭୁବନେଶ୍ୱର,୧୨।୬ (ରବିନାରାୟଣ ଜେନା)

ଆଗାମୀ ରଥଯାତ୍ରା ଉପଲକ୍ଷେ ରାଜସ୍ୱ ବିଭାଗ ପକ୍ଷରୁ ଗୁରୁବାର ୧୪ ଓଆର୍‌ଏସ୍ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଅଧିକାରୀଙ୍କ ମଧ୍ୟରେ ନୀଳମାଧବ ମହାନ୍ତି, ଦୟାନିଧି ପାତ୍ର, ପର୍ଶୁରାମ ମଲ୍ଲିକ, କେ. ଭେଙ୍କଟେଶ୍ୱର ରାଓ, ସନାତନ ମଲ୍ଲିକ, ସୁଜିତ କୁମାର ସ୍ୱାଇଁ ପ୍ରମୁଖ ରହିଛନ୍ତି।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସଭାପତିଙ୍କ ପରଲୋକ



ରମାନାଥ ପଣ୍ଡା

କଟକ, ୧୨।୬(କାର୍ତ୍ତିକ ସାହୁ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ(ଏସ୍‌ଭିଏଲ୍‌ଏସ୍) ସଭାପତି ରମାନାଥ ପଣ୍ଡାଙ୍କ ବୁଧବାର ରାତିରେ କଟକଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ସେ କୋମା ଅବସ୍ଥାରେ ଥିଲେ। ରମାନାଥ ୧୫ ମେ ୧୯୪୮ରେ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ପଡ଼ିଆପଶିଠାରେ ଜନ୍ମଗ୍ରହଣ କରିଥିଲେ। ଶିକ୍ଷା ସମାପ୍ତ ପରେ ସେ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ତା' ପରେ ସେ ନୂଆଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ସେକ୍ରେଟାରିଏଟ୍‌ରେ ଯୋଗ ଦେଇଥିଲେ। ୧୯୮୭ରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି)ରେ ଯୋଗ ଦେଇ ଅବସର ନେଇଥିଲେ। ପିଲାଟି ବେଳୁ ସେ ସ୍ୱାମୀ ଶିବାନନ୍ଦ ଦିବ୍ୟ ଜୀବନ ସଂଘ ଏବଂ ରାମକୃଷ୍ଣ-ବିବେକାନନ୍ଦଙ୍କ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲେ। ଦିବ୍ୟଜୀବନ ସଂଘର ୮ଟି ପୁସ୍ତକକୁ ସେ ଓଡ଼ିଆରେ ଅନୁବାଦ କରିଥିଲେ। ଏଥିସହିତ ସେ ଅନ୍ୟାନ୍ୟ ପୁସ୍ତକ ମଧ୍ୟ ଲେଖିଛନ୍ତି। ସେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର କଟକ ଜିଲା ସଭାପତି ରହିଥିଲେ ଓ ପରେ ୨୦୨୨ରେ ରାଜ୍ୟ ସଭାପତି ହୋଇଥିଲେ। ତାଙ୍କ ପରଲୋକରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ଗଙ୍ଗୁଆ ନାଳର ପୁନରୁଦ୍ଧାର ଲାଗି ସରକାର ଅଣ୍ଟା ଭିଡ଼ିଲେ

ଭୁବନେଶ୍ୱର,୧୨।୬
(ରବିନାରାୟଣ ଜେନା)

**ଆପଣାଯିବ ରାଜସ୍ଥାନ ମଡେଲ**

ଗଙ୍ଗୁଆ ନାଳର ପୁନରୁଦ୍ଧାର ଲାଗି ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ରାଜସ୍ଥାନର ଜୟପୁରସ୍ଥିତ ଅମାନିଶାହ ନାଳ (ଦ୍ରବ୍ୟବତୀ ନଦୀ)ର ଉନ୍ନତୀକରଣ ଯେଭଳି ହୋଇଛି ସେହି ମଡେଲକୁ ଅନୁସରଣ କରି ଗଙ୍ଗୁଆ ନାଳ ପୁନରୁଦ୍ଧାର କରାଯିବା ନେଇ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ଅନୁଯାୟୀ, ଗଙ୍ଗୁଆନାଳକୁ ସହର ଉପଯୋଗୀ ଜଳାଶୟରେ ପରିଣତ ସହ ମନୋରଞ୍ଜନର ସମସ୍ତ ବ୍ୟବସ୍ଥା ରଖାଯିବ। ଏଥିଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ଆଲୋଚନା ସମ୍ପର୍କରେ ଚଳିତମାସ ୫ରେ ବିଭାଗୀୟ ଅତିରିକ୍ତ ସଚିବ ଆରତୀ ରାଉତ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ବିଏମ୍‌ସି କ୍ଷେତ୍ରୀୟ ଅଧିକାରୀ ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ, ଡ୍ରେନେଜ ବିଭାଗ ପକ୍ଷରୁ ରାଜସ୍ଥାନ ଗସ୍ତ କରିଥିବା ଦଳ ଦ୍ୱାରା ଅନୁଧ୍ୟାନ କରାଯାଇଥିବା ଅମାନିଶାହ ନାଳର ଉନ୍ନତୀକରଣ ରଣନୀତି ଏବଂ କାର୍ଯ୍ୟାନ୍ୱୟନ ଢାଞ୍ଚାକୁ ଅନୁସରଣ କରି ଗଙ୍ଗୁଆନାଳର ପୁନରୁଦ୍ଧାର କରାଯିବ। ତୁରନ୍ତ ଏନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବାକୁ ହେବ। ଗଙ୍ଗୁଆ ନାଳରେ ବନ୍ୟା ସମ୍ଭାବନା ଅଧିକ ଥିବାରୁ ଏହାକୁ ନିୟନ୍ତ୍ରଣ କରିବା ଏକ ଚ୍ୟାଲେଞ୍ଜ ହୋଇପାରେ ବୋଲି ବୈଠକରେ ଆଶଙ୍କା ପ୍ରକାଶ ପାଇଥିଲା। ଏପରି କି ଗଙ୍ଗୁଆ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ମଧ୍ୟ ଆଉ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଆଲୋଚନା ହୋଇଥିଲା । ବୈଠକରେ ଅମାନିଶାହ ନାଳ ଉନ୍ନତୀକରଣ କାମ ଅନୁଧ୍ୟାନ କରିଥିବା ପ୍ରତିନିଧି ଦଳ ଗଙ୍ଗୁଆ ନାଳକୁ ପୁନରୁଦ୍ଧାର କରି ମନୋରଞ୍ଜନ ସୁବିଧା ସହିତ ଏକ ସହରୀ ଉପଯୋଗୀ ଜଳାଶୟରେ ପରିଣତ କରାଯାଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ।

# ସରକାରଙ୍କ ବିଫଳତା ନେଇ ବିଜେଡିର ବିରୋଧ ପ୍ରଦର୍ଶନ

ଭୁବନେଶ୍ୱର, ୧୨।୬(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ସରକାରକୁ ଗୁରୁବାର ବର୍ଷେ ପୂରଣ ହୋଇଥିବା ବେଳେ ବିଜେଡି ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏକ ଅଭିନବ ଉପାୟରେ ସରକାରଙ୍କ ବିଫଳତାକୁ ପ୍ରଦର୍ଶନ କରାଯାଇଛି। ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ନେତା ଓ ବିଧାୟକମାନେ ଯୋଗଦେଇଛନ୍ତି। ଆଗକୁ ଏହି ଜନଜାଗରଣ ଯାତ୍ରା ଚାଲିବ ବୋଲି ବିଜେଡି ନେତାମାନେ ସ୍ଲୋଗାନ ଦେଇଥିଲେ। ଗତ ନିର୍ବାଚନ ସମୟରେ ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନରେ ରାଜ୍ୟ ସରକାର ବିଫଳ ହୋଇଥିବା ସମ୍ପର୍କିତ ହାତଲେଖା ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଛି। ଏହାଛଡା ଗତ ବର୍ଷକରେ ଆଇନଶୃଙ୍ଖଳା ପରିସ୍ଥିତି କିପରି ବିପର୍ଯ୍ୟସ୍ତ ହୋଇପଡ଼ିଛି, ବିଶେଷକରି ବଳାତ୍କାର ଓ ମହିଳାଙ୍କ ବିରୋଧରେ ଅପରାଧର ବୃଦ୍ଧିକୁ କଳାତ୍ମକ ଉପାୟରେ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସ୍ୱାର୍ଥ ସହ ଜଡ଼ିତ ଥିବା ପ୍ରତିଟି ପ୍ରସଙ୍ଗ ଯଥା, କେନ୍ଦ୍ରୀୟ ଅନୁଦାନ ହ୍ରାସ, ପୋଲାଭରମ, କୋଟିଆ, ମହାନଦୀ ଓ କୋଷ୍ଟାଲ ହାଇୱେ ପ୍ରସଙ୍ଗରେ କେନ୍ଦ୍ରର ଅବହେଳା, ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି, ଶ୍ରୀମନ୍ଦିରରେ ଅବ୍ୟବସ୍ଥା, ଓବିସି, ଏସ୍‌ଟି ଏସ୍‌ସି ବର୍ଗର ଲୋକଙ୍କ ସ୍ୱାର୍ଥ ପ୍ରତି ଅଣଦେଖା, ଓଡ଼ିଆ ଅସ୍ମିତା ପ୍ରତି କୁଠାରାଘାତ, ବିଏସ୍‌କେୱାଇ ବଦଳରେ ଆୟୁଷ୍ମାନ୍‌ରୁ ଯନ୍ତ୍ରଣା ଇତ୍ୟାଦି ଉଲ୍ଲେଖ ଥିବା ପ୍ଲାକାର୍ଡ ଧରି ନେତାମାନେ ରାସ୍ତା ଉପରେ ସରକାର ବିରୋଧରେ ସ୍ଲୋଗାନ ଦେଇଛନ୍ତି। ବର୍ଷକର ସରକାର ଏହିସବୁ କ୍ଷେତ୍ରରେ ବିଫଳ ହୋଇଥିବା ବେଳେ କେବଳ ନବୀନ ସରକାରଙ୍କ ଅମଳର କିଛି ନାମ ଓ ରଙ୍ଗ ପରିବର୍ତ୍ତନର ସରକାର ସାଜିଛନ୍ତି ବୋଲି ନେତାମାନେ ପ୍ଲାକାର୍ଡରେ ଦର୍ଶାଯାଇଛି। ଏହି ସମୟରେ ଧାରଣାରେ ଥିବା ବିଜେଡି ନେତାଙ୍କୁ ପୋଲିସ ହଟାଇବାକୁ ଚେଷ୍ଟାକରିବା ବେଳେ ଧସ୍ତାଧସ୍ତି ସ୍ଥିତି ଉପୁଜିଥିଲା। ଏହାପରେ କେତେଜଣ ବିଜେଡି ନେତାଙ୍କୁ ପୋଲିସ ଉଠାଇନେବା ସହି ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଏହି ଧାରଣାରେ ବରିଷ୍ଠ ନେତା ଅରୁଣ କୁମାର ସାହୁ, ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, ପ୍ରମିଳା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।




ରାଜ୍ୟ ସରକାରଙ୍କ ବିଫଳତା ବିରୋଧରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିଜେଡି ପକ୍ଷରୁ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୨ ବ୍ୟାଙ୍କରୁ ଲୁଟିନେଲେ ୧୮.୫ଲକ୍ଷ ଟଙ୍କା

**ଲୁଟେରାମାନେ ବ୍ୟାଙ୍କକୁ ଟାର୍ଗେଟ କରିଛନ୍ତି। କିଛି ଘଣ୍ଟାର ବ୍ୟବଧାନରେ ୨ଟି ବ୍ୟାଙ୍କରେ ସଶସ୍ତ୍ର ଡକାୟତି କରି ବହୁ ଲକ୍ଷ ଟଙ୍କା ଏବଂ ସୁନା ଲୁଟି ନେଇଛନ୍ତି। ଗୁରୁବାର କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ୫ଜଣ ଦୁର୍ବୃତ୍ତ ସଶସ୍ତ୍ର ଲୁଟ କରିଥିବାବେଳେ ବୁଧବାର ରାତିରେ ଭଦ୍ରକ ଜିଲା ତିହିଡ଼ିସ୍ଥିତ ଏକ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କରେ ମଧ୍ୟ ଲୁଟ ହୋଇଛି। ଉଭୟ ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଦୁର୍ବଳ ପାଟ୍ରୋଲିଂ ବ୍ୟବସ୍ଥା କାରଣରୁ ଲୁଟେରାମାନେ ସେମାନଙ୍କ ଆପରାଧିକ କାର୍ଯ୍ୟରେ ସଫଳ ହୋଇପାରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।**



ଯୋଡ଼ାସ୍ଥିତ ଲୁଟ୍ ହୋଇଥିବା ବ୍ୟାଙ୍କରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଳା ଏସ୍‌ପି ନୀତେଶ ବାଧ୍ୱାନୀ ତଦନ୍ତ କରୁଛନ୍ତି।

## ଯୋଡ଼ା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ୧୧ଲକ୍ଷ, ୨ କିଲୋ ସୁନା ଲୁଟ୍

ଯୋଡ଼ା,୧୨।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ମୁଖ୍ୟ ବଜାର ତଥା ରାସ୍ତା କଡ଼ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଗୁରୁବାର ପୂର୍ବାହ୍ନରେ ସଶସ୍ତ୍ର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ୧୧ଲକ୍ଷ ଟଙ୍କା ଓ ୨.୦୦୭ କିଲୋ ଓଜନର ସୁନା ପ୍ୟାକେଟ ନେଇ ଫେରାର ହୋଇଯାଇଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ବଡବିଲ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ କହିଛନ୍ତି।

ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ୧୦ଟାବେଳେ ବ୍ୟାଙ୍କ ଖୋଲା ଯିବା ସମୟରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ଧରି ବ୍ୟାଙ୍କ ଭିତରକୁ ପଶିଥିଲେ। ପ୍ରଥମେ ବ୍ୟାଙ୍କର ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ନଗଦ ଟଙ୍କା ଥିବା ବାକ୍ସରୁ ୧୧ ଲକ୍ଷ ଟଙ୍କା ଓ ୨କିଲୋ ୭ଗ୍ରାମ ସୁନା ପ୍ୟାକେଟ୍ ନେଇଯାଇଥିଲେ। ଘଟଣା ସମ୍ପର୍କରେ ମ୍ୟାନେଜର ରାଜେଶ ଲେଙ୍କା ଥାନାରେ ଅଭିଯୋଗ କରିଥିଲେ। କେନ୍ଦୁଝରେ ଆସିଥିବା ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ସତ୍ୟବ୍ରତ ନନ୍ଦ କହିଛନ୍ତି, ଡକାୟତମାନେ ହିନ୍ଦୀରେ କଥା ହେଉଥିବାବେଳେ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିବାରୁ ସାଇରନ ବାଜିପାରି ନ ଥିଲା। ଘଟଣାସ୍ଥଳରେ ଯୋଡ଼ା ଆଇଆଇସି ସୁଶାନ୍ତ ପ୍ରଧାନ ସଦଳବଳ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅପରାହ୍ନରେ ରାଉରକେଲା ଏସ୍‌ପି ନୀତେଶ ବାଧ୍ୱାନୀ ଓ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସାଇଣ୍ଟିଫିକ୍ ଟମ୍ ସହ ପହଞ୍ଚି ଯାଞ୍ଚ କରିଛନ୍ତି। ଅନ୍ୟପକ୍ଷେ ଯୋଡ଼ା ସହରରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଚୋରି, ଡକାୟତି, ଲୁଟ୍, ରାହାଜାନି, ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ବ୍ୟାଙ୍କ ଲୁଟ୍ ଘଟଣା ପରେ ଜନସାଧାରଣ ଆତଙ୍କିତ ହୋଇପଡ଼ିଛନ୍ତି।

## ତିହିଡ଼ିରେ ସ୍ମଲ ଫାଇନାନ୍ସ ବ୍ୟାଙ୍କରୁ ୭.୫୫ଲକ୍ଷ ଟଙ୍କା ଲୁଟ୍

ଭଦ୍ରକ, ୧୨।୬(ସନାତନ ରାଉତ)

ଭଦ୍ରକ ଜିଲା ତିହିଡ଼ି ବଜାରସ୍ଥିତ ଏକ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କରେ ବୁଧବାର ୪ଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧି ୭.୫୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବୁଧବାର ରାତିରେ ବ୍ୟାଙ୍କର ଏଜେଣ୍ଟମାନେ ବିଭିନ୍ନ ସ୍ଥାନରୁ ଟଙ୍କା ସଂଗ୍ରହ କରି ଅଫିସ୍‌ରେ ଜମା କରିଥିଲେ। ରାତି ପ୍ରାୟ ୧୦ଟା ସମୟରେ କ୍ୟାଶିୟର ଟଙ୍କା ଗଣି ହିସାବ କରୁଥିବାବେଳେ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହାତରେ ବନ୍ଧୁକ ଏବଂ ମାରଣାସ୍ତ୍ର ଧରି ବ୍ୟାଙ୍କ ଭିତରେ ପ୍ରବେଶ କରିବା ସହିତ କ୍ୟାଶିୟରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଯିବାବେଳେ ବାହାର ପଟୁ ଶଟର ପକାଇ ଦେଇ ଚାଲିଯାଇଥିଲେ। ବ୍ୟାଙ୍କ କର୍ମଚାରୀମାନେ ଭିତରପଟୁ ଶଟର ବାଡ଼େଇବା ସହ ଘର ମାଲିକଙ୍କୁ କଲ୍ କରିଥିଲେ। ପରେ ଘର ମାଲିକ ଶଟର ଖୋଲିବାରୁ ସେମାନେ ବାହାରକୁ ବାହାରିଥିଲେ। ଏନେଇ ବ୍ୟାଙ୍କର ଶାଖା ପରିଚାଳକ ମଳୟ କୁମାର ସାହୁଙ୍କ ଅଭିଯୋଗ କ୍ରମେ ତିହିଡ଼ି ପୋଲିସ ଏକ ମାମଲା(ନଂ. ୨୦୮/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟାଙ୍କ ଏବଂ ଏହାର ଆଖପାଖରେ ଥିବା ସିସିଟିଭି ଯାଞ୍ଚ କରି ପୋଲିସ ଲୁଟେରାମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଛାନ୍‌ଭିନ୍ ଆରମ୍ଭ କରିଛି।

# ବେଙ୍ଗାଲୁରୁରୁ ଗଞ୍ଜାମ ଯୁବକ ଗିରଫ

ଭୁବନେଶ୍ୱର,୧୨।୬ (ସତ୍ୟଜିତ୍ ରାଉତ)

**ଫୁଟ୍‌ବଲ ବେଟିଂ ଆପ୍‌ରେ ୧ ହଜାର କୋଟି ଠକେଇ ମାମଲା**

ଫୁଟ୍‌ବଲ ବେଟିଂ/ଗେମିଙ୍ଗ୍ ଆପ୍(18football.com)ରେ ଦେଶବ୍ୟାପୀ ୧ହଜାର କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଫେରାର ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ବେଙ୍ଗାଲୁରୁରୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ଜିତେନ୍ଦ୍ର ମଲ୍ଲିକ(୨୭)। ଗତ ୪ତାରିଖରେ ଜିତେନ୍ଦ୍ରଙ୍କୁ ଗିରଫ କରାଯାଇ ସ୍ଥାନୀୟ କୋର୍ଟରେ ହାଜର ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ସୋମବାର ବ୍ରହ୍ମପୁର ଓପିଆଇଡି କୋର୍ଟରେ ହାଜର କରାଯିବା ପରେ ଇଓଡବ୍ଲ୍ୟୁ ଜିତେନ୍ଦ୍ରଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ଜେରା କରୁଛି। ଶୁକ୍ରବାର ଜିତେନ୍ଦ୍ରଙ୍କୁ କୋର୍ଟରେ ହାଜର କରାଯାଇ ଜେଲ ଫେରାଇ ନିଆଯିବ। ଏହି ମାମଲାରେ ପୂର୍ବରୁ ପଶ୍ଚିମବଙ୍ଗରୁ ୨, ରାଜସ୍ଥାନ ଓ କେରଳରୁ ଜଣେ ଲେଖାଏ ମୋଟ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି।

ର୍‍ୟାକେଟ୍‌ର ଏଜେଣ୍ଟମାନେ ଭାରତ, ଚାଇନା, ଦୁବାଇ ଆଦି ଦେଶରେ ରହି ଠକେଇ କରୁଥିଲେ। ଆପ୍‌ର ଲିଙ୍କ୍‌କୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ମାଧ୍ୟମରେ ସେମାନେ ପଠାଇବା ପରେ ଆକାଉଣ୍ଟ ଖୋଲି ଫୁଟ୍‌ବଲ୍ ମ୍ୟାଚ୍‌ରେ ଟଙ୍କା ଜମା କରିବାକୁ କହୁଥିଲେ। ଆପ୍‌ରେ ଟଙ୍କା ଲଗାଇଲେ ରିଟର୍ନ ସହ ବୋନସ୍ ଆଦି ମିଳିବାର ଲୋଭ ଦେଖାଉଥିଲେ। ଏପରି କି ଅନ୍ୟ ଲୋକଙ୍କୁ ଏଥିରେ ଯୋଡ଼ିଲେ କମିଶନ ମିଳିବାର ଆଉ ଏକ ଲୋଭ ଦେଖାଯାଉଥିଲା। ବହୁ ସେଲ୍ କମ୍ପାନୀ ଖୋଲି ଟଙ୍କା ନେଣଦେଣ କରୁଥିଲେ। ୨୦୨୧ରେ ଗଞ୍ଜାମର ୮୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଠକେଇରେ ପଡ଼ି ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରାଇଥିଲେ। ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ୨୦୨୩ ଫେବୃଆରୀ ୧୭ରେ ମାମଲା (ନଂ.୬/୨୩) ରୁଜୁକରି ତଦନ୍ତ କରିଥିଲା। ଏଥିରେ ପ୍ରାୟ ୧ହଜାର କୋଟିରୁ ଊର୍ଦ୍ଧ୍ୱ ଠକେଇ ହୋଇଥିବାବେଳେ ଏଯାଏ ୪୪୬ କୋଟି କାରବାରର ତଥ୍ୟ ମିଳିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି। ଗିରଫ ଜିତେନ୍ଦ୍ର ଏହି ଆପ୍‌କୁ ଗଞ୍ଜାମ ସମେତ ରାଜ୍ୟବ୍ୟାପୀ ପ୍ରଚାର ପ୍ରସାର କରିବା ସହ ହୋଟେଲରେ ବୈଠକ କରିଥିଲେ। ସେ ଡାଉନଲାଇନ୍ ମେମ୍ବରଙ୍କୁ ରେଫରାଲ୍ ଲିଙ୍କ୍ ପଠାଇବା ସହ ଠକଙ୍କ ଯୋଗାଯୋଗରେ ରହୁଥିଲେ।

## ଲୁଟେରାଙ୍କୁ କାବୁ ବେଳେ ଗୃହକର୍ତ୍ତାଙ୍କୁ ଭୁଜାଲିରେ ଆକ୍ରମଣ

ସୋର, ୧୨।୬(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ମ୍ୟୁନିସିପାଲିଟି ଅନ୍ନପୂର୍ଣ୍ଣା ରାଇସ ମିଲ୍ ଅଞ୍ଚଳର ହିମାଂଶୁ ଶେଖର ଦାସ ନାମକ ବ୍ୟକ୍ତିଙ୍କ ଘରେ କେହି ନ ଥିବା ବେଳେ ବୁଧବାର ରାତି ପ୍ରାୟ ସାଢେ ୧୧ଟା ବେଳେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଛି। ଲୁଟେରାଙ୍କୁ କାବୁକରିବାକୁ ଯାଇ ଗୃହକର୍ତ୍ତା ହିମାଂଶୁ ଭୁଜାଲି ଆକ୍ରମଣର ଶିକାର ହୋଇଛନ୍ତି। ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ହିମାଂଶୁ ତାଙ୍କ ଘର ପରିବାର ସହିତ ଏକ ଉତ୍ସବରେ ଯୋଗଦେବା ପାଇଁ ଭଦ୍ରକ ଯାଇଥିଲେ। ସେଠାରୁ ୧୧ଟା ୪୫ରେ କାର୍‌ରେ ଘରକୁ ଫେରିଥିଲେ। କାର୍ ଘର ସାମ୍ନାରେ



ରଖିବା ପରେ ଗେଟ୍ ଓ କବାଟ ଖୋଲା ଥିବା ଓ ଘର ଅନ୍ଧାର ଥିବା ଦେଖିଥିଲେ। ଘର ଭିତରକୁ ପଶିବା କ୍ଷଣି ୪ରୁ ୫ଜଣ ଦୁର୍ବୃତ୍ତ ପାଚେରି ଡେଇଁ ପଳାଇଯାଇଥିଲେ। ଜଣେ ଲୁଟେରା କବାଟ କୋଣରେ ରହିଯାଇଥିଲେ। ସମ୍ପୃକ୍ତ ଲୁଟେରାଙ୍କୁ କାବୁକଲା ବେଳେ ହିମାଂଶୁଙ୍କ ସହ ଅଧଘଣ୍ଟା ଧରି ଧସ୍ତାଧସ୍ତି ହୋଇଥିଲା। ଏଥିରେ ଲୁଟେରା ଜଣକ ଏକ ଭୁଜାଲିରେ ତାଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ଏହି ସମୟରେ ସେ ରକ୍ତ ଜୁଡୁବୁଡୁ ହୋଇଥିଲେ ମଧ୍ୟ ସେ ଛାଡି ନ ଥିଲେ। ପରେ ଜଣେ ପଡୋଶୀ ପହଞ୍ଚିଯିବାରୁ ଉଭୟେ ଦୁର୍ବୃତ୍ତଙ୍କୁ କାବୁ କରିନେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ଲୁଟେରାଙ୍କୁ କାବୁ କରି ନେଇଯାଇଥିଲେ। ଲୁଟେରାମାନେ ଘରେ ପଶି ଆଲମିରା ଭାଙ୍ଗି ଏକ ସୁନାଚେନ, ମୁଦି, କାନଫୁଲ ଓ ୨୨ହଜାର ଟଙ୍କା ନେଇଯାଇଥିବା ଜଣାପଡ଼ିଛି। ଲୁଟେରା ଜଣଙ୍କ ଜଗତ୍‌ସିଂହପୁର ଅଞ୍ଚଳର ହୋଇଥିବା ବେଳେ ଅନ୍ୟଜଣଙ୍କୁ ସୋର ଓଭରବ୍ରିଜରୁ କାବୁ କରାଯାଇଛି। ଗୃହକର୍ତ୍ତା ଆୟୁର୍ବେଦିକ୍ ମେଡିଶିନ ଦୋକାନ ମାଲିକ ଅଟନ୍ତି। ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଧାର ଟଙ୍କା ମାଗିବାରୁ ହୋଇଥିଲା ହତ୍ୟା

ପୁରୀ,୧୨।୬(ଅଜିତ୍ କୁମାର ମହାନ୍ତି)

**ସେବାୟତ ଜଗନ୍ନାଥ ଦୀକ୍ଷିତଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ**

ସ୍ନାନପୂର୍ଣ୍ଣିମା ଅବସରରେ ବୁଧବାର ମହାସୁଆର ସାହିର ବରିଷ୍ଠ ସେବାୟତ ଜଗନ୍ନାଥ ଦୀକ୍ଷିତଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ଗୁଡ଼ିଆସାହିର ନାରାୟଣ ପାଟଯୋଶୀଙ୍କୁ ପୋଲିସ ଗିରଫ କରିବା ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ଏକ ହେମଦସ୍ତା ଜବତ ହୋଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୨୪୭/୨୫) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଜଗନ୍ନାଥ ଅବିବାହିତ ଏବଂ ସେ ଶ୍ରୀମନ୍ଦିର ସେବକ ଥିଲେ। ସେ ତାଙ୍କ ଭାଇମାନଙ୍କ ପରିବାର ସଦସ୍ୟଙ୍କ ସହ ହରଚଣ୍ଡୀସାହିର ମହାସୁଆର ସାହିରେ ରହୁଥିଲେ। ତାଙ୍କ ଘରଠାରୁ ପ୍ରାୟ ୩୦୦ ମିଟର ଦୂରରେ ରାବେଣୀ ଚୌରା ଛକ ନିକଟ ଗୁଡ଼ିଆସାହିର ନାରାୟଣ ପାଟଯୋଶୀଙ୍କ ଘର ସମ୍ମୁଖରୁ ତାଙ୍କର ମୃତଦେହ ଜବତ କରାଯାଇଥିଲା। ଅଭିଯୁକ୍ତ ନାରାୟଣ ଜଣେ ଅସାମାଜିକ ବ୍ୟକ୍ତି। ତାଙ୍କର ନିର୍ଯାତନା ଏବଂ ଅଭ୍ୟାସଗତ ନିଶା ଯୋଗୁ ସ୍ତ୍ରୀ ଓ ଏକମାତ୍ର ଝିଅ ଗତ ୭ବର୍ଷ ଧରି ଘର ଛାଡ଼ି ଚାଲିଯାଇଛନ୍ତି। ତାଙ୍କ ବୃଦ୍ଧା ମା’ ଓ ସାନ ଭାଇ ଅଲଗା ରହୁଛନ୍ତି। ଗୌଡ଼ବାଡ଼ ସାହିର ମାଛ ମାର୍କେଟରେ ଏକ ଛୋଟ ଟିଫିନ୍ ଦୋକାନ କରି ସେ ଚଳନ୍ତି। ସେ ଦୁଇବର୍ଷ ପୂର୍ବରୁ ଜଗନ୍ନାଥଙ୍କଠାରୁ କିଛି ଟଙ୍କା ଋଣ ନେଇଥିଲେ। କିନ୍ତୁ ବାରମ୍ବାର କହିବା ସତ୍ତ୍ୱେ ଟଙ୍କା ଦେଇ ନ ଥିଲେ। ଜଗନ୍ନାଥ ତାଙ୍କୁ ଗାଳି ଦେଇଥିଲେ। ଏଥିରେ ନାରାୟଣ କ୍ରୋଧିତ ହୋଇ ଜଗନ୍ନାଥଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ବୁଧବାର ହାଟମୁଣ୍ଡ ଛକ ନିକଟରେ ତାଙ୍କୁ ଏକୁଟିଆ ପାଇ ସେ ଘରକୁ ଡାକିଥିଲେ। ନାରାୟଣଙ୍କ ଘରେ ଜଗନ୍ନାଥ ବସିଥିବା ବେଳେ ତାଙ୍କ ମୁହଁକୁ ତକିଆରେ ଚାପି ହତ୍ୟା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ବିବାଦ ହେବାରୁ ନାରାୟଣ ଲୁହା ହେମଦସ୍ତା ବାଡ଼ିରେ ତାଙ୍କ ମୁହଁକୁ ଆକ୍ରମଣ କରିଥିଲେ। ଫଳରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତ ପାଣିରେ ପଡ଼ିଥିବା ରକ୍ତ ପୋଛିବା ସହ ମୃତଦେହକୁ ଅପରାହ୍ନ ପ୍ରାୟ ୩ଟା ୧୦ରେ ତାଙ୍କ ଘର ସମ୍ମୁଖ ରାସ୍ତାରେ ଫିଙ୍ଗି ଦେଇଥିଲେ। ଏହାପରେ ସେ ସାଇକେଲରେ ତାଙ୍କ ଶ୍ୱଶୁର ଘର ଶାସନ ଦାମୋଦରପୁର ପଳାଇଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ପାଖ ଘରମାଲିକଙ୍କ ସିସିଟିଭି କ୍ୟାମେରାରେ ନାରାୟଣ ଜଗନ୍ନାଥଙ୍କୁ ରାସ୍ତାରେ ଫିଙ୍ଗୁଥିବା ଦୃଶ୍ୟ କଏଦ ରହିଥିଲା।

## ସାଧୁ ବେଶରେ ରାଜପଥରେ ଲୁଟ୍

**ଜଣେ ଗିରଫ**



ସାକ୍ଷୀଗୋପାଳ,୧୨।୬(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପାଖେଇ ଆସୁଛି ରଥଯାତ୍ରା। ପ୍ରତିବର୍ଷ ଭଳି ରଥଯାତ୍ରାରେ ସାଧୁସନ୍ଥଙ୍କ ସମାଗମ ଲାଗିବ। ମାତ୍ର ଏହି ଧର୍ମୀୟ ଭାବନା ଆଳରେ ଭୁବନେଶ୍ୱର-ପୁରୀ ୩୧୬ନଂ. ଜାତୀୟ ରାଜପଥରେ ଗୁରୁବାର ମଧ୍ୟାହ୍ନରେ ସାଧୁ ବେଶରେ ୩ ଜଣ ଭଣ୍ଡବାବା ଲୋକଙ୍କୁ ଲୁଟ୍ ଅଭିଯୋଗରେ ସତ୍ୟବାଦୀ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ହେଲେ ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ହେଲେ ହରିୟାନା ସୋନୀପଟ ବିକାଶ ନଗରର ରଞ୍ଜନ ସିଂହ ଓରଫ ନାଥ (୨୫)। ଏନେଇ ପୋଲିସ ୧୮୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କୋର୍ଟରେ ହାଜର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି।

ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅଗରପୁରର ସୌମ୍ୟରଞ୍ଜନ ସାହୁ, ତାଙ୍କ ବାପା ଲକ୍ଷ୍ମୀଧର ସାହୁ ଓ ସାନଭାଇ ଆଶିଷ ସୁବୁଦ୍ଧି ଏକ କାରରେ ପିପିଲିରୁ ଘରକୁ ଫେରୁଥିଲେ। ଏହି ସମୟରେ ପଟ୍ଟନାଇକିଆ ଛକରେ ଦେହରେ ଲାଲବସ୍ତ୍ର, ଭସ୍ମ, ସିନ୍ଦୂର, କଜଳ ଲଗାଇଥିବା ୩ ଜଣ ସାଧୁ ସେମାନଙ୍କୁ ଅଟକାଇଥିଲେ। ସେମାନେ ସାଧୁଙ୍କୁ ତାଙ୍କ ପର୍ସରୁ କାଢି କିଛି ଟଙ୍କା ଦେଉଥିବାବେଳେ ଜଣେ ସାଧୁ ସେମାନଙ୍କ ପର୍ସରେ କିଛି ଭସ୍ମ ଓ ଫୁଲଭର୍ତ୍ତି କରିବା ସହ ୫୦୦ ଟଙ୍କିଆ ୩୦ ହଜାର ଟଙ୍କା ଝାମ୍ପି ନେଇଥିଲେ। ସୌମ୍ୟ ଓ ତାଙ୍କ ବାପା ପାଟି କରି ସାଧୁଙ୍କୁ ପିଛା କରିବାରୁ ସେମାନେ ଧମକ ଦେଇଥିଲେ। ଏହି ସମୟରେ ସାଧୁ ବେଶଧାରୀ ରଞ୍ଜନଙ୍କୁ ଲୋକେ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରଞ୍ଜନଙ୍କୁ ଗିରଫ କରିଥିଲା।

## ଜଙ୍ଗଲରେ ଅଜଣା ବ୍ୟକ୍ତିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ

ରାଉରକେଲା,୧୨।୬ (ସଙ୍ଗୀତା ଜେନା)

**ହତ୍ୟା ସନ୍ଦେହ**

ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୭/୧୭ ଛକ ନିକଟ ଜଙ୍ଗଲରୁ ଗୁରୁବାର ପୂର୍ବାହ୍ନ ୧୦ଟାରେ ଏକ ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ନିକଟରେ ପୋଡ଼ିଯାଇଥିବା ମୋବାଇଲ ଫୋନ୍ ଏବଂ ଏକ ହଳ ଚପଲ ପଡିଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ତେବେ କେଉଁ ପରିସ୍ଥିତିରେ ମୃତ୍ୟୁ ହୋଇଛି ସେ ନେଇ ପୋଲିସ ତଦନ୍ତ କରୁଛି। ମୃତଦେହକୁ ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖାଯାଇଛି। ଏ ନେଇ ସେକ୍ଟର-୧୫ ଥାନାରେ ଏକ ମାମଲା (ନଂ.୧୬/୨୫) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ସେକ୍ଟର-୭/୧୭ ଛକସ୍ଥିତ ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତି ପଛପାର୍ଶ୍ୱରେ ଏକ ଜଙ୍ଗଲ ରହିଛି। ଗୁରୁବାର ପୂର୍ବାହ୍ନ ୧୦ଟାରେ କିଛି କାଠ ଗୋଟାଳିଏଠାକୁ ଜାଳେଣି କାଠ ଅନ୍ୱେଷଣରେ ଯାଇଥିବା ବେଳେ ଉକ୍ତ ଅର୍ଦ୍ଧଦଗ୍ଧ ମୃତଦେହ ଦେଖି ପୋଲିସକୁ ସୂଚନା ଦେଇଥିଲେ। ମୃତଦେହ ନିକଟରେ ମୋବାଇଲ ଓ ଅନ୍ୟ ସାମଗ୍ରୀର ପୋଡା ଅଂଶ ପଡିରହିଥିଲା। ଏପରିକି ନିଆଁ ଯୋଗୁ ପାଖ ଗଛଗୁଡ଼ିକ ଜଳିଯାଇଥିବା ମଧ୍ୟ ଦେଖାଯାଇଥିଲା। ସୂଚନା ପାଇ ଜୋନ୍-୧ ଭାରପ୍ରାପ୍ତ ଡିଏସ୍‌ପି ଯୋଗେଶ ପଣ୍ଡା, ଥାନାଧିକାରୀ ପ୍ରତିଭା ମଞ୍ଜରୀ ସାହୁଙ୍କ ସମେତ ଫରେନ୍‌ସିକ୍ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ଏ ସମ୍ପର୍କରେ ଡିଏସ୍‌ପି ପଣ୍ଡା କହିଛନ୍ତି, ଏହା ୩ ଦିନ ପୁରୁଣା ମୃତଦେହ ବୋଲି ସନ୍ଦେହ କରାଯାଉଛି। ଶରୀରରେ କୌଣସି କ୍ଷତ ଚିହ୍ନ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପଣ୍ଡା କହିଥିଲେ। ତେବେ ରିଂରୋଡ୍‌ରୁ ପ୍ରାୟ ୮୦ମିଟର ଦୂରରେ ଏପରି ଘଟଣା ହୋଇଥିବା ଯୋଗୁ ଏହା ଏକ ସୁପରିକଳ୍ପିତ ହତ୍ୟା ଘଟଣା ବୋଲି ଚର୍ଚ୍ଚା ହେଉଛି।

## କୋରାପୁଟରୁ ଦିଲ୍ଲୀ ଗଞ୍ଜେଇ ଚାଲାଣ, ୩ ମହିଳା ଗିରଫ

କୋରାପୁଟ,୧୨।୬(ଅମିତାଭ ବେହେରା)

କୋରାପୁଟ ରେଳ ଷ୍ଟେଶନରୁ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ୩ ମହିଳାଙ୍କୁ ଜିଆର୍‌ପି ଓ ଆର୍‌ପିଏଫ୍ ପୋଲିସ ଗୁରୁବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦିଲ୍ଲୀର ମୋନିକା, ରାଧିକା ଓ ଶର୍ମିଳା। ସୂଚନା ଅନୁଯାୟୀ, ୩ ଜଣ ମହିଳା ବ୍ୟାଗ୍‌ରେ ଗଞ୍ଜେଇ ନେଇ ଜୟପୁରରୁ କିରାଣ୍ଡୁଲ-ବିଶାଖାପାଟଣା ଟ୍ରେନ୍‌ର ସାଧାରଣ ବଗିରେ ବିଶାଖାପାଟଣା ଓ ସେଠାରୁ ଦିଲ୍ଲୀ ଯିବାକୁ ବାହାରିଥିଲେ। ଷ୍ଟେଶନରେ କାର୍ଯ୍ୟରତ ଆର୍‌ପିଏଫ୍ ଓ ଜିଆର୍‌ପି ପୋଲିସ ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସନ୍ଦେହ କରି ଯାଞ୍ଚ କରିଥିଲେ। ୩ ମହିଳାଙ୍କୁ ପଚରାଉଚରା କରିବାରୁ ସେମାନଙ୍କ ବ୍ୟାଗ୍‌ରେ ଛୋଟ ଛୋଟ ପ୍ୟାକେଟରେ ଥିବା ୩୦ କେଜି ଗଞ୍ଜେଇ ଜବତ କରିଥିଲେ। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁକରିଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଆର୍‌ପି ଥାନା ଓଆଇସି ସନ୍ତୋଷିନୀ ମହନ୍ତ ପ୍ରକାଶ କରିଛନ୍ତି।

## ଚୋରାମଦ ବେପାରୀଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ

ବାଲୁଗାଁ,୧୨।୬(ସଂଗ୍ରାମ ପାଇକରାୟ)

ଏକ ଚୋରାମଦ କାରବାର ମାମଲାର ବିଚାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି । ଅଭିଯୁକ୍ତ ହେଲେ ବାଲୁଗାଁ ଥାନା ଅଧୀନ କାନ୍ଥମାଳ ଆଙ୍କୁଲା ଗ୍ରାମର ବୃନ୍ଦାବନ ଜୁଝାରସିଂହ(୫୦)। ଜରିମାନା ଅନାଦାୟେ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ଗତ ଜାନୁଆରୀ ୩୦ ତାରିଖ ସନ୍ଧ୍ୟା ୭ଟାରେ ବାଲୁଗାଁ ଥାନା ଏସ୍‌ଆଇ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ସଦଳବଳ ପାଟ୍ରୋଲିଂ କରୁଥିବା ବେଳେ ବାଇପାସ୍ ରାସ୍ତାର ସରନଇ ଓଭରବ୍ରିଜ ନିକଟରେ ବେଆଇନ ମଦ କାରବାର ଚାଲିଥିବା ନେଇ ସୂଚନା ମିଳିଥିଲା। ସଙ୍ଗେ ସଙ୍ଗେ ଉକ୍ତ ସ୍ଥାନରେ ଚଢ଼ାଉ କରି ସମ୍ପୃକ୍ତ ବ୍ୟବସାୟୀ ବୃନ୍ଦାବନଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୬୫ ପ୍ୟାକେଟ ଦେଶୀମଦ ଜବତ କରିଥିଲେ। ଏ ସମ୍ପର୍କରେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୩୨/୨୫)ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା।

## କନ୍ଧମାଳରେ ମାଓବାଦୀ ଡମ୍ପ୍ ଠାବକଲା ବିଏସ୍‌ଏଫ୍



ଜବତ ମାଓସାମଗ୍ରୀ।

ଭୁବନେଶ୍ୱର,୧୨।୬ (ସତ୍ୟଜିତ୍ ରାଉତ)

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଗୁରୁବାର କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ଖାମନଖୋଲ ପଞ୍ଚାୟତ କାନିବାଲି ଗାଁ ନିକଟ ଜଙ୍ଗଲରେ ସର୍ଚ୍ଚ ଅପରେଶନ୍ କରି ଏକ ମାଓବାଦୀ ଡମ୍ପ୍ ଠାବକରିଛି। ଏହି ଡମ୍ପ୍‌ରେ ବିସ୍ଫୋରକ ସାମଗ୍ରୀ ସମେତ ମାଓବାଦୀଙ୍କ ଦୈନନ୍ଦିନ ବ୍ୟବହାରୀ ସାମଗ୍ରୀ ରହିଥିଲା। ବିସ୍ଫୋରକ ସାମଗ୍ରୀ ମଧ୍ୟରେ ୮ଟି ଡେଟୋନେଟର ଓ ବ୍ୟବହାର ପାଇଁ ଆଲୁମିନିୟମ ଫଏଲରେ ଥିବା ୯ଟି ବିସ୍ଫୋରକ ସାମଗ୍ରୀ ରହିଛି। ଏଥିସହ ପାୱାର ବ୍ୟାଙ୍କ, ତାର, ୨ଟି ବ୍ୟାଟେରି, ଷ୍ଟିଲ୍ ଟିଫିନ୍ ଆଦି ମଧ୍ୟ ଜବତ କରାଯାଇଛି। ଠାବ ହୋଇଥିବା ସାମଗ୍ରୀକୁ ବିଏସ୍‌ଏଫ୍ ପକ୍ଷରୁ ବାଲିଗୁଡ଼ା ପୋଲିସକୁ ହସ୍ତାନ୍ତର କରାଯାଇଛି। ବିଏସ୍‌ଏଫ୍‌ର ପଦକ୍ଷେପ ଫଳରେ ସ୍ଥାନୀୟ ଅଞ୍ଚଳରେ ମାଓବାଦୀମାନେ ଘଟାଇବାକୁ ଥିବା ସମ୍ଭାବ୍ୟ ବଡ଼ ଅଘଟଣକୁ ଏଡାଇ ଦିଆଯାଇଛି। ସୁରକ୍ଷା ବାହିନୀ ଏବଂ ସ୍ଥାନୀୟ ଲୋକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଅଧିକ ସର୍ଚ୍ଚ ଅଭିଯାନ ଚାଲୁ ରହିବ ବୋଲି ବିଏସ୍‌ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବିଏସ୍‌ଏଫ୍ କନ୍ଧମାଳ ଏବଂ ମାଲକାନଗିରି ଜିଲାରେ ମଧ୍ୟ ଦୃଢ଼ ଉପସ୍ଥିତି ବଜାୟ ରଖି ସର୍ଚ୍ଚ ଅପରେଶନ ଜାରି ରଖିଛି। ବାକି ଥିବା ମାଓବାଦୀ ଭିତ୍ତିଭୂମିକୁ ନଷ୍ଟ ଏବଂ ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ବିଏସ୍‌ଏଫ୍ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ମାଲକାନଗିରି ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଜାମିନ

ମାଲକାନଗିରି,୧୨।୬(ଗୌରୀଶଙ୍କର ପଣ୍ଡା)

**ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ମୃତ୍ୟୁ ମାମଲା**

ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ମାମଲାରେ ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲ ଶେଷରେ ଗୁରୁବାର ମାଲକାନଗିରି ଏସଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଜାମିନ ମିଳିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଆତ୍ମସମର୍ପଣ କରିଥିଲେ। ପରେ ତାଙ୍କ ଓକିଲ ଜାମିନ ପାଇଁ ଆବେଦନ କରିଥିଲେ। ୫୦ ହଜାର ଲେଖାଏ ଦୁଇଟି ମୁଚାଲିକାରେ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଅଗ୍ରୱାଲ ଜିଲାପାଳ ଥିବା ସମୟରେ ତାଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମାଲକାନଗିରି ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତଦନ୍ତ ପରେ ପଣ୍ଡା ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ଏହାକୁ ଚ୍ୟାଲେଞ୍ଜକରି ତାଙ୍କ ସ୍ତ୍ରୀ ବନଜା ପଣ୍ଡା ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ୱାନ୍‌ସିସି ମାମଲା ରୁଜୁ କରିଥିଲେ। ଏହାକୁ ଆଧାରକରି



ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ନିଆଯାଉଛି।

ପୋଲିସ ୩୦୨ ଦଫାରେ ମାମଲା ରୁଜୁ କରିଥିଲା। ଏହାପରେ ଏସ୍‌ଡିଜେଏମ୍ ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲ ଓ ଅନ୍ୟ ୩ ଜଣଙ୍କୁ କୋର୍ଟରେ ହାଜରହେବା ଲାଗି ସମନ ଜାରି କରିଥିଲେ। ଏହାକୁ ଚ୍ୟାଲେଞ୍ଜକରି ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ହାଇକୋର୍ଟ ଦଫା ୩୦୨ ପରିବର୍ତ୍ତେ ୩୦୬ ରେ ଟ୍ରାଏଲ ଲାଗି ତଳ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜକରି ଅଗ୍ରୱାଲ ସୁପ୍ରିମକୋର୍ଟକୁ ଯାଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ଅର୍ଡରକୁ କାଏମ ରଖିଥିଲେ। ଏହାପରେ ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ପାଇଁ ଅଭିଯୁକ୍ତମାନଙ୍କୁ ନୋଟିସ ହୋଇଥିଲା । ନୋଟିସ ପରେ ଏମାନେ ଆଗୁଆ ଜାମିନ ଲାଗି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଥିଲେ । ଏହାପରେ ଅଗ୍ରୱାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ କୋର୍ଟ କେବଳ ଅଗ୍ରୱାଲଙ୍କୁ ଅନ୍ତରୀଣ ଜାମିନ ସହ ତଳ କୋର୍ଟରେ ଆତ୍ମସମର୍ପଣ କରି ବେଲ୍ ବଣ୍ଡରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଅଗ୍ରୱାଲ ଆତ୍ମସମର୍ପଣ କରି ଗୁରୁବାର ୨ଜଣ ଜାମିନଦାରଙ୍କ ମୁଚାଲିକାରେ ବେଲ୍ ବଣ୍ଡ ଦେଇ ଜାମିନ ପାଇଛନ୍ତି । ଅନ୍ୟ ୨ଜଣ ଭି.ବେଣୁ ଓ ପ୍ରକାଶ କୁମାର ସ୍ୱାଇଁଙ୍କର ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି । ମାମଲାକୁ ଆଇନଜୀବୀ ନୃସିଂହ ଚରଣ ମହାନ୍ତି ପରିଚାଳନା କରୁଛନ୍ତି । ସୂଚନାଯୋଗ୍ୟ, ମନୀଷ ଅଗ୍ରୱାଲଙ୍କର ଏହି ମାମଲା ଆସନ୍ତା ଜୁଲାଇ ୨୨ରେ ପୁନର୍ବାର ଶୁଣାଣି ରହିଛି । ଏହି ମାମଲାରେ ଜଣେ ଅଭିଯୁକ୍ତ ଭଗବାନ ପାଣିଗ୍ରାହୀଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ହାଇକୋର୍ଟ ପୂର୍ବରୁ ଜାମିନ ଦେଇଛନ୍ତି।

# ଲିୱାଣ୍ଡୋସ୍କିଙ୍କ ସହିତ ବିବାଦ ପରେ ପୋଲାଣ୍ଡ କୋଚ୍‌ଙ୍କ ଇସ୍ତଫା



କୋଚ୍ ମିଚାଲ ପ୍ରୋବିର୍ଜ ଓ ରବର୍ଟ ଲିୱାଣ୍ଡୋସ୍କି।

ୱାରସ (ପୋଲାଣ୍ଡ), ୧୨।୬ (ଏପି): ଷ୍ଟାର ଷ୍ଟ୍ରାଇକର ରବର୍ଟ ଲିୱାଣ୍ଡୋସ୍କିଙ୍କ ସହିତ ବିବାଦ ପରେ ପୋଲାଣ୍ଡ ଜାତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ମିଚାଲ ପ୍ରୋବିର୍ଜ ଗୁରୁବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଜାତୀୟ ଦଳର ହିତ ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ ବୋଲି ସେ ମନେକଲେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ସପ୍ତାହ ପ୍ରାରମ୍ଭରେ ଖେଳାଯାଇଥିବା ଫିନ୍‌ଲାଣ୍ଡ ବିପକ୍ଷ ଏକ ବିଶ୍ୱକପ୍ କ୍ୱାଲିଫାୟର ମ୍ୟାଚ ପୂର୍ବରୁ ବାର୍ସେଲୋନା ଷ୍ଟ୍ରାଇକର ଲିୱାଣ୍ଡୋସ୍କିଙ୍କୁ ଅଧିନାୟକ ପଦବୀରୁ ହଟାଇ ଦେଇଥିଲେ ପ୍ରୋବିର୍ଜ। ତାଙ୍କ ସ୍ଥାନରେ ସେ ଇଣ୍ଟର ମିଲାନ ମିଡ୍‌ଫିଲ୍ଡର ପିଓଟ୍ର ଜେଲିନ୍‌ସ୍କିଙ୍କୁ ନୂଆ ଅଧିନାୟକ ଭାବେ ମନୋନୀତ କରିଥିଲେ। ଏହି ନିଷ୍ପତ୍ତିରେ ଲିୱାଣ୍ଡୋସ୍କି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ କହିଥିଲେ, ପ୍ରୋବିର୍ଜ ଯେପର୍ଯ୍ୟନ୍ତ ମୁଖ୍ୟ କୋଚ୍ ଥିବେ ସେ ପର୍ଯ୍ୟନ୍ତ ସେ ଜାତୀୟ ଦଳରୁ ଖେଳିବେ ନାହିଁ। ଘଟଣାକ୍ରମେ ଫିନ୍‌ଲାଣ୍ଡ ବିପକ୍ଷ ଏହି ମ୍ୟାଚ ପୋଲାଣ୍ଡ ୨-୧ରେ ପରାଜିତ ହୋଇଥିଲା। ଫଳରେ ଦଳର ବିଶ୍ୱକପ ଯୋଗ୍ୟତା ହାସଲ ଆଶା ମଉଳିଯାଇଛି। ୩୬ବର୍ଷୀୟ ଲିୱାଣ୍ଡୋସ୍କି ତାଙ୍କ ଦେଶ ତରଫରୁ ରେକର୍ଡ ୧୫୮ ଗେମ୍ ଖେଳିଛନ୍ତି। ସେ ୮୫ ଗୋଲ୍ ସହ ଅଗ୍ରଣୀ ଗୋଲ୍ ସ୍କୋରର ମଧ୍ୟ ରହିଛନ୍ତି। ପୋଲାଣ୍ଡ ଫୁଟ୍‌ବଲ ଇତିହାସରେ ତାଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଇ ଆସୁଛି। ଚଳିତ ସିଜନରେ ବାର୍ସେଲୋନା ସହ ଲା-ଲିଗା ଟାଇଟଲ ଜିତିବା ପରେ ସେ କ୍ଳାନ୍ତ ହୋଇପଡ଼ିଥିବା ଦର୍ଶାଇ ଲିୱାଣ୍ଡୋସ୍କି ଶୁକ୍ରବାର ମାଲଡୋଭା ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରୁ ଓହରିଯାଇଥିଲେ। ସୂଚନାଯୋଗ୍ୟ, ପ୍ରୋବ୍ରିଜ ୨୦୨୩ ସେପ୍ଟେମ୍ବରରେ ଫର୍ଣ୍ଣାଣ୍ଡୋ ସାଣ୍ଟୋସଙ୍କ ସ୍ଥାନରେ ନିଯୁକ୍ତି ପାଇଥିଲେ। ସାଣ୍ଟୋସଙ୍କ ସମୟରେ ପୋଲାଣ୍ଡ କେବଳ ୨୦୨୪ ୟୁରୋପିଆ ଚାମ୍ପିୟନଶିପ୍ ପାଇଁ କୌଣସି ମତେ ଯୋଗ୍ୟତା ହାସଲ କରିପାରିଥିଲା।

# ଆର୍ଜେଣ୍ଟିନାଠାରୁ ହାରିଲା ଭାରତ

ଆମଷ୍ଟିଲ୍‌ଭିନ୍, ୧୨।୬ (ପି.ଟି.): ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକିର ୟୁରୋପିଆନ ଲେଗ୍‌ରେ ଭାରତୀୟ ପୁରୁଷ ହକି ଦଳ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। ଗୁରୁବାର ମ୍ୟାଚରେ ଦଳ ଆର୍ଜେଣ୍ଟିନାଠାରୁ ୧-୨ ଗୋଲ୍‌ରେ ପରାଜିତ ହୋଇଛି। ବିଳମ୍ବରେ ଭାରତ ଏକ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରିଥିଲା। ମାତ୍ର ଏକ ନାଟକୀୟ ପରିସ୍ଥିତିରେ ଭାରତକୁ ଆଉଥରେ ପେନାଲ୍ଟି ଶଟ୍ ମାରିବାକୁ କୁହାଯାଇଥିଲା। କିନ୍ତୁ ଯୁଗରାଜ ସିଂ ଗୋଲ୍ କରିବାରେ ବିଫଳ ହୋଇଥିଲେ। ମ୍ୟାଚରେ ଡ୍ରାଗ୍ ଫ୍ଲିକର ଯୁଗରାଜ ସିଂ ଚତୁର୍ଥ ମିନିଟ୍ ପ୍ରଥମ ପେନାଲ୍ଟି କର୍ଣ୍ଣରୁ ଗୋଲ୍‌ରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ପରେ ଟୋମାସ ଡୋମିନୋ (୯ମ ଓ ୪୯ତମ ମିନିଟ) ଦୁଇଟି ଗୋଲ୍ ସ୍କୋର କରି ଆର୍ଜେଣ୍ଟିନାକୁ ବିଜୟୀ କରାଇଥିଲେ। ଦୁଇଟିଯାକ ଗୋଲ୍ ସେ ପେନାଲ୍ଟି କର୍ଣ୍ଣରୁ ଦେଇଥିଲେ।

# ଶୁଚିଙ୍କ ସ୍ଥାନରେ ରାଧା ଯାଦବ

## ମହିଳା କ୍ରିକେଟ

ମୁମ୍ବାଇ, ୧୨।୬ (ପି.ଟି.)

ଭାରତୀୟ ମହିଳା କ୍ରିକେଟ ଦଳ ଇଂଲଣ୍ଡ ଟୁର୍‌ରେ ଯିବ। ଜୁନ୍ ୨୮ରୁ ଆରମ୍ଭ ହେବାକୁଥିବା ଏହି ଟୁରରେ ଭାରତ ସେଠାରେ ୫ ଅନ୍ତର୍ଜାତୀୟ ଟି୨୦ ଓ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ଶୁଚି ଉପାଧ୍ୟାୟ ଆଘାତପ୍ରାପ୍ତ ହୋଇଥିବାରୁ ତାଙ୍କ ସ୍ଥାନରେ ବାମହାତି ସ୍ପିନର ରାଧା ଯାଦବଙ୍କୁ ଦଳରେ ସାମିଲ କରାଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଗୁରୁବାର ସୂଚନା ଦିଆଯାଇଛି। ୨୦ ବର୍ଷୀୟା ବାମହାତି ସ୍ପିନର ଉପାଧ୍ୟାୟ ଗତ ମାସରେ ଶ୍ରୀଲଙ୍କାରେ ଅନୁଷ୍ଠିତ ଏକ ତ୍ରିରାଷ୍ଟ୍ରୀୟ ସିରିଜରେ ତାଙ୍କର ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ତାଙ୍କ ବାମ ଗୋଡ଼ରେ ଆଘାତ ଲାଗିଛି। ନଟିଙ୍ଗହାମ୍‌ଠାରେ ଜୁନ୍ ୨୮ରେ ଓପନିଂ ଅନ୍ତର୍ଜାତୀୟ ଟି୨୦ ଖେଳି ମହିଳା ଦଳ ଏହାର ଟୁର୍ ଆରମ୍ଭ କରିବ। ଦ୍ୱିତୀୟ ମ୍ୟାଚ ଜୁଲାଇ ୧ରେ ବ୍ରିଷ୍ଟଲଠାରେ ଖେଳାଯିବ। ତୃତୀୟ ଅନ୍ତର୍ଜାତୀୟ ଟି୨୦ ଜୁଲାଇ ୪ରେ, ଚତୁର୍ଥଟି ଜୁଲାଇ ୯ରେ ମାଞ୍ଚେଷ୍ଟରଠାରେ ଏବଂ ୫ମଟି ଜୁଲାଇ ୧୨ରେ ବର୍ମିଂହାମ୍‌ରେ ଖେଳାଯିବ। ତିନୋଟି ଅନ୍ତର୍ଜାତୀୟ ଦିନିକିଆ ଯଥାକ୍ରମେ ଜୁଲାଇ ୧୬, ୧୯ ଓ ୨୨ରେ ସାଉଥାମ୍ପଟନ, ଲର୍ଡ୍‌ସ ଓ ଚେଷ୍ଟର-ଲି ଷ୍ଟ୍ରିଟ୍‌ରେ ଆୟୋଜନ କରାଯାଇଛି। **ଭାରତୀୟ ମହିଳା ଟି୨୦ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ୱିକେଟକିପର), ଯାସ୍ତିକା ଭାଟିଆ (ୱିକେଟକିପର), ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାଣୀ, ଅମନଜୋତ କୌର, ଅରୁନ୍ଧତି ରେଡ୍ଡି, କ୍ରାନ୍ତି ଗୌଡ଼, ସାୟଲି ସତ୍‌ଘାରେ ଓ ରାଧା ଯାଦବ। **ଦିନିକିଆ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ୱିକେଟକିପର), ଯାସ୍ତିକା ଭାଟିଆ (ୱିକେଟକିପର), ତେଜାଲ ହାସାବନିସ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାଣୀ, ଅମନଜୋତ କୌର, ଅରୁନ୍ଧତି ରେଡ୍ଡି, କ୍ରାନ୍ତି ଗୌଡ଼, ସାୟଲି ସତ୍‌ଘାରେ ଓ ରାଧା ଯାଦବ।


## OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION

AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com

**TENDER CALL NOTICE**

No. : 1921 Date : 10.06.2025

No.MM-85 : The DEPUTY DIRECTOR, SIMILIPAL NORTH WL DIVISION, JASHIPUR on behalf of Governor of Odisha invites Percentage Rate bids to be received in offline mode for Supply and installation of Solar High Mast Light required for different location under Similipal North Wildlife Division, Jashipur.

| | | |
|---|---|---|
| 1. | Nature of work | Supply and installation of Solar High Mast Light required for different location under Similipal North Wildlife Division, Jashipur |
| 2. | Cost of tender | Rs.6000/- (Six Thousand) only |
| 3. | Date & time of availability of tender document | Tender Documents for Supply and installation of Solar High Mast Light required for different location under Similipal North Wildlife Division, Jashipur, on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur from 13.06.2025 (during office time) to 11.00 AM of 21.06.2025 |
| 4. | Receipt of bid documents | Through Direct Deposit by hand / Registered post/ Speed post/ Courier service to the Deputy Director, O/o the Deputy Director, Similipal North (WL) Division, At- Matiagarh Chhaka, P.O.- K. Jashipur, Dist.- Mayurbhanj, Pin- 757091 on or before 21.06.2025 by 12.00. |
| 5. | Date & time of opening of technical bid | Dt.21.06.2025 at 12.30 hours onwards |
| 6. | Receipt of bid Cost, bid security, documents | Earnest Money Deposit (EMD) of Rs. 10000/- (Rupees Ten Thousand) Only shall be submitted along with Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur. The EMD will be refunded to the unsuccessful bidder. The EMD for the successful bidder will be released only after completion of the tender period |
| 7. | The undersigned reserves the right to accept/ reject any or all Tender without assigning any reason thereof | |
| 8. | Also view the tender notice and document in official webpage of Similipal Tiger Reserve (https://similipal.org/tender.php) | |

OIPR-08133/11/0015/2526 Sd./- Deputy Director, Similipal (North) WL Division, Jashipur

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, KESINGA

E_mail:eerwkesinga@yahoo.com
e-Procurement Notice
BID IDENTIFICATION NO.RWKSNG-online-01/25-26

No.O-277:1. Name of Works: Road Works (As per annexure). 2. Total No. of Work: 1 No. 3. Estimated Cost: Rs.41.94 Lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: "B" Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | RWKSNG- on-line-01/ 25-26 | 13.06.2025 at 1.00 A.M. | 25.06.2025 upto 17.00 P.M. | 20.06.2025 upto 11.00 A.M. | 26.06.2025 at 11.00 A.M. |

Further details can be seen from the Website i.e. www.tenderodisha.gov.in

OIPR-25153/11/0012/2526 Sd./- Executive Engineer, Rural Works Division, Kesinga

## QUOTATION CALL NOTICE

No.N-89 : Sealed Quotations are invited from Registered farms having GST registration for Procurement of I.T materials within 7 days of publication of this advertisement in accordance with the specification laid down by D.H.E Letter No - 12655, Dated-05.03.2025.

For details contact College website :- www.nialicollege.ac.in

Sd./- Principal
OIPR-11176/11/0001/2526 Niali College, Niali, Cuttack

## OFFICE OF THE SUPERINTENDENT, VSS INSTITUTION OF MEDICAL SCIENCES & RESEARCH, BURLA, SAMBALPUR, ODISHA-768017

E-MAIL : vimsarsuptd@gmail.com
No.8537/VIMSAR Dated, Burla, 10.06.2025

**TENDER CALL NOTICE**

No.E-163 : Sealed Tenders are hereby invited by the undersigned from the eligible bidders who are registered in India as a Company /Firms/ Society/ Trust and must have registration Certificate under relevant Act/ Rule of the State or Central Government for Out Sourcing of Diet Services ( Dry, Cooked and Liquid) to the Indoor patients of VIMSAR, Burla for the year 2025-26. The last date of submission of tender paper is dt. 19.07.2025 up to 5.00 P.M.

The detailed terms and conditions of Tender Call Notice can be downloaded from Dist. website https://sambalpur.odisha.gov.in or from https://www.vimsar.ac.in

The hospital authority reserves the right to reject any or all the tenders without assigning any reasons thereof.

Sd./- Superintendent
OIPR-10187/11/0036/2526 VSS IMSAR, Burla

## OFFICE OF THE MANAGING DIRECTOR, WATCO

No.C-505

Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India
Telefax : +91-674-2391444 / E-Mail : watcoodisha@gmail.com

INVITATION FOR BID (IFB)
Bid Identification No. WATCO (W) - 09/2025-26 Dtd. : 11.06.2025
WATCO No. 4201 Dated : 11.06.2025

| | | |
|---|---|---|
| 1 | Name of the Work | 1. Sewerage Network and Pumping Station for slums from ward no.24 to 26 in BMC area. 2. Sewerage Network and Pumping Station for Slums from ward no.62 to 65 in BMC area. 3. Sewerage Network and Pumping Station for Slums from ward no.66 to 67 in BMC area. |
| 2 | Estimated Cost | 1. Rs.1201.19 Lakh 2. Rs.1313.58 Lakh 3. Rs.1240.31 Lakh |
| 3 | Period of Completion | 1. 12 (Twelve) Months 2. 12 (Twelve) Months 3. 12 (Twelve) Months |
| 4 | Date and time of availability of bid document in the portal | From 11.00 A.M. of Dt.18.06.2025 to 5.00 P.M. of 07.07.2025 |
| 5 | Last Date / Time of receipt of bids in the Portal | 5.00 P.M. of 07.07.2025 |
| 6 | Date and time of opening of technical bids | 12.30 P.M. of 08.07.2025 |
| 7 | Name and address of the Officer Inviting Bid | MD, WATCO, Telefax : 0674 2391444 E-Mail : watcoodisha@gmail.com |
| 8 | The bidders have to participate in ONLINE bidding only. Further details can be seen from the website www.tendersodisha.gov.in | |

Sd./- (Managing Director)
OIPR-13194/11/0054/2526 WATCO

## DISTRICT PROJECT OFFICE SAMAGRA SHIKSHA, KANDHAMAL

No.2047/Plg/2025 Dated 11/06/2025

**NOTICE INVITING TENDER (NIT)**

No.n-71 : Sealed tenders under two bid systems are invited from the reputed Agencies / Supplier/ / Manufacturer having valid PAN, GST & IT Clearance, registration of firm etc. for **Printing & Supply of PM SHRI Identity Cards and PM SHRI Logo Badge for Teachers and Students of PM-SHRI Schools, 2025-26**. The tender papers (Bid documents) containing detailed specification with term and conditions, application of technical bid & application of financial bid etc. is available in the website **www.kandhamal.nic.in**, **www.osepa.odisha.gov.in**. Interested and eligible agency / firm may download BID DOCUMENT from the above website and apply accordingly. The bidders are required to submit DD amounting **Rs.2000/- (Rupees Two thousands only)** drawn in favour of District Project Coordinator, SS, Kandhamal towards **bid processing Fee** (non- refundable) **along with the application of technical bid**. The EMD should also be enclosed with the Technical Bid. The last date of tender paper is on **dtd.02.07.2025 up to 1P.M.** and will be opened on **dtd.03.07.2025 at 11.00 A.M.** in presence of tenderers or their authorized representatives. **Corrigendum / addendum, if required, will be uploaded in the above web sites & will not be published in News-paper**. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By order of collector-Cum-Chairman,
Samagra Shiksha, Kandhamal
Sd./- District Education Officer-cum-DPC
OIPR-27136/11/0010/2526 Samagra Shiksha, Kandhamal

## FOREST DEPARTMENT
## OFFICE OF THE DIVISIONAL FOREST OFFICER, BARIPADA FOREST DIVISION

No.MM-82

e-mail : dfo.baripada@odisha.gov.in
Government of Odisha "e" Procurement Notice
**Bid Identification No. : DFO-BPD-03/2025-26**

1. Number of works : **4** (Two numbers of work)
2. Approximate estimated cost : **26.13 lakh** to **28.98 lakh**
3. Period of Completion : **60 (Sixty)** days
4. Date & Time of availability of bid documents in the portal : **Dt.12.06.2025 to 21.06.2025**
5. Last Date / Time of receipt of bid in the portal : **Dt.21.06.2025 up to 5.00 P.M.**
6. Date of Opening of bid : **Dt.23.06.2025 at 11.00 A.M.**
7. Name & address of the Office inviting bid : **O/o the Divisional Forest Officer, Baripada Forest Division, Baripada, Mayurbhanj, Pin-757001**

Further details can be seen from the e-procurement portal **http://www.tendersodisha.gov.in**

Sd./- Divisional Forest Officer
OIPR-08065/11/0012/2526 Baripada Forest Division

## OFFICE OF THE MANAGING DIRECTOR

No.C-419

WATCO
Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India
Telefax : +91-674-2571444 / E-Mail : directorprojects@watcoodisha.in

INVITATION FOR BID (IFB)
Bid Identification No. WATCO (P) - 02/2025-26 Dtd. : 29.05.2025
WATCO No. 3756 Date : 29.05.2025

| | | |
|---|---|---|
| 1 | Name of the Work | 1. Annual maintenance of Facultative Pond, Wet well and Pumping Station at Basuaghai, STP Campus, Under sewerage Dist.-II, Bhubaneswar |
| 2 | Estimated Cost | Rs.35.66 Lakh |
| 3 | Period of Completion | 01 (One) Year |
| 4 | Date and time of availability of bid document in the portal | From 5.00 P.M. of Dt.05.06.2025 to 5.00 P.M. of 20.06.2025 |
| 5 | Last Date / Time of receipt of bids in the Portal | 5.00 P.M. of 20.06.2025 |
| 6 | Date and time of opening of technical bids | 12.30 P.M. of 21.06.2025 |
| 7 | Name and address of the Officer Inviting Bid | DIRECTOR PROJECTS, WATCO, Telefax : 0674-2571444, E-Mail : directorprojects@watcoodisha.in |
| 8 | The bidders have to participate in ONLINE bidding only. Further details can be seen from the website www.tendersodisha.gov.in | |

Sd./- (Director Projects)
OIPR-13194/11/0056/2526 WATCO

## OFFICE OF THE COLLECTOR & DISTRICT MAGISTRATE, BHADRAK
### (Social Welfare Section)

Tender Notice No. 1708 / SW Dated. 11.06.2025

No.g-47:Sealed tenders for appointment of Transporting Agent for ICDS Projects Bhadrak, Basudevpur, Bonth, Bhandaripokhari, Dhamnagar, Tihidi, Chandbali-I and Chandbali-II in Bhadrak District are invited from the intending Registered Firms / Co-operative Societies/ authorized licensed Transporting Contractors/ Agents for undertaking transportation of Rice / Wheat from OSCSC Ltd. Godown, Charampa, Bhadrak / FCI depot, Ranital, Bhadrak to respective AWCs & WSHGs point under SNP Scheme for the period from 01.07.2025 to 30.06.2026. The Registered Firms / Co- operative Societies / authorized licensed Transporting Contractors / Agents shall be made through two bid system i.e. Technical Bid (Annexure-I) and Price Bid (Annexure-II) separately. The Technically qualified Bidder Firms / Agents can only participate in the Price Bid.

The Tender paper can be obtained from the office of the DSWO, Bhadrak on payment of Rs. 5,000/- (Rupees Five Thousand) in shape of DD only towards cost of the tender paper from date. **11.06.2025** during the office hour or any working day till **01:00 P.M. on dated. 25.06.2025.** In case the tender documents have been downloaded from the website, the tender documents fee of Rs. 5,000/- only must be deposited along with the Bid in the Form of a Demand Draft drawn on any nationalized Bank favouring DSWO, Bhadrak and payable at Bhadrak. **The cost of tender paper is non-refundable.** The tender shall be received by DSWO, Bhadrak till **01.00 P.M on date. 25.06.2025** by registered post / speed post or through sealed tender box kept in office of the DSWO, Bhadrak and will be opened on the same day i.e. on date. **25.06.2025 at 02:30 P.M.** by the tender Committee headed by Collector, Bhadrak or any officer authorized by the Collector in the Sadbhabana Sabhagruha Collectorate, Bhadrak in the presence of the Tender Committee members and Tenderers or their authorised representatives if they desires so. Similarly, the Financial Bid of those who qualified the technical bid will be opened on dated. 25.06.2025 in the Salandi Sabhagruha, Collectorate, Bhadrak. The details regarding tender document are available in the website **https://bhadrak.odisha.gov.in/** which can be downloaded.

Not withstanding anything else contained to the contrary in this tender document, Collector, Bhadrak reserves right to cancel /withdrawn /modify or reject any or all the tenders without assigning any reason thereof.

1. Period of issue of Tender document: **11.06.2025 to 25.06.2025 by 01:00 P.M.**
2. Last date of receipt of Sealed Bids on **25.06.2025** upto **01.00 P.M** through Registered / Speed Post or through sealed tender box kept in office of the DSWO, Bhadrak.
3. Date and time for opening of

(i)Technical and Price Bid : On dated **25.06.2025** at **02:30 P.M**

Sd./- Collector
OIPR-33029/11/0001/2526 & District Magistrate, Bhadrak

## OFFICE OF THE MUNICIPALITY, UMERKOTE

NABARANGPUR (ODISHA), PIN-764073
email : nac_umerkote@rediffmail.com

Letter No. 1172/UKT-MUN-2025 Date : 11.06.2025

**TENDER CALL NOTICE/EXPRESSION OF INTREST**

No.C-509 : Sealed Quotations are invited from intending Firms/Dealers/Agencies/ Consultants having adequate previous experience in quoting rates & Annual Maintenance Contract (AMC) of IP Based CCTV Surveillance System of Umerkote Town as per detail tender call notice.

The Firms/Dealers/Agencies/Consultants should file their rates including preparation of DPR, Supervision charges etc. with term & condition. The Bidders should enclose the copy of documents in support of experience, registration, recognition from Govt. GST/PAN clearance certificate with the quotations.

The quotations will be received from Dt.11/06/2025 10.00 A.M. up to Dt.17/06/2025 by 5.00 P.M. through Registered/Speed Post in the Address of **Executive Officer, Umerkote Municipality, Umerkote, Dist.-Nabarangpur, Odisha-764073** and the same will be opened at 3.00 P.M. on Dt.19/06/2025 in presence of bidders or their authorized agents. The rate should be quoted inclusive of all Tax/GST/Transportation charges and loading/unloading charges.

Blank Bid documents for the works will be available from the office of the undersigned on any working day during office hours 10.00 A.M. to 5.00 P.M. from Dt.11/06/2025 to Dt.17/06/2025 on payment of Rs.10,000/-. (Rupees Ten Thousand) only towards cost of Bid documents in shape of Demand Draft/Bankers Cheque only from any Nationalized Bank drawn in favour of Executive Officer, Umerkote Municipality payable at Umerkote & the bidder in a position to complete the said project within stipulated time period of receipt of work order.

The Bidders have to submit the bid documents duly filled up along with attested photo copies of qualifying documents as indicated in eligibility criteria and the bidders shall have to produce original documents as per eligibility criteria if required for verification and the same will be verified by the Tender Committee constituted for the purpose on the date of the opening of the tender.

1. More procurement of tender documents does not guarantee fulfillment of the eligibility criteria.
2. Cost of Bid document is not refundable.
3. Name of the purchaser at the time of procurement of Bid Documents shall not be disclosed, only money receipt against the Bank Draft/Pay order shall be issued.
4. Only Ink/Dot pen signed copy of DTCN issued by this office shall be entertained.
5. The details of the tender papers/Technical specifications along with term and conditions etc. may be seen from the Website Nabarangpur NIC i.e. https://nabarangpur.odisha.gov.in/ as well as Municipal Office.

The undersigned reserves the right to accept or reject any of quotations or negotiate with more than one agency without assigning any reason thereof.

Sd./- Executive Officer
OIPR-13180/11/0016/2526 Umerkote Municipality

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୮୮ ତା.୨୩.୫.୨୫

### ବିଜ୍ଞାପନ

No.CAD-758:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍‌ଆଇଜି-୨-୬୫ (MIG-II-୬୫), ଲାଲଟିକିରା, ବଲାଙ୍ଗୀର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ସାରାବତୀ କୁମାର, ସ୍ୱାମୀ-ସ୍ୱ ଯୋନାଥନ କୁମାର, ସା-ଡୁଙ୍ଗୁରୀପରା, ପୋ-ବଲାଙ୍ଗୀର, ଥାନା-ବଲାଙ୍ଗୀର, ଜିଲ୍ଲା-ବଲାଙ୍ଗୀରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀମତୀ ସାରାବତୀ କୁମାର ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ତାଙ୍କର ଝିଅ ଗୀତାରାଣୀ ଜାଲ, ପିତା-ସ୍ୱ ଯୋନାଥନ କୁମାର, ସା-ଆଦର୍ଶପଡା, ପୋ-ବଲାଙ୍ଗୀର, ଥାନା-ବଲାଙ୍ଗୀର, ଜିଲ୍ଲା-ବଲାଙ୍ଗୀରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0666/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.shb.org

ପତ୍ର ସଂଖ୍ୟା ୮୪ ତା.୨୦.୫.୨୦୨୫

### ବିଜ୍ଞାପନ

No.CAD-755:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱ ଶ୍ରୀମତୀ ସାବିତ୍ରୀ ସିଂହ<br>ସ୍ୱାମୀ-ପୁରୁଷୋତ୍ତମ ସିଂହ<br>ସା-ବଳରାମ ପ୍ରସାଦ<br>ପୋ-ବଳରାମ ପ୍ରସାଦ<br>ଥାନା-ବଅଁରପାଳ<br>ଜିଲ୍ଲା-ଅନୁଗୁଳ | ବି.ଏଲ୍-୫୬<br>(B.L.-56)<br>କମ୍ପୋଜିଟ୍ ଗୃହ ପ୍ରକଳ୍ପ<br>ବିକ୍ରମପୁର, ତାଳଚେର<br>ଜିଲ୍ଲା-ଅନୁଗୁଳ | ୧.ପୁରୁଷୋତ୍ତମ ସିଂହ (ସ୍ୱାମୀ)<br>୨.ଭବାନୀଶଙ୍କର ସିଂହ (ବି.ପୁତ୍ର)<br>୩.ସାଗରିକା ସିଂହ (ବି.କନ୍ୟା)<br>୪.ସ୍ୱାଗତିକା ସିଂହ (ବି.କନ୍ୟା)<br>୫.ସସ୍ମିତା ସିଂହ (ବି.କନ୍ୟା)<br>୬. ଶ୍ୱେତଲୀନା ବିଶ୍ୱାଳ (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0678/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
## Vikram Dev University

Jeypore, Dist-Koraput, Odisha, Mail:vikramdevuniversity@gmail.com
Letter No.1496/VDU/2025 Date:11.06.2025

**ADVERTISEMENT**

**Admission to M.B.A Programme: 2025-2026**

No.CAD-746:Interested candidates may apply for admission to MBA programme of Vikram Dev University under self-financing mode (Regular). The admission into MBA programme will be through entrance test. The eligibility for the admission into MBA Programme is Bachelor's Degree from any University recognised by UGC, New Delhi. However, the candidates appearing +3 final year are also eligible to apply. The application form can be downloaded from the University website. The filled in application form shall reach the office of the Chairman, P.G Council, Vikram Dev University, Jeypore - 764001 on or before 30/06/2025 by 05.00 P.M. The authority is not responsible for any postal delay. For details, please visit https://vikramdevuniversity.ac.in. For admission related queries please contact: +91-9337336715.

**The Application fee of Rs.1000/- shall be paid through a Bank Draft and drawn in favour of Registrar, Vikram Dev University payable at Jeypore.**

OIPR-11133/11/0008/2526 Sd./- Registrar

## ORISSA STATE AIDS CONTROL SOCIETY

OSACS
Department of Health & Family Welfare, Govt. of Odisha
Letter No.571/OSACS Date:10.06.2025
File No.XV-OSACS-13/2025

**CORRIGENDUM**

No.E-161:Consequent upon the decision taken in the Pre-Bid meeting of "Hiring of vehile for Official Use on Monthly & Daily Basis" held on 02.06.2025, modification / amendment in tender no. 325/OSACS, dated 20.05.2025 & 332/OSACS dated 20.05.2025 has been made. To access such modifications / amendment, the prospective bidders are advised to visit website of OSACS i.e. https://osacs.odisha.gov.in. Further, the bid submission date (Closing Date) and date of opening of Tender Document are hereby extended by 7 days for both the tender as follows,

| Sl. No. | Description | Previsous Date | Revised Date |
|---|---|---|---|
| 1. | Closing Date for submission of Tender bearing no. 325/OSACS, dtd 20.05.2025 & 332/OSACS dtd 20.05.2025 | 16.06.2025 | 23.06.2025 |
| 2. | Opening of Bid Document for Tender bearing no. 325/OSACS, dtd 20.05.2025 of Monthly Basis Vehicle | 17.06.2025 | 24.06.2025 |
| 3. | Opening of Bid Document for Tender bearing no. 332/OSACS, dtd 20.05.2025 of Daily Basis Vehicle | 18.06.2025 | 25.06.2025 |

OIPR-10009/11/0049/2526 Sd./- Project Director

## OFFICE OF THE DEPUTY DIRECTOR (P&S) DPMU,KENDRAPARA

Advertisement No.1216/ 7th MI/ 3 / 2025 Date 11.06.2025

No.X-18:Applications are invited **from Local Youths of the Kendrapara District** for temporary engagement as Enumerator for conduct of field work pertaining to 7th Minor Irrigation Census and 2nd Census of Water-bodies in Kendrapara District.

A.**Eligibility** : Candidates must have passed the 10+2 exam or equivalent with knowledge of Odia & Basic survey skills. , Age- 18-45 years as on 30.05.2025

B.**Responsibility :** Field data collection, verification & reporting in the assigned villages/ wards.

C.**Remuneration :** As per Govt norms published in details.

D.**Application :** The Application in prescribed format attached with Certificates, Photo should be dropped in the Box by **30th June 2025 ( by 5.30 P.M.)** placed in District Planning & Monitoring Unit (Statistics Wing), Kendrapara or by Speed Post/Registered Post to Deputy Director (P&S), District Planning & Monitoring Unit (Statistics Wing), Kendrapara-754211, Near Collectorate Campus. Visit Kendrapara District Website:**https://kendrapara.odisha.gov.in** for further details

By Orders of Collector
Sd./-Deputy Director (P&S),
OIPR-21023/11/0001/2526 DPMU, Kendrapara

## Government of Odisha
## Social Security and Empowerment of Persons with Disabilities Department

Red Building, LOKSEVA BHABAN, BHUBANESWAR-751001
Ph.No.0674-2390116, FAX-0674-2391976
E-mail-ssepdodisha@gmail.com

No.6340/ SSEPD Date:11.06.2025
SSEPD-DA-6-SCH-0004-2025

**Expression of Interest for Selection of agency for operation of Prosthetic & Orthotic Workshop and services in Advanced Rehabilitation Centres**

No.gg-08:The EOI aims to select successful agency to act as Programme Implementing Agency (PIA) that will be responsible to provide/manage services as outlined at scope of work. The details of scope of work, eligibility criteria and submission of details can be downloaded from website https://ssepd.odisha.gov.in/. Last date and time for submission of the EOI documents by speed post/ Registered post/courier in all working days up to 5:00 PM of 06.07.2025 at Director, Social Security and Empowerment of Persons with Disabilities Department, Lokseva Bhawan, Bhubaneswar-751001.

This EoI does not entail any commitment on the part of SSEPD Deptt, Govt. of Odisha either financial or otherwise. SSEPD reserves the right to accept or reject any or all without incurring any obligation to inform the affected applicant/s of the grounds. The EOI will be evaluated based on the information provided.

OIPR-46001/11/0046/2526 Sd./-Director

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲିଙ୍ଗିପୁରରେ ଶ୍ରୀଲେଦର୍ସର ନୂତନ ଶୋ'ରୁମ୍



ଖବରଦାତା ସମ୍ମିଳନୀକୁ ଶୁଭାଶିଷ ଦେ ଏବଂ ଉମଙ୍ଗ ଅଗ୍ରୱାଲ ସମ୍ବୋଧିତ କରୁଛନ୍ତି।

**ଭୁବନେଶ୍ୱର,୧୨।୬**

ଶ୍ରୀଲେଦର୍ସର ବହୁ ପ୍ରତୀକ୍ଷିତ ତଥା ନୂତନ ଶୋ'ରୁମ୍ ଆସନ୍ତା ଶନିବାର (୨୦୨୫ ଜୁନ୍ ୧୪) ଭୁବନେଶ୍ୱରର ଲିଙ୍ଗିପୁରସ୍ଥିତ ନୂଆଗାଁଠାରେ ଖୋଲିବ ବୋଲି ଶ୍ରୀଲେଦର୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀଲେଦର୍ସ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଶ୍ରୀଲେଦର୍ସର ବରିଷ୍ଠ ଅଧିକାରୀ ଶୁଭାଶିଷ ଦେ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ ଓ ନୂତନ ଶୋ'ରୁମ୍ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ୫୨୦୦ବର୍ଗଫୁଟ୍ ପରିବ୍ୟାପ୍ତ ସ୍ଥାନରେ ନିର୍ମିତ ଏହି ନୂତନ ଶୋ'ରୁମ୍‌ରେ ଶ୍ରୀଲେଦର୍ସର ସମସ୍ତ ଉତ୍ପାଦ ଉପଲବ୍ଧ ହେବ। ଅପରପକ୍ଷରେ ଗ୍ରାହକଙ୍କ ପାଇଁ ଏଠାରେ ଯଥେଷ୍ଟ ପାର୍କିଂ ସ୍ଥାନ ଉପଲବ୍ଧ ରହିଛି। ଏ ନେଇ ଶୁଭାଶିଷ କହିଛନ୍ତି, ୧୯୫୨ ମସିହାରେ ଶ୍ରୀଲେଦର୍ସ ପ୍ରଥମେ ୧୦୦ ସାକ୍ଚି ମାର୍କେଟ ଜାମଶେଦପୁରଠାରୁ ଏହାର ଯାତ୍ରା ଆରମ୍ଭ କରିଥିଲା। ଶ୍ରୀଲେଦର୍ସକୁ ତାଙ୍କର ସ୍ୱର୍ଗତ ଜେଜେ ବାପା ସୁରେଶ ଚନ୍ଦ୍ର ଦେ ସ୍ଥାପନ କରିଥିଲେ, ଯିଏକି ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟୋଗୀ ଥିଲେ। ବିଗତ ବର୍ଷଗୁଡିକରେ ସଫଳତାର ସହ ଶ୍ରୀଲେଦର୍ସ ଦେଶର ବିଭିନ୍ନ ଅଂଶକୁ ସମ୍ପ୍ରସାରିତ ହୋଇଛି, ଯାହା ଗୁଣବତ୍ତା ଓ ବିଶ୍ୱାସର ଏକ ବିରାସତ ସୃଷ୍ଟି କରିଛି।

ସେହିଭଳି ଏହି ନୂତନ ଶୋ'ରୁମ୍ ବିସ୍ତୃତ ରେଞ୍ଜର ଉତ୍ପାଦ ସାଙ୍ଗକୁ ଉଚ୍ଚମାନର ଆଧୁନିକ ଡିଜାଇନଗୁଡିକୁ ପ୍ରଦର୍ଶିତ କରିବ। ଯେଉଁଥିରେ ମହିଳା, ପୁରୁଷ ଓ ପିଲାମାନଙ୍କ ପାଇଁ ଫୁଟ୍‌ୱେର, ସ୍ପୋର୍ଟସ ସୁ, ବେଲ୍ଟ, ୱାଲେଟ, ଲେଡିସ୍ ହ୍ୟାଣ୍ଡବ୍ୟାଗ୍, ସ୍କୁଲ ବ୍ୟାଗ୍, ସୁଟ୍‌କେସ ଓ ବ୍ରିଫ୍‌କେସ ଆଦି ସାମିଲ ରହିଛି। ସେହିପରି ଶ୍ରୀଲେଦର୍ସ ଲିଙ୍ଗିପୁରର ଫ୍ରାଞ୍ଚାଇଜି ଓନର ଉମଙ୍ଗ ଅଗ୍ରୱାଲ କହିଥିଲେ, ଏହି ନୂତନ ଶୋ'ରୁମ୍ ଜରିଆରେ ଆମେ ଉତ୍ତମ ଗ୍ରାହକ ସେବା ଯୋଗାଇବା ସହିତ ବିକ୍ରି ପରବର୍ତ୍ତୀ ସେବାଗୁଡିକୁ ବିଶେଷ ଭାବେ ଧ୍ୟାନ ଦିଆଯିବ ବୋଲି ଉମଙ୍ଗ ସମ୍ମିଳନୀ ଜରିଆରେ ଆଶ୍ୱାସନା ଦେଇଛନ୍ତି।

# ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ଆର୍ଥିକ ସହାୟତା

**ଭୁବନେଶ୍ୱର,୧୨।୬ (ଅଭୟ ଦାଶ)**



ପଦ୍ମିନୀ ଖରାଙ୍କୁ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ ଆର୍ଥିକ ସହାୟତା ରାଶି ଚେକ୍ ହସ୍ତାନ୍ତର କରୁଛନ୍ତି। ଏହି ଅବସରରେ ଖିମଜୀ ଜୁଏଲର୍ସର ସହକାରୀ ନିର୍ଦ୍ଦେଶକ ନିଶାଙ୍କ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଅଛନ୍ତି।

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଅଧୀନ ମାରାବାଇଗୁଡ଼ା ହରିଜନ ସାହିର ମେଧାବୀ ଛାତ୍ରୀ ପଦ୍ମିନୀ ଖରାଙ୍କୁ ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ବିଶେଷକରି ଏହି ସହାୟତା ପଦ୍ମିନୀଙ୍କର ଉଚ୍ଚଶିକ୍ଷାର ସ୍ୱପ୍ନ ପୂରଣରେ ବେଶ୍ ସହାୟକ ହେବ ବୋଲି ଫାଉଣ୍ଡେଶନ ପକ୍ଷରୁ ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ, କୋରାପୁଟର ମାରାବାଇଗୁଡ଼ା ଭଳି ଏକ ଦୁର୍ଗମ ଅଞ୍ଚଳ, ଯେଉଁଠାରେ ସ୍ୱପ୍ନ ଦେଖିବା ବି କଷ୍ଟକର, ସେଠାରେ ୧୭ ବର୍ଷୀୟ ପଦ୍ମିନୀ ଖରା ଅବିଚଳିତ ଦୃଢ଼ତାର ଏକ ପ୍ରତୀକ ଭାବେ ଉଭା ହୋଇଛନ୍ତି। ବିଶେଷକରି ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ନିଜ ପାଠପଢ଼ାରେ ଉତ୍କୃଷ୍ଟ ହାସଲ କରିଛନ୍ତି। ଏପରିକି ଦଶମ ଶ୍ରେଣୀର ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ୯୬% ଏବଂ ଦ୍ୱାଦଶ ଶ୍ରେଣୀରେ ୯୪% ନମ୍ବର ରଖି ସେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ତାଙ୍କ ଶିକ୍ଷାଗତ ପ୍ରତିଭା ଆର୍ଥିକ ନିରାଶାରେ ପରିଣତ ହୋଇଥିଲା। ଉଚ୍ଚ ଶିକ୍ଷା ଏକ ଅସମ୍ଭବ ସ୍ୱପ୍ନ ପରି ତାଙ୍କୁ ଲାଗୁଥିଲା। ପଦ୍ମିନୀଙ୍କ ଦୁର୍ଦ୍ଦଶା ବିଷୟରେ ଫାଉଣ୍ଡେଶନ ଜାଣିବା ପରେ ତତ୍କାଳ ପଦକ୍ଷେପ ନେଇଥିଲା।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଏମ୍‌ଡି ମିତେଶ ଖିମ୍‌ଜୀ କହିଥିଲେ, ଆମେ ଅସାଧାରଣ ପ୍ରତିଭା ଦେଖାଉଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ସମର୍ଥନ କରିବାକୁ ପ୍ରତିବଦ୍ଧ ରହିଛୁ। ଏପରିକି ପଦ୍ମିନୀଙ୍କ ସାଧନାକୁ ସ୍ୱୀକାର ସହ ପରିବାରର ସ୍ଥିତିକୁ ବିଚାରକରି ଫାଉଣ୍ଡେଶନ ତାଙ୍କ ଶିକ୍ଷାଗତ ଯାତ୍ରାରେ ସମ୍ପୂର୍ଣ୍ଣ ସମର୍ଥନ ଯୋଗାଇବାକୁ ସ୍ଥିର କରିଛି। ସେହିଭଳି ପଦ୍ମିନୀଙ୍କୁ ପ୍ରଶଂସାକରି ମିତେଶ କହିଥିଲେ, ବ୍ୟକ୍ତିଗତ ଏବଂ ଆର୍ଥିକ ଆହ୍ୱାନ ପରିସ୍ଥିତିରେ ମଧ୍ୟ ଏତେ ଭଲ ନମ୍ବର ରଖିବା ତାଙ୍କର ନିଷ୍ଠା, ସହନଶୀଳତା ଏବଂ କ୍ଷମତାର ପ୍ରମାଣ ବୋଲି ଖିମ୍‌ଜୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଖିମ୍‌ଜୀ ଫାଉଣ୍ଡେଶନ ପଦ୍ମିନୀଙ୍କୁ ସ୍ନାତକ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ତାଙ୍କର ଶିକ୍ଷାଗତ ଖର୍ଚ୍ଚ ପାଇଁ ନିରନ୍ତର ସମର୍ଥନର ଆଶ୍ୱାସନା ଦେଇଛି। ଏହି ସହାୟତା ତାଙ୍କର ଟ୍ୟୁଶନ ଫି, ରହଣି ଏବଂ ଖାଦ୍ୟ, କୋଚିଂ ଓ ଅନ୍ୟାନ୍ୟ ଶିକ୍ଷାଗତ ଖର୍ଚ୍ଚକୁ ବହନକରିବ। ଫାଉଣ୍ଡେଶନ ପକ୍ଷରୁ ତାଙ୍କ ପରିବାରର ଭାର ହାଲୁକା କରିବା ପାଇଁ ୧ ଲକ୍ଷ ଟଙ୍କାର ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ତାଙ୍କ ଉଚ୍ଚ ଶିକ୍ଷାକୁ ଅନୁଦାନ ଦେବାକୁ ମଧ୍ୟ ଫାଉଣ୍ଡେଶନ ପ୍ରତିଶ୍ରୁତି ଦେଇଛି। ଯାହା ଟ୍ୟୁଶନ, ପୁସ୍ତକ, ରହଣି ଏବଂ ଅତିରିକ୍ତ ପଢା ଖର୍ଚ୍ଚକୁ ବହନ କରିବ। ପଦ୍ମିନୀଙ୍କ ପାଇଁ ଫାଉଣ୍ଡେଶନର ସମର୍ଥନ କେବଳ ଆର୍ଥିକ ସହାୟତା ନ ଥିଲା, ତାହା ଥିଲା ତାଙ୍କ ଆଶାର ପୁନରୁଦ୍ଧାର କରିବ। ଏ ନେଇ ପଦ୍ମିନୀ କହିଛନ୍ତି, ମୁଁ ପ୍ରାୟ ଆଶା ଛାଡ଼ି ଦେଇଥିଲି । କିନ୍ତୁ ଖିମ୍‌ଜୀ ଫାଉଣ୍ଡେଶନ ମୋତେ ବିଶ୍ୱାସ କରିଥିଲେ। ବର୍ତ୍ତମାନ ମୁଁ ବିନା କୌଣସି ବାଧାରେ ନିଜ ସ୍ୱପ୍ନକୁ ଅନୁସରଣ କରିପାରିବି।

# ଚନ୍ଦ୍ରଶେଖରପୁରରେ ମିତ୍‌ସୁବିଶିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

**ଭୁବନେଶ୍ୱର,୧୨।୬**



ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ମିତ୍‌ସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଗୁରୁବାର ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଏହି ନୂତନ ଏୟାର କଣ୍ଡିଶନର (ଏସି) ଶୋ'ରୁମ୍ କୁଲିଂ ପ୍ଲାନେଟ୍/ଏସ୍‌ଆର୍.ରେଫ୍ରିଜିରେଶନ ଆନୁକୂଲ୍ୟରେ ଚନ୍ଦ୍ରଶେଖରପୁରର ଡିଷ୍ଟ୍ରିକ୍ଟ ସେଣ୍ଟରସ୍ଥିତ ଲେନ୍-୨୦ଠାରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମିତ୍‌ସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆର ମୁଖ୍ୟ (ଲିଭିଂ ଏନ୍‌ଭାଇରନ୍‌ମେଣ୍ଟ-ପୂର୍ବ ଭାରତ) ମନୀଷ ଚୌଧୁରୀ ଏବଂ ଏଲଇ ଡିଭିଜନ ହେଡ୍ (ବ୍ୟବସାୟ ପରିଚାଳନା) ନାଓହିକୋ ହୋସୋକାୱା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିତ୍‌ସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆର ଓଡ଼ିଶା ଅପରେଶନ ହେଡ୍ ଅମିର ହସନ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୧୨୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଏହି ନୂତନ ଶୋ'ରୁମ୍‌ରେ ୱିଣ୍ଡୋ ଏସି, ସ୍ପ୍ଲିଟ୍ ଏସି ଓ ଭିଆର୍‌ଏଫ୍ (ଭାରିଏବଲ ରେଫ୍ରିଜରେଟର ଫ୍ଲୋ) ସିଷ୍ଟମ ସମେତ ମିତ୍‌ସୁବିଶି ପ୍ରଡକ୍ଟ ଗୁଡିକର ସମ୍ପୂର୍ଣ୍ଣ ରେଞ୍ଜ ଉପଲବ୍ଧ ରହିଛି। ଏ ନେଇ ହୋସୋକାୱା କହିଥିଲେ, ମିତ୍‌ସୁବିଶି ଇଲେକ୍ଟ୍ରିକ୍‌ର ନୂତନ ଆଉଟ୍‌ଲେଟ୍‌କୁ ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଆମେ ଭୁବନେଶ୍ୱର ବଜାରରେ ଆମର ସମ୍ପୂର୍ଣ୍ଣ ରେଞ୍ଜର ଏୟାର କଣ୍ଡିଶନର ଆଣିବାକୁ ନେଇ ଆନନ୍ଦିତ ରହିଛୁ ।

# ଆଜିଠାରୁ ୨ୟ ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

**ଭୁବନେଶ୍ୱର,୧୨।୬**




ପ୍ରଥମ ବର୍ଷର ପୂର୍ଣ୍ଣ ସଫଳତା ପରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଶୁକ୍ରବାରଠାରୁ ୨ୟ ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୟୁସିପି ଇଞ୍ଜିନିୟରିଂ ସ୍କୁଲ ପଡ଼ିଆରେ ଆୟୋଜନ ହେଉଛି। ଏହି ମେଳା ୨୦୨୫ ଜୁନ୍ ୧୩ ରୁ ୨୩ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ଏମ୍‌ଏସ୍‌ଏମ୍‌ଇ ବିଭାଗ ସହ ଜଡିତ ହୋଇ ଏହି ମେଳାର ଆୟୋଜନ କରୁଛୁ। ଏପରିକି ଏହି ମଲ୍ଟିସେକ୍ଟର ବି୨ବି ଏବଂ ବି୨ବି ପ୍ରଦର୍ଶନୀ ନିକଟରେ ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଏହି ମେଳାରେ ୧ଲକ୍ଷରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରଡକ୍ଟ ସାମିଲ ହେବାର ଯୋଜନା ରହିଥିଲାବେଳେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀମାନେ ଅଂଶ ଗ୍ରହଣ କରୁଛନ୍ତି ବୋଲି ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ସୁଜିତ କୁମାର ଗୁପ୍ତା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆକାଶ, ଆଦିତ୍ୟ, ଅରୂପ, ବର୍ଷା, ମଧୁ, ଜ୍ୟୋତ୍ସ୍ନା ଓ ଶକ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ସୁଜିତ କୁମାର ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ଏହି ବାଣିଜ୍ୟ ଏବଂ ଉପଭୋକ୍ତା ଯୋଗାଯୋଗ ପ୍ଲାଟ୍‌ଫର୍ମ ସୃଷ୍ଟି କରାଯାଇଛି।


# Classified Everyday
**0674-2580101, 9692975378**



**AUTOMOBILE SALE**

Toyata Innova Crysta for sale (2018). Contact No.- 9777659193, 7077022424. D-857



**REAL ESTATE SALE**

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9090746445, 7008067338.** D-76275

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829




**Fully furnished running Show Room of 1000sft. Ground Floor on main road near BJB College & Shree Hospital. 9437517121.** D-75846




**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

Positively health benefits SPA expert female therapist homely atmosphere. 9114559860. D-883

Newly open health benefits SPA by expert therapist. Contact- 8280961126. D-76920

Newly open Jyoti SPA positively health benefits (expert therapist). 8458067955. D-870

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

Wellness relax body massage & joint pain treatment by trend therapist. 7327020180. D-76917

**AFFIDAVIT**

By virtue of an affidavit sworn before the Executive Magistrate, Jatni on dtd 11.06.2025, I, Sibani Nayak, W/o- Binod Kumar Nayak, At- Ramachandrapur, P.O.- Jatni, Dist.- Khordha, Odisha declared that I have changed my surname and identity from Sibani Nayak, W/o- Binod kumar Nayak to Sibani Mishra D/o- Late Bhabani Prasad Mishra @ Bhabani Mishra for all purposes. D-921

By virtue an affidavit sworn before Executive Magistrate Bhadrak, dated- 11.06.2025, I Chhayabati Raul(35), D/o- Dasarathi Raul, Vill.- Erein, P.O.- Charampa, P.S.- Bhadrak(R), Dist.- Bhadrak, PIN- 756010, declare that, I have changed my name Chhayabati Behera to Chhayabati Raul. Henceforth I shall be known as Chhayabati Raul for future all purposes. D-925

By virtue of an affidavit in the Court of Executive Magistrate, Rayagada, I Santosh Kumar Samal, F/o- Gourab Samal, At/P.O.- Pitamahal, Tah/Dist.- Rayagada do hereby declare that my minor son's name has been wrongly mentioned as Soumyaranjan Samal in Aadhaar Card vide No.- xxxx xxxx 9421 instead of Gourab Samal which is correct have recorded in Birth Certificate vide regd. No.- 2395/2016. Henceforth, he will be known as Gourab Samal for all future purposes by this affidavit C.F No.- 508, dtd- 09.06.2025.
Santosh Kumar Samal
Deponent
D-924

By virtue of an affidavit sworn before Executive Magistrate, Bhadrak, dtd- 24.01.2025, I Lokanatha Behera, S/o- Nrusingha Charan Behera, Vill.- Mahatipur, P.O.- Damodarpur, P.S.- Khaira, Dist.- Balasore declare that, I have changed my daughter's name from N.D. Soumyashree to Nd Soumyashree. I further declare that N.D. Soumyashree and Nd Soumyashree, D/o- Lokanatha Behera same and one child. D-926

I, Sunita Mahanta, W/o- Pramod Mahanta of Vill.- Balabhadrapur, P.O.- Arsala, P.S.- Jhumpura, Dist.- Keonjhar, Odisha state that actual and correct name of my daughter is Swagatika Mahanta but in her Aadhaar Card her name is wrongly written as Swagita Mahanta. Hence Swagatika Mahanta and Swagita Mahanta is same person. D-922

By virtue of an affidavit sworn before the Notary Public, Bargarh, No.- 239, dated- 11.06.25, I Pratima Sahu @ Santara Sahu, W/o- Mitrabhanu Sahu, R/o- Village/ P.O.- Birmal, P.S./Dist.- Bargarh, declare that after marriage I have changed my name from Santara Sahu to Pratima Sahu. That both the name is same and one person. Henceforth, I shall be known as Pratima Sahu for all purposes. D-923

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**ମନେ ପଡ଼ନ୍ତି**

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ମନୋରମା ମିଶ୍ର (ମଣି)**
ଏ.ଏଲ୍. ୭୩, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ: ଆଷାଢ଼, କୃଷ୍ଣପକ୍ଷ ଦ୍ୱିତୀୟା ୨୦୧୭ ମସିହା
ଆଜି ଆଷାଢ଼ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ତୁମର ଅଷ୍ଟମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ।**
ଧ-୮୮୭

**ଏକାଦଶାହ ଉପଲକ୍ଷେ**



**୰ଗଙ୍ଗାଧର ବରାଳ**
ବ୍ରାହ୍ମଣଦା, ଜାରକା, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୦୨।୧୦।୧୯୪୦
ତିରୋଧାନ: ୦୩।୦୬।୨୦୨୫
ତୁମର ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, କର୍ତ୍ତବ୍ୟନିଷ୍ଠା ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ପତ୍ନୀ: ପଦ୍ମିନୀ ବରାଳ, ପୁତ୍ର: ପ୍ରକାଶ ଚନ୍ଦ୍ର, ପ୍ରଦୀପ କୁମାର, ପୁତ୍ରବଧୂ, ଝିଆରୀ-ପୁତୁରା, ଝିଅ-ଜ୍ୱାଇଁ, ଭଣଜା-ଭାଣିଜୀ, ନାତି-ନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ବରାଳ ପରିବାରବର୍ଗ
ଧ-୯୨୭


# ଓରେରାରେ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର,୧୨।୬**

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ ଓଡ଼ିଶା ରେରା(ଓରେରା) ପକ୍ଷରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏପରିକି ଓରେରା କାର୍ଯ୍ୟାଳୟଠାରେ ତ୍ରୈମାସିକ ଉନ୍ନତି ରିପୋର୍ଟ (କ୍ୟୁପିଆର୍) ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରମୋଟରମାନଙ୍କ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଓରେରା ଅଧକ୍ଷ ଅସିତ କୁମାର ମହାପାତ୍ର ଉଦ୍‌ଘାଟନ କରିବା ସହ ଓରେରା ଭର୍ସନ ୨.୦ ଅନୁଯାୟୀ ଠିକ୍ ସମୟରେ ପ୍ରମୋଟରମାନେ କ୍ୟୁପିଆର୍ ଦେବା ସମୟରେ ସ୍ୱଚ୍ଛତା ଓ ଠିକ୍ ନିୟମ ଅବଲମ୍ବନ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଓରେରା ସଚିବ ମାନସୀ ମାନ୍ଧାନା ସ୍ୱାଗତ ଅଭିଭାଷଣରେ କ୍ୟୁପିଆର୍ ସମ୍ବନ୍ଧିତ ନ୍ୟାୟିକ ଦିଗ ଉପରେ ବିସ୍ତୃତଭାବେ ଆଲୋକପାତ କରିଥିଲେ। ଯୁଗ୍ମ ସଚିବ (ଅର୍ଥ) ଦୀପକ ବେଶ୍ରା ଆଗାମୀ ଦିନରେ ଓରେରା କାର୍ଯ୍ୟକ୍ରମ ସହ ଏହି ପ୍ରଶିକ୍ଷଣ ଜାରି ରହିବ ବୋଲି ସୂଚନା ଦେଇଥିଲେ। ଓଏସ୍‌ଡି ଲ୍ୟାଣ୍ଡ ମୌସୁମୀ ମିଶ୍ର ବିଲ୍‌ଡରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିବାବେଳେ ସିଏସ୍‌ଏମ୍ ଟେକ୍ନୋଲୋଜି ପକ୍ଷରୁ ଏକ ପୁଙ୍ଖାନୁପୁଙ୍ଖ ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଓରେରା ଜନସମ୍ପର୍କ ଅଧିକାରିଣୀ ଦୀପ୍ତିମୟୀ ରାଉତ ପରିଚାଳନା କରିଥିଲେ। ଏହି ଅବସରରେ ସସ୍ମିତା ରାଉତ, ଶଶିଭୂଷଣ ପଟ୍ଟନାୟକ, କମଳାକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧୨।୬**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୨୩ (୮୨୩.୧୬) ପଏଣ୍ଟ ହ୍ରାସ ଘଟି ୮୧,୬୯୨ (୮୧,୬୯୧.୯୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫୩ (୨୫୩.୨୦) ପଏଣ୍ଟ କମି ୨୪,୮୮୮ (୨୪,୮୮୮.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ରଗ୍‌ବୀ ପ୍ରିମିୟର ଲିଗ୍

**ଆଉ ମାତ୍ର ଦୁଇଦିନ ବ୍ୟବଧାନରେ ମୁମ୍ବାଇରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱର ସର୍ବ ପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ରଗ୍‌ବୀ ପ୍ରିମିୟର ଲିଗ୍। ଭାରତରେ ପ୍ରଥମ ଥରପାଇଁ ହେବାକୁ ଯାଉଥିବା ଏହି ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ଇତିମଧ୍ୟରେ ସମସ୍ତ ଦଳର ଖେଳାଳି ତାଲିକା ପ୍ରକାଶ ପାଇ ସାରିଥିବାବେଳେ ଲିଗ୍ ପ୍ରତି ଉତ୍ସାହ ପରିଲକ୍ଷିତ ହୋଇଛି।**

–ତପନ ସ୍ୱାଇଁ

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍) ଚଳିତ ମାସ ୧୫ରୁ ୨୯ ପର୍ଯ୍ୟନ୍ତ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱର ଏହି ସର୍ବପ୍ରଥମ ପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ କଳିଙ୍ଗ ବ୍ଲାକ୍ ଟାଇଗର୍ସ, ମୁମ୍ବାଇ ଡ୍ରିମର୍ସ, ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ବିଶ୍ୱରେ ରଗ୍‌ବୀ ଟୁର୍ନାମେଣ୍ଟ ଗୁଡ଼ିକର କାର୍ଯ୍ୟସୂଚୀକୁ ଦେଖି ଏପରି ଏକ ୱିନ୍‌ଡୋ ବାହାର କରାଯାଇଛି। ଫଳ ସ୍ୱରୂପ ଏଥିରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ପ୍ରତି ଦଳରେ ୧୩ ଜଣ ଲେଖାଏ ଖେଳାଳି ରହିଛନ୍ତି। ଏହା ମଧ୍ୟରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳି ସାମିଲ। ଖେଳାଳି ନିଲାମ ମାଧ୍ୟମରେ ରଗ୍‌ବୀର ପାୱାର ହାଉସ କୁହା ଯାଉଥିବା ଦେଶ ଗୁଡ଼ିକରୁ ୩୦ ମର୍କ୍ୱି ଅନ୍ତର୍ଜାତୀୟ ଖେଳାଳି ଚୟନ ହୋଇଛନ୍ତି। ବିଶ୍ୱର ପ୍ରତିଷ୍ଠିତ ରଗ୍‌ବୀ କୋଚ୍ ମାଇକ୍ ଫ୍ରାଇଡେ, ବେନ୍ ଗୋଲିଙ୍ଗ୍ସ, ଡି.ଜେ. ଫୋର୍ବେସ, ଟୋମାସି କାମା, ଫ୍ରାନ୍ସିସ୍କୋ ହେର୍ନାଣ୍ଡେଜ ଓ ଟିମ୍ ୱାଲ୍ସ ୬ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି। ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବା ୭୧ ଖେଳାଳିଙ୍କ ମଧ୍ୟରୁ ୩୦ ଘରୋଇ ଖେଳାଳି ବିଭିନ୍ନ ଦଳରେ ସାମିଲ ହୋଇଛନ୍ତି।

ପ୍ରତିଯୋଗିତାରେ ମୋଟ ୩୪ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ଦଳ ପରସ୍ପରକୁ ୨ ଥର ଲେଖାଏ ଭେଟିବେ। ପ୍ରତି କ୍ୱାର୍ଟର ୪ ମିନିଟ ବିଶିଷ୍ଟ ହେବ। କ୍ୱାର୍ଟ ମଝିରେ ୨ ମିନିଟର ବ୍ରେକ୍ ରହିବ। ପ୍ରତି ମ୍ୟାଚ ୨୨ ମିନିଟ ଖେଳାଯିବ, ଯାହାକି ବିଶ୍ୱ ରଗ୍‌ବୀ ସେଭେନ୍ସ ଫର୍ମାଟଠାରୁ ଭିନ୍ନ ରହିବ। ପୁଲ୍ ପର୍ଯ୍ୟାୟରେ ପ୍ରତି ଦଳ ୧୦ଟି ଲେଖାଏ ମ୍ୟାଚ ଖେଳିବେ। ୨ଟି ସେମିଫାଇନାଲ, ଗୋଟିଏ ବ୍ରୋଞ୍ଜ ପଦକ ମ୍ୟାଚ ଏବଂ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ପ୍ରତି ଆରପିଏଲ୍ ଫ୍ରାଞ୍ଚାଇଜ୍ ଦଳରେ ୧୩ ଜଣ ଲେଖାଏ ଖେଳାଳି ସାମିଲ କରିଛନ୍ତି। ଏହା ମଧ୍ୟରେ ଟିୟର-୧ ଦେଶରୁ ୫ ଜଣ ସକ୍ରିୟ ଏବଂ ପୂର୍ବତନ ଅନ୍ତର୍ଜାତୀୟ ମର୍କ୍ୱି ଖେଳାଳି, ୩ ବ୍ରିଜ୍ ଖେଳାଳି ଏବଂ ୫ ଭାରତୀୟ ଖେଳାଳି ରହିବା ବାଧ୍ୟତା ମୂଳକ। ୫ ଅନ୍ତର୍ଜାତୀୟ ମର୍କ୍ୱି ରଗ୍‌ବୀ ସେଭେନ୍ସ ଖେଳାଳି ରହିବା ଅର୍ଥ ୱାର୍ଲ୍ଡ ରଗ୍‌ବୀ ସେଭେନ୍ସ ଇକୋସିଷ୍ଟମରେ ଏହି ଖେଳାଳି ସକ୍ରିୟ ଅଛନ୍ତି। ହଂକଂ, ଜର୍ମାନୀ ଓ କାନାଡ଼ାରୁ ୩ ଅନ୍ତର୍ଜାତୀୟ ବ୍ରିଜ୍ ଖେଳାଳି ସାମିଲ ହୋଇଛନ୍ତି। ଭାରତୀୟ ରଗ୍‌ବୀ ସେଭେନ୍ସର ଶ୍ରେଷ୍ଠ ୫ ଜଣ ଲେଖାଏ ଖେଳାଳି ପ୍ରତି ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍, ଭାରତୀୟ ସହକାରୀ କୋଚ୍, ଫିଜିଓ, ମାଲିସବାଲା ଓ ମ୍ୟାନେଜରଙ୍କୁ ନେଇ ଟିମ୍ ମ୍ୟାନେଜମେଣ୍ଟ ରହିଛି।

ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବର ସାମିଲ ଅଛନ୍ତି। ଇଂଲଣ୍ଡର ମାଇକ୍ ଫ୍ରାଇଡେ ଦଳର ମୁଖ୍ୟ କୋଚ୍ ଏବଂ ପୂର୍ବତନ ଓଡ଼ିଶା ଦଳର ଅଧିନାୟକ ରାଜୀବ ନାଥ ସହକାରୀ କୋଚ୍ ଅଛନ୍ତି। ଆୟର୍ଲାଣ୍ଡର ହ୍ୟାରୀ ମ୍ୟାକକେଞ୍ଜି ଅଧିନାୟକ ମନୋନୀତ ହୋଇଛନ୍ତି।

ଗତ ୭ ତାରିଖରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳର ଜର୍ସି ଓ ମାସ୍କଟ ଉନ୍ମୋଚିତ ହୋଇଛି। ରଗ୍‌ବୀ ଇଣ୍ଡିଆ ସଭାପତି ତଥା ରଗ୍‌ବୀ ପ୍ରିମିୟର ଲିଗ୍ କମିଶନର ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର ମହାନ୍ତି, ହଞ୍ଜ୍ ଭେଞ୍ଚର୍ସର ପ୍ରତିଷ୍ଠାତା ତଥା କଳିଙ୍ଗ ବ୍ଲାକ୍ ଟାଇଗର୍ସର ସହ ମାଲିକ କରନପାଲ ସିଂ ଏବଂ ଓଡ଼ିଶା ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅର୍ଥାତ୍ ଆସନ୍ତା ୧୫ ତାରିଖରେ ୩ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ-ଦିଲ୍ଲୀ ରେଜ୍, ଦ୍ୱିତୀୟ ମ୍ୟାଚ ଚେନ୍ନାଇ ବୁଲ୍ସ-ମୁମ୍ବାଇ ଡ୍ରମର୍ସ ଏବଂ ତୃତୀୟ ମ୍ୟାଚ କଳିଙ୍ଗ ବ୍ଲାକ୍ ଟାଇସର୍ଗ-ହାଇଦ୍ରାବାଦ ହିରୋଜ୍ ମଧ୍ୟରେ ଅନୁଷ୍ଠିତ ହେବ।

### ଅଂଶଗ୍ରହଣକାରୀ ଦଳ

| ଦଳ | ସହର | କୋଚ୍ | ମାଲିକ |
|---|---|---|---|
| ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ | ବେଙ୍ଗାଲୁରୁ | ଫ୍ରାନ୍ସିସ୍କୋ ହେର୍ନାଣ୍ଡେଜ | ଏମ୍‌ଇଏମ୍‌ଜି, ଇନ୍‌କ୍ରେଡ, ସୋହମ ଇନ୍‌ଫ୍ରାଷ୍ଟ୍ରକ୍ଚର |
| ଚେନ୍ନାଇ ବୁଲ୍ସ | ଚେନ୍ନାଇ | ବେନ୍ ଗୋଲିଙ୍ଗ୍ସ | ଏଭିଆଇଡି ସ୍ପୋର୍ଟ୍ସ |
| ଦିଲ୍ଲୀ ରେଜ୍ | ଦିଲ୍ଲୀ | ଟୋମାସି କାମା | ଆରଏମ୍‌ଜେଡ୍ କର୍ପ |
| ହାଇଦ୍ରାବାଦ ହିରୋଜ | ହାଇଦ୍ରାବାଦ | ଡି.ଜେ. ଫୋର୍ବେସ | କେଏଲ୍‌ଓ ସ୍ପୋର୍ଟ୍ସ |
| କଳିଙ୍ଗ ବ୍ଲାକ୍ ଟାଇଗର୍ସ | ଭୁବନେଶ୍ୱର | ମାଇକ୍ ଫ୍ରାଇଡେ | ହଞ୍ଜ୍ ଭେଞ୍ଚର୍ସ |
| ମୁମ୍ବାଇ ଡ୍ରିମର୍ସ | ମୁମ୍ବାଇ | ଟିମ୍ ୱାଲ୍ସ | ଡ୍ରିମ୍ ସ୍ପୋର୍ଟ୍ସ |

### କଳିଙ୍ଗ ବ୍ଲାକ୍ ଟାଇଗର୍ସ

| ଖେଳାଳି | ଦେଶ |
|---|---|
| **ଫରୱାର୍ଡ** | |
| କାଏଲ ଟ୍ରେମ୍ବଲି | କାନାଡ଼ା |
| ହ୍ୟାରି ମ୍ୟାକନଲ୍ଟି | ଆୟର୍ଲାଣ୍ଡ |
| ପପୁ ତୋଡକର | ଭାରତ |
| **ପ୍ଲେମେକର** | |
| ଇଥାନ ଟର୍ନର | କାନାଡ଼ା |
| ରୋସ୍କୋ ସ୍ପେଶମ୍ୟାନ | ଦକ୍ଷିଣ ଆଫ୍ରିକା |
| **ହାଇବ୍ରିଡ୍** | |
| ଜେମ୍ସ ଥ୍ରଏଲ | କାନାଡ଼ା |
| **ବ୍ୟାକ୍** | |
| ମୌରିସ ଲଙ୍ଗବଟମ | ଅଷ୍ଟ୍ରେଲିଆ |
| ଆଶିଷ ଶବର | ଭାରତ |
| ଅର୍ଜୁନ ମାହାତୋ | ଭାରତ |
| **ୟୁଟିଲିଟି** | |
| ଅଜୟ ଦେଶୱାଲ | ଭାରତ |
| ପ୍ରଦୀପ ସିଂ ଭାରତ | |
| **ଫିନିଶର** | |
| ଲୁକାସ ଲାକାମ୍ପ | ଆମେରିକା |
| ପେରୀ ବାକର | ଆମେରିକା |


ଅତିଥିଙ୍କ ଗହଣରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ

## ଅଭିଳାଷ

ଏସିଆନ ଆଥଲେଟିକ୍ସ
ଚାମ୍ପିୟନଶିପ୍‌ରେ
ଓଡ଼ିଶାର ରଖି ଖ୍ୟାତି
ଚାରିଶ' ମିଟର ରିଲେ ରେସ୍‌ରେ
ସିଲ୍‌ଭର ପଦକ ଜିତି
ରଚିଛି ନୂତନ ସ୍ମୃତି
ରାଇଜର ଝିଅ ଶ୍ରାବଣୀ ଆମର
ଉଚ୍ଚା କରିଅଛି ଛାତି।

ମସ୍କୋ ଉଷୁ ଷ୍ଟାର ପ୍ରତିଯୋଗିତାରେ
ଓଡ଼ିଶାର ପ୍ରେମ ମୁଣ୍ଡା
ଅଠଚାଳିଶ କେଜି ପୁରୁଷ ବର୍ଗରେ
ବିପକ୍ଷଙ୍କୁ କରି ଲଣ୍ଡା
ଜିତିଛନ୍ତି ସୁନା ପେଣ୍ଡା
ରାଜକୁମାର ବି ବାଉନ କେଜିରେ
ଉଡ଼ାଇଲେ ଆମ ଝଣ୍ଡା।



ବୟସ ଏକୋଇଶ ବର୍ଷ ଘର ତା'ର
ଅନୁଗୋଳ ବେନ୍ତପୁର
ସେ ଗାଁର ଝିଅ ସମୀକ୍ଷା ସ୍ରୋତକୀର୍ତ୍ତି
ପାଇଲଟ ଚିନ୍ତାକର
ସେ ପ୍ରେରଣା ୟୁଥ୍‌ଙ୍କର
ଉଚ୍ଚ ଅଭିଳାଷ ହାର୍ଡ ୱର୍କ ବଳେ
ବ୍ୟକ୍ତି ବଢ଼େ ନିରନ୍ତର।

–ସୁବାସ ଚନ୍ଦ୍ର ପ୍ରଧାନ

# ଆହ୍ୱାନଭରା ସିରିଜ


ନିର୍ମଳ କୁମାର ମିଶ୍ର

**ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ଗସ୍ତ କରିଛି। ସେଠାରେ ଘରୋଇ ଦଳ ବିପକ୍ଷରେ ଟିମ୍ ଇଣ୍ଡିଆ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ବିରାଟ କୋହଲି, ରୋହିତ ଶର୍ମା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଭାରତର ଏହା ପ୍ରଥମ ଟେଷ୍ଟ ସିରିଜ। ତେଣୁ ପ୍ରଥମ ଥର ପାଇଁ ଟେଷ୍ଟ ଦଳର ନେତୃତ୍ୱ ନେଉଥିବା ଗିଲ୍‌ଙ୍କ ପାଇଁ ଏହି ସିରିଜ ବେଶ୍ ଆହ୍ୱାନଭରା ରହିବ।**

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଖେଳିବା ପାଇଁ ଯୁବ ବ୍ୟାଟର ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଟେଷ୍ଟ ଦଳ ଇଂଲଣ୍ଡ ଗସ୍ତ କରିଛି। ପ୍ରଥମ ଥର ପାଇଁ ଟେଷ୍ଟ ଦଳର ନେତୃତ୍ୱ ନେଉଥିବାରୁ ଗିଲ୍‌ଙ୍କ ପାଇଁ ଏହି ସିରିଜ ବେଶ୍ ଆହ୍ୱାନଭରା ରହିବ। ରୋହିତ ଶର୍ମା, ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନ ଟେଷ୍ଟରୁ ଅବସର ନେଇସାରିଛନ୍ତି। ଏବେ ଭଲ ଫର୍ମରେ ଥିବା ଶ୍ରେୟସ ଆୟରଙ୍କୁ ସୁଯୋଗ ମିଳି ନ ଥିବାବେଳେ ଭେଟେରାନ ପେସ୍ ବୋଲର ମହମ୍ମଦ ସାମି ମଧ୍ୟ ଦଳରେ ନାହାନ୍ତି। ସିନିୟର ଖେଳାଳିଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା, ଲୋକେଶ ରାହୁଲ, ରିଷଭ ପନ୍ତ, ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଦଳରେ ରହିଛନ୍ତି। ନିଜର ଅଭିଜ୍ଞତାକୁ ନେଇ ଭାରତ ତା'ର ଚତୁର୍ଥ ବିଶ୍ୱଟେଷ୍ଟ ଚାମ୍ପିୟନଶିପ୍ ଚକ୍ରରେ ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଖେଳିବ। ୮ ବ୍ୟାଟର୍ସ, ୪ ଅଲରାଉଣ୍ଡର, ୫ ପେସ ବୋଲରଙ୍କ ସହ ଏକମାତ୍ର ସ୍ପିନର ଭାବେ କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିଛି। ୧୮ ଜଣିଆ ଦଳରେ ସାମିଲ ହୋଇ ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଅର୍ଶଦୀପ ସିଂ ଓ ଧ୍ରୁବ ଜୁରେଲ ପ୍ରଥମ ଥର ପାଇଁ ରେଡ୍‌ବଲ ଫର୍ମାଟ ଖେଳିବା ପାଇଁ ଇଂଲଣ୍ଡ ଗସ୍ତ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୦୭ଠାରୁ ଇଂଲଣ୍ଡରେ ଖେଳାଯାଇଥିବା କୌଣସି ଟେଷ୍ଟ ସିରିଜ ଭାରତ ଜିତିପାରିନି। ୨୦୨୨ରେ ଇଂଲଣ୍ଡ ଗସ୍ତରେ ଭାରତ ଯାଇଥିବା ବେଳେ ସିରିଜ ୨-୨ରେ ବରାବର ରହିଥିଲା। ସାଇ ସୁଦର୍ଶନ ଘରୋଇ ସିରିଜ ଏବଂ ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଅରେଞ୍ଜ କ୍ୟାପ ପାଇଥିଲେ। ଏହା ସତ୍ତ୍ୱେ ଦଳରେ ତାଙ୍କର ସାମିଲକୁ ନେଇ ମୁଖ୍ୟ କୋଚ ଗୌତମ ଗମ୍ଭୀର ଓ ଅଧିନାୟକ ଗିଲ୍‌ଙ୍କ ମଧ୍ୟରେ ହୋଇଥିବା କଥା କଟାକଟି ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଥିଲା। ଚମତ୍କାର ଫର୍ମରେ ଅଛନ୍ତି ଏହି ଯୁବ ବ୍ୟାଟର। ତେବେ ଇଂଲଣ୍ଡର ସୁଇଂ କଣ୍ଡିଶନରେ ଏବଂ ସବୁଜ ଉଇକେଟରେ ଭାରତୀୟ ବ୍ୟାଟରମାନେ କିପରି ଇଂଲଣ୍ଡ ପେସ୍ ବୋଲରଙ୍କୁ ଖେଳିବେ ତାହା ଦେଖିବାର କଥା।

ଅନ୍ୟପକ୍ଷରେ ଦୀର୍ଘ ବର୍ଷ ପରେ ଘରୋଇ ରଣଜୀ ଫର୍ମାଟରେ ସର୍ବାଧିକ ରନ କରିଥିବା କରୁଣ ନାୟାର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରଣଜୀ ଟ୍ରଫିର ୯ଟି ଇନିଂସରେ ସେ ୪ ଶତକ ସହିତ ୮୬୨ ଏବଂ ବିଜୟ ହଜାର ଟ୍ରଫିର ୮ ଇନିଂସରେ ୫ ଶତକ ସହ ୭୭୯ ରନ୍ କରି ସେ ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରିଛନ୍ତି। ୯ବର୍ଷ ପରେ ତାଙ୍କର ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ ଘଟିଛି। ଅଭିଜ୍ଞ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କର ଇଂଲଣ୍ଡ କଣ୍ଡିଶନରେ ଭଲ ଅଭିଜ୍ଞତା ରହିଛି। ତେଣୁ ତାଙ୍କଠାରୁ ଦଳ ଭଲ ପ୍ରଦର୍ଶନ ଆଶା କରିବା ସ୍ୱାଭାବିକ। ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ଚାରି ନମ୍ବର ସ୍ଥାନକୁ ନେଇ ସମସ୍ୟା ରହିବ। ଏହି ସ୍ଥାନରେ ନିଜେ ଅଧିନାୟକ ଗିଲ୍ କିମ୍ବା ରାହୁଲ ବ୍ୟାଟିଂ କରିବେ ତାହା ଟିମ୍ ମ୍ୟାନେଜମେଣ୍ଟ ସ୍ଥିର କରିବ। ଦଳରେ ପେସ୍ ବୋଲରମାନଙ୍କ ଭଲ ଅଭିଜ୍ଞତା ରହିଥିଲେ ମଧ୍ୟ ବୁମରା ସମ୍ପୂର୍ଣ୍ଣ ସିରିଜ ଖେଳିପାରିବେ କି ନାହିଁ ତାହା ସନ୍ଦେହ ମଧ୍ୟରେ ରହିଛି। ତାଙ୍କ ଅନୁପସ୍ଥିତିରେ ଅଭିଜ୍ଞ ମହମ୍ମଦ ସିରାଜଙ୍କ ଗୁରୁଦାୟିତ୍ୱ ରହିବ। ଆଇପିଏଲ୍‌ରେ ଚମତ୍କାର ବୋଲିଂ କରିଥିବା ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂଙ୍କୁ ଭଲ ସହାୟତା ଦେବା ଆବଶ୍ୟକ।

ଉଭୟ ଦେଶ ମଧ୍ୟରେ ପ୍ରଥମ ଟେଷ୍ଟ ସିରିଜ ୧୯୩୨ରୁ ଆରମ୍ଭ ହୋଇଥିବା ବେଳେ ଭାରତ ଇତିମଧ୍ୟରେ ୧୪ଥର ପାଇଁ ବିଭିନ୍ନ ସମୟରେ ଇଂଲଣ୍ଡ ଗସ୍ତ କରିଛି। ଏଥିମଧ୍ୟରୁ ଇଂଲଣ୍ଡ ୧୧ଥର ସିରିଜ ଜିତିଥିବା ବେଳେ ଭାରତ ମାତ୍ର ୨ଥର ସିରିଜ ଜିତି ବ୍ୟାକ୍‌ଫୁଟରେ ରହିଛି। ଗୋଟିଏ ସିରିଜରୁ କୌଣସି ଫଳାଫଳ ମିଳିନାହିଁ। ପୂର୍ବରୁ ଭାରତ-ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ସିରିଜକୁ ପଟୌଦୀ କପ୍ କୁହାଯାଉଥିଲା। ବର୍ତ୍ତମାନ ଏହି ସିରିଜର ନାମ ପରିବର୍ତ୍ତନ ହୋଇ ଭାରତର ଷ୍ଟାର ବ୍ୟାଟର ତେନ୍ଦୁଲକର ଏବଂ ଇଂଲଣ୍ଡର ଶ୍ରେଷ୍ଠ ପେସ ବୋଲର ଆଣ୍ଡରସନଙ୍କ ନାମରେ ନାମିତ କରାଯାଇଛି। ଏହି ଦୁଇ ମହାନ୍ ଖେଳାଳିଙ୍କର କ୍ରିକେଟକୁ ବହୁତ ଅବଦାନ ରହିଛି। ତେଣୁ ଏପରି ନାମକରଣ ବେଶ୍ ଯଥାର୍ଥ ବୋଲି ଅନେକ କ୍ରିକେଟ ବିଶେଷଜ୍ଞ ମତ ଦେଇଛନ୍ତି।

ଭାରତ- ଇଂଲଣ୍ଡ ମଧ୍ୟରେ ଏ ପର୍ଯ୍ୟନ୍ତ ୧୩୬ଟି ଟେଷ୍ଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହା ମଧ୍ୟରୁ ଭାରତ ୩୫ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ଇଂଲଣ୍ଡ ୫୧ଟି ଜିତି ଆଗରେ ରହିଛି। ୫୦ଟି ଟେଷ୍ଟ ଡ୍ର'ରେ ସମାପ୍ତ ହୋଇଛି। ଦ୍ୱିପାକ୍ଷିକ ସିରିଜରେ ଘରୋଇ ମାଟିରେ ଇଂଲଣ୍ଡ ୩୬ଟି ଏବଂ ଭାରତ ୨୬ଟି ଟେଷ୍ଟ ଜିତିଛି। ୨୦୧୮ରୁ ଆରମ୍ଭ ହୋଇଥିବା ପଟୌଦୀ ଟ୍ରଫିରେ ଇଂଲଣ୍ଡ ୪-୧ରେ ସିରିଜ ବିଜୟୀ ହୋଇଥିଲା। ମାତ୍ର ୨୦୨୦-୨୧ରେ ଭାରତ ଘରୋଇ ମାଟିରେ ୩-୧ରେ ବିଜୟୀ ହୋଇ ମଧୁର ପ୍ରତିଶୋଧ ଦେଇଥିଲା। ଏପରି କି ୨୦୨୨ରେ ଭାରତ ଇଂଲଣ୍ଡ ଗସ୍ତ କରି ୨-୨ରେ ସିରିଜ ଡ୍ର କରିଥିଲା। ୨୦୨୩-୨୪ରେ ଭାରତରେ ୫ଟି ଟେଷ୍ଟ ଖେଳାଯାଇଥିଲା। ଏଥିରେ ଭାରତ ପ୍ରାଧାନ୍ୟ ବଜାୟ ରଖି ୪-୧ରେ ବିଜୟୀ ହୋଇଥିଲା। ଦୁଇ ଥର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିବା ଭାରତ ଯଥାକ୍ରମେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ହ୍ୱାଇଟ ୱାଶ ଏବଂ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ୧-୩ରେ ପରାସ୍ତ ହେବା ଯୋଗୁ ଭାରତ ଟେଷ୍ଟ ର୍ୟାଙ୍କିଙ୍ଗରେ ଏକ ନମ୍ବର ସ୍ଥାନ ହରାଇଛି।

ଭାରତ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ ୧୪ ଜଣିଆ ଦଳ ଘୋଷଣା କରିଛି। ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ଦଳ ଜୋ ରୁଟ୍, ହ୍ୟାରି ବ୍ରୁକସ୍, ବେନ ଡକେଟ, ଓଲି ପୋପ, ଜେମି ସ୍ମିଥ, ଜାକବ ବେଥେଲଙ୍କୁ ନେଇ ବେଶ୍ ସନ୍ତୁଳିତ ଜଣାପଡୁଛି। ଆଘାତଜନିତ ସମସ୍ୟା ପାଇଁ ଜୋଫ୍ରା ଆର୍ଚର, ମାର୍କ ଉଡ୍, ଗସ ଆଟକିନ୍‌ସନ ପ୍ରଥମ ଟେଷ୍ଟ ପାଇଁ ଦଳରୁ ବାଦ୍ ପଡିଛନ୍ତି। ଏହା ସତ୍ତ୍ୱେ ଘରୋଇ ମାଟିରେ ଇଂଲଣ୍ଡ ଟେଷ୍ଟ ଦଳ ବେଶ୍ ଶକ୍ତିଶାଳୀ ମନେହେଉଛି। ପ୍ରଥମ ଟେଷ୍ଟ ଲିଡ୍ସରେ ଆରମ୍ଭ ହେବା ପୂର୍ବରୁ ଭାରତ ଦୁଇଟି ନନ୍ ଅଫିସିଆଲ ଅଭ୍ୟାସ ମ୍ୟାଚ ଖେଳୁଛି। ଫଳରେ ଭାରତୀୟ ଖେଳାଳିମାନେ ଇଂଲଣ୍ଡ କଣ୍ଡିଶନ ଓ ପିଚ୍ ସହ ଅଭ୍ୟସ୍ତ ହୋଇପାରିବେ। ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ଦଳ ଆଦୌ ଚାପରେ ନାହିଁ ବୋଲି ଅଧିନାୟକ ସ୍ପଷ୍ଟ କରିଛନ୍ତି। ୨୦୨୫-୨୭ ଟେଷ୍ଟ ଚକ୍ରରେ ଭାରତ ୧୮ଟି ମ୍ୟାଚ ଖେଳିବ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ସହିତ ୨ଟି ପାଞ୍ଚଟିକିଆ ଟେଷ୍ଟ ସିରିଜ ଖେଳିବାକୁ ଥିବା ବେଳେ ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ବିପକ୍ଷରେ ୨ଟି ଲେଖାଏ ଟେଷ୍ଟ ମ୍ୟାଚ ଖେଳିବ। ଇଂଲଣ୍ଡ ବିପକ୍ଷ ସିରିଜ ଭାରତୀୟ ଯୁବ ଖେଳାଳିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସଦୃଶ ହେବ। ମାତ୍ର ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ହେବ। ଅଧିନାୟକ ଭାବରେ ଶୁଭମନ ଗିଲ୍‌ଙ୍କ ରଣକୌଶଳ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ଏପର୍ଯ୍ୟନ୍ତ ୩୨ଟି ଟେଷ୍ଟ ଖେଳିଥିବା ଏହି ଯୁବ ବ୍ୟାଟର ଟେଷ୍ଟ ଫର୍ମାଟରେ ମୋଟ ୧୮୯୩ ରନ୍ କରିଥିବା ବେଳେ ଏଥିରେ ୫ ଶତକ ଓ ୭ଟି ଅର୍ଦ୍ଧଶତକ ରହିଛି। ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ୨୪ତମ ସ୍ଥାନରେ ରହିଥିବା ବେଳେ ବିସିସିଆଇ ତାଙ୍କ ପରି ଏକ ଯୁବ ପ୍ରତିଭାବାନ ବ୍ୟାଟରଙ୍କୁ ଦୀର୍ଘ ମିଆଦୀ ଅଧିନାୟକ ରୂପେ ଦେଖିବାକୁ ଚାହୁଁଛି। ଇଂଲଣ୍ଡରେ ତାଙ୍କର ମାତ୍ର ୩ଟି ଟେଷ୍ଟ ମ୍ୟାଚ ଖେଳିବାର ଅଭିଜ୍ଞତା ରହିଛି। ସର୍ବାଧିକ ସ୍କୋର ତାଙ୍କର ୨୮ ରହିଥିବା ବେଳେ ମୋଟ ୮୮ ରନ କରିଛନ୍ତି। ଅନ୍ୟପକ୍ଷରେ ରିଷଭ ପନ୍ତ ଇଂଲଣ୍ଡରେ ମୋଟ ୧୨ଟି ଟେଷ୍ଟ ଖେଳି ୭୮୧ରନ କରିଥିବା ବେଳେ ସେଥିରେ ୩ଟି ଶତକ ରହିଛି। ଇଂଲଣ୍ଡ ପିଚ୍‌ରେ ରନ୍ ସ୍କୋର କରିବାରେ ତାଙ୍କର ଦକ୍ଷତା ରହିଛି। ସେହିପରି ଷ୍ଟାର ବ୍ୟାଟର ଓ ଉଇକେଟକିପର ଲୋକେଶ ରାହୁଲ ଇଂଲଣ୍ଡରେ ୯ଟି ଟେଷ୍ଟ ଖେଳିଛନ୍ତି। ଆଶା କରାଯାଉଛି ସମସ୍ତ ୫ଟି ଟେଷ୍ଟ ମ୍ୟାଚରୁ ଫଳାଫଳ ମିଳିବ। ତେଣୁ ଯେଉଁ ଦଳ ଭଲ ପ୍ରଦର୍ଶନ କରିବ ସିରିଜ ଜିତିବ।


ଶୁବମନ ଗିଲ୍
ଯଶପ୍ରୀତ୍ ବୁମ୍ରା

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୩/୨୦୨୫ Bhubaneswar, Friday, June 13/ 2025

# ରୋମାଞ୍ଚକ ସ୍ଥିତିରେ ଫାଇନାଲ

## ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ

### ଅଷ୍ଟ୍ରେଲିଆ ଇନିଂସ ଅଗ୍ରଣୀ

ଲର୍ଡ୍ସ, ୧୨।୬

ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ବୋଲରଙ୍କ ରାଜୁତି ଜାରି ରହିଛି। ପ୍ରଥମ ଦିନରେ ଉଭୟ ଦଳର ୧୪ ଉଇକେଟ ପଡ଼ିଥିବା ବେଳେ ଦ୍ୱିତୀୟ ଦିନରେ ୧୩ ଉଇକେଟ ପତନ ଘଟିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୨ ରନ କରିଥିଲା। ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ୧୩୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପାଇଁ ଅଧିନାୟକ ପ୍ୟାଟ କମିନ୍ସ ୬ ଉଇକେଟ ସଫଳତା ହାସଲ କରିଥିଲେ। ପ୍ରଥମ ଇନିଂସ ଭିତ୍ତିରେ ୭୪ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି ରଖି ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୮ ଉଇକେଟ ହରାଇ ୧୪୪ ରନ କରିଛି। ଦଳ ପକ୍ଷରୁ ଆଲେକ୍ସ କାରେ ୪୩ ଓ ମାର୍ନସ ଲାବୁସେନ ୨୨ ରନ କରି ଆଉଟ୍ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଦକ୍ଷିଣ ଆଫ୍ରିକା ଲାଗି କାଗିଶୋ ରାବାଡା ଓ ଲୁଙ୍ଗି ଏନ୍‌ଗିଡି ୩ଟି ଲେଖାଏ ଉଇକେଟ ହାତେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ମିଚେଲ ଷ୍ଟାର୍କ ୧୬ ଓ ନାଥନ ଲାୟନ ୧ ରନରେ ଅପରାଜିତ ଅଛନ୍ତି। ମ୍ୟାଚ୍‌ରେ ଆହୁରି ୩ ଦିନ ବାକି ଥିବା ବେଳେ ଅଷ୍ଟ୍ରେଲିଆ ହାତରେ ୨ ଉଇକେଟ ସୁରକ୍ଷିତ ରଖି ୨୧୮ ରନ ଆଗରେ ରହିଛି।


ଉଇକେଟ ନେବା ପରେ ଉଲ୍ଲସିତ ପ୍ୟାଟ୍ କମିନ୍ସ।

ଗୁରୁବାର ତଥା ମ୍ୟାଚ୍‌ର ଦ୍ୱିତୀୟ ଦିନ ଦକ୍ଷିଣ ଆଫ୍ରିକା ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୩/୪ରୁ ବ୍ୟାଟିଂ ଆରମ୍ଭ କରି ବଳକା ୬ ଉଇକେଟରେ ୧୩୮ ରନ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ଟେମ୍ବା ବାଭୁମା ଓ ଡେଭିଡ୍ ବେଡିଂହାମ ଦିନର ପ୍ରଥମ ସେସନରେ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। କ୍ରିଜ୍‌ରେ ସେଟ୍ ହୋଇଯାଇଥିବା ବାଭୁମା ୩୬ ରନ କରି କମିନ୍ସଙ୍କ ବଲରେ ମାର୍ନସ ଲାବୁସେନଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ବେଡିଂହାମଙ୍କ ସହ ପଞ୍ଚମ ଉଇକେଟରେ ୬୪ ରନ ଯୋଡ଼ିଥିଲେ। ଏହାପରେ ଦକ୍ଷିଣ ଆଫ୍ରିକା ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। କାଏଲ ଭରରେନି ୧୩ ରନ କରି ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିବା ବେଳେ ମାର୍କୋ ଜାନସେନ ଖାତା ଖୋଲିବା ପୂର୍ବରୁ କ୍ୟାଚ୍ ଆଉଟ୍ ହୋଇଥିଲେ। ଦୁହିଁଙ୍କୁ ଗୋଟିଏ ଓଭରରେ କମିନ୍ସ ପ୍ୟାଭିଲିଅନ ବାଟ ଦେଖାଇଥିଲେ। ବେଡିଂହାମ ୪୫ ରନ କରି କମିନ୍ସଙ୍କ ବଲରେ ଉଇକେଟ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। କେଶବ ମହାରାଜ ୭ ଓ କାଗିଶୋ ରାବାଡା ୧ ରନ କରି ଆଉଟ୍ ହୋଇଥିଲେ। ଦକ୍ଷିଣ ଆଫ୍ରିକା ଦଳ ତା'ର ଅନ୍ତିମ ୫ ଉଇକେଟରେ ମାତ୍ର ୧୨ ରନ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ କମିନ୍ସ ସର୍ବାଧିକ ୬ ଉଇକେଟ ନେଇଥିଲେ। ଏଥିସହ ସେ ଟେଷ୍ଟ କ୍ୟାରିୟରରେ ୩୦୦ ଉଇକେଟ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ଷ୍ଟାର୍କ ଦୁଇଟି ଓ ଜୋଶ ହାଜେଲଉଡ୍ ଗୋଟିଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨/ଅଲଆଉଟ୍ (ବିଉ ୱେବଷ୍ଟର-୭୨, ଷ୍ଟିଭ ସ୍ମିଥ-୬୬, କାଗିଶୋ ରାବାଡା-୫/୫୧, ମାର୍କୋ ଜାନସେନ-୩/୪୯, ଏଡେନ ମାରକ୍ରାମ-୧/୫)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୩୮/ଅଲଆଉଟ୍ (ଡେଭିଡ ବେଡିଂହାମ-୪୫, ଟେମ୍ବା ବାଭୁମା-୩୬, ପ୍ୟାଟ କମିନ୍ସ-୬/୨୮, ମିଚେଲ ଷ୍ଟାର୍କ-୨/୪୧)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୪୪/୮ (ଆଲେକ୍ସ କାରେ-୪୫, ମାର୍ନସ ଲାବୁସେନ-୨୨, କାଗିଶୋ ରାବାଡା-୩/୪୪, ଲୁଙ୍ଗି ଏନ୍‌ଗିଡି-୩/୩୫)।

# ସିଫ୍ଟ କୌରଙ୍କୁ ବ୍ରୋଞ୍ଜ ପଦକ

## ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍

ମ୍ୟୁନିକ୍, ୧୨।୬ (ପି.ଟି.)

ଭାରତର ଟପ୍ ଶୁଟର ସିଫ୍ଟ କୌର ସମ୍ରା ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ମହିଳା ୫୦ ମିଟର ରାଇଫଲ ଥ୍ରି ପୋଜିଶନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୫୦ମିଟର ରାଇଫଲ ଥ୍ରି ପୋଜିଶନ ଇଭେଣ୍ଟରେ ୨୩ ବର୍ଷୀୟା ସମ୍ରାଙ୍କ ନାମରେ ବିଶ୍ୱ ରେକର୍ଡ ରହିଛି। ୨୦୨୨ ଏସିଆନ ଗେମ୍ସରେ ୮ଜଣ ଖେଳାଳିଙ୍କୁ ନେଇ ଫାଇନାଲରେ ୪୫୩.୧ ଶଟ୍ ସହ ସ୍ୱର୍ଣ୍ଣ ପଦକ ହାସଲ କରିବା ସହିତ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏଠାରେ କିନ୍ତୁ ନରୱେର ଜିନେଟ ହେଗ୍ ଡ୍ୟୁଷ୍ଟାଡ୍ (୪.୬୬.୯) ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ସୁଇଜରଲାଣ୍ଡର ଏମିଲି ଜାଏଗି (୪୬୪.୮)ଙ୍କୁ ରୌପ୍ୟ ମିଳିଛି। କ୍ୱାଲିଫିକେଶନରେ ଏମିଲି ୫୯୦ ସ୍କୋର କରିଥିଲେ। ମାତ୍ର ଶ୍ରେଷ୍ଠ ୮ ଜଣଙ୍କ ମଧ୍ୟରେ ଦୁଇଜଣ ମାର୍କ୍ସଓମେନ କେବଳ ର୍‍ୟାଙ୍କିଂ ପଏଣ୍ଟ (ଆର୍‌ପିଓ) ପାଇଁ ଶୁଟିଂ କରିଥିବାରୁ ଏମିଲିଙ୍କୁ ଫାଇନାଲରେ ସୁଯୋଗ ମିଳିଥିଲା। ପଞ୍ଜାବର ଫରିଦ୍‌କୋର୍ଟ ବାସିନ୍ଦା ସମ୍ରା କ୍ୱାଲିଫିକେଶନରେ ତିନୋଟି ଷ୍ଟେଜ୍ ଯଥା ନିଲିଂ, ପ୍ରୋନ୍ ଓ ଷ୍ଟାଣ୍ଡିଂରେ ମୋଟ ୫୯୨ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଚଳିତବର୍ଷ ପ୍ରାରମ୍ଭରେ ବୁଏନ୍ସଏରିଜଠାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ତାଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। କ୍ୱାଲିଫିକେଶନରେ ଫ୍ରାନ୍ସର ଆଗାଥ୍ ସେସିଲ୍ କାମିଲି ଜିରାର୍ଡ ମଧ୍ୟ ୫୯୨ ଶଟ୍ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ସୁଇଜରଲାଣ୍ଡର ଅଡ୍ରେ ଗଗ୍‌ନିଆଟ ତୃତୀୟ ସ୍ଥାନ ସହ ଫାଇନାଲରେ ପ୍ରବେଶ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଭାରତୀୟଙ୍କ ମଧ୍ୟରେ ଆଶି ଚୌକ୍‌ସେ (୫୮୯) ଏକାଦଶ ତମ ସ୍ଥାନରେ ରହିଥିବା ବେଳେ ଅଞ୍ଜୁମ ମୋଦ୍‌ଗିଲ୍ (୫୮୬) ୨୭ତମ, ଶ୍ରୀୟଙ୍କା ଷଡ଼ଙ୍ଗୀ (୫୮୨) ୫୩ତମ ଏବଂ ନିଶ୍ଚଲ ୬୦ତମ ସ୍ଥାନ ଅଧିକାର କରିଥିଲେ।


ବ୍ରୋଞ୍ଜ ପଦକ ସହ ସିଫ୍ଟ କୌର ସମ୍ରା।

# ଆର୍‌ସିବି କର୍ମଚାରୀଙ୍କୁ ଅନ୍ତରୀଣ ଜାମିନ

ବେଙ୍ଗାଲୁରୁ, ୧୨।୬

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ମାର୍କେଟିଂ ଓ ରାଜସ୍ୱ ମୁଖ୍ୟ ନିଖିଲ ସୋସାଲେଙ୍କୁ ବେଙ୍ଗାଲୁରୁ ଦଳାଚକଟା ଘଟଣାରେ ଅନ୍ତରୀଣ ଜାମିନ ପ୍ରଦାନ ମିଳିଛି। କିନ୍ତୁ ତାଙ୍କୁ ପାସପୋର୍ଟ ଦାଖଲ ପାଇଁ କୁହାଯାଇଛି। ୪ ତାରିଖରେ ଆର୍‌ସିବିର ବିଜୟ ଉତ୍ସବରେ ଦଳାଚକଟା ଯୋଗୁ ୧୧ ଜଣଙ୍କ ମୃତ୍ୟୁ ହେବା ପରେ ୬ ତାରିଖରେ ସୋସାଲେ ଓ ଡିଏନ୍‌ଏ ଏଣ୍ଟରନେଟମେଣ୍ଟ ନେଟୱର୍କର ଦୁଇ କର୍ମଚାରୀ କିରନ କୁମାର (ସିନିୟର ଇଭେଣ୍ଟ ମ୍ୟାନେଜର) ଓ ସୁନୀଲ ମାଥ୍ୟୁ (ଉପସଭାପତି-ବ୍ୟବସାୟିକ ବିଷୟ)ଙ୍କୁ ଗିରଫ କରାଯାଇଥିଲା।

# ଓଡ଼ିଶା ଖୋ ଖୋ ଲିଗ୍ ଜର୍ସି ଉନ୍ମୋଚିତ


ଓଡ଼ିଶା ଖୋ ଖୋ ଲିଗ୍‌ର ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ।

ଭୁବନେଶ୍ୱର, ୧୨।୬ (ବିଜୟ ରଣା)

ପବିତ୍ର ରଜ ଉତ୍ସବ ଅବସରରେ ଓଡ଼ିଶା ଖୋ ଖୋ ଆସୋସିଏଶନ ପକ୍ଷରୁ ଓଡ଼ିଶା ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣ ଡେଲାଙ୍ଗ ମୁନିନ୍ଦା ସ୍ଥିତ କେ. ପି. ପି. ଉଚ୍ଚବିଦ୍ୟାଳୟ ପରିସରରେ ଚଳିତ ମାସ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯାଇଛି। ଗୁରୁବାର ପ୍ରତିଯୋଗିତାରେ ଭାଗ ନେଉଥିବା ୮ଟି ଦଳର ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଖୋ ଖୋ ସଂଘର ସଭାପତି ଡ଼ ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଏବଂ ସଂଘର ସଂପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଟୁର୍ନାମେଣ୍ଟରେ ଭାଗ ନେଇଥିବା ଦଳଗୁଡ଼ିକ ହେଲେ ପୁରୀ ପାନ୍ଥର୍ସ, ସାରଳା ୱାରିୟର୍ସ, ଗଞ୍ଜାମ ଗଜପତି, କଟକ ରୟାଲ୍ସ, ସୁନ୍ଦରଗଡ଼ ସୋଲ୍ଜର୍ସ, ବିକାଶ ତୋଷାଳି କୁଇନ୍ସ, ଧଉଳି ଧମାକା ଓ ବାଲେଶ୍ୱର ହିରୋଜ। ଏଥିରେ ୪ ଟି ମହିଳା ଏବଂ ୪ ଟି ପୁରୁଷ ଦଳ ରହିଛନ୍ତି। ପୁରୁଷ ଏବଂ ମହିଳା ଦଳରେ ବିଜେତା ଦଳ ପାଇଁ ୨ ଲକ୍ଷ ୬୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। କାର୍ଯ୍ୟକ୍ରମକୁ କୋଚ୍ ସୂର୍ଯ୍ୟ ନାରାୟଣ ଜେନା ପରିଚାଳନା କରିଥିବା ବେଳେ ଖୋ ଖୋ ସଂଘର କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ସହଯୋଗ କରିଥିଲେ।

# ରାଜ୍ୟ ଜୁ-ଜିତସୁ ପ୍ରତିଯୋଗିତା ୨୨ରୁ

**ଭୁବନେଶ୍ୱର, ୧୨।୬ (ତପନ ସ୍ୱାଇଁ):** ଓଡ଼ିଶା ଜୁ-ଜିତସୁ ସଂଘ ଆନୁକୂଲ୍ୟରେ ରାଜ୍ୟ କ୍ୟାଡେଟ, ଜୁନିୟର ଓ ସିନିୟର ଜୁ-ଜିତସୁ ପ୍ରତିଯୋଗିତା ଚଳିତ ମାସ ୨୨ ତାରିଖରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାକୁ ଜାତୀୟ ଓ ରାଜ୍ୟ ସଂଘର ଅଧିକାରୀମାନେ ପରିଚାଳନା କରିବେ। ପ୍ରତିଯୋଗିତାରେ ବିଭିନ୍ନ ବୟସ ଓ ଓଜନ ବର୍ଗରେ ମହିଳା ଏବଂ ପୁରୁଷ ତଥା ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କ୍ରୀଡ଼ାବିତ୍ ଜାତୀୟ ଜୁ-ଜିତସୁ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ଏଥିରେ ଭାଗ ନେବାକୁ ଆଗ୍ରହୀ କ୍ରୀଡ଼ାବିତ୍‌ମାନେ ରାଜ୍ୟ ସଂଘ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# 'ରଗ୍‌ବୀ କ୍ରମେ ଲୋକପ୍ରିୟ ହେବ'

ନୂଆଦିଲ୍ଲୀ, ୧୨।୬(ପି.ଟି.)

ଭାରତର ଲୋକପ୍ରିୟ କ୍ରୀଡ଼ା ଦୃଶ୍ୟପଟରେ ରଗ୍‌ବୀ ତଳେ ଥାଇପାରେ। କିନ୍ତୁ ଆଗାମୀ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ସହିତ ରଗ୍‌ବୀ ଖେଳର ଲୋକପ୍ରିୟତା ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଜିଏମ୍‌ଆର୍ ସ୍ପୋର୍ଟ୍ସ ସିଇଓ ଏବଂ ଇଭେଣ୍ଟର ପ୍ରମୋଟର ସତ୍ୟମ ତ୍ରିବେଦୀ କହିଛନ୍ତି। ଉଦ୍‌ଘାଟନୀ ଆର୍‌ପିଏଲ୍ ଆସନ୍ତା ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନ୍ଧେରିସ୍ଥିତ ମୁମ୍ବାଇ ଫୁଟବଲ ଏରେନାରେ ଖେଳାଯିବ। ଏଥିରେ ଦିଲ୍ଲୀ ରେଜ, ହାଇଦ୍ରାବାଦ୍ ହିରୋସ, କଳିଙ୍ଗ ବ୍ଲାକ ଟାଇଗର୍ସ, ଚେନ୍ନାଇ ବୁଲ୍ସ, ମୁମ୍ବାଇ ଡ୍ରିମର୍ସ ଓ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ ଆଦି ୬ଟି ଫ୍ରାଞ୍ଚାଇଜ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଆମେ ଦୀର୍ଘ ବର୍ଷ ହେଲା ଆଇପିଏଲ୍ ଫ୍ରାଞ୍ଚାଇଜ ପରିଚାଳନା କରୁଛୁ। ମୋ ମତରେ ଏକ ଆଇପିଏଲ୍ ଦଳକୁ ମ୍ୟାନେଜ କରିବା ଦ୍ୱାରା ଆମ ଦକ୍ଷତା ବୃଦ୍ଧି ପାଇଛି। ଏଣୁ ଆମେ ଆମର ଅଭିଜ୍ଞତା, ବିଶେଷଜ୍ଞତାକୁ ଫ୍ରାଞ୍ଚାଇଜ ବାହାରେ ବ୍ୟବହାର କରିବାକୁ ଚିନ୍ତା କରିଥିଲୁ।



ପରେ ଏହି ସୁଯୋଗ ଆମ ନିକଟକୁ ଆସିଲା। ସେତେବେଳେ ଫ୍ରାଞ୍ଚାଇଜ ଲାଗି ଆଲୋଚନା ଆରମ୍ଭ ହୋଇଥିଲା। କିନ୍ତୁ ଆମେ ଫ୍ରାଞ୍ଚାଇଜ ସ୍ତରରେ ନୁହେଁ, ବରଂ ଏକ ଲିଗ୍ ସ୍ତରରେ ନିବେଶ କରିବାକୁ ଚାହୁଁଥିଲୁ ବୋଲି ତ୍ରିବେଦୀ କହିଛନ୍ତି। ଆର୍‌ପିଏଲ୍ ରଗ୍‌ବୀ ୭ଏସ୍ ଫର୍ମାଟରେ ଖେଳାଯିବ, ଯାହାକୁ ଅଲିମ୍ପିକ୍ ସ୍ପୋର୍ଟ ଭାବେ ସ୍ୱୀକୃତି ମିଳିଛି। ପାରମ୍ପରିକ ରଗ୍‌ବୀ ୟୁନିୟନ ଫର୍ମାଟରେ ୪୦ ମିନିଟ୍ ଲେଖାଏ ଦୁଇଟି ହାଫ୍ ଖେଳାଯାଏ ଏବଂ ଉଭୟ ଦଳରେ ୧୫ ଖେଳାଳି ରହିଥାନ୍ତି। କିନ୍ତୁ ୭ଏସ୍ ଫର୍ମାଟରେ ୭ ମିନିଟ୍ ବିଶିଷ୍ଟ ଦୁଇଟି ହାଫ ଓ ଉଭୟ ଦଳରେ ୭ ଲେଖାଏ ଖେଳାଳି ରହିଥାନ୍ତି। କିନ୍ତୁ ଟିଭି ଦର୍ଶକଙ୍କୁ ଦୃଷ୍ଟିରେ ରଖି ଆର୍‌ପିଏଲ୍‌ରେ ମ୍ୟାଚ୍‌କୁ ୪ ମିନିଟ୍ ବିଶିଷ୍ଟ ୪ଟି କ୍ୱାର୍ଟର ଖେଳାଯିବ। ପ୍ରତ୍ୟେକ କ୍ୱାର୍ଟର ମଧ୍ୟରେ ୨ ମିନିଟ୍‌ର ବ୍ରେକ ରହିବ। ଏହି ଲିଗ୍ ସମ୍ପର୍କରେ ତ୍ରିବେଦୀ ପ୍ରକାଶ କରିଛନ୍ତି ଯେ, ଏହା ଏକ ଛୋଟ ଫର୍ମାଟ ଏବଂ ଆମ ମତରେ ଏହା ଭଲ କାମ ଦେବ। କାରଣ ଯଦି ଆମେ କନ୍‌ଜ୍ୟୁମର ପାଟର୍ନକୁ ଦେଖିବା, ତେବେ ସେମାନେ ଛୋଟ ଫର୍ମାଟ ଦେଖିବାକୁ ଚାହାନ୍ତି। ଦର୍ଶକଙ୍କ ଧ୍ୟାନର ଅବଧି ହ୍ରାସ ପାଇଛି। ଏହାକୁ ଦୃଷ୍ଟିରେ ରଖି ଲିଗ୍‌ର ଫର୍ମାଟ ପ୍ରସ୍ତୁତ କରାଯାଇଛି। ଦ୍ୱିତୀୟ କଥା ହେଲା, ରଗ୍‌ବୀ ଇଣ୍ଡିଆ ଏକ ଭଲ ଫେଡେରେଶନ। ସେମାନେ ନିଜ କାମ ପ୍ରତି ପ୍ରତିବଦ୍ଧ। ରଗ୍‌ବୀ ଇଣ୍ଡିଆ ସଭାପତି ଅଭିନେତା ରାହୁଲ ବୋଷ ଏହି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବା ଲାଗି ପ୍ରତିବଦ୍ଧ। ଭାରତର ୨୫୦ ଜିଲାରେ ରଗ୍‌ବୀ ଖେଳାଯାଉଛି। ଏତଦ୍ ବ୍ୟତୀତ ଦୁଇ ସପ୍ତାହ ଧରି ଚାଲିବାକୁ ଥିବା ମାର୍କି ଖେଳାଳିଙ୍କ ଦରମା ସମ୍ପର୍କରେ ସେ କହିଛନ୍ତି ଯେ, ଅନ୍ତର୍ଜାତୀୟ ମାର୍କି ଖେଳାଳି ୩ ସପ୍ତାହ ଲାଗି ଭାରତ ଆସିବେ। ସେମାନେ ଲିଗ୍ ପୂର୍ବରୁ ଏକ ସପ୍ତାହ କିମ୍ବା ୧୦ ଦିନ ପ୍ରାକ୍ଟିସ କ୍ୟାମ୍ପରେ ବିତାଇବେ। ସେମାନଙ୍କୁ ୧୫ ହଜାର ୟୁଏସ୍ ଡଲାର ମିଳିବ। ବ୍ରିଜ୍ ଖେଳାଳିଙ୍କୁ ୧୫୦୦ ଡଲାର ମିଳିବ। ଭାରତୀୟ ଖେଳାଳିଙ୍କୁ ୫୦ ହଜାରରୁ ୫.୫୦ ଲକ୍ଷ ଟଙ୍କା ଦିଆଯିବ। ପ୍ରତ୍ୟେକ ଫ୍ରାଞ୍ଚାଇଜ ଲାଗି ୭୭ ଲକ୍ଷ ଟଙ୍କାର ସାଲାରି କ୍ୟାପ ରଖାଯାଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ